

'ତେରେ ଇସ୍କ ମେଁ' ସେଟ୍ରୁ ଧନୁଷ୍ଙ୍କ ଫଟୋ ଭାଇରାଲ

▶ପୃଷ୍ଠା ୨ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-236 ◆BHUBANESWAR ◆FRIDAY ◆21 FEBRUARY 2025 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୨୩୬ ◆ଭୁବନେଶ୍ୱର ◆ଶୁକ୍ରବାର ◆୨୧ ଫେବୃଆରୀ ୨୦୨୫ ◆ପୃଷ୍ଠା-୧୪ ◆ଟ.୬.୦୦


## ପାଇଖାନାରେ ୨ ମିନିଟରୁ ଅଧିକ ରହିଲେ ୧୨୦୦ ଟଙ୍କା ଜରିମାନା

■ ବେଜିଂ, ୨୦।୨ (ଏଜେନ୍ସି): ଚୀନ୍‌ରୁ ଆଶ୍ଚର୍ଯ୍ୟଜନକ ଖବର ସାମ୍‌ନାକୁ ଆସିଛି। ଏଠାକାର ଏକ କମ୍ପାନୀ ନିଜ କର୍ମଚାରୀଙ୍କ ଲାଗି ଅଜବ ନିୟମ କରିଛି। '୨ ମିନିଟର ଟୟଲେଟ ନିୟମ' କାର୍ଯ୍ୟକାରୀ କରିଛି। ଯଦି କର୍ମଚାରୀ ପାଇଖାନା କିମ୍ବା ଗାଧୁଆଘରକୁ ଯିବେ ତେବେ ଦୁଇ ମିନିଟ୍ ମଧ୍ୟରେ ବାହାରିବାକୁ ପଡ଼ିବ। କେବଳ ସେତିକି ନୁହେଁ ପାଇଖାନା ବ୍ୟବହାର କରିବାର ସମୟ ମଧ୍ୟ ଧାର୍ଯ୍ୟ କରାଯାଇଛି। ଧାର୍ଯ୍ୟ ସମୟ ପରେ ଗଲେ ଏଚ୍‌ଆରଙ୍କଠାରୁ ଅନୁମତି ନେବାକୁ ପଡ଼ିବ। ୨ ମିନିଟ ଭିତରେ କାମ ସାରି ଫେରିବାକୁ ପଡ଼ିବ। ଏହାଠାରୁ ଅଧିକ ସମୟ ରହିଲେ




କର୍ମଚାରୀଙ୍କୁ ୧୦୦ ୟୁଆନ (ପ୍ରାୟ ୧୨୦୦ ଟଙ୍କା) ଜୋରିମାନା ଦେବାକୁ ପଡ଼ିବ ବୋଲି କୁହାଯାଇଛି। ଏହି ନିୟମ ଉଲ୍ଲଙ୍ଘନକାରୀଙ୍କୁ ଚିହ୍ନଟ କରିବା ପାଇଁ କମ୍ପାନୀ କ୍ୟାମେରା ମଧ୍ୟ ଲଗାଇଛି।

ସୋସିଆଲ ମିଡିଆରେ ଏହି ନିୟମକୁ ତୀବ୍ର ବିରୋଧ କରାଯାଉଛି। ଏହାକୁ ଅମାନବୀୟ ଏବଂ ଅନ୍ୟାୟପୂର୍ଣ୍ଣ କୁହାଯାଉଛି। ତେବେ ଗୁଆଙ୍ଗଡୋଙ୍ଗର ଫୋସାନ ସ୍ଥିତ 'ଥ୍ରି ବ୍ରଦର୍ସ ମେସିନ ମ୍ୟାନୁଫ୍ୟାକ୍‌ଚରିଂ କମ୍ପାନୀ' ଭିନ୍ନ ଯୁକ୍ତି ଦର୍ଶାଇଛି। କର୍ମଚାରୀଙ୍କ ସ୍ୱାସ୍ଥ୍ୟକୁ ଦେଖି ପ୍ରାଚୀନ ଚିକିତ୍ସା ଗ୍ରନ୍ଥ ଆଧାରରେ ଏହି ନିଷ୍ପତ୍ତି ନିଆଯାଇଥିବା କୁହାଯାଇଛି। ଏହା ▶ପୃଷ୍ଠା-୭

## ଚାଷୀଙ୍କୁ ଧରାଇଦେଲେ ୭.୩୩ କୋଟିର ବିଜୁଳି ବିଲ୍

■ ଲକ୍ଷ୍ନୌ, ୨୦।୨ (ଏଜେନ୍ସି): ଉତ୍ତର ପ୍ରଦେଶ ବସ୍ତି ଜିଲ୍ଲାର ବିଦ୍ୟୁତ ବିଭାଗ ଲାଗି ଜଣେ ଚାଷୀଙ୍କ ପରିବାର ପ୍ରତି ବିପଦ ସୃଷ୍ଟି ହୋଇଛି। ଏହି ବିଭାଗ ଜଣେ ଗରିବ ଚାଷୀ ମୋଲହୁଙ୍କୁ ୭.୩୩ କୋଟି ଟଙ୍କାର ବିଦ୍ୟୁତ ବିଲ୍ ଧରାଇ ଦେଇଛି। ଏହା ଦେଖିବା ମାତ୍ରେ ଚାଷୀ ଘାବରେଇ ଯାଇଛନ୍ତି। ଏତେ ଟଙ୍କାର ବିଦ୍ୟୁତ ବିଲ୍ ଆସିଥିବା ଶୁଣି ତାଙ୍କ ପତ୍ନୀଙ୍କ ଦେହ ଖରାପ ହୋଇଯାଇଛି। ପରିବାରର ଅକଳ ଗୁଡୁମ ହୋଇଛି। ସମସ୍ତେ ଚିନ୍ତାରେ ପଡ଼ିଛନ୍ତି। ଝିଅ ବିବାହକୁ କେମିତି ହେବ? କିଏ ଝିଅର ହାତ ଧରିବ ତାହାର ଭୟ ପରିବାର ସଦସ୍ୟଙ୍କୁ ଘାରୁଛି। ସବୁ



ସମ୍ପତ୍ତି ବିକିଲେ ବିଦ୍ୟୁତ୍ ବିଲ୍ ଦେଇପାରିବେ ନାହିଁ ବୋଲି ଚାଷୀ କହିଛନ୍ତି।

ସୂଚନା ଅନୁଯାୟୀ ମୋଲହୁ ୨୦୧୪ରେ ଏକ କିଲୋୱାଟର ବିଦ୍ୟୁତ ସଂଯୋଗ ନେଇଥିଲେ। ସେ ୨୦୧୯ ଏବଂ ୨୦୨୪ ଡିସେମ୍ବରରେ ସବୁ ବିଦ୍ୟୁତ ବିଲ୍ ଦେଇଥିଲେ। ଏହା ସତ୍ତ୍ୱେ ତାଙ୍କର ୭୪, ୨୩୦ ଟଙ୍କାର ବିଦ୍ୟୁତ ବିଲ୍ ବକେୟା ଥିଲା ବୋଲି ଏସ୍‌ଡିଓ (ହରିୟା)ଙ୍କ ପକ୍ଷରୁ କୁହାଯାଇଛି। କିନ୍ତୁ ପ୍ରାୟ ଲକ୍ଷେ ଟଙ୍କା ବାକିଥିବାବେଳେ ଜାନୁଆରୀ ୧ରେ ତାଙ୍କୁ ୭.୩୩ କୋଟି ଟଙ୍କାର ବିଲ୍ ଧରାଇ ଦିଆଯାଇଥିଲା। ପରେ ସେ ପିୟୁଭିଭିଏନଏଲରେ ଅଭିଯୋଗ ▶ପୃଷ୍ଠା-୭

## ବିକାଶ କୃପଣ

# ଖର୍ଚ୍ଚ ହୋଇପାରି ନାହିଁ ଲକ୍ଷେ କୋଟିରୁ ଅଧିକ

■ ଭୁବନେଶ୍ୱର, ୨୦।୨(ସମିସ): ବିଧାନସଭାରେ ରାଜ୍ୟପାଳଙ୍କ ଅଭିଭାଷଣ ଓ ବଜେଟ୍ ଉପସ୍ଥାପନ ସମୟରେ ରାଜ୍ୟ ସରକାର ଦେଖାଇଛନ୍ତି ଅର୍ଥନୀତିର ଗୋଲାପୀ ଚିତ୍ର। ୨୦୩୬ ସୁଦ୍ଧା ରାଜ୍ୟର ଅର୍ଥନୀତିକୁ ୫୦୦ ବିଲିୟନ ଡ଼ଲାରରେ ପହଞ୍ଚାଇବାକୁ ସରକାର ଲକ୍ଷ୍ୟ ରଖିଥିବା କହିଛନ୍ତି। ମାତ୍ର ବିଡ଼ମ୍ବନା ହେଉଛି ରାଜ୍ୟ ସରକାର ରାଜ୍ୟପାଳଙ୍କ ମୁହଁରେ କୁହାଇଥିବା କଥା, ରାଜ୍ୟ ବଜେଟ୍ ସହ ବାସ୍ତବତାର ସାମାନ୍ୟତମ ସମ୍ପର୍କ ନାହିଁ। ଗତ ୮ ମାସରେ ବିଜେପି ସରକାରଙ୍କ ଆର୍ଥିକ ପରିଚାଳନାକୁ ଅନୁଶୀଳନ କଲେ ସରକାରଙ୍କ ପାରିବା ପଣିଆ ଉପରେ ଖାଲି ପ୍ରଶ୍ନ ଉଠିନାହିଁ; ରାଜ୍ୟ ଅର୍ଥନୀତିର ଧୂଷର ଚିତ୍ର ଜଳଜଳ ଦିଶୁଛି। ବିତ୍ତୀୟ ପରିଚାଳନାରେ ବିଚ୍ୟୁତି ସରକାରଙ୍କୁ ବିକାଶ କୃପଣରେ ପରିଣତ କରିଛି।



ରାଜ୍ୟର ଆର୍ଥିକ ସ୍ୱାସ୍ଥ୍ୟକୁ ରୁଗ୍ଣ କରିବ ଦୁଇ ବର୍ଷରେ ୯୦ ହଜାର କୋଟି ଋଣ

୨୦୨୪-୨୫ ଆର୍ଥିକ ବର୍ଷରେ ରାଜ୍ୟ ସରକାର ୨.୬୫ ଲକ୍ଷ କୋଟିର ପୂର୍ଣ୍ଣାଙ୍ଗ ଓ ପରବର୍ତ୍ତୀ ସମୟରେ ୧୨ ହଜାର କୋଟି ଟଙ୍କାର ଅତିରିକ୍ତ ବଜେଟ୍ ଆଣିଥିଲେ। ମାତ୍ର ଆର୍ଥିକ ବର୍ଷ ଶେଷ ହେବାକୁ ଆଉ ମାତ୍ର କେଇ ସପ୍ତାହ ବାକିଥିବାବେଳେ ରାଜ୍ୟ ସରକାର ଚଳିତ ଆର୍ଥିକ ବର୍ଷର ଆବଣ୍ଟିତ ଅର୍ଥରୁ ଲକ୍ଷାଧିକ କୋଟି ଟଙ୍କା ଖର୍ଚ୍ଚ କରିବାକୁ ବିଫଳ ହୋଇଛନ୍ତି।

ସରକାର ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ଦରମା, ପେନସନ ଓ ଅନ୍ୟାନ୍ୟ ପ୍ରଶାସନିକ ବ୍ୟୟ ବାବଦରେ ପ୍ରାୟ ୪୦% ଅର୍ଥ ଖର୍ଚ୍ଚ କରୁଛନ୍ତି। ଯାହାର ଆନୁମାନିକ ପରିମାଣ ୧ ଲକ୍ଷ କୋଟି ଟଙ୍କା ହେବ। ୨୦୨୪-୨୫ ଆର୍ଥିକ ବର୍ଷର ମୂଳ ବଜେଟ ଓ ଅତିରିକ୍ତ ବଜେଟକୁ ମିଶାଇ ମୋଟ ୨ ଲକ୍ଷ ୭୭୭ ହଜାର ୧୫୬ କୋଟି ଟଙ୍କା ଆବଣ୍ଟିତ ହୋଇଥିଲା। ଗତ ଜାନୁଆରୀ ଶେଷ ସୁଦ୍ଧା ଏଥିରୁ ମାତ୍ର ୧ ଲକ୍ଷ ୬୩ ହଜାର ୭୨୫ କୋଟି ଟଙ୍କା ଖର୍ଚ୍ଚ ହୋଇପାରିଛି। ମୋଟାମୋଟି ଦେଖିଲେ ରାଜ୍ୟ ସରକାର ଖର୍ଚ୍ଚ କରିଥିବା ୧.୬୩ ଲକ୍ଷ କୋଟିରୁ ସରକାର ଦରମା, ପେନସନ ଆଦି ବାବଦରେ ଲକ୍ଷେ କୋଟି ଟଙ୍କା ବାଦ୍ ଦେଲେ କାର୍ଯ୍ୟକ୍ରମ ଓ ଯୋଜନାଗୁଡ଼ିକରେ ମାତ୍ର ୬୩ ହଜାର କୋଟି ଟଙ୍କା ବ୍ୟୟ କରିବାକୁ ସକ୍ଷମ ହୋଇଛନ୍ତି। ରାଜ୍ୟ ସରକାରଙ୍କ ମୋଟ ବ୍ୟୟ ବଜେଟ୍ ବରାଦର ୬୦%ରୁ କମ୍ ହୋଇଛି ଓ ଜାନୁଆରୀ ସୁଦ୍ଧା ସରକାର ବଜେଟ୍ ବରାଦର ୧.୧୩ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିବାରେ ବିଫଳ ହୋଇଛନ୍ତି। ଯାହା ସରକାରଙ୍କ ଦୁର୍ବଳ ଆର୍ଥିକ ପରିଚାଳନା ଦିଗକୁ ସ୍ପଷ୍ଟ ଇଙ୍ଗିତ କରିଛି। ବଜେଟ୍ ଆବଣ୍ଟିତ ଅର୍ଥର ତ୍ୱରିତ ବ୍ୟୟ ଓ ଆବଣ୍ଟନ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ମୁଖ୍ୟ ସଚିବ ଯାଏଁ ଏକାଧିକ ବାର ସମୀକ୍ଷା ବୈଠକ କରିଛନ୍ତି। ଏହାସତ୍ତ୍ୱେ ବଜେଟ ଅର୍ଥ ଖର୍ଚ୍ଚରେ ଏତେ ବଳକା ରହିବା ସିଧା ସିଧା ପ୍ରଶାସନର ପାରିବାପଣିଆ ଉପରେ ପ୍ରଶ୍ନ ଉଠାଇଛି।

ଏହି ପରିପ୍ରେକ୍ଷୀରେ ଆଗାମୀ ୨୦୨୫-୨୬ ଆର୍ଥିକ ବର୍ଷରେ ୨.୯୦ ଲକ୍ଷ କୋଟି ଟଙ୍କାର ବରାଦ ହୋଇଛି, ତାହା ଖର୍ଚ୍ଚ ହୋଇପାରିବା ନେଇ ସାଧାରଣରେ ସନ୍ଦେହପ୍ରକାଶ ପାଇଛି। ▶ପୃଷ୍ଠା-୭

## ଆଜିଠାରୁ ମାଟ୍ରିକ୍ ପରୀକ୍ଷା

■ କଟକ, ୨୦।୨(ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ୍ (ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ) ପରୀକ୍ଷା, ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଓ ସଂସ୍କୃତ ମଧ୍ୟମା ପରୀକ୍ଷା ଆସନ୍ତାକାଲିଠାରୁ ଆରମ୍ଭ ହେବ। ଏହି ପରୀକ୍ଷା ଆସନ୍ତା ମାର୍ଚ୍ଚ ୬ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଚଳିତଥର ମୋଟ ୩ ହଜାର ୧୩୩ଟି ପରୀକ୍ଷା କେନ୍ଦ୍ରରେ ୫ଲକ୍ଷ ୨୨ହଜାର ୩୩୬ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ୩୧୪ଟି ନୋଡାଲ କେନ୍ଦ୍ରରୁ ଆସନ୍ତାକାଲି ସକାଳ ୭ଟା୩୦ରୁ ୮ଟା୩୦ ମଧ୍ୟରେ ପ୍ରଥମ ଦିନର ପ୍ରଶ୍ନପତ୍ରକୁ ପରୀକ୍ଷା କେନ୍ଦ୍ରରେ ପହଞ୍ଚାଯିବ। ପରୀକ୍ଷା ସକାଳ ୯ଟାରେ ଆରମ୍ଭ ହୋଇ ସାଢେ଼୧୧ଟାରେ ଶେଷ ହେବ। ପରୀକ୍ଷାର୍ଥୀମାନେ ସକାଳ ସାଢ଼େ ୭ଟାରୁ ପରୀକ୍ଷା କେନ୍ଦ୍ରରେ ପ୍ରବେଶ କରିବେ। ପରୀକ୍ଷାର ସୁପରିଚାଳନା ନିମନ୍ତେ ବୋର୍ଡ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଛି। ସବୁ ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲଗାଯାଇଥିବା ବେଳେ ପ୍ରାୟ ୬୦୦ କେନ୍ଦ୍ରରେ ଲାଇଭ ଷ୍ଟ୍ରିମିଂ (ସିଧାପ୍ରସାରଣ)ର ବ୍ୟବସ୍ଥା କରାଯାଇଛି। ଆଜି ବୋର୍ଡର କମାଣ୍ଡ କଣ୍ଟ୍ରୋଲ ରୁମ୍‌ରୁ ସିଧାପ୍ରସାରଣର ପରୀକ୍ଷାମୂଳକ ଭାବେ ଡ୍ରାଏ-ରନ୍ କରାଯାଇଥିଲା। କପି ରୋକିବାକୁ ଏଥର ଚାରିସ୍ତରୀୟ ସ୍କ୍ୱାଡ୍ ଗଠନ କରାଯାଇଛି। ପ୍ରଶ୍ନପତ୍ର ଭାଇରାଲ ରୋକିବା ପାଇଁ ଏଥର ପ୍ରଶ୍ନପତ୍ରର ପ୍ରତି ▶ପୃଷ୍ଠା-୭

୩ ହଜାର ୧୩୩ଟି ପରୀକ୍ଷା କେନ୍ଦ୍ର

୫ଲକ୍ଷ ୨୨ହଜାର ୩୩୬ ପରୀକ୍ଷାର୍ଥୀ

### ତିନିମାସ ହେଲା ମିଳିନି ଦରମା

## ପରିବା କିଆରିରେ ମୂଲ ଲାଗିଲେ ଶିକ୍ଷକ

ବଲାଙ୍ଗିର, ୨୦।୨ (ସମିସ): ସରକାରୀ ସ୍କୁଲରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ରାଜ୍ୟ ସରକାର ଗୋଟିଏ ପରେ ଗୋଟିଏ ନୂଆ ଯୋଜନା



କରୁଥିବା କହୁଛନ୍ତି। ପିଲାଙ୍କୁ ସ୍କୁଲ ପ୍ରତି ଆକୃଷ୍ଟ କରିବାଠାରୁ ଆରମ୍ଭ କରି ଶିକ୍ଷକ ପଦ ପୂରଣ କରିବା ପାଇଁ ପଦକ୍ଷେପ ନେଉଥିବା କହୁଛନ୍ତି। କିନ୍ତୁ ସରକାରଙ୍କ କଥାଠାରୁ ବାସ୍ତବ ସ୍ଥିତି କେତେ ଭିନ୍ନ, ତାହା ବଲାଙ୍ଗିର ଜିଲ୍ଲାର ଏକ ଘଟଣାରୁ ସ୍ପଷ୍ଟ ହୋଇଛି। ପିଲାଙ୍କୁ ଗଢୁଥିବା ଶିକ୍ଷକମାନଙ୍କୁ ମାସକୁ ଦରମା ଗଣ୍ଡିଏ ମଧ୍ୟ ଦେଇପାରୁନାହାନ୍ତି।

ଜିଲ୍ଲାର ଜଣେ ଶିକ୍ଷକ ତିନି ମାସ ହେଲା ଦରମା ନ ପାଇବାରୁ ପର ଜମିରେ ମୂଲ ଲାଗିବା ଭଳି ଅଭିନବ ପ୍ରତିବାଦ କରିଛନ୍ତି। ବଲାଙ୍ଗିର ଜିଲ୍ଲା ପୁଇଁନ୍ତଲା ବ୍ଲକ୍ ବାନ୍ଧନବାହାଲ ପ୍ରାଥମିକ ବିଦ୍ୟାଳୟର ସହାୟକ ଶିକ୍ଷକ ପ୍ରଭୁଦତ୍ତ ସାହୁ ଗୁରୁବାର ଛୁଟି ନେଇ ଅନ୍ୟ ଜଣଙ୍କର ଚାଷ ଜମିରେ ମଜୁରିଆ ଭାବେ କାମ କରିଛନ୍ତି। ଗୋଟିଏ ଦିନ କାମ କରି ୩ ଶହ ଟଙ୍କା ମଜୁରି ପାଇଥିବା ବେଳେ ତାଙ୍କର ଏହି ପ୍ରତିବାଦକୁ ବିଭାଗ ଭିନ୍ନ ଦୃଷ୍ଟିରେ ଦେଖିଛି। ସେ ବିଶୃଙ୍ଖଳା କରିଥିବା ନେଇ ବିଭାଗୀୟ ଅଧିକାରୀମାନେ ପ୍ରତିକ୍ରିୟା ରଖିଛନ୍ତି।

ଜିଲ୍ଲାର ସମସ୍ତ ବ୍ଲକ୍‌ରେ କାର୍ଯ୍ୟରତ ଥିବା ଆକାଉଟାଣ୍ଟ ଓ କ୍ୟାସିୟରମାନେ ▶ପୃଷ୍ଠା-୭

## ଆଦିବାସୀ ମହିଳାଙ୍କୁ ଦୁଷ୍କର୍ମ, ହତ୍ୟା

■ କାଲିମେଳା / ପୋଟେରୁ, ୨୦।୨(ସମିସ): ମାଲକାନଗିରି ଜିଲ୍ଲା କାଲିମେଳା ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ନେଇ ଅଭିଯୋଗ ହୋଇଛି। ପୁଲିସ୍ ମହିଳାଙ୍କ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହି ଘଟଣାରେ ପୁଲିସ୍ ସ୍ଥାନୀୟ ଅଞ୍ଚଳର ଭୀମା ପଡ଼ିଆମି ନାମକ ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି। କାଲିମେଳା ବ୍ଲକ୍ ଅଞ୍ଚଳରେ ଜଙ୍ଗଲରୁ ରହସ୍ୟଜନକ ଭାବେ ୨ ସ୍କୁଲ ଛାତ୍ରୀଙ୍କ ମୃତଦେହ ଉଦ୍ଧାର ହେବା ଘଟଣାକୁ ଦିନ ୧୫ଟା ନ ପୂରୁଣୁ ଆଜି ପୁଣି ଏଭଳି ଏକ ନାରୀ ବିରୋଧୀ ଆପରାଧିକ ଘଟଣା ପଦାକୁ ଆସିବା ପରେ ଜିଲ୍ଲାବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି। ଜିଲ୍ଲାରେ ଆଇନଶୃଙ୍ଖଳା ବ୍ୟବସ୍ଥା ପୂରା ଭୁଶୁଡ଼ି ପଡ଼ିଥିବା ଅଭିଯୋଗ କରି ବୁଦ୍ଧିଜୀବୀମହଲ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ମିଳିଥିବା ସୂଚନାନୁଯାୟୀ, ଭୀମା ବୁଧବାର ଦିନ ବେଳା ମହିଳାଙ୍କ ▶ପୃଷ୍ଠା-୭

### ଭାରତୀୟ ରାଜନୀତିରେ କମ୍ପନ

## ନିଆଁ ଲଗାଇଲେ ଟ୍ରମ୍ପ

### କାହାକୁ ଜିତାଇବା ପାଇଁ ବାଇଡେନ୍ ଦେଇଥିଲେ ୧୮୨ କୋଟି ?

■ ନୂଆଦିଲ୍ଲୀ, ୨୦।୨: ଭାରତରେ ଗତବର୍ଷ ଅନୁଷ୍ଠିତ ସାଧାରଣ ନିର୍ବାଚନରେ କାହାକୁ ଜିତାଇବା ଲାଗି ୨୧ ନିୟୁତ ଡଲାର (୧୮୨ କୋଟି ଟଙ୍କା) ଖର୍ଚ୍ଚ କରିଥିଲେ ବାଇଡେନ ପ୍ରଶାସନ? ଏଭଳି ପ୍ରଶ୍ନ କରି ଭାରତୀୟ ରାଜନୀତିରେ ନିଆଁ ଲଗାଇଦେଇଛନ୍ତି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଏହାକୁ ନେଇ ବିଜେପି ଏବଂ କଂଗ୍ରେସ ମୁହାମୁହିଁ ହୋଇଛନ୍ତି। ବିଜେପି ପକ୍ଷରୁ କଂଗ୍ରେସ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରାଯାଇଥିବା ବେଳେ କଂଗ୍ରେସ ନେତାମାନେ ଏହା ଉପରେ ଶ୍ୱେତପତ୍ର ଜାରି କରିବା ଲାଗି ଦାବି କରିଛନ୍ତି।

ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ରାଷ୍ଟ୍ରପତି ଟ୍ରମ୍ପ ପୂର୍ବତନ ରାଷ୍ଟ୍ରପତି ବାଇଡେନଙ୍କର ସମାଲୋଚନା କରି କହିଛନ୍ତି ଯେ ଭାରତରେ ନିର୍ବାଚନ ପ୍ରକ୍ରିୟାରେ ସେ ହସ୍ତକ୍ଷେପ କରିଥିଲେ। ଭାରତ ନିର୍ବାଚନରେ ଭୋଟରଙ୍କୁ ପ୍ରଭାବିତ କରିବା ଲାଗି ୟୁଏସ୍‌ଏଡ୍ ନାମକ ସଂସ୍ଥା ଜରିଆରେ ବାଇଡେନ ପ୍ରଶାସନ ୧୮୨ କୋଟି ଟଙ୍କା ଖର୍ଚ୍ଚ କରିଥିଲେ। ଯାହା ଲାଗୁଛି କାହାକୁ ଗୋଟିଏ ଜିତାଇବା ଲାଗି ଏହି ଅର୍ଥ ଖର୍ଚ୍ଚ କରାଯାଇଛି। ଭାରତରେ ମତଦାତାଙ୍କୁ ପ୍ରଭାବିତ କରିବା ଲାଗି ଆମେରିକା ଅର୍ଥ ଖର୍ଚ୍ଚ କରିବା ଠିକ୍ କି ବୋଲି ସେ ପ୍ରଶ୍ନ କରିଛନ୍ତି। ସେ କହିଲେ ▶ପୃଷ୍ଠା-୭

କଂଗ୍ରେସ ଆଡ଼କୁ ଇଙ୍ଗିତ କଲା ବିଜେପି

ଶ୍ୱେତପତ୍ର ଦାବି କଲା କଂଗ୍ରେସ



### ବହଳଦା ଷ୍ଟେଟ୍ ବ୍ୟାଙ୍କରୁ ସଶସ୍ତ୍ର ଡକାୟତି

## ଗ୍ରାହକଙ୍କୁ ବନ୍ଧକ ରଖି ୨୭ ଲକ୍ଷ ଲୁଟ୍

■ ବହଳଦା, ୨୦।୨(ସମିସ): ବ୍ୟସ୍ତବହୁଳ ବହଳଦା ବସ୍‌ଷ୍ଟାଣ୍ଡ (ଧର୍ମଶାଳା) ବଜାରରେ ଥିବା ଷ୍ଟେଟ୍ ବ୍ୟାଙ୍କ ଶାଖାରୁ ଗୁରୁବାର ଏକ ବଡ଼ଧରଣର ଡକାୟତି ହୋଇଛି। ଦୁର୍ବୃତ୍ତମାନେ ୧୮ ଗ୍ରାହକ ସମେତ ବ୍ୟାଙ୍କ କର୍ମଚାରୀଙ୍କୁ ବନ୍ଧକ ରଖି ୨୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଓ ଲକର୍‌ରେ ଥିବା ସୁନାଗହଣା ଲୁଟି ନେଇଛନ୍ତି। ଏଥିସହ ବନ୍ଧୁକ ବନେଟ୍‌ରେ ଶାଖା ପରିଚାଳକ ବୈଦ୍ୟନାଥ ହେମ୍ବ୍ରମ୍ ଓ ବ୍ୟାଙ୍କ କର୍ମଚାରୀ ସନ୍ତୋଷ ମହାନ୍ତଙ୍କ ମୁଣ୍ଡ ଫଟାଇ ଦେଇଛନ୍ତି। ଗଲା ବେଳେ ସେମାନେ ସାଙ୍ଗରେ ଆଣିଥିବା ତାଲା ଗେଟ୍‌ରେ ପକାଇ ଫେରାର୍ ହୋଇଯାଇଥିଲେ। ଖବର ପାଇ ପୁଲିସ୍ ଆହତମାନଙ୍କୁ ଉଦ୍ଧାର କରି ବହଳଦା ହସ୍ପିଟାଲରେ ଭର୍ତ୍ତି କରାଇବା ସହ ତଦନ୍ତ ଆରମ୍ଭ କରିଛି। ଡକାୟତମାନେ ବ୍ୟାଙ୍କରୁ ସିସିଟିଭି ହାର୍ଡଡିସ୍କ ଡାଡ଼ି ନେଇଥିବାରୁ ସେମାନଙ୍କୁ ଧରିବା ପୁଲିସ୍ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ପୁଲିସ୍ ଆଖପାଖ ଦୋକାନରେ ଲାଗିଥିବା ସିସିଟିଭିରୁ ସେମାନଙ୍କୁ ଚିହ୍ନଟ କରିବାକୁ ଚେଷ୍ଟା ଚଳାଇଛି। ଡକାୟତମାନେ ଏକ ବାଇକ୍‌ରେ ଆସିଥିଲେ ଏବଂ ଓଡ଼ିଆ ଓ ହିନ୍ଦୀରେ କଥାବାର୍ତ୍ତା କରୁଥିଲେ ବୋଲି ଆହତ କର୍ମଚାରୀ ସନ୍ତୋଷ କହିଛନ୍ତି। ତେବେ ସେମାନେ ଦୁନ୍ଦୁ ବାଟ ଦେଇ ଝାଡ଼ଖଣ୍ଡକୁ ପଳାଇ ଯାଇଥିବା କୁହାଯାଉଛି। ଅପରପକ୍ଷେ, ଏହି ଘଟଣା ▶ପୃଷ୍ଠା-୭

ବନ୍ଧୁକ ବନେଟ୍ ମାଡ଼ରେ ଶାଖା ପରିଚାଳକଙ୍କ ମୁଣ୍ଡ ଫାଟିଲା

ବାଇକ୍‌ରେ ଆସିଥିଲେ ୫ ଦୁର୍ବୃତ୍ତ



### ବିଧାନସଭାରେ ସରକାରଙ୍କୁ ବିରୋଧୀଙ୍କ କଟାକ୍ଷ

## ଡବଲ୍ ଇଞ୍ଜିନ: ଚାଲୁଛି ଅଳପ, ଝୁଣ୍ଟୁଛି ବେଶି

■ ଭୁବନେଶ୍ୱର, ୨୦।୨(ସମିସ): ରାଜ୍ୟ ବିଜେପି ସରକାର ବଡ଼ ସ୍ୱପ୍ନ ଦେଖାଉଛନ୍ତି। ବଡ଼ ବଜେଟ୍ ଆଣି ଆତ୍ମତୃପ୍ତି ଲାଭ କରୁଛନ୍ତି। ୨୦୩୬ ମସିହା ସୁଦ୍ଧା ୫୦୦ ବିଲିୟନ ଡଲାର ଅର୍ଥନୀତିର ରଙ୍ଗୀନ ଚିତ୍ର ଦେଖାଉଛନ୍ତି। ମାତ୍ର ରାଜ୍ୟରେ କୌଣସି ବିକାଶମୂଳକ କାମ ହେଉନାହିଁ। କେନ୍ଦ୍ର ସରକାରଙ୍କ ଇଭେଣ୍ଟ ମ୍ୟାନେଜମେଣ୍ଟ କାମ ଓଡ଼ିଶା ସରକାର କରୁଛନ୍ତି। ରାଜ୍ୟର ବିକାଶମୂଳକ କାମ ବନ୍ଦ କରି ଜାତୀୟ କାର୍ଯ୍ୟକ୍ରମ କରାଯାଉଛି। ସବୁ ପ୍ରକଳ୍ପ ଅଟକି ରହିଛି, ରାଜ୍ୟବାସୀଙ୍କ ମୁଣ୍ଡରେ ଋଣ ବୋଝ ବଢ଼ୁଛି ବୋଲି ଉଲ୍ଲେଖ କରି ବିରୋଧୀ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଛନ୍ତି। ଡ଼ବଲ ଇଞ୍ଜିନ୍ ସରକାର ଅଳ୍ପ ଚାଲୁଛନ୍ତି ଓ ବେଶୀ ଝୁଣ୍ଟୁଛନ୍ତି ବୋଲି ବିରୋଧୀ ରାଜ୍ୟ ସରକାରଙ୍କୁ କଟାକ୍ଷ କରିଛନ୍ତି।

କେନ୍ଦ୍ର ଦେଇଛି ଇଭେଣ୍ଟ ମ୍ୟାନେଜମେଣ୍ଟ ଦାୟିତ୍ୱ



ଆଲୋଚନା ଆରମ୍ଭ କରି ବିଜେଡିର ବରିଷ୍ଠ ବିଧାୟକ ତଥା ପୂର୍ବତନ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି ଯେ, ଚକ୍‌ଚକ୍ କରୁଥିବା ସବୁ ପଦାର୍ଥ ସୁନା ନୁହେଁ। ଠିକ୍ ସେମିତି ରାଜ୍ୟ ସରକାରଙ୍କ ବଜେଟ୍। କେନ୍ଦ୍ର ସରକାରଙ୍କ ବଜେଟରେ ମୁଖ୍ୟ ସ୍ରୋତ ଋଣ ହୋଇଥିବା ବେଳେ ରାଜ୍ୟ ସରକାର ମଧ୍ୟ ସେହି ରାସ୍ତାରେ ଚାଲିବା ଆରମ୍ଭ କରିଛନ୍ତି। ଗୋଟିଏ ପଟେ ରାଜ୍ୟ ସରକାର ବଜେଟ ଅର୍ଥ ଖର୍ଚ୍ଚ କରିପାରୁ ନାହାନ୍ତି। ଆରପଟେ ସରକାର ବହୁତ ବଡ଼ ବଜେଟ ଆଣିବା ନେଇ ଦେଖାଇବାର ପ୍ରୟାସ କରୁଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ଆର୍ଥିକ ପରିଚାଳନାରେ ଚମକପ୍ରଦ ସଫଳତା ପାଇଥିଲା। ନୀତି ଆୟୋଗ ଦ୍ୱାରା ୨୦୨୨-୨୩ ବର୍ଷରେ ଜାରି ଜାରି ▶ପୃଷ୍ଠା-୭



# ସମ୍ପୂର୍ଣ୍ଣା



ସକାଳ
THE SAKALA
www.sakalaepaper.com

## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ।

**ବୃଷ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ବୈବାହିକ ଜୀବନରେ ସମସ୍ୟା ଆସିବ। ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜକୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** କର୍ମଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଘର ପାଇଁ ନୂଆ ଜିନିଷ କିଣିବେ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ।

**ଧନୁ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେବ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ।

**କୁମ୍ଭ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିପାରେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ବିଶେଷ କାର୍ଯ୍ୟରୁ ଲାଭ ମିଳିବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୮୪୨- ଆମେରିକାରେ ସିଲେଇ ମେସିନ୍‌ଙ୍କୁ ପେଟେଣ୍ଟ କରାଗଲା।
- ୧୯୮୬- ଦକ୍ଷିଣ ଆଫ୍ରିକା ସରକାର ଜୋହାନ୍ସବର୍ଗକୁ ଅଶ୍ୱେତଙ୍କ ଉଦ୍ଦେଶ୍ୟରେ ଖୋଲିଦେଲେ।
- ୧୯୯୧- ବଲିଉଡ୍ ଅଭିନେତ୍ରୀ ନୂତନଙ୍କ ଦେହାନ୍ତ।
- ୧୯୯୨- ଚୀନ୍‌ର ସାଂଘାଇ ସେୟାର ବଜାରରେ ବିଦେଶୀଙ୍କୁ କାମ କରିବା ପାଇଁ ଅନୁମତି ଦିଆଗଲା।
- ୨୦୧୩- ହାଇଦ୍ରାବାଦରେ ବୋମା ବିସ୍ଫୋରଣ ଯୋଗୁଁ ୧୭ ଲୋକଙ୍କ ମୃତ୍ୟୁ ହେବା ସହିତ ୧୧୯ ଲୋକ ଆହତ ହୋଇଥିଲେ।

## 'ତେରେ ଇସ୍କ ମେଁ' ସେଟ୍‌ରୁ ଧନୁଷ୍‌ଙ୍କ ଫଟୋ ଭାଇରାଲ

ସାଉଥ୍ ଇଣ୍ଡଷ୍ଟ୍ରୀର ଆଗଧାଡ଼ିର ଅଭିନେତା ଧନୁଷ୍ ଓ କ୍ରିତି ସାନନ୍‌ଙ୍କ ଫିଲ୍ମ 'ତେରେ ଇସ୍କ ମେଁ'କୁ ନେଇ ଦର୍ଶକଙ୍କ ମଧ୍ୟରେ ବେଶ୍ କ୍ରେଜ୍ ରହିଛି। ଫିଲ୍ମର ସୁଟିଂ ଏବେ ଦିଲ୍ଲୀରେ ଚାଲିଛି। ଏହି ସମୟର କିଛି ଫଟୋ ଏବେ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେବାରେ ଲାଗିଛି। ଆନନ୍ଦ ଏଲ୍. ରାୟଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଦିଲ୍ଲୀସ୍ଥିତ ଶ୍ରୀରାମ କଲେଜ ଅଫ୍ କମର୍ସରେ ସୁଟ୍ କରାଯାଉଛି। ତେବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଥିବା ଫଟୋଟିରେ ଧନୁଷ ଏସ୍ଆର୍‌ସିସି କ୍ୟାମ୍ପସ୍‌ରେ ଭିଡ଼ ମଧ୍ୟରେ ଦୌଡ଼ୁଥିବାର ଦେଖାଯାଇଛନ୍ତି। ଆକ୍ସନ୍ ସିନ୍‌ଟିର ସୁଟିଂ ସମୟରେ ସେ କଳାରଙ୍ଗର ଏକ ଜିନ୍ସ ସହ ଚେକ୍ ସାର୍ଟ ପିନ୍ଧିଥିଲେ। ଏହା ଆସନ୍ତା ନଭେମ୍ବର ୨୮ ରେ ପରଦାକୁ ଆସିବ। ଇତିମଧ୍ୟରେ ଏହାର ଦୁଇଟି ଜବରଦସ୍ତ ଟିଜର୍ ସାମ୍ନାକୁ ଆସିଛି। ଆନନ୍ଦ ଏହାପୂର୍ବରୁ ଧନୁଷ୍‌ଙ୍କୁ ନେଇ ୨୦୧୩ରେ 'ରାଞ୍ଝଣା' ଓ ୨୦୨୧ରେ 'ଅତରଙ୍ଗି ରେ' ନିର୍ମାଣ କରିଥିଲେ।



## ଅନ୍ତର୍ଜାତୀୟ ମାତୃଭାଷା ଦିବସ



ମନର ଭାବନାକୁ ଅନ୍ୟ ପାଖରେ ପହଞ୍ଚାଇବାର ସର୍ବଶ୍ରେଷ୍ଠ ମାଧ୍ୟମ ହେଉଛି ଭାଷା। ପିଲାଟିଏ ଜନ୍ମ ନେଲା ପରେ ପ୍ରଥମେ ଯେଉଁ ଭାଷାରେ କଥା କହିବା ଆରମ୍ଭ କରେ, ତାହା ହେଉଛି ମାତୃଭାଷା। ଭାଷା ଆମକୁ ପରସ୍ପର ସହ ସମ୍ପର୍କ ଯୋଡ଼ିବାରେ ସହାୟକ ହୁଏ। ବିଶ୍ୱରେ ଭାଷା ଏବଂ ସାଂସ୍କୃତିକ ବିବିଧତାକୁ ପ୍ରୋତ୍ସାହିତ କରିବା ଏବଂ ମାତୃଭାଷାକୁ ବଞ୍ଚାଇ ରଖିବା ପାଇଁ ଲୋକଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଫେବୃଆରୀ ୨୧ ତାରିଖକୁ 'ଅନ୍ତର୍ଜାତୀୟ ମାତୃଭାଷା ଦିବସ' ପାଳନ କରାଯାଏ। ବାସ୍ତବରେ ମାତୃଭାଷାର ବିକାଶରେ ହିଁ ଗୋଟିଏ ଜାତିର ବିକାଶ ହୋଇଥାଏ। ଏହା ପ୍ରାଣର ଭାଷା, ମାଟି ମା'ର ଭାଷା। ୟୁନେସ୍କୋ ୧୭ ନଭେମ୍ବର, ୧୯୯୯ ରେ ଏହି ଦିବସ ଘୋଷଣା କରିଥିଲା। ୨୧ ଫେବୃୟାରୀ,୨୦୦୦ରେ ପ୍ରଥମେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ କରାଯାଇଥିଲା। ପରେ ଜାତିସଂଘ ସାଧାରଣ ପରିଷଦ ୨୦୦୮ କୁ ଅନ୍ତର୍ଜାତୀୟ ଭାଷା ବର୍ଷ ଭାବେ ଘୋଷଣା କରି ପୁଣି ଏହାର ମହତ୍ତ୍ୱକୁ ପ୍ରତିପାଦନ କରିଛି। ମାତୃଭାଷାର ସୁରକ୍ଷା ପ୍ରତି ଏହି ଦିବସରେ ସଚେତନତା ସୃଷ୍ଟି କରାଯାଏ। ଭାରତ ଭଳି ବିଭିନ୍ନତାର ରାଷ୍ଟ୍ରରେ ରହୁଥିବା ଏକାଧିକ ଭାଷାଭାଷୀର ଲୋକଙ୍କ ପାଇଁ ମାତୃଭାଷାକୁ ବଞ୍ଚାଇ ରଖିବା ଏକ ବଡ଼ ଆହ୍ୱାନ। ଏହି ପରିପ୍ରେକ୍ଷୀରେ ଆମ ଦେଶରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ ବେଶ୍ ଗୁରୁତ୍ୱ ବହନ କରେ।

### ଆଜି ବାହୁଡ଼ିଥିଲେ

## ଛନ୍ଦକବି ରାଧାମୋହନ ଗଡ଼ନାୟକ



ଓଡ଼ିଆ ସାହିତ୍ୟର ଅନ୍ୟତମ କାଳଜୟୀ ସ୍ରଷ୍ଟା ହେଲେ ପଦ୍ମଶ୍ରୀ ରାଧାମୋହନ ଗଡ଼ନାୟକ। ଛନ୍ଦର ଲାଳିତ୍ୟ, କବିତାର ଗାମ୍ଭୀର୍ଯ୍ୟ, ଭାଷା ଚାତୁରୀ, ବିଷୟ ଚୟନରେ ସେ ଥିଲେ ଅନନ୍ୟ। ପୁରାଣ, ଇତିହାସ, କାହାଣୀ, କିମ୍ବଦନ୍ତୀରୁ ବିଭିନ୍ନ ଚରିତ୍ରଙ୍କୁ ନେଇ ସେ କବିତା ରଚନା କରିଥିଲେ। ରାଧାମୋହନଙ୍କ ଜନ୍ମ ୧୯୧୧ ମସିହା ଅଗଷ୍ଟ ୨୫ରେ ଅବିଭକ୍ତ ଢେଙ୍କାନାଳ ଜିଲ୍ଲା ଅନ୍ତର୍ଗତ କଲଣ୍ଡାପାଳ ଗାଁରେ ହୋଇଥିଲା। ଗଡ଼ସନ୍ତରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢ଼ିବା ସମୟରେ ମାତ୍ର ଆଠବର୍ଷ ବୟସରେ ସେ ପ୍ରଥମ କବିତା 'ତାରା' ରଚନା କରିଥିଲେ। ଏହାପରେ ସେ କଟକସ୍ଥିତ ଖ୍ରୀଷ୍ଟ କଲେଜରେ ପଢ଼ିଲେ ସେଠାରେ ସେ 'କାବ୍ୟନାୟିକା' ରଚନା କରି ଖୁବ୍ ପ୍ରଶଂସିତ ହୋଇଥିଲେ। ୧୯୨୭ ବେଳକୁ ତାଙ୍କର ରଚିତ ଅନେକ କବିତା 'ସହକାର', 'ନବଯୁଗ', 'ପଞ୍ଚାମୃତ', 'ଉତ୍କଳ ସାହିତ୍ୟ', 'ଗଡ଼ଜାତ ବାସିନୀ' ଆଦି ପତ୍ରିକାରେ ପ୍ରକାଶିତ ହୋଇ ଅନେକ ଖ୍ୟାତି ଅର୍ଜନ କରିଥିଲା। ଉତ୍କଳ ସାହିତ୍ୟ ସମ୍ମିଳନୀ ଓଡ଼ିଶା ସାହିତ୍ୟ ଏକାଡେମୀ ଆଦି ଅନେକ ଅନୁଷ୍ଠାନରେ ସେ ସଭାପତି ଓ ଉପସଭାପତି ଭାବରେ ଦାୟିତ୍ୱ ତୁଲାଇଲେ। ରାଧାମୋହନ କିଛିଦିନ ଶିକ୍ଷା ବିଭାଗରେ ମଧ୍ୟ ଚାକିରି କରିଥିଲେ। ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ପରେ ଓଡ଼ିଆ ସାହିତ୍ୟରେ ସେ ହେଉଛନ୍ତି ଅନ୍ୟତମ ସଫଳ ଗାଥା କବି। 'କାବ୍ୟ ନାୟିକା', 'ଉତ୍କଳିକା', 'କୈଶୋରିକା', 'ଶାମୁକାର ସ୍ୱପ୍ନ', 'ପଶୁପକ୍ଷୀର କାବ୍ୟ', 'ସୂର୍ଯ୍ୟ ଓ ଅନ୍ଧକାର' ଓ 'ଦୀପଶିଖା' ଆଦି ତାଙ୍କର ଅନବଦ୍ୟ କୃତି। 'ସୂର୍ଯ୍ୟ ଓ ଅନ୍ଧକାର' କବିତା ସଂକଳନ ପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲେ। ସେ 'ପଦ୍ମଶ୍ରୀ', 'ଅତିବଡ଼ି ଜଗନ୍ନାଥ ଦାସ ସମ୍ମାନ', 'ବିଷୁବ ପୁରସ୍କାର', 'ଉତ୍କଳ ରତ୍ନ', 'ନୀଳଶୈଳ ପୁରସ୍କାର' ଆଦି ଅନେକ ସମ୍ମାନରେ ସମ୍ମାନିତ ହୋଇଥିଲେ। ୨୦୦୦ ମସିହା ଆଜିର ଦିନରେ ରାଧାମୋହନଙ୍କ ବିୟୋଗ ଘଟିଥିଲା।

## ସାହିତ୍ୟିକ ବାମାଚରଣ ମିତ୍ର



ଓଡ଼ିଆ ସାହିତ୍ୟର ଜଣେ ଖ୍ୟାତନାମା ଲେଖକ ଭାବେ ବାମା ଚରଣ ମିତ୍ର ପରିଚିତ। ସେ କ୍ଷୁଦ୍ରଗଳ୍ପ, ଉପନ୍ୟାସ, ପ୍ରବନ୍ଧ ଓ ରମ୍ୟରଚନା ଆଦି ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରିଥିଲେ। ତାଙ୍କ ଲେଖାରେ ଗୀତା, ଉପନିଷଦ ଭଳି ପ୍ରାଚୀନ ଧର୍ମ ଶାସ୍ତ୍ରରୁ ଆରମ୍ଭ କରି ମାର୍କସ୍ ଓ ଫ୍ରୟେଡ୍‌ଙ୍କ ଆଧୁନିକ ଦର୍ଶନର ପ୍ରଭାବ ଦେଖିବାକୁ ମିଳେ। କାହାଣୀମାନଙ୍କରେ ସେ ମାନବପ୍ରେମକୁ ବିଶେଷ ପ୍ରାଧାନ୍ୟ ଦେଉଥିଲେ। ସେ ୯୦ରୁ ଅଧିକ କ୍ଷୁଦ୍ରଗଳ୍ପ, ତିନୋଟି ଉପନ୍ୟାସ ଓ ଅନୁବାଦ ସାହିତ୍ୟ ରଚନା କରିଥିଲେ। ୧୯୧୫ ମସିହା ଡିସେମ୍ବର ୧୭ ତାରିଖରେ ବାମାଚରଣ ଜନ୍ମଗ୍ରହଣ କରିଥିଲେ। ତାଙ୍କ ରଚିତ ପ୍ରମୁଖ ଉପନ୍ୟାସଗୁଡ଼ିକ ହେଲା 'କୀର୍ତ୍ତିଶଯ୍ୟ'(ପ୍ରଥମ ରଚିତ ଉପନ୍ୟାସ), 'ନରଛଞ୍ଚାଣ', ଗଳ୍ପସଂକଳନଗୁଡ଼ିକ ହେଲା 'ମିମିର ସାହିତ୍ୟ', 'ସ୍ୱପ୍ନସିଦ୍ଧ', 'ବଟ ମହାପୁରୁଷ, ଅସୀମ', ଓ 'ମହାପୁରୁଷ ବାଗ'। ପ୍ରବନ୍ଧ ସଂକଳନ 'ଏଣୁଟ ତେଣୁଟ' ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ତାଙ୍କର ଅନେକ ଲେଖା ବଙ୍ଗଳା, ଇଂରାଜୀ ଓ ତେଲୁଗୁ ଭାଷାରେ ଅନୂଦିତ ହୋଇଥିବାବେଳେ 'ପିତା ଓ ପୁତ୍ର' ଗଳ୍ପଟି ସ୍ପାନିଶ ଭାଷାରେ ଅନୁବାଦ ହୋଇଛି। ୧୯୭୫ ମସିହା ଆଜିର ଦିନରେ ଏହି ସାହିତ୍ୟିକଙ୍କର ପରଲୋକ ହୋଇଥିଲା।

## ଆଚାର୍ଯ୍ୟ ହରିହର



ସତ୍ୟବାଦୀର ପ୍ରସିଦ୍ଧ ପଞ୍ଚସଖାଙ୍କ ଭିତରୁ ଆଚାର୍ଯ୍ୟ ହରିହର ଥିଲେ ଅନ୍ୟତମ। ଶିକ୍ଷକତା, ସ୍ୱାଧୀନତା ସଂଗ୍ରାମ, ଭୂଦାନ ବାର୍ତ୍ତା ପ୍ରଚାର, ଜନସେବା ଭଳି କ୍ଷେତ୍ରରେ ତାଙ୍କର ନିରବଚ୍ଛିନ୍ନ କାର୍ଯ୍ୟ ତାଙ୍କୁ ସ୍ମରଣୀୟ କରି ରଖିଛି। ୧୮୭୯ ମସିହା ମାର୍ଚ୍ଚ ୮ ତାରିଖରେ ପୁରୀ ଜିଲ୍ଲା ସାକ୍ଷୀଗୋପାଳର ଶ୍ରୀରାମଚନ୍ଦ୍ରପୁରରେ ସେ ଜନ୍ମ ହୋଇଥିଲେ। ଗାଁ ଚାଟଶାଳୀରେ ତାଙ୍କ ପ୍ରାରମ୍ଭିକ ଶିକ୍ଷା ଆରମ୍ଭ ହୋଇଥିଲା। ସେଠାରୁ ସେ ପୁରୀ ଜିଲ୍ଲା ସ୍କୁଲରେ ପାଠ ପଢ଼ିଥିଲେ ଓ ପରେ ରେଭେନ୍ସା କଲେଜରେ ନାଁ ଲେଖାଇଥିଲେ। ରେଭେନ୍ସା କଲେଜରୁ ଏଫ୍.ଏ. ପାସ୍ କଲା ପରେ ଆଚାର୍ଯ୍ୟ ହରିହର ଆଇନ ଶିକ୍ଷା ପାଇଁ କଲିକତା ଯାଇଥିଲେ। ଆଇନ ପାଠ ତାଙ୍କୁ ସନ୍ତୁଷ୍ଟ କରି ନ ପାରିବାରୁ ଅଧାରୁ ଚାଲିଆସି ସେ ଶିକ୍ଷକତାରେ ମନୋନିବେଶ କରିଥିଲେ। ପ୍ରଥମେ ନୀଳଗିରି, ପରେ ରେଭେନ୍ସା କଲିଜିଏଟ୍ ସ୍କୁଲ ଓ ଶେଷରେ ପ୍ୟାରୀମୋହନ ଏକାଡେମୀରେ ଶିକ୍ଷକତା କରିଥିଲେ। ୧୯୦୯ ମସିହା ଅଗଷ୍ଟ ୧୨ ତାରିଖରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରଚେଷ୍ଟାରେ ସତ୍ୟବାଦୀରେ ପ୍ରତିଷ୍ଠିତ ହେଲା ସତ୍ୟବାଦୀ ବନ ବିଦ୍ୟାଳୟ। ୧୯୧୨ ମସିହାରେ ଆଚାର୍ଯ୍ୟ ହରିହର ଦାସ କଟକର ପ୍ୟାରୀମୋହନ ଏକାଡେମୀରୁ ଚାକିରି ଛାଡ଼ି ଏହି ବନ ବିଦ୍ୟାଳୟରେ ଶିକ୍ଷକ ଭାବେ ଯୋଗ ଦେଇଥିଲେ। ଏହି ବିଦ୍ୟାଳୟର ଶିକ୍ଷାଦାନ ବେଳେ ସେ 'ଚାଇଲଡ଼ସ୍ ଇଜି ଫାଷ୍ଟ ଗ୍ରାମାର୍' ରଚନା କରିଥିଲେ। ସେଠାରେ ଉତ୍କଳମଣି ଗୋପବନ୍ଧୁ ତାଙ୍କୁ 'ଆଚାର୍ଯ୍ୟ' ଉପାଧି ପ୍ରଦାନ କରିଥିଲେ। ଭୂଦାନ ଆନ୍ଦୋଳନର ସକ୍ରିୟ ସଭ୍ୟ ହୋଇ ୧୯୫୫ ମସିହାରେ ବିନୋବା ଭାବେଙ୍କ ସହ ସମଗ୍ର ଓଡ଼ିଶାର ଗ୍ରାମକୁ ଗ୍ରାମ ବୁଲି ଭୂଦାନ ଓ ଗ୍ରାମଦାନ କାର୍ଯ୍ୟ କରିଥିଲେ। ୧୯୭୧ ମସିହା ଆଜିର ଦିନରେ ଆଚାର୍ଯ୍ୟ ହରିହର ଇହଲୀଳା ସମ୍ବରଣ କରିଥିଲେ।






ବର୍ତ୍ତମାନ ସମୟରେ କୋଲେଷ୍ଟ୍ରଲ ବୃଦ୍ଧି ଏକ ବଡ଼ ସ୍ୱାସ୍ଥ୍ୟ ସମସ୍ୟା। କୋଲେଷ୍ଟ୍ରଲ ସ୍ତର ବଢ଼ିଲେ, ହୃଦ୍‌ଘାତ, ହୃତ୍‌ପିଣ୍ଡ ଅଚଳ, ଷ୍ଟ୍ରୋକ୍ ଆଦି ହେବାର ଆଶଙ୍କା ବୃଦ୍ଧି ପାଇଥାଏ। ତେଣୁ ରକ୍ତରେ କୋଲେଷ୍ଟ୍ରଲ ସ୍ତର ନିର୍ଦ୍ଦିଷ୍ଟ ମାତ୍ରାରେ ରଖିବାକୁ ସମୟେ ସମୟେ ଯାଞ୍ଚର ଆବଶ୍ୟକତା ରହିଛି। ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କୋଲେଷ୍ଟ୍ରଲ ଯାଞ୍ଚ ପାଇଁ ଲିପିଡ୍ ପ୍ରୋଫାଇଲ୍ ଟେଷ୍ଟ କରିବାକୁ ପରାମର୍ଶ ଦିଅନ୍ତି। ଏହି ପରୀକ୍ଷା ଦ୍ୱାରା ହୃଦ୍‌ରୋଗର ତୀବ୍ରତା, ସ୍ଥିତି, ରକ୍ତରେ ଅସ୍ୱାସ୍ଥ୍ୟକର ଏବଂ ହିତକର କୋଲେଷ୍ଟ୍ରଲ ସ୍ତର ଜାଣିହୁଏ। ତେବେ କୋଲେଷ୍ଟ୍ରଲ ଯାଞ୍ଚ ପୂର୍ବରୁ କେତେକ କଥା ଜାଣିବା ଉଚିତ।

## କୋଲେଷ୍ଟ୍ରଲ ପରୀକ୍ଷା ପୂର୍ବର ସତର୍କତା

- କୋଲେଷ୍ଟ୍ରଲ ଟେଷ୍ଟ ପୂର୍ବରୁ କମ୍ ଚର୍ବିଯୁକ୍ତ ଖାଦ୍ୟ ଗ୍ରହଣ ଭଲ। ପାଖାପାଖି ୪୮ ଘଣ୍ଟା ପୂର୍ବରୁ ଡାଏଟ୍‌ରେ ଫ୍ୟାଟ୍ ମାତ୍ରାକୁ ସୀମିତ କରିବା ଆବଶ୍ୟକ।
- ଟେଷ୍ଟ ପୂର୍ବରୁ ଉପାସ କରିବା ଅଭ୍ୟାସ ରଖନ୍ତୁ। ୧୦ରୁ ୧୨ ଘଣ୍ଟା ଉପାସ ରହି ଟେଷ୍ଟ କଲେ ଟ୍ରାଇଗ୍ଲିସେରାଇଡ୍ ଏବଂ ଏଲ୍‌ଡିଏଲ୍ କୋଲେଷ୍ଟ୍ରଲ ସ୍ତର ମାତ୍ରା ସଠିକ୍ ଜଣାପଡ଼େ। ଟେଷ୍ଟ ପୂର୍ବରୁ କେବେ ବି ମଦ୍ୟପାନ କି ଅନ୍ୟ ନିଶାସେବନ କରିବା ଅନୁଚିତ। ଦୁଇଦିନ ପୂର୍ବରୁ ଏହି କୁ ଅଭ୍ୟାସକୁ ତ୍ୟାଗ କରିବା ଭଲ। ନଚେତ୍ ଏହାଦ୍ୱାରା ଟେଷ୍ଟର ସଠିକ୍ ଫଳାଫଳ ମିଳେନାହିଁ।
- ସେହିପରି କୋଲେଷ୍ଟ୍ରଲ ଟେଷ୍ଟ ପୂର୍ବରୁ ଚିନ୍ତାମୁକ୍ତ ରହିବା ଜରୁରି। ନଚେତ୍ ଏହା ମଧ୍ୟ କୋଲେଷ୍ଟ୍ରଲ ସ୍ତରକୁ ପ୍ରଭାବିତ କରିପାରେ ଏବଂ ଫଳାଫଳ ଭୁଲ୍ ଆସିପାରେ। ସେଥିପାଇଁ ଟେଷ୍ଟର ୪୮ ଘଣ୍ଟା ପୂର୍ବରୁ ଖୁସି ଓ ଶାନ୍ତି ରହିବା ନିହାତି ଆବଶ୍ୟକ। ବିଶେଷ କଥା ହେଉଛି, ପରୀକ୍ଷାର ସଠିକ୍ ଫଳାଫଳ ଜାଣିବାକୁ ପ୍ରଚୁର ମାତ୍ରା ତଥା ଦୈନିକ ୨ରୁ ୩ ଲିଟର ପାଣି ପିଅନ୍ତୁ। ଯଦି କୋଲେଷ୍ଟ୍ରଲ ମାତ୍ରା ଅଧିକ ରହୁଛି, ତେବେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ମଧୁମେହ, ରକ୍ତଚାପ ଓ ହୃଦ୍‌ରୋଗରେ ପୀଡ଼ିତ ରୋଗୀ ନିୟମିତ ବ୍ୟବଧାନରେ ଟେଷ୍ଟ କରାଇନେବା ଉଚିତ।

### ସକାଳର ସ୍ୱାସ୍ଥ୍ୟ

## ଅର୍ଶର ଆୟୁର୍ବେଦୀୟ ଉପଚାର

**ଅନିୟମିତ ଜୀବନଶୈଳୀ, ଜଙ୍କଫୁଡ୍, ଫାଷ୍ଟଫୁଡ୍, ଅତ୍ୟଧିକ ମସଲା, ଚର୍ବିଯୁକ୍ତ ଖାଦ୍ୟ, ଅତ୍ୟଧିକ ଆମିଷ ଭୋଜନ, ଖାଦ୍ୟରେ ତନ୍ତୁଜାତୀୟ ଖାଦ୍ୟର ଅଭାବ, ଅତ୍ୟଧିକ କଫି ଓ ଚିକ୍କଣିଆ ଖାଦ୍ୟ, ଅନିୟମିତ ଜଳପାନ ଆଦି କାରଣରୁ କୋଷ୍ଠବଦ୍ଧ ହୋଇ ମଳର କଠିନତା କାରଣରୁ ମଳଦ୍ୱାରରେ ଫୁଲା, ଅର୍ଶ, ଭଗନ୍ଦର ଆଦି ସୃଷ୍ଟି ହେବାର ସମ୍ଭାବନା ବୃଦ୍ଧି ପାଇଥାଏ। ତତ୍‌ସହିତ ବାୟୁ ଚଳାଚଳ ହୋଇପାରୁନଥିବା ସିନ୍ଥେଟିକ୍ ଆସନ, ସୋଫା, ଗଦି, ଗାଡ଼ି ସିଟ୍ ଆଦିରେ ଦୀର୍ଘ ସମୟ ବସିବାଦ୍ୱାରା ଖୁବ୍ କମ୍ ବୟସରେ ଅର୍ଶ ଆଦି ବୃଦ୍ଧି ପାଇବାର ସମ୍ଭାବନା ଥାଏ। ଏହି ପରିପ୍ରେକ୍ଷୀରେ ଅର୍ଶରୋଗରୁ ମୁକ୍ତି ପାଇଁ ଆୟୁର୍ବେଦରେ କ'ଣ ସବୁ ଉପଚାର ପଦ୍ଧତି ରହିଛି, ସେ ବିଷୟରେ ଜାଣିବା।**

ନିଦାନ ପରିବର୍ଜନମ୍, ଅର୍ଥାତ୍ ରୋଗ ସୃଷ୍ଟି ହେଉଥିବା କାରଣଗୁଡ଼ିକୁ ପରିତ୍ୟାଗ କରିବା ସହିତ ଚିକିତ୍ସକଙ୍କ ପରାମର୍ଶରେ ଉପଯୁକ୍ତ ଔଷଧ ସେବନ ଓ ପଥ୍ୟାପଥ୍ୟରେ ରହିବା ଦ୍ୱାରା ଅର୍ଶ ରୋଗରେ ଉପକାର ହୋଇଥାଏ।

ଆୟୁର୍ବେଦରେ ସୁରଣ ଅର୍ଥାତ୍ ଅର୍ଶ ପାଇଁ ଓଲୁଅର ବହୁଳ ବ୍ୟବହାର ଦେଖିବାକୁ ମିଳେ। ତେଣୁ ଖାଦ୍ୟରେ ଓଲୁଅ ନିୟମିତ ବ୍ୟବହାର କଲେ ଅର୍ଶର ଉପକାର ହୁଏ। ରାତିରେ ଶୋଇବା ପୂର୍ବରୁ ଦୁଇଚାମଚ ମାତ୍ରାରେ ଇସ୍‌ବବୁଲ ଭୁଷି ସେବନ କରି ସାମାନ୍ୟ ଉଷୁମ ପାଣି ସେବନ କଲେ, କୋଷ୍ଠ ପରିଷ୍କାର ହୋଇ ଅର୍ଶରେ ଉପକାର ମିଳେ।



ସେହିପରି ସକାଳେ ଏବଂ ସନ୍ଧ୍ୟାରେ ତିନିଗ୍ରାମ୍ ମାତ୍ରାରେ ତ୍ରିଫଳା ଚୂର୍ଣ୍ଣ ସେବନ କଲେ, ହିତକର ହୋଇଥାଏ। ଭୋଜନ ପରେ ନିଜର ସାମର୍ଥ୍ୟ ଅନୁସାରେ ଦୁଇ ମିନିଟ୍‌ରୁ ପନ୍ଦର ମିନିଟ୍ ପର୍ଯ୍ୟନ୍ତ ବଜ୍ରାସନରେ ବସିଲେ ପେଟର ଯାବତୀୟ ଦୋଷ ଦୂର ହେବା ସହିତ ଅର୍ଶ ରୋଗରେ ମଧ୍ୟ ଉପକାର ମିଳେ।

ଦିନକୁ ଆଠରୁ ଦଶ ଗ୍ଲାସ ପାଣି ଅର୍ଥାତ୍ ପୂର୍ବାହ୍ଣରେ ଅଧିକ ଅପରାହ୍ଣରେ କମ୍ ଏବଂ ରାତିରେ ଆବଶ୍ୟକତା ଅନୁସାରେ ପାଣିକୁ ଭାଗ କରି ପାନ କଲେ ଉପକାର ମିଳିଥାଏ। ଚିକିତ୍ସକଙ୍କ ପରାମର୍ଶରେ ବୃହତ୍‌ସୁରଣମୋଦକ ଅଭୟାରିଷ୍ଟ, ଆରୋଗ୍ୟବର୍ଦ୍ଧନୀ ଗୁଟିକା, ଯୋଗରାଜଗୁଗ୍ଗୁଲୁ ଆଦି ସେବନ କରାଯାଇପାରିବ। ଅର୍ଶ ଯନ୍ତ୍ରଣା କମାଇବା ପାଇଁ ଏକ ପାତ୍ରରେ ଉଷୁମ ପାଣି ନେଇ ସେଥିରେ ମଳଦ୍ୱାରକୁ ବୁଡ଼େଇ ବସିଲେ ଉପଶମ ମିଳେ।

- ଡା. ପ୍ରଦୀପ କୁମାର ମିଶ୍ର,
ଆୟୁର୍ବେଦ ଚିକିତ୍ସକ,
ମାଛରଙ୍କା, ସିଂଲା, ବାଲେଶ୍ୱର

### ସୁସ୍ଥ ମନ ସୁସ୍ଥ ଶରୀର

## ବୟସ ଅନୁସାରେ କେତେ ସମୟ ଚାଲିବେ

**ସୁସ୍ଥ ଓ ନୀରୋଗ ରହିବାକୁ ଚାଲିବା ଅଭ୍ୟାସ ସବୁଠୁ ଭଲ ଉପାୟ ବୋଲି ଡାକ୍ତରମାନେ କହିଥାନ୍ତି। ଚାଲିବା ଦ୍ୱାରା ଓଜନ, କୋଲେଷ୍ଟ୍ରଲ, ମାନସିକ ଶାନ୍ତି ସହ ହୃଦ୍‌ଘାତଜନିତ ସମସ୍ୟା ଆଦି ନିୟନ୍ତ୍ରଣ ହୁଏ। ମାଂସପେଶୀ ମଜଭୁତ୍ ହୁଏ। ଦିନ ତମାମ ସତେଜ ଓ ଫୁର୍ତ୍ତି ଲାଗିଥାଏ। ତେଣୁ ବୟସ ଓ ସ୍ୱାସ୍ଥ୍ୟସ୍ଥିତି ଆଧାରରେ ଦିନକୁ ଜଣେ କେତେ ସମୟ ଚାଲିବା ଆବଶ୍ୟକ, ତାହା ଜାଣିବା ଉଚିତ।**

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁସାରେ, ଜଣେ ସୁସ୍ଥ ବ୍ୟକ୍ତି ଦିନକୁ ପାଖାପାଖି ୬୦୦୦ ପାହୁଣ୍ଡ ତଥା ୫ରୁ ୬ କିଲୋମିଟର ଚାଲିବା ନିହାତି ଆବଶ୍ୟକ। ସେହିପରି ୬ରୁ ୧୮ ବର୍ଷର ପିଲାମାନେ ପ୍ରତିଦିନ ୫୦୦୦ ପାହୁଣ୍ଡ ତଥା ୪ରୁ ୫ କିଲୋମିଟର ଚାଲିପାରିବେ। ଏହାକୁ ବାଦ୍ ଦେଲେ, ୧୮ ବର୍ଷରୁ ୬୦ ବର୍ଷର ବ୍ୟକ୍ତିଙ୍କୁ ପାଖାପାଖି ଛଅ କି.ମି. ଚାଲିବାକୁ ପରାମର୍ଶ ଦିଆଯାଇଥାଏ। ୬୦ ବର୍ଷରୁ ଅଧିକ ବୟସର ବ୍ୟକ୍ତି ସେମାନଙ୍କ ସ୍ୱାସ୍ଥ୍ୟର ସ୍ଥିତି ଦେଖି ଚାଲିବା ଆବଶ୍ୟକ। ତେବେ ଯେଉଁମାନେ ଜିମ୍ ଯାଉଛନ୍ତି, ଟ୍ରେଡମିଲ୍ କିମ୍ବା ଅନ୍ୟାନ୍ୟ ଉପକରଣରେ ସେମାନେ ସପ୍ତାହରେ ତିନିଦିନ ଚାଲିପାରିବେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କଂକ୍ରିଟ୍ ରାସ୍ତା କି ପଥର ଉପରେ ଚାଲିଲେ ଏହା ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ, ତେଣୁ ଘାସ ଗାଲିଚାରେ ଚାଲିଲେ ଫିଟ୍ ଓ ନୀରୋଗ ରହିପାରିବେ।



■ କୋଡ଼ିଙ୍ଗାମାଳି ଖଣିକୁ ନେଇ କଂଗ୍ରେସର ଉଦ୍‌ବେଗ

# ବକ୍ସାଇଟ ଖଣିକୁ ଆନ୍ଧ୍ରକୁ ଟେକିଦେବାକୁ ମସୁଧା

■ କୋଟି କୋଟି ଟଙ୍କାର ରାଜସ୍ୱ ହରାଇବ ରାଜ୍ୟ
■ ବୁଝାମଣାପତ୍ର ତୁରନ୍ତ ବାତିଲ କରିବାକୁ ଦାବି

**ଭୁବନେଶ୍ୱର,୨୦।୨(ସମିସ):** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୋଡିଙ୍ଗାମାଳି ବକ୍ସାଇଟ କମ୍ପାନୀକୁ ଆନ୍ଧ୍ର ପ୍ରଦେଶ ସରକାରଙ୍କୁ ଟେକି ଦେବାକୁ ରାଜ୍ୟ ସରକାର ଚିନ୍ତା କରୁଛନ୍ତି। ଆନ୍ଧ୍ରର ପାୟୋନିୟର ନାମକ ଏକ ଘରୋଇ କମ୍ପାନୀକୁ ଏହି ଖଣିକୁ ଦେବା ପାଇଁ ଓଏମସି ଚୁକ୍ତି କରିଛି। ଏହାଦ୍ୱାରା ରାଜ୍ୟ ବାର୍ଷିକ କୋଟି କୋଟି ଟଙ୍କାର ରାଜସ୍ୱ ହରାଇବ। ତେଣୁ ଏପରି ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ବିଧାନସଭାରେ ଦାବି କରିଛି କଂଗ୍ରେସ। ଶୂନ୍ୟକାଳରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଓ ଲକ୍ଷ୍ମୀପୁର ପବିତ୍ର ସାଉନ୍ତା ଏହି ପ୍ରସଙ୍ଗ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବିଧାୟକଦ୍ୱୟ କହିଛନ୍ତି ଯେ ଲକ୍ଷ୍ମୀପୁରସ୍ଥିତ କୋଡିଙ୍ଗାମାଳିରେ ଉନ୍ନତମାନର ବକ୍ସାଇଟ ଉପଲବ୍ଧ ହୋଇଥାଏ। ଦୀର୍ଘ ୮-୯ ବର୍ଷ ଧରି ଏହି ଖଣିରୁ ଓଡ଼ିଶା ଖଣି ନିଗମ(ଓଏମସି) ବକ୍ସାଇଟ ଉତ୍ତୋଳନ କରିବା ସହ ବେଦାନ୍ତ କମ୍ପାନୀକୁ ଯୋଗାଉଛି। ବିଡ଼ମ୍ବନା ହେଉଛି ଏବେ ଏହି ଖଣିକୁ ଆନ୍ଧ୍ର ସରକାରଙ୍କୁ ଟେକି ଦେବାକୁ ଉଦ୍ୟମ ହୋଇଛି। ଓଏମ୍ସି ଆନ୍ଧ୍ରପ୍ରଦେଶର ପାୟୋନିୟର ନାମକ କମ୍ପାନୀ ସହ ଏଥିପାଇଁ ଚୁକ୍ତି କରିଛି। ସମ୍ପୃକ୍ତ କମ୍ପାନୀ ଏଠାରୁ ବକ୍ସାଇଟ ନେଇ ବିଦେଶକୁ ପଠାଇ ବିପୁଳ ରାଜସ୍ୱ ସଂଗ୍ରହ କରିବ। ଏହି ରାଜସ୍ୱରେ ଆନ୍ଧ୍ରପ୍ରଦେଶ ଅଧିକ ସମ୍ପନ୍ନ ହେବ। ମାତ୍ର ଓଡ଼ିଶା ସରକାର ବକ୍ସାଇଟ୍ ସିଧା ନ ପଠାଇ ଅନ୍ୟ କମ୍ପାନୀକୁ ଦେବା ଦ୍ୱାରା ବିପୁଳ ରାଜସ୍ୱ ହରାଇବ। ଏଠାରୁ ବର୍ତ୍ତମାନ ବକ୍ସାଇଟ ଚାଲାଣ ହେବା ଆରମ୍ଭ ହୋଇଛି। କାହା ସ୍ୱାର୍ଥରେ ଆନ୍ଧ୍ରକୁ ଓଡ଼ିଶାର କମିକୁ ରାଜ୍ୟ ସରକାର ଟେକି ଦେବାକୁ ବସିଛନ୍ତି ବୋଲି ବିଧାୟକ ଦ୍ୱୟ ପ୍ରଶ୍ନ କରିଛନ୍ତି। ଏହି ନିଷ୍ପତ୍ତିକୁ ବିରୋଧ କରି ସେଠାରେ ଗତ ୮ ଦିନ ହେବ ଲୋକେ ଧାରଣାରେ ବସିଛନ୍ତି। ମାତ୍ର ଆନ୍ଦୋଳନରତ ଲୋକଙ୍କୁ ଧମକ ଦିଆଯାଉଛି। ରାଜ୍ୟ ସରକାର ତୁରନ୍ତ ନିଜ ନିଷ୍ପତ୍ତିରୁ ଓହରନ୍ତୁ। କମ୍ପାନୀ ସହ ହୋଇଥିବା ଚୁକ୍ତିକୁ ବାତିଲ୍ କରନ୍ତୁ। ଡବଲ ଇଞ୍ଜିନ ସରକାର ସରକାର ମେକ ଇନ୍ ଓଡ଼ିଶାର କଥା କହୁଛନ୍ତି। ତେଣୁ ଯଦି ପାରୁଛନ୍ତି ଏଠାରେ ସରକାର ଶିଳ୍ପ ପ୍ରତିଷ୍ଠା କରିବା ସହ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ପ୍ରଦାନ କରନ୍ତୁ ବୋଲି ଉଭୟ ବିଧାୟକ ଦାବି କରିଛନ୍ତି।

# କମିଲା ଖଣିଜ ରପ୍ତାନୀ, ଖଣି ରାଜସ୍ୱ

**ଭୁବନେଶ୍ୱର,୨୦।୨(ସମିସ):** ପୂର୍ବ ତୁଳନାରେ ଓଡିଶରରୁ ଖଣିଜ ଦ୍ରବ୍ୟ ରପ୍ତାନୀ ଓ ରାଜଭାଗ ସଂଗ୍ରହ ହ୍ରାସ ପାଇଛି। ରାଜ୍ୟ ଖଣି ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ ୨୦୨୨ ମସିହାରୁ ଖଣିଜ ରପ୍ତାନୀ ଏବଂ ରାଜସ୍ୱ ଆୟରେ ବେଶ୍ ଭଲ ଅଭିବୃଦ୍ଧି ଘଟିଥିବା ବେଳେ ୨୦୨୪-୨୫ରେ ପ୍ରାୟ ୩୦% ହ୍ରାସ ପରିଲକ୍ଷିତ ହୋଇଛି। ବିଧାନସଭାରେ ବିଧାୟକ ପ୍ରଶାନ୍ତ ବେହେରାଙ୍କ ପ୍ରଶ୍ନର ଉତ୍ତରରେ ଇସ୍ପାତ ଓ ଖଣି ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏହି ଉତ୍ତର ରଖିଛନ୍ତି। ଖଣିଜ ସାମଗ୍ରୀ ରପ୍ତାନୀବାବଦ ରାଜସ୍ୱ ରୂପେ ୨୦୨୩-୨୪ରେ ରାଜ୍ୟ ସରକାର ୧୧୩୪ କୋଟି ୮୫ ଲକ୍ଷ ଟଙ୍କା ପାଇଥିଲେ। ତେବେ ଚଳିତ ଆର୍ଥିକ ବର୍ଷରେ ଜାନୁଆରୀ ସୁଦ୍ଧା ୯୦୧ କୋଟି ୫୭ ଲକ୍ଷ ଟଙ୍କା ମିଳିଛି। ସେହିପରି ପୂର୍ବ ଦୁଇ ବର୍ଷ ତୁଳନାରେ ଗାରନେଟ୍, ଲାଇମ୍ ଲାଇଟ୍, ଲୁହାପଥର, ପିରାଫାଇଲାଇଟ ରପ୍ତାନୀ କମିଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

## ଶିଳ୍ପସଂସ୍ଥାକୁ ଶକ୍ତ ଧକ୍କା

# ଅଣଓଡ଼ିଆ ସଂସ୍ଥାକୁ ସରକାରୀ ଲାବୋ୍ରଟୋରୀ

■ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରୁ ମିଳିଲାନି ଉତ୍ତର
■ ଶାଗମାଛ ଦରରେ ସ୍ୱାକ୍ଷର ହେଲା ଚୁକ୍ତି
■ କୋଟିକୋଟି ଟଙ୍କାର ରାଜସ୍ୱହାନୀ ନିଶ୍ଚିତ

**କଟକ, ୧୮।୨ (ସମିସ):** 'ଓଡ଼ିଆ ଅସ୍ମିତା'କୁ ଆଳ କରି ନିର୍ବାଚନୀ ବୈତରଣୀ ପାର୍ ହୋଇଥିବା ଭାରତୀୟ ଜନତା ପାର୍ଟି ସରକାର ଗଠନ ପରେ ଏବେ ଓଡ଼ିଶାବାସୀଙ୍କୁ ଉପେକ୍ଷା କରି ଚାଲିଛି। ଓଡ଼ିଆଙ୍କୁ ଅଗ୍ରାଧିକାର ଦିଆଯିବା ବଦଳରେ ଅଣ-ଓଡ଼ିଆଙ୍କ ପାଇଁ ଖୋଲାଯାଉଛି ରୋଜଗାରର ବାଟ। ଏମ୍ଏସ୍ଏମ୍ଇ ବିଭାଗ ଅଧୀନରେ ରାଜ୍ୟରେ ଥିବା ୬ଟି ସରକାରୀ ଟେଷ୍ଟିଂ ଲାବ୍ରୋଟୋରୀକୁ ପିପିପି ମୋଡ୍‌ରେ ମଧ୍ୟପ୍ରଦେଶ ଏବଂ କର୍ଣ୍ଣାଟକର ଦୁଇସଂସ୍ଥା ହାତକୁ ଟେକି ଦିଆଯାଇଛି। ଚୁକ୍ତି ସ୍ୱାକ୍ଷର ପୂର୍ବରୁ ଡିଇପିଏମ କାର୍ଯ୍ୟାଳୟର ଏଭଳି ନିଷ୍ପତ୍ତିକୁ ବିରୋଧ କରି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଚିଠି ଲେଖାଯାଇଥିଲା। କଟକର କେତେକ ଶିଳ୍ପୋଦ୍ୟୋଗୀ ଚିଠି କରି ଏହାକୁ ବିରୋଧ କରିଥିଲେ। ହେଲେ ଏହାର ଉତ୍ତର ଏଯାବତ୍ ମିଳିପାରିଲା ନାହିଁ। କୋଟିକୋଟି ଟଙ୍କାରେ ତିଆରି ହୋଇଥିବା ଏହି ସରକାରୀ ଲାବ୍ରୋଟୋରୀଗୁଡ଼ିକୁ ଶାଗମଛ ଦରରେ ଅନ୍ୟ ରାଜ୍ୟକୁ ପ୍ରଦାନ କରିବା ବିଜେପିଶାସିତ ରାଜ୍ୟ ସରକାରଙ୍କ ପ୍ରକୃତ ଓଡ଼ିଆ ପ୍ରୀତିକୁ ପଦାରେ ପକାଇଛି।

ରାଜ୍ୟରେ ଯେକୌଣସି ନୂଆ ପ୍ରକଳ୍ପ ଆରମ୍ଭ ହୁଏ, ସେଥିରେ ବ୍ୟବହୃତ ସାମଗ୍ରୀର ମାନ ପରୀକ୍ଷା ପାଇଁ ରାଜ୍ୟରେ ୬ଟି ସରକାରୀ ଟେଷ୍ଟିଂ ଲାବ୍ରୋଟୋରୀ ରହିଛି। କଟକ ନେତାଜୀ ବସ୍ ଟର୍ମିନାଲ, ରାଉରକେଲାର ହକି ଷ୍ଟାଡିୟମ୍, ରାଜ୍ୟର ସମସ୍ତ ସରକାରୀ ମେଡିକାଲ କଲେଜ, ପୂର୍ବତଟ ରେଳବାଇର ନିର୍ମାଣ କାର୍ଯ୍ୟ ବେଳେ ଏହି ଲାବ୍ରୋଟୋରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ଏପରିକି ଗଣଶିକ୍ଷା ବିଭାଗର ବହି, ମେଡିକାଲ ପ୍ରବେଶିକା ପରୀକ୍ଷାର ପ୍ରଶ୍ନପତ୍ରଠାରୁ ଆରମ୍ଭ କରି ନିର୍ବାଚନ କମିଶନଙ୍କ କାଳି ବି ଏଠାରେ ପରୀକ୍ଷା ହୋଇଛି। ୧୯୭୧-୭୨ ମସିହାରେ ରାଜ୍ୟ ସରକାରଙ୍କ ଅଧୀନରେ ୬ଟି ଲାବ୍ରୋଟୋରୀ ପ୍ରତିଷ୍ଠା ହୋଇଥିଲା। କଟକ ସମେତ ରାଉରକେଲା, ଅନୁଗୋଳ, ବାଲେଶ୍ୱର, ବଲାଙ୍ଗୀର ଏବଂ ବ୍ରହ୍ମପୁରରେ ଗୋଟିଏ ଲେଖାଏଁ ଲାବ୍ରୋଟୋରୀ କାର୍ଯ୍ୟ କରୁଛି। ଖୁବ୍ କମ୍ ମୂଲ୍ୟରେ ଏଠାରେ ମାନକ ପରୀକ୍ଷଣ ହୁଏ। ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଶିଳ୍ପଗୁଡ଼ିକୁ ନିଜର ପ୍ରସ୍ତୁତ ପଦାର୍ଥର ମାନ ନିର୍ଦ୍ଧାରଣ କରିବାରେ ବହୁତ ସହଜ ହୁଏ ଏବଂ କମ୍ ଖର୍ଚ୍ଚାନ୍ତ ହେବାକୁ ପଡ଼େ। ଏହାବ୍ୟତୀତ ଓଡ଼ିଶାରେ ଶିଳ୍ପ ପାଇଁ ଅନୂକୂଳ ବାତାବରଣ ତିଆରି କରିବାରେ ଲାବ୍ରୋଟୋରୀଗୁଡ଼ିକ କାର୍ଯ୍ୟ କରେ। ତେବେ ଗତ ଜାନୁୟାରୀ ୩୦ ତାରିଖରେ ଓଡ଼ିଶାର ଏହି ୬ଟି ଯାକ ସରକାରୀ ଲାବ୍ରୋଟୋରୀକୁ ମଧ୍ୟପ୍ରଦେଶର ଚୋକସି ଲାବ୍ରୋଟୋରୀ ଲିମିଟେଡ୍ ଏବଂ କର୍ଣ୍ଣାଟକର ଆଇଏଡିଏଫ୍ଏସି ଲାବ୍ରୋଟୋରୀକୁ ପିପିପି ମୋଡ୍‌ରେ ପ୍ରଦାନ କରାଯାଇଛି। ତେବେ ଯେତିକି ମୂଲ୍ୟରେ ରାଜ୍ୟ ବାହାରର ଏହି ସଂସ୍ଥା ଲାବ୍ରୋଟୋରୀ ପରିଚାଳନା ଦାୟିତ୍ୱ ପାଇଛନ୍ତି, ତାହା ଆଶ୍ଚର୍ଯ୍ୟଜନକ।

ଅନୁଗୋଳ ଲାବ୍ରୋଟୋରୀକୁ ୫ଲକ୍ଷ ୨୦ହଜାର, ବାଲେଶ୍ୱର ଲାବ୍ରୋଟୋରୀକୁ ୪ଲକ୍ଷ ୧ହଜାର, ବ୍ରହ୍ମପୁର ଲାବ୍ରୋଟୋରୀକୁ ୫ଲକ୍ଷ ୨୮ହଜାର, ବଲାଙ୍ଗୀର ଲାବ୍ରୋଟୋରୀକୁ ୪ଲକ୍ଷ ୧୦ହଜାର, ରାଉରକେଲା ଲାବ୍ରୋଟୋରୀକୁ ୧୫ଲକ୍ଷ ୪୪ହଜାର ଏବଂ କଟକ ଲାବ୍ରୋଟୋରୀକୁ ୧୬ଲକ୍ଷ ୨୮ହଜାର ଟଙ୍କାରେ ପ୍ରଦାନ କରାଯାଇଛି। ଉତ୍କର୍ଷ ଓଡ଼ିଶା ସମ୍ମିଳନୀ ଜରିଆରେ ବିଜେପି ସରକାର କୋଟିକୋଟି ଟଙ୍କାର ପୁଞ୍ଜିନିବେଶ କରୁଥିବା ବେଳେ ରାଜ୍ୟର ୬ଟି ସରକାରୀ ଲାବ୍ରୋଟୋରୀକୁ ଘରୋଇକରଣ କରିବା କେତେଦୂର ଯୁକ୍ତିଯୁକ୍ତ, ତାହାକୁ ନେଇ ପ୍ରଶ୍ନ ଉଠିଛି।

ଖୁବ୍ କମ୍ ମୂଲ୍ୟରେ ରାଜ୍ୟ ବାହାରର ଯେଉଁ ସଂସ୍ଥା ଲାବ୍ରୋଟୋରୀ ପରିଚାଳନା ଦାୟିତ୍ୱ ପାଇଛି, ସେଥିରୁ ଓଡ଼ିଶାକୁ କିଛି ମିଳିବ ନାହିଁ। ବରଂ କୋଟିକୋଟି ଟଙ୍କାର ରାଜସ୍ୱହାନି ହେବା ନିଶ୍ଚିତ ବୋଲି କୁହାଯାଇଛି। ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଏହି ପ୍ରସଙ୍ଗରେ କ୍ଷୋଭ ପ୍ରକାଶ କରିବା ସହ କହିଛନ୍ତି କି, ନବୀନ ସରକାର ଯେଉଁ ସବୁ ଉନ୍ନୟନମୂଳକ କାର୍ଯ୍ୟ କରିଥିଲେ ତାହାକୁ ନଷ୍ଟ କରୁଛି ବିଜେପି ସରକାର। ସମସ୍ତ ସରକାରୀ ଲାବ୍ରୋଟୋରୀକୁ ଅଣଓଡ଼ିଆ ସଂସ୍ଥା ହାତକୁ ଟେକି ଦେବା ପରେ ଏବେ କ୍ଷୁଦ୍ର ଶିଳ୍ପ ଉପରେ କୁ-ପ୍ରଭାବ ପଡ଼ିବ। ଘରୋଇ ସଂସ୍ଥାଗୁଡ଼ିକ ପରୀକ୍ଷଣ ମାନ ନିଜେ ନିର୍ଦ୍ଧାରଣ କରିବେ। ମନଇଚ୍ଛା ମୂଲ୍ୟ ଲଗାଇବେ। ପୂର୍ବ ପ୍ରଚଳିତ ସରକାରୀ ପରୀକ୍ଷଣ ମୂଲ୍ୟଠାରୁ ଅଧିକ ଦେୟ ଦେବାକୁ ପଡ଼ିବ। ସରକାରୀ ଲାବ୍ରୋଟୋରୀ ଗୁଡିକରେ ଘରୋଇକରଣ ପ୍ରକ୍ରିୟାକୁ ବନ୍ଦ କରିବା ପାଇଁ ଜୋରଦାର ଦାବି ହେବ ବୋଲି ସେ କହିଛନ୍ତି।

# ବନ୍ଦ ଗ୍ୟାରେଜ୍‌ରୁ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଶବ ଜବତ

**କାମାକ୍ଷାନଗର, ୨୦।୨(ସମିସ):** ତୁମୁସିଙ୍ଗା ଥାନା ଗୁନେଇବିଲି ଗ୍ରାମରେ ଜଣେ ପ୍ରଧାନ ଶିକ୍ଷୟିତ୍ରୀଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଛି। ନିଜ ଘର ସାମ୍ନାରେ ଥିବା ଗ୍ୟାରେଜ୍ ଭିତରେ ତାଙ୍କର ମୃତଦେହ ପଡ଼ିଥିବା ବେଳେ ଘର ବାହାରେ ତାଲା ପଡ଼ିଥିଲା। ସେ ହେଲେ, ତୁମୁସିଙ୍ଗା ଗ୍ରାମ ପଞ୍ଚସଖା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ପ୍ରଭାତୀ ଦେହୁରୀ। ସୂଚନା ଅନୁସାରେ ପ୍ରଭାତୀ ସବୁଦିନ ପରି ରାତିରେ ଖାଇପିଇ ସାରି ଘରେ ନିଜ ପୁଅ, ଝିଅ ଓ ଶ୍ୱଶୁର ଓ ଜଣେ ଦିବ୍ୟାଙ୍ଗ ଦିଅରଙ୍କ ସହ ଘରେ ଶୋଇଥିଲେ। ସକାଳୁ ପ୍ରଭାତୀଙ୍କ ଡ୍ରାଇଭର ଘରକୁ ଆସି ପ୍ରଭାତୀଙ୍କୁ ସ୍କୁଲ ନେବା ପାଇଁ ଡାକିଥଲେ। କିନ୍ତୁ ପରିବାରଲୋକ ପ୍ରଭାତୀଙ୍କୁ ନ ପାଇବାରୁ ଏଣେତେଣେ ଖୋଜାଖୋଜି କରିଥିଲେ। ଶେଷରେ ଘର ସାମ୍ନାରେ ଥିବା ବନ୍ଦ ଗ୍ୟାରେଜ୍ ଘରେ ପ୍ରଭାତୀଙ୍କ ଶବ ପଡ଼ିଥିବା ଦେଖିବାକୁ ପାଇଥିଲେ। ତୁମୁସିଙ୍ଗା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଢେଙ୍କାନାଳ ଜିଲ୍ଲା ସାଇଣ୍ଟିଫିକ୍ ଟିମ୍ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଆରମ୍ଭ କରିଛି। ତେବେ ଯାଞ୍ଚ ପରେ ମୃତ ଶିକ୍ଷୟିତ୍ରୀଙ୍କ ଦୁଇଟି ମୋବାଇଲ ଓ ତାଙ୍କ ଝିଅର ମୋବାଇଲ ଗାଏବ ହୋଇଥିବା ନେଇ ପୁଲିସ ସୂଚନା ପାଇଛି। ଶିକ୍ଷୟିତ୍ରୀଙ୍କ ସୁନାହାର ମଧ୍ୟ ଲୁଟ ହୋଇଥିବା ଜଣାପଡ଼ିଛି। ଏହାକୁ ନେଇ ଘଟଣାରେ ନୂଆ ମୋଡ଼ ସୃଷ୍ଟି ହେଉଥିବା ବେଳେ ପ୍ରଭାତୀ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ ହତ୍ୟା କରାଯାଇଛି, ସେନେଇ ସନ୍ଦେହ ସୃଷ୍ଟି ହୋଇଛି। ଉଲ୍ଲେଖଯୋଗ୍ୟ, ଦୁଇ ବର୍ଷ ତଳେ ପ୍ରଭାତୀଙ୍କ ସ୍ୱାମୀ ପ୍ରାଣ ହରାଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀଜଣଙ୍କ କାମାକ୍ଷାନଗର ବ୍ଲକ୍ ଓଷ୍ଟା ସଙ୍ଘର ସଭାପତି ଥିଲେ।

# ପତ୍ନୀ ହତ୍ୟାକାରୀକୁ ଆଜୀବନ

**ଅନୁଗୋଳ, ୨୦।୨ (ସମିସ):** ଗତ ୨୦୨୦ ମସିହାରେ ନାଲ୍‌କୋ ନଗରରେ ଘଟିଥିବା ଏକ ମହିଳା ହତ୍ୟା ମାମଲାର ଶୁଣାଣି କରି ଅତିରିକ୍ତ ସେସନ ଜଜ୍ ତଥା ସ୍ୱତନ୍ତ୍ର ଜଜ୍ ଭିଜିଲାନ୍ସ ରାଜଲକ୍ଷ୍ମୀ ପଟ୍ଟନାୟକ ଆଜି ଅଭିଯୁକ୍ତ ସ୍ୱାମୀ ସନ୍ଦୀପ ପ୍ରବୋଧ କେରକେଟାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲ୍ ଓ ୫ ହଜାର ଟଙ୍କା ଜରିମାନରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ, ଅଧିକ ୧ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ୨୧ଜଣ ସାକ୍ଷ୍ୟ ପ୍ରମାଣକୁ ଆଧାରରେ କୋର୍ଟ ଏହି ଦଣ୍ଡାଦେଶ ଶୁଣାଇଛନ୍ତି।

ଝାଡ଼ଖଣ୍ଡ ରାଞ୍ଚି ଅଞ୍ଚଳର ସନ୍ଦୀପ ଅନୁଗୋଳ ନାଲ୍‌କୋ ସ୍ମେଲଟର ପ୍ଲାଣ୍ଟରେ ଇଲେକ୍ଟ୍ରିକାଲ ଇଞ୍ଜିନିୟର୍ ଭାବେ କାମ କରୁଥିଲେ। ସେ ଝାଡ଼ଖଣ୍ଡର ନିଲମ ସୁଚୀତା କୁଜୁରଙ୍କୁ ବିବାହ କରିଥିଲେ। ଦୁଇ ଛୁଆଙ୍କୁ ନେଇ ଦମ୍ପତି ନାଲକୋ କ୍ୱାର୍ଟରରେ ରହୁଥିଲେ। ନିଲମ ତାଳଚେର ବ୍ୟାଙ୍କ ଅଫ୍ ଇଣ୍ଡିଆରେ ମ୍ୟାନେଜର ଭାବେ କାର୍ଯ୍ୟରତ ଥିଲେ। ୨୦୨୦ ମସିହା ଜୁଲାଇ ୧୯ ତାରିଖ ରାତିରେ ପାରିବାରିକ କଳହକୁ କେନ୍ଦ୍ର କରି ସନ୍ଦୀପ ପତ୍ନୀ ନିଲମଙ୍କୁ ପ୍ରବଳ ମାଡ଼ ମାରିଥିଲେ। ଏଥିରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ନିଲମଙ୍କ ମୃତ୍ୟୁ ହୋଇଯିବା ଦେଖି ସନ୍ଦୀପ ଏହାକୁ ଆତ୍ମହତ୍ୟାର ରୂପ ଦେବା ପାଇଁ ଚେଷ୍ଟା କରିଥିଲେ। ନିଲମଙ୍କ ହାତକୁ ଧାରୁଆ ଅସ୍ତ୍ରରେ କାଟି ପକାଇ ନାଲ୍‌କୋ ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ନିଲମକୁ ମୃତ ଅବସ୍ଥାରେ ପାଇ ନାଲକୋ ଥାନାକୁ ଖବର ଦେଇଥିଲେ। ସରକାରଙ୍କ ପକ୍ଷରୁ ଆଇନଜୀବୀ ପ୍ରଦୀପ କୁମାର ଦାଶ, ଅତିରିକ୍ତ ପିପି ପ୍ରଦୀପ କୁମାର ଭୁତିଆ ଏବଂ ରଶ୍ମିରେଖା ଦେଓ ଏହି ମାମଲା ପରିଚାଳନା କରୁଥିଲେ।

# ସାନ୍ତାଳୀ ଭାଷାର ଶତ ବାର୍ଷିକୀ ପାଳନ ହେଉ

**ଭୁବନେଶ୍ୱର,୨୦।୨(ସମିସ):** ୨୦୨୫ ମସିହାରେ ସାନ୍ତାଳୀ ଭାଷା ଶହେ ବର୍ଷ ପୂରଣ କରିବାକୁ ଯାଉଛି। ତେଣୁ ରାଜ୍ୟସ୍ତରରେ ଏହାର ଶତବାର୍ଷିକୀ ପାଳନ କରିବାକୁ ବିଧାନସଭାରେ ଦାବି କରିଛନ୍ତି ବିଜେପି ବିଧାୟକ ଭାଦବ ହାଁସଦା। ଗୁରବାର ଶୂନ୍ୟକାଳରେ ଉପରୋକ୍ତ ପ୍ରସଙ୍ଗ ଉଠାଇ ଭାଦବ କହିଛନ୍ତି ଯେ ପଣ୍ଡିତ ରଘୁନାଥ ମୁର୍ମୁ ୧୯୨୫ ମସିହାରେ ସାନ୍ତାଳୀ ଭାଷାର ଉଦ୍ଭାବନ କରିଥିଲେ। ୨୦୦୩ ମସିହାରେ ପୂର୍ବ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ସାନ୍ତାଳୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିଥିଲେ। ୨୦୨୫ ମସିହାରେ ସାନ୍ତାଳୀ ଭାଷା ୧୦୦ ବର୍ଷ ପୂରଣ କରିବାକୁ ଯାଉଛି। ତେଣୁ ଏହାର ରାଜ୍ୟସ୍ତରୀୟ ଶତବାର୍ଷିକୀ ପାଳନ କରାଯାଉ। ସେହିପରି ପ୍ରାଥମିକସ୍ତରରୁ ବିଶ୍ୱ ବିଦ୍ୟାଳୟ ଯାଏଁ ସାନ୍ତାଳୀ ଭାଷାରେ ପାଠପଢା ଆରମ୍ଭ ପାଇଁ ବିଧାୟକ ଦାବି କରିଛନ୍ତି।

■ ତାମିଲନାଡୁରେ ଅଘଟଣ

# ସ୍ୱାମୀ ଓ ଛୁଆ ସମ୍ମୁଖରେ ଓଡ଼ିଆ ଯୁବତୀଙ୍କୁ ଗଣଦୁଷ୍କର୍ମ

■ ବିରୋଧ କରିବାରୁ ହାତଗୋଡ଼ ବାନ୍ଧି ସ୍ୱାମୀଙ୍କୁ ଛୁରାମାଡ଼
■ ୩ଜଣ ବିହାରୀ ଯୁବକଙ୍କୁ ଗିରଫ କଲା ତାମିଲନାଡୁ ପୁଲିସ

**ଭୁବନେଶ୍ୱର,୨୦।୨(ସମିସ):** କାମ ଖୋଜିବାକୁ ତାମିଲନାଡୁ ଯାଇଥିବା ଜଣେ ଓଡ଼ିଆ ଯୁବତୀ ଗଣଦୁଷ୍କର୍ମର ଶିକାର ହୋଇଛନ୍ତି। ସ୍ୱାମୀ ଓ ତିନି ବର୍ଷର ଛୁଆ ସାମନାରେ ୩ ଜଣ ଦୁର୍ବୃର୍ତ୍ତ ସମ୍ପୃକ୍ତ ଯୁବତୀଙ୍କୁ ଗଣଦୁଷ୍କର୍ମ କରିଛନ୍ତି।

ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ କାମଧନ୍ଦା ଅନ୍ୱେଷଣରେ ୩ ବର୍ଷର ଛୁଆକୁ ଧରି ଏକ ଓଡ଼ିଆ ଦମ୍ପତି ତାମିଲନାଡୁ ଯାଇଥିଲେ। ତିରିପୁର ରେଲଷ୍ଟେସନ ନିକଟସ୍ଥ ପୁଷ୍ପା ଜଙ୍କସନରେ ସେମାନେ ଟ୍ରେନ୍ ଅପେକ୍ଷାରେ ବସିଥିଲେ। ସେହି ସମୟରେ ତିନି ଜଣ ଯୁବକ ସେମାନଙ୍କୁ କାମ ଯୋଗାଇଦେବା ପାଇଁ ଡ଼ାକି ନେଇଥିଲେ। ପ୍ରଥମେ ସେମାନେ ଏହି ଓଡ଼ିଆ ଦମ୍ପତିଙ୍କୁ ଲକ୍ଷ୍ମୀ ନଗର ଅଞ୍ଚଳରେ ଥିବା ସେମାନଙ୍କ ଭଡ଼ା ଘରକୁ ଡ଼ାକି ନେଇଥିଲେ। ରାତି ପାହିଲେ ସେମାନଙ୍କୁ ଅନ୍ୟସ୍ଥାନରେ କାମ ଦେବାକୁ ନେଇଯିବେ ବୋଲି କହିଥିଲେ। ସେମାନଙ୍କ କଥାରେ ବିଶ୍ୱାସ କରି ଏହି ଓଡ଼ିଆ ଦମ୍ପତି ସେଠାରେ ରାତ୍ରୀଯାପନ କରିଥିଲେ। ତେବେ ରାତି ଅଧରେ ସମ୍ପୃକ୍ତ ଯୁବକମାନେ ନିଦରେ ଶୋଇଥିବା ଯୁବତୀଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ତାଙ୍କ ଚିତ୍କାର ଶୁଣି ସ୍ୱାମୀ ଓ ଛୁଆ ଉଠିପଡ଼ିଥିଲେ। ଯୁବତୀଙ୍କ ସ୍ୱାମୀ ଏହାର ବିରୋଧ କରିବାରୁ ଦୁର୍ବୃର୍ତ୍ତମାନେ ତାଙ୍କୁ ପ୍ରବଳ ପିଟିବା ସହ ଛୁରୀ ଭୂଷି ଦେଇଥିଲେ। ଏକ ଦଉଡ଼ିରେ ହାତଗୋଡ଼ ବାନ୍ଧି ତାଙ୍କରି ସାମନାରେ ପତ୍ନୀଙ୍କୁ ଗଣଦୁଷ୍କର୍ମ କରିଥିଲେ। ଉଭୟ ବାପା-ମା'ଙ୍କୁ ଏପରି ଅବସ୍ଥାରେ ଦେଖି ପାଟିକରି କାନ୍ଦୁଥିବା ୩ ବର୍ଷର ଛୁଆକୁ ମଧ୍ୟ ସେମାନେ ଛାଡ଼ି ନ ଥିଲେ। ଉପକୁ ଉଠାଇ ତଳେ ଛେଚି ଦେଇଥିଲେ। ଘଟଣା ପ୍ରଘଟ କଲେ କିମ୍ବା ପୁଲିସକୁ ଜଣାଇଲେ ପରିବାରକୁ ସଫା କରିଦେବାର ଧମକ ଦେଇ ସେହି ରାତାରାତି ଘରୁ ବିଦା କରିଦେଇଥିଲେ। ମାତ୍ର ଏହି ଦମ୍ପତି ସାହସ କରି ସ୍ଥାନୀୟ ଲୋକଙ୍କଠାରୁ ଠିକଣା ସଂଗ୍ରହ କରି ତିରୁପୁର ନର୍ଥ ମହିଳା ଥାନାରେ ପହଞ୍ଚି ଘଟଣା ସମ୍ପର୍କରେ ପୁଲିସକୁ ଅବଗତ କରିଥିଲେ। ପୁଲିସ ତତ୍ପରତା ପ୍ରକାଶ କରି ସେହି ଭଡ଼ାଘରୁ ଆସି ପୁଲିସକୁ ସମସ୍ତ ଘଟଣା ଜଣାଇ ଏତଲା ଦେଇଥିଲେ। ପୁଲିସ ଏହାକୁ ଗ୍ରହଣ କରିବା ସହ ତୁରନ୍ତ ସେହି ରାତିରେ ହିଁ ସେହି ଭଡ଼ା ଘରୁ ମହମ୍ମଦ ନଦିମ୍(୨୪), ମହମ୍ମଦ ଡାନିସ୍(୨୫) ଏବଂ ମହମ୍ମଦ ମୁର୍ଶିଥ୍(୨୦) ନାମକ ୩ ଯୁବକଙ୍କୁ ଗିରଫ କରିଛି। ଆହତ ଓଡ଼ିଆ ଦମ୍ପତିଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗତ ନଭେମ୍ବର ମାସରେ ଦିଲ୍ଲୀରେ ମଧ୍ୟ ଜଣେ ଓଡ଼ିଆ ଯୁବତୀ ବଳାତ୍କାରର ଶିକାର ହୋଇଥିଲେ। ସେ ମଧ୍ୟ କାମ ଅନ୍ୱେଷଣରେ ଦିଲ୍ଲୀ ଯାଇଥିବାବେଳେ ଏପରି ଦୁଷ୍କର୍ମର ସମ୍ମୁଖୀନ ହୋଇଥିଲେ।

## ନେପାଳୀ ଛାତ୍ରୀ ଆତ୍ମହତ୍ୟା ମାମଲା

# ଆଉ ୫ଜଣ ଗିରଫ, ରିମାଣ୍ଡରେ ପୁରୁଷ ବନ୍ଧୁ

**ଭୁବନେଶ୍ୱର,୨୦।୨(ସମିସ):** ନେପାଳୀ ଛାତ୍ରୀ ପ୍ରକୃତି ଲମସାଲ ଆତ୍ମହତ୍ୟା ଘଟଣାରେ ଇନ୍‌ଫୋସିଟି ଥାନା ପୁଲିସ ପୁଣି କିଟ୍‌ର ୫ ଜଣ କର୍ମଚାରୀ ଅଜୟ କୁମାର ସ୍ୱାଇଁ, ସରୋଜ କୁମାର ରାଉତରାୟ, ଚନ୍ଦନ କୁମାର ସ୍ୱାଇଁ, ସୁଧାଂଶୁଶେଖର ବେହେରା ଏବଂ ରମାକାନ୍ତ ସେଠୀଙ୍କୁ ଗିରଫ କରିଛି। ସେହିପରି



ଅଭିଯୁକ୍ତଙ୍କର ହେବ ଭଏସ୍ ସ୍ପେକ୍ଟ୍ରୋଗ୍ରାଫି ଟେଷ୍ଟ

ଗିରଫ ହୋଇଥିବା ମୃତ ଛାତ୍ରୀଙ୍କ କଥିତ ପୁରୁଷ ବନ୍ଧୁ ଅଭିକ ଶ୍ରୀବାସ୍ତବକୁ ୩ଦିନିଆ ରିମାଣ୍ଡରେ ନେଇଛି ପୁଲିସ। ପ୍ରକୃତିଙ୍କୁ ନିର୍ଯାତନା ପଛରେ ଅଭିକଙ୍କ ବାସ୍ତବ ଉଦ୍ଦେଶ୍ୟ ଓ ଭାଇରାଲ ହେଉଥିବା ଅଡ଼ିଓର ସତ୍ୟତା ଜାଣିବା ପାଇଁ ତାଙ୍କର ଭଏସ ସ୍ପେକ୍ଟ୍ରୋଗ୍ରାଫି ଟେଷ୍ଟ ପାଇଁ ପୁଲିସ ପ୍ରସ୍ତୁତି ଆରମ୍ଭ କରିଛି। ରାଜ୍ୟ ଫରେନସିକରେ ଏହି ପରୀକ୍ଷା କରାଯିବ ଏବଂ ଯୁବତୀଙ୍କୁ ଦେଇଥିବା ଗାଳି ଗୁଲଜ ଅଡିଓ ସହ ଅଭିକଙ୍କ ସ୍ୱର ମେଳ କରାଯିବ।

ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଗତ ୧୭ ତାରିଖ ୧୧ ଟାରୁ ୧୨.୨୦ ମଧ୍ୟରେ ଛାତ୍ରଛାତ୍ରୀମାନେ ହଷ୍ଟେଲ ତଥା ଶିକ୍ଷାନୁଷ୍ଠାନ ଖାଲି କରୁଥିବା ବେଳେ ଆଜି ଗିରଫ ହୋଇଥିବା ବ୍ୟକ୍ତିମାନେ ସେଠାରେ ପହଞ୍ଚି ଶୀଘ୍ର କ୍ୟାମ୍ପସ ଛାଡ଼ି ଯିବା ପାଇଁ ତାଗିଦ୍ କରିଥିଲେ। ମାତ୍ର ଛାତ୍ରଛାତ୍ରୀମାନେ ହଷ୍ଟେଲ ଖାଲି କରିବାରେ ଟିକେ ବିଳମ୍ବ କରିବାରୁ ସେମାନେ ହଠାତ୍ ଉତ୍ୟକ୍ତ ହୋଇ ସେମାନଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ ସହ ମାରପିଟ କରିଥିଲେ। ଆକ୍ରମଣ ଘଟଣାର ସିସିଟିଭି ଗୁଡିକୁ ପୁଙ୍ଖାନୁପୁଙ୍ଖ ଭାବେ ପରୀକ୍ଷା କରି ପୁଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ ସେମାନଙ୍କୁ କୋର୍ଟ ଚାଲାଣ କରିଛି। ୫ଜଣ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର କରିବା ପରେ ଝାରପଡ଼ା ଜେଲକୁ ପଠାଇ ଦିଆଯାଇଛି।

### କିଟ୍ ପ୍ରତିଷ୍ଠାତା ଅଚ୍ୟୁତ୍ ସାମନ୍ତଙ୍କୁ ନୋଟିସ

**ଭୁବନେଶ୍ୱର, ୨୦।୨(ସମିସ):** କିଟ୍ ବିଶ୍ୱବିଦ୍ୟାଳୟରେ ଛାତ୍ରୀ ଆତ୍ମହତ୍ୟା ପରେ ଉପୁଜିଥିବା ବିବାଦ ଏବଂ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ନିଆଯାଇଥିବା ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ କିଟ୍ ଓ କିସ୍ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ନୋଟିସ୍ କରିଛି ଉଚ୍ଚଶିକ୍ଷା ବିଭାଗ। ଘଟଣାର ଯାଞ୍ଚ ପାଇଁ ଗଠନ ହୋଇଥିବା ଉଚ୍ଚ ସ୍ତରୀୟ କମିଟି ଆଗରେ ଆସନ୍ତାକାଲି ଅର୍ଥାତ ଶୁକ୍ରବାର ସନ୍ଧ୍ୟା ସାଢ଼େ ୬ଟାରେ ହାଜର ହୋଇ ପ୍ରମାଣ ଦାଖଲ କରିବାକୁ ବିଭାଗ ପକ୍ଷରୁ କୁହାଯାଇଛି। ଏନେଇ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ କାଳୀ ପ୍ରସନ୍ନ ମହାପାତ୍ର ଡ. ସାମନ୍ତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।


DSPL - 391

ଅନ୍ତର୍ଜାତୀୟ ମାତୃଭାଷା ଦିବସ ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ଅନ୍ତର୍ଜାତୀୟ ମାତୃଭାଷା ଦିବସ ଅବସରରେ ରାଜ୍ୟବାସୀଙ୍କୁ ମୋର ଅନେକ ଶୁଭେଚ୍ଛା ଓ ଶୁଭକାମନା। ମାତୃଭାଷା ହେଉଛି ଆମ ହୃଦୟର ଭାଷା। ବ୍ୟକ୍ତିତ୍ୱ ଗଠନରେ ମାତୃଭାଷାର ବିଶେଷ ପ୍ରଭାବ ରହିଛି। ଏହା ଆମ ଚିନ୍ତା, ଚେତନା ଓ ଭାବନା ପରିପ୍ରକାଶର ପ୍ରକୃଷ୍ଟ ମାଧ୍ୟମ। ମାତୃଭାଷା କେବଳ ଜାତିର ଭାଷା ଓ ସାହିତ୍ୟକୁ ସମୃଦ୍ଧ କରି ନଥାଏ, ଏହା ଜାତିର ଅସ୍ମିତାକୁ ମଧ୍ୟ ପ୍ରତିଫଳିତ କରେ।

ଆସନ୍ତୁ, ଆଜିର ଏହି ଅନ୍ତର୍ଜାତୀୟ ମାତୃଭାଷା ଦିବସରେ ଆମେ ସମସ୍ତେ ଆମ ମାତୃଭାଷା 'ଓଡ଼ିଆ'ର ଶବ୍ଦ ଭଣ୍ଡାର ଓ ସାହିତ୍ୟକୁ ଆହୁରି ପରିପୁଷ୍ଟ କରିବା ସହ ଏହାକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିବାକୁ ପ୍ରତିଜ୍ଞାବଦ୍ଧ ହେବା।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ବାର୍ତ୍ତା



ଅନ୍ତର୍ଜାତୀୟ ମାତୃଭାଷା ଦିବସରେ ସମସ୍ତ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା। ଓଡ଼ିଆ ସାହିତ୍ୟ ଦୀର୍ଘକାଳ ଧରି ଏକ ସୃଜନଶୀଳ ପରମ୍ପରା ସୃଷ୍ଟି କରି ଆସିଛି। ମାତୃଭାଷାର ବିକାଶ ବିନା କୌଣସି ଜାତିର ଉନ୍ନତି ଅସମ୍ଭବ। ଆମ ସଭିଙ୍କ ପାଇଁ ମାତୃଭାଷା ହେଉଛି ଏକ ମୂଲ୍ୟବାନ ସମ୍ପଦ ମଧ୍ୟରୁ ଗୋଟିଏ। ଏହି ସମ୍ପଦକୁ ସଂରକ୍ଷିତ ରଖି ପରବର୍ତ୍ତୀ ପିଢ଼ି ପାଇଁ ଅଗ୍ରସାରିତ କରିବା ଆମ ସମସ୍ତଙ୍କର ଦାୟିତ୍ୱ।

(ନିତ୍ୟାନନ୍ଦ ଗଣ୍ଡ)
ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଓଡ଼ିଶା

OIPR - 27068/13/0039/2425

## ପୂର୍ବଶତ୍ରୁତାରୁ ଆକ୍ରମଣ: ୩ ଗିରଫ

ବ୍ରହ୍ମପୁର,୨୦ ।୨(ସମିସ): ପାତ୍ରପୁର ଅଗ୍ନିଶମ କେନ୍ଦ୍ର ନିକଟରେ ଜଣେ ଯୁବକକୁ ଧାରୁଆ ଅସ୍ତ୍ରରେ ଆକ୍ରମଣ ଘଟଣାରେ ଜରଡ଼ା ଥାନା ପୁଲିସ ୩ଜଣ ଆକ୍ରମଣକାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ପାତ୍ରପୁର କଂଶାରୀ ସାହିର ଜତିନ ସାହୁ (୨୨), ଖଣ୍ଡିଆ ସାହିର ଶିବଶଙ୍କର ମହାନ୍ତି(୨୩) ଓ ବଡ଼ ବ୍ରାହ୍ମଣସାହିର ରାଜୀବ ପଟ୍ଟନାୟକ(୨୧) । ଏହି ଅଭିଯୁକ୍ତଙ୍କ ନିକଟରୁ ପୁଲିସ ଗୋଟିଏ ଲୁହାରୋଡ଼ ଜବତ କରିଥିବା ଥାନା ଅଧିକାରୀ ଟୁନା ଶାସମଲ ସୂଚନା ଦେଇଛନ୍ତି । ଏହି ଘାଟଣାରେ ଏକାଧିକ ଯୁବକଙ୍କ ସମ୍ପୃକ୍ତି ରହିଛି । ଖୁବଶୀଘ୍ର ସେମାନଙ୍କୁ ବି ଗିରଫ କରାଯିବ ବୋଲି ସେ କହିଛନ୍ତି । ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ସୂଚନାଯୋଗ୍ୟ ଯେ, ପାତ୍ରପୁର ଗ୍ରାମର ସନ୍ତୋଷ କୁମାର ପଣ୍ଡା ଓରଫ ଚିଣ୍ଟୁ ତାଙ୍କର ସହଯୋଗୀ ଜୟନ୍ତୀପୁର ଅଞ୍ଚଳକୁ କୌଣସି କାମରେ ଯାଇଥିଲେ । ସେଠାରୁ କାମ ସାରି ଫେରିବା ବେଳେ ପାତ୍ରପୁର ଅଗ୍ନିଶମ କେନ୍ଦ୍ର ନିକଟରେ ଅଭିଯୁକ୍ତ ଯତିନ, ରାଜୀବ ଓ ଶିବ ଶଙ୍କରଙ୍କ ସମେତ ୭ ଜଣ ଯୁବକ ତାକୁ ଅଟକାଇ ଗାଳି ଗୁଲଜ କରିବା ସହ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ । ଆକ୍ରମଣରେ ଗୁରୁତର ଆହତ ବ୍ରହ୍ମପୁର ଏମକେସିଜି ମେଡ଼ିକାଲରେ ଭର୍ତ୍ତି ହୋଇଥିଲେ । ଏ ନେଇ ସନ୍ତୋଷଙ୍କ ମାଆ କନକ ପଣ୍ଡା ଜରଡ଼ା ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା । ପୂର୍ବ ଶତ୍ରୁତାକୁ ନେଇ ସନ୍ତୋଷକୁ ଅଭିଯୁକ୍ତ ଜତିନ, ରାଜୀବ, ଶିବ ଶଙ୍କର ଓ ତାଙ୍କ ସହଯୋଗୀମାନେ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିବା ଜଣାପଡ଼ିଥିଲା । ଗୁରୁବାର ଜରଡ଼ା ଥାନା ପୁଲିସ ଉପରୋକ୍ତ ୩ଅଭିଯୁକ୍ତଙ୍କୁ ଗିରଫ କରିଛି । ଏଏସଆଇ ତଥା ତଦନ୍ତକାରୀ ସୁରେଶ ଚନ୍ଦ୍ର ମୁର୍ମୁ ବର୍ତ୍ତମାନ ଏହି ଘଟଣାର ତଦନ୍ତ କରୁଛନ୍ତି ।

## ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ଜେଲ୍

ବ୍ରହ୍ମପୁର,୨୦ ।୨(ସମିସ): ଏକ ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାର ବିଚାରଣ କରି ସ୍ୱତନ୍ତ୍ର ପୋକସୋ କୋର୍ଟର ଜଜ୍ ପ୍ରଣତି ପଟ୍ଟନାୟକ ଜଣେ ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଅଭିଯୁକ୍ତ ଜଣଙ୍କ ଛତ୍ରପୁର ଅଞ୍ଚଳର ଜିତେନ୍ଦ୍ର ସେଠୀ(୩୪) । ଜେଲ ଦଣ୍ଡ ସହ ୧୦ହଜାର ଟଙ୍କା ଜରିମାନା ଦେବାକୁ କୋର୍ଟଙ୍କ ନିର୍ଦ୍ଦେଶ ରହିଛି । ଜରିମାନା ଅନାଦେୟ ଅତିରିକ୍ତ ୧୦ମାସ ଜେଲ ଦଣ୍ଡ ଭୋଗିବାକୁ ହେବ ବୋଲି ରାୟରେ ଉଲ୍ଲେଖ ରହିଛି । ସେହିପରି ପିଡିତାଙ୍କୁ ୪ଲକ୍ଷ ଟଙ୍କା ସହାୟତା ଦେବାକୁ କୋର୍ଟ ଡିଏଲଏସଏକୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ ଯେ, କବିସୂର୍ଯ୍ୟନଗର ଥାନା ଅଞ୍ଚଳର ୯ମ ଶ୍ରେଣୀର ଜଣେ ଛାତ୍ରୀ ୨୦୨୦ ଡିସେମ୍ବରରେ ନିଖୋଜ ହୋଇଯାଇଥିଲେ । ଏନେଇ ପରିବାରଲୋକେ ୫ତାରିଖରେ କବିସୂର୍ଯ୍ୟନଗର ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ବେଳେ ଛତ୍ରପୁର ଅଞ୍ଚଳର ଜିତେନ୍ଦ୍ର ସେଠୀ ନାମକ ଜଣେ ବିବାହିତ ପୁରୁଷ ଉକ୍ତ ନାବାଳିକାଙ୍କୁ ଅପହରଣ କରି ନେଇଯାଇଥିବା ଜଣାପଡ଼ିଥିଲା । ଏପରିକି ଅଭିଯୁକ୍ତ ଜିତେନ୍ଦ୍ର ନିଜେ ନିଜ ପତ୍ନୀଙ୍କୁ ଫୋନ କରି ସେ ନାବାଳିକାଙ୍କୁ ଅପହରଣ କରି ଅଞ୍ଚଳ ବାହାରକୁ ଚାଲିଯାଇଥିବା କହିଥିଲା । ଏହାପରେ ପୁଲିସର ଏକ ଟିମ ସେଠାକୁ ଯାଇ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ଜିତେନ୍ଦ୍ରଙ୍କୁ କାବୁ କରିଥିଲା । ଉଭୟଙ୍କ ଡାକ୍ତରୀ ମାଇନା କରାଯାଇଥିଲା । ପିଡିତାଙ୍କ ବୟାନ ଆଧାରରେ ପୁଲିସ ଜିତେନ୍ଦ୍ରଙ୍କୁ ଅପହରଣ ଓ ଦୁଷ୍କର୍ମ ମାମଲା ସହ ମାରପିଟ କରିଥିବା ଅଭିଯୋଗରେ ଗିରଫ କରି କୋର୍ଟଚାଲାଣ କରିଥିଲା । ଗିରଫ ପରଠାରୁ ଜିତେନ୍ଦ୍ର ବ୍ରହ୍ମପୁର ମଣ୍ଡଳ କାରାଗାରରେ ରହୁଥିଲେ । ମାମଲାର ତଦନ୍ତ ଅଧିକାରୀ ଏସଆଇ ପ୍ରଭାତ ସାହୁ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ । ବିଚାରଣ ବେଳେ ମୋଟ ୧୪ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି କୋର୍ଟ ଉପରୋକ୍ତ ରାୟ ଶୁଣାଇଥିଲେ । ରାୟ ପ୍ରକାଶ ବେଳେ ଅଭିଯୁକ୍ତ ଜିତେନ୍ଦ୍ରଙ୍କୁ କୋର୍ଟରେ ହାଜର କରାଯାଇଥିଲା । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ ।

## ଟ୍ରକ୍ ଧକ୍କାରେ ବୃଦ୍ଧ ଗୁରୁତର

ବ୍ରହ୍ମପୁର,୨୦ ।୨(ସମିସ): ସ୍ଥାନୀୟ ପୁରୁଣା ବ୍ରହ୍ମପୁର ମେଣ୍ଟୁ ଛକ ନିକଟରେ ଟ୍ରକ ଧକ୍କାରେ ଜଣେ ବୃଦ୍ଧ ଗୁରୁତର ହୋଇଥିବା ଅଭିଯୋଗ ହୋଇଛି । ଗୁରୁତର ଜଣକ ହେଲେ ଆଇନାବନ୍ଦ ସାହିର ଚିତ୍ରଶିଳ୍ପୀ ବିଜୟ ମହାପାତ୍ର(୬୬) । ସୂଚନାଯୋଗ୍ୟ ଯେ, ଗତ ୧୮ ତାରିଖ ସନ୍ଧ୍ୟା ୫ଟା ବେଳେ ବିଜୟ ମହାପାତ୍ର ଘରକୁ ଫେରୁଥିବା ପୁରୁଣା ବ୍ରହ୍ମପୁର ମେଣ୍ଟୁ ଛକ ନିକଟରେ (ସିଜି୦୪ଏମ ଏ୨୪୯୨) ନଂ ବିଶିଷ୍ଟ ଟ୍ରକ ବିଜୟଙ୍କୁ ପଛପଟୁ ଧକ୍କା ଦେଇଥିଲା । ଫଳରେ ବିଜୟ କଚାଡି ହୋଇ ରାସ୍ତାରେ ପଡିଗଲେ । ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକିତ୍ସା ପାଇଁ ବଡ଼ ମେଡ଼ିକାଲକୁ ପଠାଇଥିଲେ । ଏଠାରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ହେବାରୁ ଭୁବନେଶ୍ୱର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ଏନେଇ ବିଜୟଙ୍କ ସ୍ତ୍ରୀ ପୂର୍ଣ୍ଣବାସୀ ମହାପାତ୍ର ଟ୍ରାଫିକ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରିଥିଲା । ଅନ୍ୟପକ୍ଷରେ ଘଟଣା ବେଳର ଦୃଶ୍ୟ କୌଣସି ଯୁବକ ନିଜ ମୋବାଇଲରେ ରେକର୍ଡ଼ିଂ କରିଥିଲେ । ପରବର୍ତ୍ତୀ ସୋସିଆଲ ମିଡ଼ିଆରେ ସେହି ଭିଡ଼ିଓଟି ଭାଇରାଲ ହୋଇଥିଲା । ପୁଲିସ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଗିରଫ କରାଯାଇଥିବା ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି ।

## ନବନିଯୁକ୍ତି ଶିକ୍ଷକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବ୍ରହ୍ମପୁର,୨୦ ।୨(ସମିସ): କେ.ସି.ବାଳିକା ଉଚ୍ଚ ବିଦ୍ୟାଳୟରେ ଓଡ଼ିଆ ଭାଷା ଆନ୍ଦୋଳନ ଓ ସଂସ୍କାରବାଦୀ ସଂଗଠନ ପକ୍ଷରୁ ସଭାପତି ତ୍ରିନାଥ ମହାରଣାଙ୍କ ଅଧ୍ୟକ୍ଷତାରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି । ଏଥିରେ ବିଦ୍ୟାଳୟରେ ନୂତନ କରି ନିଯୁକ୍ତି ପାଇଥିବା ଶିକ୍ଷକ ପ୍ରଭାତୀ ଗମାଙ୍ଗ, ଦିପ୍ତୀରାଣୀ ସାହୁ, ରଶ୍ମିତା କୁମାରୀ ନାୟକ ଓ ଚନ୍ଦ୍ରମଣି ମଲିକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି । ପ୍ରାରମ୍ଭରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜୁ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ । ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ କେଦାର ନାଥ ଚୌଧୁରୀ, ବିଜୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

**ଟିକସ ଆଦାୟରେ ଅନିୟମିତତା!**

# ରାଜସ୍ୱ କ୍ଷତି ସହୁଛି ବିଇଏମ୍‌ସି

## ଏଣିକି ଟାର୍ଗେଟ ପୂରଣ ନ ହେଲେ କାର୍ଯ୍ୟାନୁଷ୍ଠାନ: ମେୟର୍

ବ୍ରହ୍ମପୁର,୨୦ ।୨(ସମିସ)

ଟିକସ ଆଦାୟ କ୍ଷେତ୍ରରେ ବିଇଏମସିରେ ହେଉଛି ବ୍ୟାପକ ଅନିୟମିତତା ଓ ହେରଫେର । ଯାହା ଫଳରେ ବିଇଏମସିକୁ ବାର୍ଷିକ କୋଟି କୋଟି ଟଙ୍କାର ରାଜସ୍ୱ କ୍ଷତି ସହିବାକୁ ପଡୁଛି । ସହରରେ ବସବାସ କରୁଥିବା ଗୃହ ବାବଦ ଟିକସ ବାର୍ଷିକ ଭାବେ ସଂଗ୍ରହ କରାଯାଉଥିବା ବେଳେ ବ୍ୟବସାୟିକ ଓ ବାସଗୃହ ବାବଦରେ ପୃଥକ ପୃଥକ ଟିକସ ନିର୍ଦ୍ଧାରଣ ହୋଇଥାଏ । ସେହିଭଳି ବ୍ୟବସାୟ କ୍ଷେତ୍ରରେ ଯେକୌଣସି ବ୍ୟବସାୟ ପାଇଁ ସମ୍ପୃକ୍ତ ବ୍ୟବସାୟୀଙ୍କୁ ନିଗମରୁ ଟ୍ରେଡ ଲାଇସେନ୍ସ ନେବାକୁ ହୋଇଥାଏ । ଅନୁରୂପ ଭାବେ ଖାଦ୍ୟ ପଦାର୍ଥ ବିକ୍ରି କରିବାକୁ ହେଲେ ତାହାର ମାନ ନିରୂପଣ ପାଇଁ ମଧ୍ୟ ଫୁଡ ଲାଇସେନ୍ସ ନେବାର ପ୍ରାବଧାନ ରହିଛି । ତେବେ ବ୍ରହ୍ମପୁର ସହରରେ ବିଭିନ୍ନ ଟିକସ ଆଦାୟ ପାଇଁ ନିୟୋଜିତ ବିଲ କଲେକ୍ଟରଙ୍କ କ୍ଷେତ୍ରରେ ମୁହଁଦେଖା କାରବାର ଓ ଅନିୟମିତତା ପରିଲକ୍ଷିତ ହେଉଥିବା ବେଳେ ଅନେକ ଟିକସଦାତା ଟିକସ ଫାଙ୍କୁଥିବାର କେତେକ ନଜିର ମଧ୍ୟ ରହିଛି । ତେବେ ଏଭଳି କ୍ଷେତ୍ରରେ ବିଇଏମସି ପକ୍ଷରୁ ଉଭୟ ଟିକସ ଖିଲାପକାରୀ ଓ ଟିକସ ଆଦାୟକାରୀଙ୍କ

- ବ୍ୟବସାୟିକ କୋଠାକୁ ଦର୍ଶାଯାଉଛି ବାସଗୃହ
- ବିନା ଟ୍ରେଡ୍ ଓ ଫୁଡ୍ ଲାଇସେନ୍ସରେ ଚାଲିଛି ବେପାର
- ଟିକସ ନିର୍ଦ୍ଧାରଣ କରୁଛନ୍ତି ବିଲ୍ କଲେକ୍ଟର

ବିରୁଦ୍ଧରେ କୌଣସି ପ୍ରକାରର ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ । ଯାହାର ସୁଯୋଗରେ ଟିକସ ଆଦାୟକାରୀଙ୍କ ପକେଟ ଗରମ ହେଉଥିବା ବେଳେ ଟିକସଦାତାଙ୍କୁ ନିର୍ଦ୍ଧାରିତ ଟିକସ ଠାରୁ ବହୁ କମ୍ ଟିକସରେ କାମ ଚଳିଯାଉଥିବା ଦେଖିବାକୁ ମିଳୁଛି । ସହରରେ ବହୁ ଅଞ୍ଚଳରେ ବ୍ୟବସାୟୀମାନେ ଟ୍ରେଡ ଲାଇସେନ୍ସ ନ କରି ବ୍ୟବସାୟ କରୁଥିବା ବେଳେ ଫୁଡ ଲାଇସେନ୍ସ ନ କରି ଖାଦ୍ୟସାମଗ୍ରୀ ବିକ୍ରିବଟା କରୁଛନ୍ତି । ସେହିଭଳି ହୋଲ୍ଡିଂ ଟ୍ୟାକ୍ସ କ୍ଷେତ୍ରରେ ମଧ୍ୟ ଅନେକ ଅନିୟମିତତା ଦେଖିବାକୁ ମିଳୁଛି । ବିଲ କଲେକ୍ଟରମାନେ ମବ୍ୟବସାୟିକ ପ୍ରତିଷ୍ଠାନକୁ ବାସଗୃହ ଦର୍ଶାଇ ଟିକସ ଆଦାୟ କରୁଥିବା ବେଳେ ଅନେକ କ୍ଷେତ୍ରରେ ବାସଗୃହ ଗୁଡିକରୁ ମଧ୍ୟ ନିର୍ଦ୍ଧାରିତ ମୂଲ୍ୟ ଠାରୁ ଅତି ନଗଣ୍ୟ ଟିକସ ଆଦାୟ କରୁଥିବା ଅଭିଯୋଗ ହୋଇଛି ।

ଏହାଦ୍ୱାରା ବିଇଏମସିର ରାଜସ୍ୱ ହାନି ହେଉଛି ଏବଂ ଉଭୟ ଟିକସ ଆଦାୟକାରୀ ଓ ଟିକସଦାତା ଲାଭରେ ରହୁଛନ୍ତି ।



ସେହିଭଳି ସହରରେ ବହୁ ବାସଗୃହକୁ ଗୃହମାଲିକମାନେ ହଷ୍ଟେଲକୁ ଭଡ଼ା ସୂତ୍ରରେ ଦେଇ ଅଧିକ ଟଙ୍କା ରୋଜଗାର କରୁଥିଲେ ହେଁ ନିଗମକୁ ଖୁବ୍‌କମ୍ ଟିକସ ପ୍ରଦାନ କରୁଛନ୍ତି । ଏଭଳି ଅଭିଯୋଗ ଆସିବା ପରେ ତୁରନ୍ତ ଟ୍ୟାକ୍ସ ଷ୍ଟାଣ୍ଡିଂ କମିଟିର ବୈଠକ ଡକାଇ ଏନେଇ ବିସ୍ତୃତ ଆଲୋଚନା କରାଯିବ ବୋଲି କହିଛନ୍ତି ବ୍ରହ୍ମପୁର ମେୟର ସଂଘମିତ୍ରା ଦଳାଇ । ସେପଟେ ଏହାର ସ୍ଥାୟୀ ପ୍ରତିକାର ଓ ରାଜସ୍ୱ ବୃଦ୍ଧି ପାଇଁ ଏଣିକି ୱାର୍ଡ ୱାରି ସର୍ଭେ କରି ଟିକସ ଆଦାୟର ସମୀକ୍ଷା କରାଯିବ । ଏବଂ ଟିକସ ଆଦାୟରେ ଅନିୟମିତତା ଓ ହେରଫେର କରୁଥିବା କର୍ମଚାରୀଙ୍କୁ ଟାର୍ଗେଟ ଦିଆଯାଇ ତାହା ପୂରଣ ନ କଲେ କିମ୍ବା ଖିଲାପ କଲେ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ପଷ୍ଟ କରିଛନ୍ତି ମେୟର ଶ୍ରୀମତୀ ଦଳାଇ ।

### ଆଜିଠୁ ଦଶମ ବୋର୍ଡ ପରୀକ୍ଷା

## ଗଞ୍ଜାମ ଜିଲ୍ଲାରେ ୪୨ ହଜାର ଛାତ୍ରଛାତ୍ରୀ

ବ୍ରହ୍ମପୁର,୨୦ ।୨(ସମିସ): ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ୍) ପକ୍ଷରୁ ଶୁକ୍ରବାରଠାରୁ ଦଶମ ପରୀକ୍ଷା ଆରମ୍ଭ ହେବ । ପ୍ରଥମ ଦିନରେ ଛାତ୍ରଛାତ୍ରୀମାନେ ଓଡ଼ିଆ ଭାଷା ପାଠ୍ୟକ୍ରମରେ ପରୀକ୍ଷା ଦେବେ । ପୂର୍ବାହ୍ନ ୯ଘଣ୍ଟ ସମୟରୁ ୧୧ଟା ୩୦ପର୍ଯ୍ୟନ୍ତ ଦଶମ ପରୀକ୍ଷା ଅନୁଷ୍ଠିତ ହେବ । ଏଥିନିମନ୍ତେ ଜିଲ୍ଲାର ସମସ୍ତ ନୋଡ଼ାଲ ସେଣ୍ଟରକୁ ପ୍ରଶ୍ନ ପତ୍ର ପହଞ୍ଚି ସାରିଥିବା ବେଳେ ଶୁକ୍ରବାର ସକାଳ ୭ଟା ୩୦ମିନଟରୁ ୮ଟା ୩୦ସମୟ ମଧ୍ୟରେ ପ୍ରଶ୍ନ ପତ୍ର ପଠାଇବାର ବ୍ୟବସ୍ଥା ରହିଛି । ଜିଲ୍ଲା ଶିକ୍ଷା ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ ପରୀକ୍ଷା ପ୍ରଶ୍ନ ପହଞ୍ଚାଇବେ । ଚଳିତବର୍ଷ ଗଞ୍ଜାମ ଜିଲ୍ଲାର ୬୪୮ଟି ବିଦ୍ୟାଳୟର ୪୩ହଜାର ୩୩ଜଣ ଛାତ୍ରଛାତ୍ରୀ ଦଶମ ପରୀକ୍ଷା ଦେବେ । ସେଥିମଧ୍ୟରୁ ରେଗୁଲାର ୪୨ହଜାର ୮୭୨ ଜଣ ଛାତ୍ରଛାତ୍ରୀ ରହିଥିବା ବେଳେ ଏକ୍ସ ରେଗୁଲାର ନିମନ୍ତେ ୬୧ଜଣ ବିଦ୍ୟାର୍ଥୀ ରହିଛନ୍ତି । ପତ୍ର ବିନିମୟ ପାଠ୍ୟକ୍ରମ ପରୀକ୍ଷା ନିମନ୍ତେ ମୋଟି ୧୦୦ଜଣ ଛାତ୍ରଛାତ୍ରୀ ଫର୍ମପୂରଣ କରିଛନ୍ତି । ସେଥିମଧ୍ୟରୁ ରେଗୁଲାର ୮୬ଛାତ୍ରଛାତ୍ରୀ ରହିଥିବା ବେଳେ ଏକ୍ସ ରେଗୁଲାର ନିମନ୍ତେ ୧୪ଜଣ ବିଦ୍ୟାର୍ଥୀ ରହିଛନ୍ତି । ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ପାଇଁ ମୋଟ ୪୬ଟି ବିଦ୍ୟାଳୟରେ ୮୪୨ଜଣ ଛାତ୍ରଛାତ୍ରୀ ଫର୍ମପୂରଣ କରିଛନ୍ତି । ସେଥିମଧ୍ୟରୁ ରେଗୁଲାର ୬୧୮ଜଣ ଥିବା ବେଳେ ଏକ୍ସ ରେଗୁଲାର ୨୨୪ଜଣ ରହିଛନ୍ତି । ମାଧ୍ୟମ ପରୀକ୍ଷା ନିମନ୍ତେ ମୋଟ ୯ଟି ସ୍କୁଲର ୧୭୦ଟି ଛାତ୍ରଛାତ୍ରୀ ପରୀକ୍ଷା ଦେବେ । ଜିଲ୍ଲାରେ ୧୬ଟି ନୋଡାଲ ସେଣ୍ଟର ରହିଥିବା ବେଳେ ୨୧୭ଟି ପରୀକ୍ଷା କେନ୍ଦ୍ର ରହିଛି ।

ଅନ୍ୟପକ୍ଷରେ ବିଭିନ୍ନ ସରକାରୀ ଅଧିକାରୀଙ୍କୁ ନୋଡାଲ ଅଫିସର ଭାବେ ପରୀକ୍ଷା ପରିଚାଳନା ନିମନ୍ତେ ଦାୟିତ୍ୱ ଦିଆଯାଇଛି । ବୋର୍ଡ ଦ୍ୱାରା ସମସ୍ତ ପରୀକ୍ଷା କେନ୍ଦ୍ରରେ କ୍ୟାମେରା ମାଧ୍ୟମରେ ପରୀକ୍ଷା ପରିଚାଳନା କରାଯିବ । କପି ରୋକିବାକୁ ବିଭିନ୍ନ ଜିଲ୍ଲାର ଜିଲ୍ଲା ଶିକ୍ଷାଧିକାରୀ ଦ୍ୱାରା ସ୍ୱତନ୍ତ୍ର ସ୍କ୍ୱାଡ ଗଠନ କରାଯାଇଛି । ମାର୍ଚ୍ଚ ୬ତାରିଖରେ ଚଳିତ ବର୍ଷର ଦଶମ ପରୀକ୍ଷା ଶେଷ ହେବ ।

## ଗଣବିବାହରେ ଯୋଡ଼ିହେଲେ ୨୪ ଦମ୍ପତି



ବ୍ରହ୍ମପୁର,୨୦ ।୨(ସମିସ): ସ୍ଥାନୀୟ ଗୀତାଭବନରେ ବ୍ରହ୍ମପୁର ସେବା ସଂଗଠନ କାହ୍ନା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଗଣବିବାହ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ବ୍ରହ୍ମପୁର ପୂର୍ବତନ ସାଂସଦ ଚନ୍ଦ୍ର ଶେଖର ସାହୁ, ପୂର୍ବତନ ବିଧାୟକ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, ବିଜେଡି ନେତା ସୁବାଷ ମହାରଣା, ବରିଷ୍ଠ ଆଇନଜୀବୀ ସଞ୍ଜିତ ପାଣିଗ୍ରାହି ପ୍ରମୁଖ ଯୋଗ ଦେଇଥିଲେ । ନବ ବିବାହିତ ଦମ୍ପତ୍ତିଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ । ଏଥିରେ ଜାତି, ଧର୍ମ, ବର୍ଣ୍ଣ, ଜାନି ଯୌତୁକର ଉର୍ଦ୍ଧ୍ୱକୁ ଯାଇ ୮ଜଣ ଦମ୍ପତ୍ତି ବିବାହରେ ସାମିଲ ହୋଇଥିଲେ । ସେମାନଙ୍କ ମଧ୍ୟରୁ ସୋରଡ଼ା ଅଞ୍ଚଳର ଜଣେ ବିଦ୍ୟାଙ୍ଗ ବ୍ୟକ୍ତି ରହିଥିଲେ । ଆୟୋଜିତ ଏହି ବିବାହ ଉତ୍ସବରେ ନବ ବିବାହିତ ଦମ୍ପତ୍ତି ଅଗ୍ନିକୁ ସାକ୍ଷୀ ରଖି ପରସ୍ପରକୁ ସାଥୀ ଭାବେ ବାଛି ନେଇଛନ୍ତି । ଦୁହେଁ ବେଶ ଖୁବ୍ ଖୁସି ଥିବା ବେଳେ ଆଗକୁ ସେମାନଙ୍କ ବୈବାହିକ ଜୀବନ ଖୁସିରେ କଟିବ ବୋଲି ଟ୍ରଷ୍ଟ ପକ୍ଷରୁ ଆଶା ରଖାଯାଥିବା ଟ୍ରଷ୍ଟ ପ୍ରତିଷ୍ଠାତା ରଞ୍ଜନା ମିଶ୍ର କହିଛନ୍ତି । ଗତ ୩ବର୍ଷ ଧରି ପ୍ରୟାସ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇ ଆସୁଥିବା ବେଳେ ଏ ପର୍ଯ୍ୟନ୍ତ ୨୪ ଯୋଡ଼ି ପୁଅ, ଝିଅ ଏଥିରେ ସାମିଲ ହୋଇଛନ୍ତି । କାର୍ଯ୍ୟକ୍ରମରେ ଟ୍ରଷ୍ଟର କୋଷାକ୍ଷ ରବିନନ୍ଦ୍ର ନାଥା ମିଶ୍ର, ସୋନମ ଦାଶ, ପ୍ରିତମ ଚାନ୍ଦ ତ୍ରିପାଠୀ, ବିଶ୍ୱନାଥ ପାତ୍ର, ଆଇନଜୀବୀ ସନ୍ତୋଷ ପାଣିଗ୍ରାହୀ, ଅଲେଖ ପାଳ ତରୁଣ ପାଢ଼ି, ଅଲେଖ ପାଳ, ଆରତୀ ପାଳ, ଅଶୋକ ମହାପାତ୍ର, ସୁଜତା ମହାପାତ୍ର, ରିତାଞ୍ଜଳି ସ୍ୱାଇଁ, ରାଗିଣି ସାହା, ମମତା ବାନାର୍ଜୀ, ତୁସାର ବେଦୀ, ରୋନାଲି ପାଣିଗ୍ରାହି ଓ ସନୋରଞ୍ଜନ ଚୌଧୁରୀଙ୍କ ସମେତ ଅନ୍ୟମାନେ ଉପସ୍ଥିଥିଲେ ।

## ୭ରୁ ମଧ୍ୟାହ୍ନ ଭୋଜନ ପାଚିକାଙ୍କ 'ହାଣ୍ଡିଛାଡ଼'

**୭ ଦଫା ଦାବି ନେଇ ବିଧାନସଭା ଘେରାଓ**

ବ୍ରହ୍ମପୁର,୨୦ ।୨(ସମିସ): ୭ଦଫା ଦାବୀରେ ଆସନ୍ତା ମାର୍ଚ୍ଚ ୭ରେ ବିଧାନସଭା ଘେରିବାକୁ ଯୋଜନା କରିଛି ନିଖିଳ ଓଡିଶା ମଧ୍ୟାହ୍ନଭୋଜନ ପାଚକପାଚିକା ରାଜ୍ୟ ସଂଘ । ଏନେଇ ଆସନ୍ତା ୨୩ ତାରିଖ ରବିବାର ସଂଘ ପକ୍ଷରୁ ଏକ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଡକାଯାଇଥିବା ଜଣାପଡିଛି । ରାଜ୍ୟର ସମସ୍ତ ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଦୀର୍ଘ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ସେବା ଯୋଗାଇ ଆସୁଛନ୍ତି ପାଚକପାଚିକା । ତଥାପି ନିର୍ଦ୍ଧାରିତ ସର୍ବନିମ୍ନ ମଜୁରି ସେ ପୁଣି ସଠିକ ସମୟରେ ପାଇବାରୁ ବଞ୍ଚିତ ହୋଇ ଆସୁଛନ୍ତି । ସଂଘ ପକ୍ଷରୁ ଥିବା ଦାବିଗୁଡିକ ମଧ୍ୟରେ ପାଚିକାଙ୍କୁ ତୁରନ୍ତ ନିଯୁକ୍ତିପତ୍ର ସହ ପରିଚୟ ପତ୍ର ପ୍ରଦାନ, ସରକାରଙ୍କ ଦ୍ୱାରା ଧାର୍ଯ୍ୟ ସର୍ବନିମ୍ନ ମଜୁରୀ ୪୫୨ଟଙ୍କା ହିସାବରେ ମାସିକ ୧୩ହଜାର ୫ଶହ ଟଙ୍କାରୁ ଅଧିକ ପ୍ରଦାନ, ପାଚିକାଙ୍କ ନିଯୁକ୍ତି ଓ କାର୍ଯ୍ୟାନ୍ତର କ୍ଷମତା ବିଦ୍ୟାଳୟ ପରିଚାଳନା କମିଟି ପରିବର୍ତ୍ତେ ସରକାର ନିଜେ ନିୟନ୍ତ୍ରଣ କରିବା, ପାଚିକାଙ୍କ ପାରିଶ୍ରମିକ ସଠିକ ସମୟରେ ପ୍ରଦାନ କରିବା । ୨୦୧୮ରୁ ଘୋଷିତ ମାସିକ ୨ହଜାର ଟଙ୍କା ହିସାବରେ ୩୬ହଜାରରୁ ଅଧିକ ବକେୟା ରାଶିକୁ ତୁରନ୍ତ ପ୍ରଦାନ ଓ ପାଚିକାଙ୍କୁ ୪ର୍ଥ ଶ୍ରେଣୀ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ ଭଳି ପ୍ରମୁଖ ଦାବୀ ଅନ୍ତର୍ଭୁକ୍ତ । ସଂଘର ଏସବୁ ନାର୍ଯ୍ୟ ଦାବିକୁ ନେଇ ଆସନ୍ତା ୨୩ରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ସମ୍ମିଳନୀରେ ବିସ୍ତୃତ ଆଲୋଚନା କରାଯିବ । ପରେ ଆସନ୍ତା ୭ତାରିଖରେ ପ୍ରସ୍ତାବିତ ବିଧାନସଭା ଘେରାଓ କାର୍ଯ୍ୟକ୍ରମକୁ ସଫଳ କରିବା ସହିତ ମଧ୍ୟାହ୍ନଭୋଜନ ଭଳି କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ଅସହଯୋଗ କରି 'ହାଣ୍ଡିଛାଡ ଅଭିଯାନ'ର ରୂପରେଖକୁ ଦିଗ ଦିଆଯିବ ବୋଲି ରାଜ୍ୟ ସଭାପତି ଯୋଗେନ୍ଦ୍ର ସ୍ୱାଇଁ ଆହ୍ୱାନ ଦେଇଛନ୍ତି । ଏଭଳି ପରିସ୍ଥିତିରେ ପାଚିକାମାନଙ୍କ ଉପରେ ଚାପ ସୃଷ୍ଟି କରିବା ତଥା ସେମାନଙ୍କ ଉପରେ ନଜର ରଖିବା ପାଇଁ ମଧ୍ୟାହ୍ନ ଭୋଜନ ଯୋଗାଉଥିବା ସଂସ୍ଥା ଜରିଆରେ ପାଚିକାଙ୍କ କାର୍ଯ୍ୟ ସମ୍ପର୍କିତ ଭିଡିଓ ଓ ଫଟୋ ସଂଗ୍ରହ କରାଯାଉଥିବା ଜଣାପଡିଛି । ଯାହାକୁ ନେଇ ପାଚିକାଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ପ୍ରକାଶ ପାଇଥିବା ଦେଖିବାକୁ ମିଳିଛି ।

## ଇଂରାଜୀ ବିଭାଗରେ ବୃତ୍ତିଗତ କର୍ମଶାଳା

ବ୍ରହ୍ମପୁର,୨୦ ।୨(ସମିସ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗରେ ବୃତ୍ତିଗତ କର୍ମଶାଳା ଅନୁଷ୍ଠିତ ହୋଇଛି । ବିଭାଗ ମୁଖ୍ୟ ତଥା ସ୍ନାତକୋତ୍ତର ପରିଷଦ ସମୂହ ଅଧ୍ୟକ୍ଷା ପ୍ରଫେସର ପଦ୍ମିନୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ରାମନାରାୟଣ ପଣ୍ଡା ଯୋଗଦେଇ ଇଂରାଜୀରେ ସ୍ନାତକୋତ୍ତର ଶିକ୍ଷା ସମାପ୍ତି ପରେ ଛାତ୍ରଛାତ୍ରୀଙ୍କ ନିମନ୍ତେ ଅଧ୍ୟାପନା କ୍ଷେତ୍ରରେ ପର୍ଯ୍ୟାପ୍ତ ସୁଯୋଗ ଥିବା ସମ୍ପର୍କରେ ଅବଗତ କରାଇଥିଲେ । ସମ୍ମାନିତ ଅତିଥି ଭାବରେ ପାରଳା ମହାରାଜା ଯାନ୍ତ୍ରିକ ମହାବିଦ୍ୟାଳୟର ଅଧ୍ୟାପିକା ଡ. ମନିଷା ଛୋଟରାୟ ଯୋଗଦେଇ ଥିଲେ । କାର୍ଯ୍ୟକ୍ରମରେ ବୃତ୍ତିଗତ ପରାମର୍ଶ ବିଶେଷଜ୍ଞ ଭାବରେ ଯୋଗ ଦେଇ ସାମ୍ବାଦିକ ଅଜିତ ପଣ୍ଡା ସମ୍ବାଦପତ୍ର ସମ୍ପାଦନା ଓ ପ୍ରକାଶନ କ୍ଷେତ୍ରରେ ଇଂରାଜୀ ସାହିତ୍ୟର ଉପଯୋଗିତା ଉପରେ ଆଲୋକପାତ କରିଥିଲେ । ଅଧ୍ୟାପିକା ଚିନ୍ମୟୀ ସାହୁ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ପରିଚୟ ପ୍ରଦାନ କରିଥିଲେ । ଅଧ୍ୟାପିକା ଇପ୍ସିତା ରୁଚି, ଅଧ୍ୟାପିକା ନୟନିକା ମହାପାତ୍ର, ଅଧ୍ୟାପିକା ସୁହାସିନୀ ବିଶ୍ୱାଳଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀଙ୍କ ଉପସ୍ଥିତି ଥିଲେ ।

### ୨୪ ଘଣ୍ଟିଆ ବଦଳରେ ମାତ୍ର ଦୁଇ ଓଳି ଜଳଯୋଗାଣ

# ଆଗକୁ ଉତ୍କଟ ଜଳ ସଂକଟ ଆଶଙ୍କା

ବ୍ରହ୍ମପୁର,୨୦ ।୨(ସମିସ)

ଚଳିତ ବର୍ଷ ବର୍ଷାର ପରିମାଣ ଆବଶ୍ୟକତା ଠାରୁ ଯଥେଷ୍ଟ କମ୍ ଥିଲା । ଫଳରେ ବିଭିନ୍ନ ଜଳଭଣ୍ଡାର ଶୁଖିଲା ପଡିଥିଲା । ବର୍ତ୍ତମାନ ଠାରୁ ପ୍ରବଳ ଖରା ଅନୁଭୂତ ହୋଇଥିବା ବେଳେ ଆଗକୁ ସ୍ଥିତି ସଙ୍ଗୀନ ହେବା ନେଇ ପାଣିପାଗ ବିଭାଗ ଆକଳନ କରୁଛି । ବ୍ରହ୍ମପୁର ସହରର ଜଳ ସମସ୍ୟା ଦୀର୍ଘଦିନର । ତେବେ ପୂର୍ବ ସରକାର ଅମଳରେ ଜାନିବିଲି ବୃହତ୍ତ ଜଳ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବା ପରେ ସହରର ଜଳକଷ୍ଟ ବହୁମାତ୍ରାରେ ଦୂର ହୋଇପାରିଥିଲା । ସହରବାସୀ ଜଳକଷ୍ଟରୁ ମୁକ୍ତି ପାଇଥିଲେ । ତେବେ ଚଳିତ ବର୍ଷ ପୁଣି ଜଳକଷ୍ଟ ଦେଖାଦେବାର ଆଶଙ୍କା ସୃଷ୍ଟି ହୋଇଛି । ଏଭଳି ଆଶଙ୍କାକୁ ଅସ୍ୱୀକାର କରିନାହାନ୍ତି ୱାଟକୋ କର୍ତ୍ତୃପକ୍ଷ । ବ୍ରହ୍ମପୁର ସହରକୁ ଦୈନିକ ୮୫ରୁ ୯୦ (ଏମଏଲଡି) ଜଳର ଆବଶ୍ୟକତା ଥିବା ବେଳେ ତାହାକୁ ରଷିକୂଲ୍ୟା ଓ ଜାନିବିଲି

- ସତର୍କତାମୂଳକ ପଦକ୍ଷେପ ଗ୍ରହଣ କଲା 'ୱାଟ୍‌କୋ'
- ଜଳ ଅପଚୟ ନ କରିବାକୁ ଲୋକଙ୍କୁ ପରାମର୍ଶ, ସହଯୋଗ ପାଇଁ କର୍ପୋରେଟରଙ୍କୁ ନିବେଦନ
- ନଳକୂଅ ମରାମତି ସହିତ ଟ୍ୟାଙ୍କର୍ ଯୋଗେ ଜଳଯୋଗାଣ ପାଇଁ ପ୍ରସ୍ତୁତି



ଉତ୍ସରୁ ଯୋଗାଣ କରାଯାଉଛି । ତେବେ ବର୍ଷାର ଅଭାବ ଯୋଗୁଁ ଆଗାମୀ ଦିନରେ ଜଳକଷ୍ଟର ଆଶଙ୍କା କରିଛି ବିଭାଗ । ଏଥିପାଇଁ ୱାଟକୋ ପକ୍ଷରୁ ଆଗୁଆ ପ୍ରସ୍ତୁତି ଆରମ୍ଭ କରାଯାଇଥିବା ଜଣାପଡିଛି । ଉଭୟ ଜଳଉତ୍ସରେ ମରାମତି କାର୍ଯ୍ୟ ସହିତ ସଫେଇ ଓ ଲିକ ବା ଖରାପ ହୋଇଥିବା ଯନ୍ତ୍ରାଂଶର ମରାମତି କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ହାତକୁ ନିଆଯାଇଛି । ଖରାଦିନରେ ବିଦ୍ୟୁତ୍ କାଟ୍‌ର ସମ୍ଭାବନାକୁ ଦୃଷ୍ଟିରେ ରଖି ଯେଭଳି ଜଳଯୋଗାଣରେ ସମସ୍ୟା ସୃଷ୍ଟି ନହୁଏ ସେଥିପାଇଁ ଡିଜି ସେଟ ପ୍ରସ୍ତୁତ ରଖାଯାଇଛି । ସହରରେ ଥିବା ସମସ୍ତ ନଳକୂପ ଓ ଗଭୀର ନଳକୂପଗୁଡିକୁ ମରାମତି କରାଯାଇ ବିକଳ୍ପ ଭାବେ ବ୍ୟବହାର କରିବାକୁ କାର୍ଯ୍ୟକ୍ଷମ କରାଯାଉଛି । ସୋରଡ଼ା ଜଳଭଣ୍ଡାରରେ ଥିବା ଜଳକୁ ଜୁନ ପର୍ଯ୍ୟନ୍ତ ଚଳାଇ ନେବାକୁ ବିଭିନ୍ନ ପଦକ୍ଷେପ ହାତକୁ ନିଆଯାଇଛି । ଏଥିପାଇଁ ବ୍ରହ୍ମପୁର ସହରରେ ୨୪ଘଣ୍ଟିଆ ଜଳ ଯୋଗାଣକୁ କେବଳ ସକାଳ ଓ ସନ୍ଧ୍ୟା ସମୟରେ ଏଭଳି ଦୈନିକ ମାତ୍ର ଦୁଇଥର ମଧ୍ୟରେ ସୀମିତ ରଖାଯାଇଛି । ବ୍ରହ୍ମପୁର ମହାନଗର ନିଗମର ସମସ୍ତ କର୍ପୋରେଟରଙ୍କୁ ଜଳସମସ୍ୟାର ସମାଧାନ ଦିଗରେ ସହଯୋଗ କରିବାକୁ ଯାଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଓ ଜଳ ଅପଚୟକୁ ରୋକିବା ପାଇଁ ନିବେଦନ କରାଯାଇଛି । ସବୁଠାରୁ ବଡକଥା ହେଉଛି ଆଗକୁ ଯଦି ବର୍ଷା ହୁଏ ତେବେ ଜଳଭଣ୍ଡାରର ସ୍ଥିତିରେ ସୁଧାର ଆସିପାରିବ । ନଚେତ ବିକଳ୍ପ ଭାବେ ଭଞ୍ଜନଗର ଓ ହରଭାଙ୍ଗିରୁ ଜଳଯୋଗାଣ ପାଇଁ ଜଳସେଚନ ବିଭାଗ ସହିତ ସମନ୍ୱୟ ରକ୍ଷା କରାଯାଇଥିବା କହିଛନ୍ତି ୱାଟକୋ ମହାପ୍ରବନ୍ଧକ ଇଂ ବିକାଶ ପାଢ଼ୀ । ସେପଟେ ଜଳସଙ୍କଟ ଭଳି ପରିସ୍ଥିତି ସୃଷ୍ଟି ହେଲେ ବିଭାଗ ନିକଟରେ ଥିବା ୭୮ଟି ଟ୍ୟାଙ୍କର ଓ ଆବଶ୍ୟକ ସ୍ଥଳେ ଘରୋଇ ଟ୍ୟାଙ୍କର ନିୟୋଜିତ କରି ୱାର୍ଡ ୱାରି ଲୋକଙ୍କୁ ପାନୀୟଜଳ ଯୋଗାଣ କରିବାକୁ ବିଭାଗ ପ୍ରସ୍ତୁତ ଥିବା କହିଛନ୍ତି ୱାଟକୋ ମହାପ୍ରବନ୍ଧକ ଇଂ ପାଢ଼ୀ ।

**● ହୁଗୁଲାପଟା ସ୍ୱାସ୍ଥ୍ୟକେନ୍ଦ୍ରକୁ ବିଳମ୍ବରେ ଆସିବା ଘଟଣା**

## ମେଡିକାଲ୍ ଅଫିସର୍, କର୍ମଚାରୀଙ୍କୁ କାରଣଦର୍ଶାଅ ନୋଟିସ

ବ୍ରହ୍ମପୁର,୨୦ ।୨(ସମିସ): କୁକୁଡ଼ାଖଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ ଥିବା ହୁଗୁଲାପଟା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର(ନୂତନ)କୁ କର୍ମଚାରୀମାନେ ଘଣ୍ଟା ଘଣ୍ଟା ବିଳମ୍ବରେ ଆସୁଥିବା ଘଟଣା ସମ୍ପର୍କରେ ଖବର ପ୍ରକାଶ ପରେ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି ।

ଏହି ଘଟଣାକୁ ନେଇ ବୁଧବାର ହୁଗୁଲାପଟା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡ଼ିକାଲ ଅଫିସର ଡ଼ା. ଲିପ୍ସା ରାଣୀ ପଣ୍ଡାଙ୍କୁ କାରଣ ଦର୍ଶାଅ ନୋଟିସ ମଗାଯାଇଥିବା କୁକୁଡ଼ାଖଣ୍ଡି ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଅଧୀକ୍ଷକ ଡ଼ା. ସୁମିତ ସାହୁ କହିଛନ୍ତି । ୩ରୁ ୪ଦିନ ମଧ୍ୟରେ ଏହାର ଉତ୍ତର ରଖିବାକୁ ନିର୍ଦ୍ଦେଶ ରହିଛି । ସେହିପରି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆୟୁଷ ଡ଼ାକ୍ତର ସମେତ ଅନ୍ୟାନ୍ୟ କର୍ମଚାରୀ ବିଳମ୍ବରେ ଆସିଥିବା ଘଟଣାକୁ ନେଇ ହୁଗୁଲାପଟା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡ଼ିକାଲ ଅଫିସର ଡ଼ା. ଲିପ୍ସା ରାଣୀ ପଣ୍ଡାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି । ଉକ୍ତ କର୍ମଚାରୀମାନେ ୩ରୁ ୫ଦିନ ମଧ୍ୟରେ ଉତ୍ତର ରଖିବାକୁ ନିର୍ଦ୍ଦେଶ ରହିଥିବା ମେଡ଼ିକାଲ ଅଫିସର ଡ଼ା. ପଣ୍ଡା କହିଛନ୍ତି । ସୂଚନାଯୋଗ୍ୟ ଯେ, ଚଳିତମାସ ୧୮ ତାରିଖରେ ହୁଗୁଲାପଟା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ନୂତନ)କୁ ଆଲୋପାଥି ଡ଼ାକ୍ତର, ଆୟୁଷ ଡ଼ାକ୍ତର, ନିର୍ସିଂ ଅଫିସା, ଏଲଟି ଓ ଆଉସକିପିଂ କର୍ମଚାରୀମାନେ ବିଳମ୍ବରରେ ଆସିଥିଲେ । ସକାଳ ୮ଟା ସମୟ ପରିବର୍ତ୍ତେ ଉକ୍ତ କର୍ମଚାରୀମାନେ ପ୍ରାୟ ସକାଳ ୧୦ଟା ଠାରୁ ୧୦ଟା ୩୦ସମୟ ମଧ୍ୟରେ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସିଥିଲେ । ଫଳରେ ଚିକିତ୍ସା ନିମନ୍ତେ ବହୁ ରୋଗୀ ଡ଼ାକ୍ତରଙ୍କ ଅପେକ୍ଷାରେ ରହିଥିବା ଦେଖିବାକୁ ମିଳିଛି । ଏହାକୁ ନେଇ ଖବର ପ୍ରକାଶ ହୋଇଥିବା ବେବେ ଘଟଣାକୁ କୁକୁଡ଼ାଖଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀକ୍ଷକ ଗୁରୁତ୍ୱର ସହ ଗ୍ରହଣ କରିଥିଲେ । ବିଳମ୍ବରେ ଆସିଥିବା ମେଡ଼ିକାଲ ଅଫିସରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା ।

# ଓମାନରୁ ଉଦ୍ଧାର ହେଲେ ଓଡ଼ିଆ ଶ୍ରମିକ

ଗଞ୍ଜାମ, ୨୦।୨ (ସମିସ): ଗତ ୫ମାସ ହେଲା ଓମାନରେ ଫସି ରହିଥିବା ୪ଓଡ଼ିଆ ଶ୍ରମିକଙ୍କୁ ଜିଲ୍ଲା ପ୍ରଶାସନ ଉଦ୍ଧାର କରିଛି। ଗୁରବାର ସେମାନେ ନିଜ ଭିଟାମାଟିକୁ ଫେରିଛନ୍ତି। ସେମାନେ ହେଲେ, ଗଞ୍ଜାମ ବ୍ଲକ୍ ପୋଇରାଶି ପଞ୍ଚାୟତ ତାରିଣୀପଲ୍ଲୀ ଗ୍ରାମର ବସନ୍ତ ସେଠୀ, ସାନଖେମୁଣ୍ଡି ବ୍ଲକ ଡେଙ୍ଗାଡି ପଞ୍ଚାୟତ ପଥରପୁଞ୍ଜି ଗ୍ରାମର ସାଗର ସ୍ୱାଇଁ ଓ ଯୁଗଳ ପ୍ରଧାନ, ପୋଲସରା ବ୍ଲକ କଣାଛାଇ ହାତୀପଦା ପଲ୍ଲୀ ଗ୍ରାମର ବସନ୍ତ କୁମାର ପରିଡ଼ା।



ପାଖାପାଖି ୫ ମାସ ତଳେ ଏହି ୪ଜଣ ଯାକ ସେଠାକାର ଏକ କମ୍ପାନୀରେ କାମ କରିବା ପାଇଁ ଓମାନ ଯାଇଥିଲେ। କିନ୍ତୁ କମ୍ପାନୀ ମାଲିକ ସେମାନଙ୍କୁ ଦରମା ଦେବା ବଦଳରେ ଅକଥନୀୟ ନିର୍ଯାତନା ଦେଇଥିଲେ। ସେମାନେ ଘରକୁ ଫେରିବାକୁ ଚାହିବାରୁ କମ୍ପାନୀ କର୍ତ୍ତୃପକ୍ଷ ସେମାନଙ୍କ ଭିସା ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିନେଇଥିଲେ। ଏ ସଂପର୍କରେ ବସନ୍ତ ନିଜ ପରିବାରକୁ ଫୋନ ଯୋଗେ ଅବଗତ କରିଥିଲେ। ପରିବାରଲୋକଙ୍କଠାରୁ ଅଭିଯୋଗ ପାଇବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସେମାନଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ୟମ ହୋଇଥିଲା। ସେମାନେ ବାହାରିନରୁ ମୁମ୍ବାଇ ଦେଇ ଭୁବନେଶ୍ୱରରେ ପହଞ୍ଚିବା ପରେ ଆଜି ନିଜ ଭିଟାମାଟିରେ ପହଞ୍ଚିଥିବା ଜଣାଯାଇଛି। ଗଞ୍ଜାମ ଅଞ୍ଚଳର ଯୁବ ସମାଜସେବୀ ନିରାକାର ମହାରଣା ରବୀନ୍ଦ୍ର ସେଠୀ, ଡି. ଦେବହରି ରେଡ୍ଡୀ, ମୋଚିରାମ ବେହେରା ଉଦ୍ଧାର ପ୍ରକ୍ରିୟା ଉଦ୍ୟମରେ ସାମିଲ ରହିଥିଲେ। ଅନ୍ୟପଟେ ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

# ଚିକିତ୍ସା ଅବହେଳାରୁ ରୋଗୀ ମୃତ୍ୟୁ ଅଭିଯୋଗ

ନୀଳଗିରି, ୨୦।୨(ସମିସ): ଚିକିତ୍ସା ଅବହେଳାରୁ ରୋଗୀ ମୃତ୍ୟୁ ଅଭିଯୋଗକୁ କେନ୍ଦ୍ର କରି ଆଜି ନୀଳଗିରି ଉପଖଣ୍ଡ ହସ୍ପିଟାଲ୍‌ରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ହସ୍ପିଟାଲର କର୍ମଚାରୀ ଏବଂ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଉତ୍ତ୍ୟକ୍ତ ଲୋକେ ହସ୍ପିଟାଲରେ ହୋହଲ୍ଲା କରିବା ସହ ରାସ୍ତାରୋକ କରିଥିଲେ। ତେବେ ନୀଳଗିରି ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବାରୁ ପରିସ୍ଥିତି ସ୍ୱାଭାବିକ




**ହସ୍ପିଟାଲ ପରିସରରେ ଉତ୍ତେଜନା, ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକ**

ହୋଇଥିଲା। ମୃତ ଯୁବକଜଣଙ୍କ ହେଲେ, ରେମୁଣା ଭୀମପୁରା ଅଞ୍ଚଳର ନରେନ୍ଦ୍ର ବିଶ୍ୱାଳଙ୍କ ପୁଅ ନୀହାର ରଞ୍ଜନ ବିଶ୍ୱାଳ(୨୮)। ପୁଲିସ୍ ତାଙ୍କ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାନୁଯାୟୀ, ନୀହାର ନୀଳଗିରି ଅଞ୍ଚଳରେ ଥିବା ଏକ ଫାଇନାନ୍ସ କମ୍ପାନୀରେ କାମ କରୁଥିବାରୁ ସେଠାରେ ଏକ ଘର ଭଡ଼ାରେ ନେଇ ରହୁଥିଲେ। ବୁଧବାର ରାତି ପ୍ରାୟ ୩ଟାରେ ତାଙ୍କ ଛାତିରେ ପ୍ରବଳ ଯନ୍ତ୍ରଣା ହେବାରୁ ରୁମ୍‌ରେ ରହୁଥିବା ତାଙ୍କର ଜଣେ ସାଙ୍ଗ ତାଙ୍କୁ ନୀଳଗିରି ଉପଖଣ୍ଡ ହସ୍ପିଟାଲ୍‌ରେ ଭର୍ତ୍ତି କରାଇଥିଲେ। ଖବର ପାଇ ପରିବାରଲୋକ ମଧ୍ୟ ହସ୍ପିଟାଲରେ ପହଞ୍ଚିଥିଲେ। ତେବେ ନୀହାରଙ୍କ ଛାତି ଯନ୍ତ୍ରଣା କମିବା ବଦଳରେ ବଢ଼ିବାରୁ ପରିବାରଲୋକ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିବା ପାଇଁ ବାରମ୍ବାର ଅନୁରୋଧ କରିଥିଲେ। କିନ୍ତୁ ଉପସ୍ଥିତ କର୍ମଚାରୀମାନେ ତାହା କରାଇଦେଇ ନଥିଲେ। ଡାକ୍ତର ଆସିଲେ ସ୍ଥାନାନ୍ତର କରାଯିବ ବୋଲି କହିଥିଲେ। ତେବେ ଗୁରୁବାର ସକାଳ ପ୍ରାୟ ୯ଟାରେ ନୀହାରଙ୍କ ସେଠାରେ ମୃତ୍ୟୁ ହୋଇଯାଇଥିଲା। ତେଣୁ ଚିକିତ୍ସା ଅବହେଳାରୁ ନୀହାରଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରି ତାଙ୍କ ପରିବାର ଏବଂ ସାଙ୍ଗସାଥୀମାନେ ନୀଳଗିରି-ମିତ୍ରପୁର ରାସ୍ତାକୁ ହସ୍ପିଟାଲ୍ ଛକଠାରେ ଅବରୋଧ କରିଥିଲେ।

■ ଆଗୁଆ ଜାମିନ ଆବେଦନ ପ୍ରସଙ୍ଗ

# କେନ୍ଦ୍ରାପଡ଼ା ଏସ୍‌ପିଙ୍କୁ ବ୍ୟକ୍ତିଗତ ହାଜର ନିର୍ଦ୍ଦେଶ

କଟକ, ୨୦।୨ (ସମିସ): ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ କେନ୍ଦ୍ରାପଡ଼ା ସଦର ଥାନା ପୁଲିସ୍ ପୀଡ଼ିତାର ୧୬୪ ଧାରାରେ ରେକର୍ଡ ହୋଇଥିବା ବୟାନର ନଥିପତ୍ର କମ୍ବା ସିଡି ଅଦାଲତରେ ଦାଖଲ କରୁନି। ତାରିଖ ପରେ ତାରିଖ ଗଡ଼ାଇ ଚାଲିଛି ପୁଲିସ୍। ତେବେ ବାରମ୍ବାର ଟାଇମ୍ ପିଟିସନ୍ ଦାଖଲକୁ ନେଇ ଆଜି ହାଇକୋର୍ଟ ବିରକ୍ତି ପ୍ରକାଶ କରିଛନ୍ତି। ଏକ ଆଗୁଆ ଜାମିନ ଆବେଦନର ଶୁଣାଣି ବେଳେ ହାଇକୋର୍ଟ ବିଚାରପତି

**ସିଡି ଦାଖଲ କରୁନି ପୁଲିସ୍, ହାଇକୋର୍ଟ କ୍ଷୁବ୍ଧ**

ଭି ନରସିଂହଙ୍କ ନଜରକୁ ଏହା ଆସିଥିବା ବେଳେ ଏ ସଂକ୍ରାନ୍ତରେ ବ୍ୟକ୍ତିଗତ ଭାବେ ହାଜର ହୋଇ କେନ୍ଦ୍ରାପଡ଼ା ଏସପି ଜବାବ୍ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୨୫ତାରିଖରେ କେନ୍ଦ୍ରାପଡ଼ା ଏସ୍‌ପି ବ୍ୟକ୍ତିଗତ ଭାବେ ଅଦାଲତରେ ଆବଶ୍ୟକ ନଥିପତ୍ର ସହ ହାଜର ହେବେ ବୋଲି ଅଦାଲତ ଆଦେଶରେ ସ୍ପଷ୍ଟ କରିଛନ୍ତି।

ମାମଲାରୁ ଜଣାଯାଇଛି ଯେ କେନ୍ଦ୍ରାପଡ଼ା ସଦର ଅଞ୍ଚଳର ଜଣେ ବିବାହିତ ମହିଳା ତାଙ୍କ ଶଶୁର ଉତ୍ତମ ଚରଣ ରାଉତଙ୍କ ନାମରେ ଦୁଷ୍କର୍ମ ଅଭିଯୋଗ ଆଣି ଥାନାରେ ଏତଲା ଦେଇଥିଲେ। ଗିରଫଦାରୀକୁ ଏଡ଼ାଇବା ପାଇଁ ଉତ୍ତମ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ।

**ମାଟିଛନ୍ତି ମାଫିଆ**

# ମରିଯିବ ଋଷିକୂଲ୍ୟା !

ଧରାକୋଟ,୨୦।୨(ସମିସ): ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ଗଞ୍ଜାମ ଜିଲ୍ଲାର ଜୀବନରେଖା କୁହାଯାଉଥିବା ଋଷିକୂଲ୍ୟା ନଦୀ ଏବେ ମୃତ୍ୟୁ ସହ ସଂଘର୍ଷ କରୁଛି। ବର୍ତ୍ତମାନ ଫଗୁଣ ଆରମ୍ଭ ହୋଇଥିବା ବେଳେ ଜଳ ବିନା ଚିରସ୍ରୋତା ଋଷିକୂଲ୍ୟାର ସ୍ଥିତି ସଙ୍ଗୀନ ହୋଇପଡ଼ିଲାଣି। ପୂରା ନଦୀ ଶଯ୍ୟା ଶୁଖିଲା

■ ଫଗୁଣରେ ସ୍ଥିତି ଦୟନୀୟ
■ ବାଲି ଚୋରଚାଲାଣ ପାଇଁ ବଦଳୁଛି ନଦୀ ଗତିପଥ
■ ଶୁଖିଗଲାଣି ଆଖପାଖ କୂଅ, ପୋଖରୀ

ପଡ଼ିଥିବା ବେଳେ ନାଳ ଆକାରରେ କାଁ ଭାଁ ପାଣି ପ୍ରବାହିତ ହେଉଛି। ଆଗକୁ ଚୈତ୍ର-ବୈଶାଖ ବେଳକୁ ସ୍ଥିତି ଆହୁରି ଭୟଙ୍କର ହୋଇପଡ଼ିବ ବୋଲି ଏବେଠୁ ଚିତ୍ର ଜଳଜଳ ଦିଶିଲାଣି। ଅପରପକ୍ଷେ, ନଦୀ ଶୁଖିଯିବା ଫଳରେ ଆଖପାଖ ଅଞ୍ଚଳର ବନ୍ଧ, କୂଅ, ପୋଖରୀ, ଝରଣା ଓ ଗାଡ଼ିଆ ମଧ୍ୟ ଶୁଖିବାକୁ ବସିଲାଣି। ଏହାକୁ ନେଇ ନଦୀକୂଳିଆ ଗାଁ ଲୋକଙ୍କ ମଧ୍ୟରେ ଭାଳେଣି ଦେଖାଦେଲାଣି।



ନଦୀର ଏପରି ଅବସ୍ଥାକୁ ନେଇ ପରିବେଶବିତ୍‌ମାନେ ଏକାଧିକ କାରଣକୁ ଦାୟୀ କରିଛନ୍ତି। ଗତ କିଛି ବର୍ଷ ହେଲା ବିଳମ୍ବରେ ମୌସୁମୀ ଆସିବା ଭଳି ପ୍ରାକୃତିକ ଘଟଣାକୁ ଛାଡ଼ିଦେଲେ, ମନୁଷ୍ୟକୃତ ତ୍ରୁଟିକୁ ସେମାନେ ବେଶି ଦାୟୀ କରିଛନ୍ତି। ସ୍ୱଳ୍ପବର୍ଷା ଯୋଗୁଁ ଋଷିକୂଲ୍ୟା ନିଜର ସ୍ଥିତାବସ୍ଥା ପାଇଁ ସଂଗ୍ରାମ ଜାରି ରଖିଥିବା ବେଳେ ବାଲି ମାଫିଆମାନେ ନଦୀର ବୁକୁ ଚିରି ଆବଶ୍ୟକତାଠାରୁ ଅଧିକ ବାଲି ଚୋରାରେ ଚାଲାଣ କରୁଛନ୍ତି। ଏଥିଯୋଗୁଁ ନଦୀର ଗତିପଥ ପରିବର୍ତ୍ତନ ସହ ସ୍ଥିତି ହଜିବା ପରି ମନେ ହେଲାଣି। ନଦୀ ପାଇଁ ଅନ୍ୟ ଏକ ବିପଦ ହେଉଛି କାଶତଣ୍ଡୀ। ୧୯୯୦ ମସିହା ବନ୍ୟା ପରେ ନଦୀ ଗର୍ଭରେ କାଶତଣ୍ଡୀ କାୟାବିସ୍ତାର କରି ଏକ ଚାଦରର ଆସ୍ତରଣ ଜମାଇଲାଣି। ଏଣୁ ନଦୀଗର୍ଭ ମାଟିରେ ପରିପୂର୍ଣ୍ଣ ହୋଇ ରହିଥିବା ଯୋଗୁଁ ବର୍ଷା ଦିନେ ନଦୀ ଗର୍ଭରେ ପାଣି ପ୍ରବାହିତ ନ ହୋଇ ସାମାନ୍ୟ ବର୍ଷା ହେଲେ ଦୁଇ କୂଳକୁ ମାଡ଼ିଯାଉଛି। ଏଣୁ ନଈକୂଳିଆ ଲୋକେ ଭୟରେ ଜୀବନ ଅତିବାହିତ କରୁଛନ୍ତି। ଅପରପକ୍ଷେ, ମୌସୁମୀ ପ୍ରବାହାରେ ଅନିୟମିତତା ଯୋଗୁଁ ଠିକ ସମୟରେ ବର୍ଷା ହେଉନାହିଁ। ଗତ ୩ ବର୍ଷ ହେଲା, କମ୍ ପରିମାଣର ବର୍ଷା ଯୋଗୁଁ ଭୂତଳ ଜଳସ୍ତର ମଧ୍ୟ ନିମ୍ନଗାମୀ ହେବାରେ ଲାଗିଛି।

ଏସବୁକୁ ବାଦ୍ ଦେଲେ, ଏହା ମଧ୍ୟରେ ଜଳସେଚନ ବିଭାଗ ପକ୍ଷରୁ ସୋରଡ଼ା ବ୍ଲକର ପିପଲପଙ୍କା ଓ ଧରାକୋଟ ବ୍ଲକର ଜାନବିଲିଠାରେ ନଦୀ ଅବବାହିକାରେ ଦୁଇଟି ବ୍ୟାରେଜ୍ ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଛି। ଏହାକୁ ନେଇ ପରିବେଶବିତ୍‌ମାନେ ଚିନ୍ତା ପ୍ରକଟ କରି ଆନ୍ଦୋଳନ ପାଇଁ ପ୍ରସ୍ତୁତି ଆରମ୍ଭ କଲେଣି। ଗୋଟିଏପଟେ ଶୁଖିଯାଉଥିବା ନଦୀଜଳ ଅଞ୍ଚଳବାସୀଙ୍କ ମଧ୍ୟରେ ଚିନ୍ତା ବଢ଼ାଉଥିବା ବେଳେ ଅନ୍ୟପଟେ ସରକାରଙ୍କ ପ୍ରସ୍ତାବିତ ବ୍ୟାରେଜ ନିର୍ମାଣ ସ୍ଥିତି ଆହୁରି ଭୟଙ୍କର କରିବ ବୋଲି ସେମାନେ କହିଛନ୍ତି।

ସୂଚନାଯୋଗ୍ୟ, ଋଷିକୂଲ୍ୟା କନ୍ଧମାଳ ଜିଲ୍ଲାର ଋଷିମାଳ ପର୍ବତରୁ ବାହାରି ଗଞ୍ଜାମ ଜିଲ୍ଲାର ସୋରଡ଼ା, ଧରାକୋଟ, ଆସିକା, ହିଞ୍ଜିଳି, ଛତ୍ରପୁର, ପୁରୁଷୋତ୍ତମପୁର ଓ ଗଞ୍ଜାମ ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ପ୍ରବାହିତ ହୋଇ ବଙ୍ଗୋପସାଗରରେ ମିଶିଛି। ଏହାର ଜଳରେ ଜିଲ୍ଲାର ବିଭିନ୍ନ ଅଞ୍ଚଳର ଚାଷୀ ଖରିଫ, ରବି ଋତୁରେ ଧାନ ଫସଲ ଠାରୁ ପନିପରିବା ଫସଲ କରି ବେଶ ଲାଭବାନ ହେଉଥିବା ବେଳେ ଗାଁ ଗାଁରେ ପିଇବା ପାଣି ବିଶେଷ କରି ବୃହତ୍ ବ୍ରହ୍ମପୁର ସହରର ପିଇବା ପାଣି ମଧ୍ୟ ଋଷିକୂଲ୍ୟା ବକ୍ଷର ଜାନବିଲିଠାରୁ ସଂଗୃହୀତ ହେଉଛି। ଅନ୍ୟପକ୍ଷରେ ବିଭିନ୍ନ ବ୍ଲକର ଛୋଟ ବଡ଼ ଶିଳ୍ପ ସଂସ୍ଥା ମଧ୍ୟ ଏହି ନଦୀର ପାଣିକୁ ଉପଯୋଗ କରୁଛନ୍ତି। ସେହିପରି ନଦୀ ଗର୍ଭରୁ ବେଆଇନ ଭାବେ ମାଟି ଚୋରାରେ ଖନନ କରି ପୋଡ଼ାଇଟା ଭାଟି ମାଲିକମାନେ ଲକ୍ଷ ଲକ୍ଷ ମାଟି ଇଟା ପ୍ରସ୍ତୁତ କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି।

# ବିଭିନ୍ନ ସ୍ଥାନରେ ଘଡ଼ଘଡ଼ି ବର୍ଷା

ଭୁବନେଶ୍ୱର,୨୦।୨(ସମିସ): ଗତ ୨ ଦିନ ହେବ ରାଜ୍ୟର ବିଭିନ୍ନ ସ୍ଥାନରେ ଜାରି ରହିଛି ଘଡ଼ଘଡ଼ି ସହ ବର୍ଷା ଓ ବିଜୁଳି। ଦିନ ବେଳା ଟାଣ ଖରା ରହୁଥିଲେ ମଧ୍ୟ ଅପରାହ୍ଣ ପରେ ପାଗରେ ପରିବର୍ତ୍ତନ ସହ ବିଜୁଳି ଘଡ଼ଘଡ଼ି ସାଙ୍ଗକୁ ବର୍ଷା ହେଉଛି। ଖୋର୍ଦ୍ଧା ଜିଲ୍ଲାରେ ବଜ୍ରାଘାତରେ ଜଣେ

■ କଟକ, ବାଲେଶ୍ୱର, ଯାଜପୁରରେ ଝଡ଼ବର୍ଷା
■ ବଜ୍ରାଘାତରେ ବୃଦ୍ଧା ଗୁରୁତର, ୬ ଛେଳି ମୃତ


କେନ୍ଦୁଝର ଜିଲ୍ଲାର ଶାମୁକାନେଣ୍ଡି ପଞ୍ଚାୟତରେ ଆଜବେଷ୍ଟସ ଘର ଭାଙ୍ଗିଯାଇ ଜଣେ ମହିଳା ଆହତ ହୋଇଛନ୍ତି

ବୃଦ୍ଧା ଗୁରୁତର ହୋଇଛନ୍ତି ଓ ଜଣେ ବ୍ୟକ୍ତିଙ୍କର ୬ଟି ଛେଳି ମରିଛନ୍ତି। ଅନୁରୂପ ଭାବରେ ଉପକୂଳ ଓ କେନ୍ଦ୍ର ଓଡ଼ିଶାରେ ଗତକାଲି ଓ ଆଜି ବିଭିନ୍ନ ସ୍ଥାନରେ ବର୍ଷା ସହ କୁଆପଥର ମାଡ଼ ହୋଇଛି। ଏହି ସ୍ଥିତି ଆହୁରି ୩ ଦିନ ପର୍ଯ୍ୟନ୍ତ ଜାରି ରହିବା ସହ ଏହି ସମୟରେ ଅନେକ ସ୍ଥାନରେ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଶୁକ୍ରବାର ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ରହିଛି। ସେହିପରି ଶନିବାର ଓ ରବିବାର ପୁଣି ଥରେ ଏହାର ପ୍ରଭାବ ବୃଦ୍ଧି ପାଇବ। ଶନିବାର ମୟୂରଭଞ୍ଜ, କେନ୍ଦୁଝର ଓ ଭଦ୍ରକରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ସାଙ୍ଗକୁ ପବନର ବେଗ ୪୦-୫୦ କିମି ରହିବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଛି। ସେହିପରି ବାଲେଶ୍ୱର, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ, ଢେଙ୍କାନାଳ, ଅନୁଗୁଳ, ଦେବଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ବରଗଡ଼ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ରହିଛି। ଏହି ଜିଲ୍ଲାଗୁଡ଼ିକରେ ୩୦-୪୦ କିମି ପର୍ଯ୍ୟନ୍ତ ପବନ ବହିବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ସମ୍ପ୍ରତି ଗାଙ୍ଗେୟ ଉପତ୍ୟାକାରୁ ତେଲେଙ୍ଗାନା ପର୍ଯ୍ୟନ୍ତ ଏକ ନିମ୍ନ ଚାପରେଖା ରହିଛି। ଏହା ପ୍ରଭାବରେ ବର୍ଷା ପାଇଁ ପାଗ ଅନୁକୂଳ ରହୁଛି। ତେଣୁ ସକାଳେ ଖରା ଗରମ ଅନୁଭୂତ ହେଉଥିବା ବେଳେ ଅପରାହ୍ଣରୁ ବିଜୁଳି ଘଡ ଘଡି ସହ ବର୍ଷା ହେଉଛି। ଗତ ୨୪ ଘଣ୍ଟାରେ କିଛି କିଛି ସ୍ଥାନରେ ବର୍ଷା ହୋଇଥିବାବେଳେ କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇରେ ସର୍ବାଧିକ ବର୍ଷା ୫୪ ମିଲିମିଟର ବର୍ଷା ରେକର୍ଡ ହୋଇଛି। ସେହିପରି ଚାନ୍ଦବାଲିରେ ୧୮ ମିମି ବର୍ଷା ହୋଇଥିବା ବେଳେ ଭଦ୍ରକ ଓ ଯାଜପୁରରେ ୧୨ ମିମି ଲେଖାଏଁ ବର୍ଷା ରେକର୍ଡ ହୋଇଛି।

# ଶ୍ରୀଲୋକନାଥ ପୀଠରେ ରାତି ୩ଟାରେ ଉଠିବ ମହାଦୀପ

ପୁରୀ, ୨୦।୨(ସମିସ): ଆସନ୍ତା ୨୬ତାରିଖରେ ମହାଶିବରାତ୍ରି। ଲୋକନାଥ ପୀଠରେ ପ୍ରଭୁ ଲୋକନାଥଦେବଙ୍କ ଜାଗର ଯାତ୍ରାକୁ ସୁଚାରୁରୂପେ ପରିଚାଳନା ପାଇଁ ଗୁରୁବାର ସର୍କିଟ୍ ହାଉସ୍ ସମ୍ମିଳନୀ ଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ ଚଳିତ ଜାଗର ଯାତ୍ରାକୁ ଶୃଙ୍ଖଳିତ ଭାବେ ପରିଚାଳନା ପାଇଁ ସମସ୍ତଙ୍କୁ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ।

ଆସନ୍ତା ୨୪ ତାରିଖରେ ହେବାକୁ ଥିବା ପଙ୍କୋଦ୍ଧାର ଏକାଦଶୀ ଓ ୨୬ ତାରିଖରେ ହେବାକୁ ଥିବା ଜାଗର ଯାତ୍ରାର ନୀତିକାନ୍ତି, ସମୟ ନିର୍ଘଣ୍ଟର ସୂଚନା ଦିଆଯିବା ସହ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ଉପଜିଲ୍ଲାପାଳ ରାଜକିଶୋର ଜେନା ସମସ୍ତଙ୍କୁ ସ୍ୱାଗତ କରିବା ସହ ନିର୍ଦ୍ଧାରିତ ହୋଇଥିବା ନୀତି ସମ୍ପର୍କରେ ସୂଚନା ଦେଇଥିଲେ। ୨୬ ତାରିଖ ଜାଗରଯାତ୍ରା ପୂର୍ବ ରାତ୍ର ସାଢ଼େ ୧୨ଟାରୁ ଦ୍ୱାରଫିଟା, ରାତି ୧ରୁ ୪ଟା ମଧ୍ୟରେ ମଙ୍ଗଳ ଆଳତି, ଅବକାଶ, ସୂର୍ଯ୍ୟପୂଜା, ଭୋର ୪ଟାରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ, ରାତି ୧୦ରୁ ୨ଟା ପର୍ଯ୍ୟନ୍ତ ବିଭିନ୍ନ ନୀତି, ରାତି ୨ରୁ ୩ ଘଟିକା ପର୍ଯ୍ୟନ୍ତ ହରିହର ପୂଜା, ଭୋଗସମ୍ପନ୍ନ, ବଡ଼ ସିଂହାର ବେଶ ଓ ମହଦୀପ ପ୍ରଜ୍ୱଳନର କାର୍ଯ୍ୟକ୍ରମ ରହିଛି।

ବୈଠକରେ ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ରୂପଭାନୁ ମିଶ୍ର, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ବିଭିନ୍ନ ବିଭାଗର ଅଧିକାରୀ, ଆରକ୍ଷୀ ଅଧିକାରୀ, ବିଭିନ୍ନ ସେବାୟତ ନିଯୋଗର ସଭାପତି, ସମ୍ପାଦକ ଓ ପ୍ରତିନିଧି, ପଙ୍କୋଦ୍ଧାର ଏକାଦଶୀ ପାଳିଆ ସେବାୟତ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ହାତୀ ପାଦ ତଳେ ଗଲା ଦୁଇ ଜୀବନ

ଚମ୍ପୁଆ/ହିନ୍ଦୋଳ,୨୦।୨(ସମିସ): ହାତୀ ପାଦ ତଳେ ଆଜି ଦୁଇ ଦୁଇଟି ଜୀବନ ଯାଇଛି। କେନ୍ଦୁଝର ଓ ଢେଙ୍କାନାଳ ଜିଲ୍ଲାର ପୃଥକ୍ ପୃଥକ୍ ସ୍ଥାନରେ ଏହି ଅଘଟଣ ଘଟିଛି। ସୂଚନାନୁଯାୟୀ, କେନ୍ଦୁଝର ଜିଲ୍ଲା ଚମ୍ପୁଆ ସେକ୍ସନର ଟୁଣୁଟୁଣା ଶାଳ ଜଙ୍ଗଲରେ ଗୁରୁବାର ସନ୍ଧ୍ୟା ୫ଟା ସମୟରେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଯୁବକଜଣଙ୍କ ହେଲେ, ବଡ଼ନଇ ଗ୍ରାମର ଭୁଜବଳ କାରୁଆଙ୍କ ପୁଅ କରନ(୨୭)। କୌଣସି କାମରେ ସେ ଟୁଣୁଟୁଣା ଆସିଥିଲେ। ଶାଳ ଜଙ୍ଗଲ ନିକଟରେ ବଣୁଆ ହାତୀ ଆକ୍ରମଣର ଶିକାର ହୋଇଥିଲେ। ହାତୀଟି କରନଙ୍କୁ କଚାଡ଼ି ଦେବାରୁ ସେ ଗୁରୁତର ଆହତ ହୋଇଥିଲେ। ବନ ବିଭାଗ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି ଚମ୍ପୁଆ ଡାକ୍ତରଖାନାକୁ ଆଣିଥିଲେ ହେଁ ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା।

ସେହିପରି ଆଜି ସକାଳେ ହିନ୍ଦୋଳ ନିର୍ବାଚନମଣ୍ଡଳୀ ଓଡାପଡ଼ା ବ୍ଲକ୍ କୁତ୍ତୋମ ପଞ୍ଚାୟତ ଜାରିପାଳ ଗ୍ରାମର ଅଲେଖ ବେହେରା କ୍ଷୀର ସଂଗ୍ରହ କରିବାକୁ ଗାଈଗୋଠକୁ ଯାଉଥିବା ବେଳେ ଏକ ଦନ୍ତାହାତୀ ହାବୁଡ଼ରେ ପଡ଼ି ଯାଇଥିଲେ। ହାତୀଟି ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେବା ସହ ପାଦରେ ଦଳି ଦେଇଥିଲା। ଗୁରୁତର ଆହତ ଅଲେଖଙ୍କୁ ମେଡିକାଲ ନିଆଯାଉଥିବା ବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ସ୍ଥାନୀୟ ବନ ବିଭାଗ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ କରୁଛନ୍ତି।

**ରାଷ୍ଟ୍ରୀୟ ପ୍ରତୀକର ଅପବ୍ୟବହାର ମାମଲା**

# ଜବାବ ଦାଖଲ କରିପାରିଲେନି କେନ୍ଦ୍ର ସରକାର

କଟକ,୨୦।୨(ସମିସ): ବିଭିନ୍ନ ସମୟରେ ରାଷ୍ଟ୍ରୀୟ ପ୍ରତୀକର ଅପବ୍ୟବହାର ହେଉଥିବା ବେଳେ ଏହାର ଉପଯୁକ୍ତ ଯାଞ୍ଚ କରାଯାଉନଥିବା ଅଭିଯୋଗ ନେଇ ଦାୟର ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏହି ମାମଲାରେ କେନ୍ଦ୍ର ସରକାର ଜବାବ ଦାଖଲ କରିପାରିନାହାନ୍ତି। ଏଥିପାଇଁ ଅଧିକ କେନ୍ଦ୍ର ସରକାର ଅଧିକ ସମୟ ଲୋଡ଼ିଥିବା ବେଳେ ପରବର୍ତ୍ତୀ ଶୁଣାଣି ସୁଦ୍ଧା ଜବାବ ଦାଖଲ ପାଇଁ କହିଛନ୍ତି ହାଇକୋର୍ଟ। ଏଲୋନ ଟ୍ରଷ୍ଟ ପକ୍ଷରୁ ଦାୟର ଜନସ୍ୱାର୍ଥ ଆବେଦନର ଶୁଣାଣି କରି କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ୍ ଅରିନ୍ଦମ ସିହ୍ନା ଓ ଜଷ୍ଟିସ୍ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶଥାଉକି ରାଷ୍ଟ୍ରୀୟ ପ୍ରତୀକର ଅପବ୍ୟବହାର ଯେପରି ନ ହେବ, ତାହା ସୁନିଶ୍ଚିତ କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିବା ସହ ଉଭୟ କେନ୍ଦ୍ର ଓ ରାଜ୍ୟକୁ ନୋଟିସ୍ ଜାରି କରିଥିଲେ। ମାର୍ଚ୍ଚ ୫କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ପବିତ୍ର କୁମାର ଦତ୍ତ, କେନ୍ଦ୍ର ସରକାରଙ୍କ ପକ୍ଷରୁ ଡିଏସଜିଆଇ ପି.କେ ପାଢ଼ୀ ଓ ରାଜ୍ୟ ସରକାରଙ୍କ ତରଫରୁ ଅତିରିକ୍ତ ସରକାରୀ ଓକିଲ ଦେବାଶିଷ ତ୍ରିପାଠୀ ମାମଲା ପରିଚାଳନା କରୁଛନ୍ତି।

ମାମଲାରୁ ପ୍ରକାଶ ଯେ ବହୁ ସମୟରେ ଜାତୀୟ ପ୍ରତୀକର ଅପବ୍ୟବହାର କରାଯାଉଥିବା ଦର୍ଶାଇ ଏହି ମାମଲା ଦାୟର ହୋଇଛି। ଜାତୀୟ ପ୍ରତୀକରେ ଅଶୋକ ସ୍ତମ୍ଭ ତଳେ 'ସତ୍ୟମେବ ଜୟତେ' ଲେଖା ରହିବା ସ୍ଥଳେ କେତେକ ଜାଗାରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଅଶୋକ ସ୍ତମ୍ଭକୁ ମଧ୍ୟ ଉପଯୁକ୍ତ ଭାବେ ପ୍ରଦର୍ଶନ କରାଯାଉନାହିଁ। ଏହା ଜାତୀୟ ପ୍ରତୀକ ପ୍ରତି ଏହା ଅସମ୍ମାନ। ସରକାରୀ କର୍ତ୍ତୃପକ୍ଷ ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିନଥିବା ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଛି।

**ପୁରୀରେ ଶେଷ ହେଲା କଂଗ୍ରେସର ସଂକଳ୍ପ ପଦଯାତ୍ରା**

# ମହାପ୍ରଭୁଙ୍କୁ ଦର୍ଶନ କରି ଆଶୀର୍ବାଦ ଲୋଡ଼ିଲେ ଭକ୍ତ

ପୁରୀ,୨୦।୨(ସମିସ): ପୁରୀରେ ଶେଷ ହୋଇଛି ରାଜ୍ୟ କଂଗ୍ରେସର ସଂକଳ୍ପ ପଦଯାତ୍ରା। ଗତ ମଙ୍ଗଳବାର ଭୁବନେଶ୍ୱରଠାରୁ ଆରମ୍ଭ ହୋଇଥିବା ଏହି ତିନିଦିନିଆ ସଂକଳ୍ପ ପଦଯାତ୍ରା ଗୁରୁବାର ମହାପ୍ରଭୁଙ୍କ ଦର୍ଶନ ସହ ଶେଷ ହୋଇଛି। ପ୍ରଦେଶ କଂଗ୍ରେସର ନୂଆ ସଭାପତି ଭାବେ ଚୟନ ହେବା

**'ଜୟ ଜଗନ୍ନାଥ' ଧ୍ୱନିରେ କମ୍ପିଲା ବଡ଼ଦାଣ୍ଡ**

ପରେ ଭକ୍ତ ଦାସ କଂଗ୍ରେସର ନେତୃତ୍ୱମାନଙ୍କୁ ସାଥୀରେ ଧରି ଏହି ଯାତ୍ରା ଆରମ୍ଭ କରିଥିଲେ। ଶ୍ରୀମନ୍ଦିରରେ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ ସହ ଯାତ୍ରା କରିଥିବା ପିସିସି ସଭାପତି ଶ୍ରୀ ଦାସ ରାଜ୍ୟରେ କଂଗ୍ରେସ କିପରି ୯୦ ଦର୍ଶକର ଦଳ ଭାବେ ଛିଡ଼ା ହେବ, ସେନେଇ ମହାପ୍ରଭୁଙ୍କ ଆଶୀର୍ବାଦ କାମନା କରିଛନ୍ତି। ଏହାପରେ ଭକ୍ତ ନୂଆ ସଂକଳ୍ପ ନେଇ ଓଡ଼ିଶାରେ ରାଜନୈତିକ



କାର୍ଯ୍ୟକ୍ରମ ଆରମ୍ଭ କରିବେ। ଅନ୍ୟପକ୍ଷରେ ଭକ୍ତଙ୍କ ସହ ଶତାଧିକ ଦଳୀୟ ନେତା ଓ କର୍ମୀ ମଧ୍ୟ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ କରି କଂଗ୍ରେସର ସଫଳତା ପାଇଁ ପ୍ରାର୍ଥନା କରିଛନ୍ତି। ତେବେ ବଡ଼ଦାଣ୍ଡରେ ଏହି ପଦଯାତ୍ରା ଯାଉଥିବା ବେଳେ ଜୟ ଜଗନ୍ନାଥ ଧ୍ୱନିରେ କମ୍ପିଥିଲା ମେଡିକାଲ ଛକରୁ ସିଂହଦ୍ୱାର।

ପଦଯାତ୍ରାରେ ସାମିଲ କଂଗ୍ରେସର ନେତା ଓ କର୍ମୀ ବୁଧବାର ଚନ୍ଦନପୁରରେ ରାତ୍ରିଯାପନ କରିଥିଲେ। ଗୁରୁବାର ପିସିସି ସଭାପତି ଶ୍ରୀ ଦାସ କଂଗ୍ରେସ ପତାକା ଉତ୍ତୋଳନ କରିଥିଲେ। ଏଥିସହ ଏକ ହିନ୍ଦୀ ଗୀତ ଗାଇ କର୍ମୀଙ୍କ ମନୋବଳ ବୃଦ୍ଧି କରି ପୁରୀ ଅଭିମୁଖେ ପଦଯାତ୍ରା ଆରମ୍ଭ କରିଥିଲେ। ରାସ୍ତାର ବିଭିନ୍ନ ସ୍ଥାନରେ ନୂଆ ପିସିସି ସଭାପତିଙ୍କୁ ସ୍ଥାନୀୟ ନେତୃତ୍ୱ ଓ କର୍ମୀ ଫୁଲ ଏବଂ ଦଳୀୟ ପତାକା ଦେଇ ସ୍ୱାଗତ କରିଥିଲେ। ସୁସଜ୍ଜିତ ଗାଡିରେ ପ୍ରସ୍ତୁତ ମଞ୍ଚରେ ଓଡ଼ିଶୀ ନୃତ୍ୟ, ଜଗନ୍ନାଥଙ୍କ ଭଜନ ପରିବେଷଣ କରାଯାଉଥିଲା। ଅପରାହ୍ଣରେ ପ୍ରାୟ ୫ଟାରେ ଏହି ପଦଯାତ୍ରା ଅଠରନଳାରେ ପହଞ୍ଚିଥିଲା। ଏଠାରେ ପୁରୀର ଶତାଧିକ ଦଳୀୟ ନେତୃତ୍ୱ ଓ କର୍ମୀ ଭକ୍ତଙ୍କୁ ସ୍ୱାଗତ କରିବା ସହ ପଦଯାତ୍ରାରେ ସାମିଲ ହୋଇଥିଲେ। ମେଡିକାଲ ଛକରେ ବଡ଼ଦାଣ୍ଡକୁ ଓହ୍ଲାଇଥିଲା ପଦଯାତ୍ରା। ମହାପ୍ରଭୁଙ୍କ ପବିତ୍ର ମାଟିରେ ପାଦ ଦେବା ପରେ ଶହ ଶହ କଂଗ୍ରେସ ନେତା ଓ କର୍ମୀଙ୍କ ମଧ୍ୟରେ ଉତ୍ସାହ ଭରିଥିଲା। ଜୟ ଜଗନ୍ନାଥ କହି ସମସ୍ତେ ଶ୍ରୀମନ୍ଦିର ଆଡ଼କୁ ମାଡି ଚାଲିଥିଲେ।

ସନ୍ଧ୍ୟାରେ ପଦଯାତ୍ରୀ ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ। ନୂଆ ପିସିସି ସଭାପତି ଶ୍ରୀ ଦାସଙ୍କ ସହ ଅନ୍ୟମାନଙ୍କୁ ସ୍ୱାଗତ କରାଯାଇଥିଲା। ଏହାପରେ ସମସ୍ତେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଆଶୀର୍ବାଦ କାମନା କରିଥିଲେ।

■ ଶୂନ୍ୟକାଳରେ ପ୍ରତାପଙ୍କ ଦାବି

# ଆଦର୍ଶ ବିଦ୍ୟାଳୟରୁ ଉଚ୍ଛେଦ ହେଉ କୋଟା ବ୍ୟବସ୍ଥା

ଭୁବନେଶ୍ୱର, ୨୦।୨(ସମିସ): ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବିଧାୟକଙ୍କ ପାଇଁ ଥିବା କୋଟା ବ୍ୟବସ୍ଥାକୁ ଉଚ୍ଛେଦ କରିବାକୁ ଆଜି ଶୂନ୍ୟକାଳରେ ଦାବି କରିଛନ୍ତି ବିଜେଡି ଉପମୁଖ୍ୟ ସଚେତକ ପ୍ରତାପ କେଶରୀ ଦେବ। ଆଦର୍ଶ ବିଦ୍ୟାଳୟରେ ପ୍ରତ୍ୟେକ ବିଧାୟକଙ୍କ ପାଇଁ ୨ଟି ଲେଖାଏଁ ସିଟ୍ କୋଟା ଆକାରରେ ରହିଛି। ଏହାକୁ ଉଚ୍ଛେଦ ପାଇଁ ବିଧାୟକ ଦାବି କରିଥିବା ବେଳେ ବାଚସ୍ପତି ସୁରମା ପାଢ଼ୀ ମଧ୍ୟ ଏନେଇ ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ବିଭାଗୀୟ ମନ୍ତ୍ରୀ ଏ ସମ୍ପର୍କରେ ଅଧିକାରୀମାନଙ୍କ ସହ ଆଲୋଚନା କରିବାକୁ ବାଚସ୍ପତି ନିର୍ଦ୍ଦେଶ ଦେଇଛନ୍ତି। ଶୂନ୍ୟକାଳରେ ଉପରୋକ୍ତ ପ୍ରସଙ୍ଗ ଉଠାଇ ଶ୍ରୀ ଦେବ କହିଲେ ଯେ କେନ୍ଦ୍ରରେ ଧର୍ମେନ୍ଦ୍ର ପ୍ରଧାନ ଶିକ୍ଷାମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରେ ଏହି କୋଟା ବ୍ୟବସ୍ଥାକୁ ଉଚ୍ଛେଦ କରିଛନ୍ତି। ଓଡ଼ିଶାରେ ମଧ୍ୟ ଆଦର୍ଶ ବିଦ୍ୟାଳୟରେ କୋଟା ବ୍ୟବସ୍ଥା ଉଚ୍ଛେଦ ହେବାର ଆବଶ୍ୟକତା ରହିଛି। ନିଜନିଜ ଅଞ୍ଚଳରେ ଥିବା ଆଦର୍ଶ ବିଦ୍ୟାଳୟରେ ପିଲାଙ୍କ ଆଡମିସନ୍ ପାଇଁ ଲୋକେ ବିଧାୟକଙ୍କ ନିକଟରେ କୋଟା ଆଳ ଦେଖାଇ ଅଡ଼ି ବସୁଛନ୍ତି। ଗୃହର ୧୪୭ ବିଧାୟକ ଏ ସମସ୍ୟାରେ ପୀଡ଼ିତ ଅଛନ୍ତି। ସବୁ ମନ୍ତ୍ରୀ ମଧ୍ୟ ମୋ ସହ ଏକମତ ହେବେ। ତେଣୁ ମନ୍ତ୍ରୀ ଏନେଇ ଅନୁଧ୍ୟାନ କରନ୍ତୁ ବୋଲି ଶ୍ରୀ ଦେବ ଦାବି କରିଥିଲେ।

## ଦୁର୍ଘଟଣାରେ ବାପା ମୃତ, ଝିଅ ଗୁରୁତର

**ଛତ୍ରପୁର,୨୦ ।୨(ସମିସ):** ଚମାଖଣ୍ଡି ଥାନା ଅନ୍ତର୍ଗତ ନରେନ୍ଦ୍ରପୁର ଷ୍ଟେସନ ରୋଡ଼ ନିକଟରେ ବାଇକକୁ ଟ୍ରକ ଧକ୍କା ଦେବା ଫଳରେ ବାପାଙ୍କ ମୃତ୍ୟୁ ହୋଇଥିବା ବେଳେ ଝିଅ ଗୁରୁତର ହୋଇଛି । ସୂଚନା ପ୍ରକାରେ ଅର୍ଜୁନପଲ୍ଲୀ ଗ୍ରାମର ମୁନା ନାହାକ ତାଙ୍କ ଝିଅ ସହିତ ବାଇକରେ ଘରକୁ ଯାଉଥିବାବେଳେ ନରେନ୍ଦ୍ରପୁର ଷ୍ଟେସନ ରୋଡ଼ରେ ପୁରୁଷୋତ୍ତମପୁର ଠାରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଏକ ଟ୍ରକ ତାଙ୍କ ବାଇକକୁ ଧକ୍କା ଦେଇଥିଲା । ଫଳରେ ମୁନା ଓ ତାଙ୍କ ଝିଅ ବାଇକରୁ ପଡିଯାଇ ଆହତ ହୋଇଥିଲେ । ପୁଲିସ ଆହତ ମାନଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ଚିକିତ୍ସା ପାଇଁ ପଠାଇ ଥିଲେ । ସେଠାରେ ଡାକ୍ତର ମୁନାଙ୍କୁ ମୃତ ଘୋଷଣା କରିଥିବା ବେଳେ ଝିଅର ଚିକିତ୍ସା ଚାଲିଥିବା ତଦନ୍ତ ଅଧିକାରୀ ଅରୁଣ କୁମାର ରାଉତ କହିଛନ୍ତି ।

## ନୂତନ ଉପଜିଲ୍ଲାପାଳଙ୍କ ଯୋଗଦାନ

**ଭଞ୍ଜନଗର,୨୦ ।୨(ସମିସ):** ଭଞ୍ଜନଗର ନୂତନ ଉପଜିଲ୍ଲାପାଳ ଭାବେ ଉମାଶଙ୍କର ବେହେରା ବୁଧବାର ଯୋଗ ଦେଇଛନ୍ତି । ପୂର୍ବରୁ ଶ୍ରୀ ବେହେରା ଭଞ୍ଜନଗର ତହସିଲଦାର ଥିଲେ । ସେ ଜଣେ ଦକ୍ଷ ପ୍ରଶାସକ । ସେ ସମସ୍ତ କର୍ମଚାରୀଙ୍କୁ ଦଳଗତ ସ୍ୱଚ୍ଛତା, ବୈଷୟିକ ଜ୍ଞାନ ସହ ଠିକ ସମୟରେ କାର୍ଯ୍ୟ ସୂଚାରୁରୂପେ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଡେପୁଟି କଲେକ୍ଟର ଅମିତ ରଞ୍ଜନ ହୋତା, ସହାୟକ ଜିଲ୍ଲାପାଳ ରାମଚନ୍ଦ୍ର ମହାପାତ୍ର, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥୀ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ନିହାର ରଞ୍ଜନ ମହାନ୍ତି, ଅତିରିକ୍ତ ଯୋଗାଣ ଅଧିକାରୀ ଅସିତ ମହାନ୍ତି, ସାମାଜିକ ସୁରକ୍ଷା ଅଧିକାରୀ ଏସିଓ ଶବର ଉପଜିଲ୍ଲାପାଳଙ୍କ ବ୍ୟକ୍ତିଗତ ସହାୟକ ବଂଶୀଧର ବେହେରା, ଇଷ୍ଟାବ୍ଲିସମେଣ୍ଟ ଅଫିସର ଇନଚାର୍ଜ ବନବିହାରୀ ସ୍ୱାଇଁ ଏବଂ ସବୁ ବିଭାଗର ବରିଷ୍ଠ ରାଜସ୍ୱ ସହାୟକ ଓ କନିଷ୍ଠ ସହାୟକଙ୍କ ସହ କାର୍ଯ୍ୟାଳୟର ସବୁ କର୍ମଚାରୀ ନୂତନ ଉପଜିଲ୍ଲାପାଳଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ ।

### ସମବାୟ ସମିତି ଋଣ ଦୁର୍ନୀତି

# ମୃତ, ଭୂତଙ୍କ ନାଁରେ ଋଣ; ଭିଜିଲାନ୍ସର ଖୋଳତାଡ଼

**ଖଲ୍ଲିକୋଟ,୨୦ ।୨(ସମିସ)**

ଖଲ୍ଲିକୋଟ ବ୍ଲକ କୋମଣ୍ଡ ସମବାୟ ସମିତିରେ କୋଟି କୋଟି ଟଙ୍କାର ଋଣ ଦୁର୍ନୀତି ଅଭିଯୋଗ ହୋଇଛି । ଗ୍ରାମର ମୃତ ଓ ଜୀବିତ ବ୍ୟକ୍ତି ଏବଂ ଗ୍ରାମରେ ଅନୁପସ୍ଥିତ ଥିବା ଲୋକଙ୍କ ନାମରେ ଉଠାଯାଇଛି ଋଣ । ୨୦୧୩ରୁ ୨୦୧୮ ମସିହା ମଧ୍ୟରେ ସମବାୟ ସମିତିରେ ହୋଇଥିବା ଏହି ବଡ଼ ଧରଣର କୃଷି ଋଣ ଦୁର୍ନୀତିକୁ ତଦନ୍ତ କରୁଛି ଭିଜିଲାନ୍ସ ବିଭାଗ । ଲୋକମାନଙ୍କ ଅଗୋଚରରେ ସେମାନେ ନ ଜାଣି ସେମାନଙ୍କ ନାମରେ ଲକ୍ଷ ଲକ୍ଷ ଟଙ୍କା ଋଣ ଉଠାଇ ନେଇଛନ୍ତି ପୂର୍ବତନ ସମ୍ପାଦକ । ଏନେଇ ଗୁରୁବାର ଛତ୍ରପୁର ଏଆରସିଏସଙ୍କ ଉପସ୍ଥିତିରେ ଭିଜିଲାନ୍ସ ଟିମ କୋମଣ୍ଡ ଗ୍ରାମରେ ପହଞ୍ଚି ସମ୍ପୃକ୍ତ ଚାଷୀମାନଙ୍କୁ ଋଣ ବିଷୟରେ ପଚାରି ବୁଝିଥିଲେ । କିନ୍ତୁ ଚାଷୀମାନେ ଋଣ ବିଷୟରେ କିଛି ଜାଣିନାହାନ୍ତି । ଋଣ ପରିଶୋଧ କରିବାର ପ୍ରଶ୍ନ ଉଠୁନାହିଁ ବୋଲି ରୋକଠୋକ ଶୁଣାଇ ଦେଇଥିଲେ । ଯେଉଁ ମ୍ୟାନେଜର ଓ ସମ୍ପାଦକ ସଲାସୁତୁରାରେ ଏଭଳି ଋଣ ଉଠାଇଛନ୍ତି ସେମାନଙ୍କଠାରୁ ଏହି ଟଙ୍କା ଆଦାୟ କରାଯାଉ ବୋଲି ଚାଷୀ ମାନେ ଦାବି କରିଥିଲେ । ଚାଷୀମାନଙ୍କ ଅଭିଯୋଗରୁ ଜଣାପଡ଼ିଛି ଯେ, ଯେତେବେଳେ ୨୦୧୮ ମସିହାରେ ସେମାନଙ୍କୁ ବ୍ୟାଙ୍କ ତରଫରୁ ଋଣ ପରିଶୋଧ କରିବା ପାଇଁ ନୋଟିସ ଆସିଲା ସେତେବେଳେ ସେମାନେ ନ କରି ବ୍ୟାଙ୍କ ଚାଷୀଙ୍କ ପାଖକୁ ଋଣ ପରିଶୋଧ କରିବା ପାଇଁ ବାରମ୍ବାର ନୋଟିସ ପଠାଇଥିଲା । ତେବେ ଏହାରି ମଧ୍ୟରେ ଭିଜିଲାନ୍ସ ନିକଟରେ

- ଏଆରସିଏସ୍‌ଙ୍କ ଉପସ୍ଥିତିରେ ଆରମ୍ଭ ହେଲା ତଦନ୍ତ
- ୨୦୨୦ରୁ ସମ୍ପୃକ୍ତ ସମବାୟ ସମ୍ପାଦକ ବହିଷ୍କୃତ




ଋଣ ସମ୍ପର୍କରେ ଜାଣିବାକୁ ପାଇଥିଲେ । ନୋଟିସ ପାଇବା ପରେ ଶହ ଶହ ଚାଷୀ କୋମଣ୍ଡର ବସନ୍ତ ବାଡତ୍ୟାଙ୍କ ନେତୃତ୍ୱରେ ସେତେବେଳେ ଖଲ୍ଲିକୋଟଠାରେ ଥିବା ସମବାୟ ବ୍ୟାଙ୍କକୁ ଯାଇ ଋଣ ସମ୍ପର୍କରେ ପଚାରିଥିଲେ । ଏ ନେଇ ଅଭିଯୋଗ ହେବା ପରେ ବିଭାଗ ପକ୍ଷରୁ ତଦନ୍ତ କରାଯାଇ ୨୦୨୦ ମସିହାରେ କୋମଣ୍ଡ ସମବାୟ ସମିତି ସମ୍ପାଦକ ଏସ.ଦୁର୍ଗା ରାଓ ଦୋରାଙ୍କୁ ନିଲମ୍ବନ କରାଯାଇ ଚାକିରୀରୁ ବହିଷ୍କାର କରାଯାଇଥିଲା । କିନ୍ତୁ ତାଙ୍କଠାରୁ ଟଙ୍କା ଆଦାୟ ଅଭିଯୋଗ ପହଞ୍ଚିବା ପରେ ଏତେବଡ ଋଣ ଦୁର୍ନୀତିର ପର୍ଦ୍ଦାଫାସ କରିବା ପାଇଁ ଭିଜିଲାନ୍ସ ଟିମ ତଦନ୍ତ ଆରମ୍ଭ କରିଥିଲେ । ଆଗରୁ ଥରେ ଭିଜିଲାନ୍ସ ଟିମ ତଦନ୍ତ କରିଥିବା ବେଳେ ଆଜି ଦ୍ୱିତୀୟ ଥର କୋମଣ୍ଡ ଗ୍ରାମରେ ଭିଜିଲାନ୍ସ ଟିମ ତଦନ୍ତ କରିଛି । ଶତାଧିକ ଲୋକଙ୍କ ନାମରେ କୋଟି କୋଟି ଟଙ୍କା ଦୁର୍ନୀତି ଅଭିଯୋଗ ପରେ ତଦନ୍ତ ହୋଇ ସମ୍ପାଦକ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଥିବା ବେଳେ ଯେଉଁ ଲୋକଙ୍କ ନାମରେ ଋଣ ହୋଇଥିଲା ସେମାନଙ୍କୁ ସମବାୟ ବ୍ୟାଙ୍କ ଋଣ ପୈଠ କରିବା



ପାଇଁ ଦାବି କରୁଛି ।

ତେବେ ଲୋକଙ୍କ ନାମରେ ଋଣ ଉଠାଯାଇଥିବା ଲୋକମାନେ ଜାଣିନଥିବା ବେଳେ କିଛି ମୃତ ବ୍ୟକ୍ତିଙ୍କ ନାମରେ ଋଣ ହୋଇଥିବା ଜଣାପଡିଛି । କୋମଣ୍ଡ ଗ୍ରାମର କେ. ଦମୟନ୍ତୀ ରେଡି ଗତ ୨୦୧୩ ମସିହାରେ ମୃତ୍ୟୁବରଣ କରିଥିବା ବେଳେ ତାଙ୍କ ନାମରେ ୨୦୧୫ ମସିହାରେ ଋଣ ଉଠାଯାଇଥିବା ଅଭିଯୋଗ ହୋଇଛି । ସେହିଭଳି ଦମୟନ୍ତୀଙ୍କ ପୁତୁରା କେ. ବାଉରୀ ବନ୍ଧୁ ରେଡିଙ୍କ ଅଜାଣତରେ ତାଙ୍କ ନାମରେ ୮୦ ହଜାର ଟଙ୍କା ଋଣ ଉଠାଯାଇଛି । ବି. ସୂରିୟା ରାଓ ଦୋରା ଶାରୀରିକ ଅସୁସ୍ଥତା ଯୋଗୁଁ ଦୀର୍ଘ ଦିନ ଧରି ବ୍ରହ୍ମପୁରରେ ରହୁଥିବା ବେଳେ ତାଙ୍କ ନାମରେ ୮୬ ହଜାର ଟଙ୍କା ଓ ତାଙ୍କ ପତ୍ନୀଙ୍କ ନାମରେ ୫୬ ହଜାର ଟଙ୍କା ଋଣ ଉଠା ଯାଇଥିବା ସେ ଆଜି ଭିଜିଲାନ୍ସ ନିକଟରେ ଅଭିଯୋଗ କରିଛନ୍ତି । ଗ୍ରାମର ବଳରାମ ବେହେରାଙ୍କ ନାମରେ ୧୮ ହଜାର ଟଙ୍କା ଋଣ ଉଠା ଯାଇଥିବା ବେଳେ ସେ ଯେତେବେଳେ ବ୍ୟାଙ୍କ ନୋଟିସ ପାଇଲେ ସେତେବେଳେ ଋଣ ସମ୍ପର୍କରେ ଜାଣିବାକୁ ପାଇଲେ ବୋଲି କହିଛନ୍ତି । ରବୀନ୍ଦ୍ର ରେଡିଙ୍କ ନାମରେ ମଧ୍ୟ ତାଙ୍କ ଅଜାଣତ ରେ ଋଣ ଉଠା ଯାଇଥିବା ଅଭିଯୋଗ କରିଛନ୍ତି । ଏହିଭଳି କୋମଣ୍ଡ ଓ ବଡରାମପଲ୍ଲୀ ଗ୍ରାମର ଶହ ଶହ ଚାଷୀଙ୍କ ନାମରେ ଋଣ ଉଠା ଯାଇଥିବା ଅଭିଯୋଗ ହୋଇଛି ।

## ଆଜି ମାଟ୍ରିକ ପରୀକ୍ଷା | ୭୧ କେନ୍ଦ୍ରରେ ୧୦,୩୪୬ ପରୀକ୍ଷାର୍ଥୀ

**ଫୁଲବାଣୀ,୨୦ ।୨(ସମିସ):** ଆଜି ମାଟ୍ରିକ ପରୀକ୍ଷା । ଚଳିତ ବର୍ଷ ଫେବୃଆରୀ ୨୧ରୁ ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ଏଥିପାଇଁ ସମୟ ଧାର୍ଯ୍ୟ ହୋଇଛି । କନ୍ଧମାଳ ଜିଲ୍ଲାରେ ମୋଟ ୨୧୪ ହାଇସ୍କୁଲର ମୋଟ ୧୦,୦୪୮ ଜଣ ରେଗୁଲାର ଛାତ୍ରଛାତ୍ରୀ ଏ ବର୍ଷ ପରୀକ୍ଷା ଦେଉଛନ୍ତି । ସେହିଭଳି ୩୨ ଜଣ ଏକ୍ସ-ରେଗୁଲାର, ୧୫୨ ମୁକ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ୧୧୪ ଜଣ ମଧ୍ୟମା ଛାତ୍ରଛାତ୍ରୀ ମଧ୍ୟ ପରୀକ୍ଷା ଦେବେ । ରେଗୁଲାର ପରୀକ୍ଷାର୍ଥୀଙ୍କ ପାଇଁ ଜିଲ୍ଲାରେ ମୋଟ ୬୬ଟି ପରୀକ୍ଷା କେନ୍ଦ୍ରର ବ୍ୟବସ୍ଥା କରାଯାଇଥିବା ବେଳେ ମଧ୍ୟମା ଛାତ୍ରଛାତ୍ରୀଙ୍କ ପାଇଁ ୩ଟି କେନ୍ଦ୍ର ଏବଂ ମୁକ୍ତ ବିଦ୍ୟାଳୟର ପରୀକ୍ଷାର୍ଥୀଙ୍କ ପାଇଁ ୨ଟି ପରୀକ୍ଷା କେନ୍ଦ୍ର ଖୋଲାଯାଉଛି । ପ୍ରଶ୍ନପତ୍ର ରଖିବା ପାଇଁ ଜିଲ୍ଲାରେ ମୋଟ ୧୬ଟି ନୋଡାଲ୍ କେନ୍ଦ୍ର ପ୍ରତିଷ୍ଠା ହୋଇଛି । ସେଥିମଧ୍ୟରୁ ୯ଟି ନୋଡାଲ୍ କେନ୍ଦ୍ର ବିଭିନ୍ନ ସ୍କୁଲରେ ହୋଇଥିବା ବେଳେ ୭ଟି ନୋଡାଲ୍ କେନ୍ଦ୍ର ବିଭିନ୍ନ ଥାନା ମାନଙ୍କରେ ରହିଛି । ବିଶେଷକରି ନକ୍ସଲ ପ୍ରଭାବିତ ଅଞ୍ଚଳରେ ଥାନା ମାନଙ୍କରେ ନୋଡାଲ କେନ୍ଦ୍ର ସ୍ଥାପିତ ହୋଇଛି । ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି ସଂଯୋଗ କରାଯାଇଛି ଏବଂ କପି ରୋକିବାକୁ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରାଯାଇଛି । ଫୁଲବାଣୀ ଏଜେଓ ହାଇସ୍କୁଲ ନୋଡାଲ କେନ୍ଦ୍ର ପାଇଁ ସ୍ୱତନ୍ତ୍ର ନିରୀକ୍ଷକ ଭାବେ ଅତିରିକ୍ତ ତହସିଲଦାର ବ୍ୟୋମକେଶ ପ୍ରଧାନ, ଖଜୁରୀପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ର ପାଇଁ ଅତିରିକ୍ତ ତହସିଲଦାର ବ୍ରହ୍ମାନନ୍ଦ ଥାଟି, ଫିରିଙ୍ଗିଆ ସରକାରୀ ଉଚ୍ଚ ବିଦ୍ୟାଳୟ ପାଇଁ ଅତିରିକ୍ତ ତହସିଲଦାର ପୃଥ୍ୱୀରାଜ ମହାନନ୍ଦିଆ, ଗୋଛାପଡ଼ା ଥାନା୍ ନୋଡାଲ କେନ୍ଦ୍ର ପାଇଁ ସହକାରୀ ଜିଲ୍ଲାପାଳ ବିବେକାନନ୍ଦ ସାମଲ, ବାଲିଗୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ପାଇଁ ସହକାରୀ ଜିଲ୍ଲାପାଳ ଲିଲି କୁମାରୀ, କ.ନୂଆଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ପାଇଁ ତହସିଲଦାର ଆନନ୍ଦ କୁମାର ପଣ୍ଡା, ତୁମୁଡ଼ିବନ୍ଧ ଥାନା ପାଇଁ ତହସିଲଦାର ଶୁଭାଶୀଷ ପାଲଟା, କୋଟଗଡ଼ ଥାନା ପାଇଁ ତହସିଲଦାର ଉପେନ୍ଦ୍ର ଲୁହା, ବେଲଘର ଥାନା ପାଇଁ ତୁମୁଡ଼ିବନ୍ଧ ଅତିରିକ୍ତ ତହସିଲଦାର ସୁନୀଲ କୁମାର ନାୟକ, ଦାରିଙ୍ଗିବାଡ଼ି ଥାନା ପାଇଁ ଅତିରିକ୍ତ ତହସିଲଦାର ନମିତା ପ୍ରଧାନ, ବ୍ରାହ୍ମଣୀଗାଁ ଥାନା ପାଇଁ ଦାରିଙ୍ଗିବାଡ଼ି ତହସିଲଦାର ଶରତ ଶବର, ରାଇକିଆ ସେଣ୍ଟ କ୍ୟାଥେରିନ୍ ବାଳିକା ଉଚ୍ଚ ବିଦ୍ୟାଳୟ ପାଇଁ ଅତିରକ୍ତ ତହସିଲଦାର ଦିଲୀପ କୁମାର ବେହେରା, ଘୁ.ଉଦୟଗିରି ହବାକ୍ ଉଚ୍ଚ ବିଦ୍ୟାଳୟ ପାଇଁ ଅତିରିକ୍ତ ତହସିଲଦାର ଫାଲ୍‌ଗୁନୀ କୁମାର, ଟିକାବାଲି ସରକାରୀ ଉଚ୍ଚ ବିଦ୍ୟାଳୟ ପାଇଁ ଫିରିଙ୍ଗିଆ ଅତିରିକ୍ତ ତହସିଲଦାର ଅବିନାଶ ମିଶ୍ର, ଚକାପାଦ ଥାନା ପାଇଁ ଅତିରିକ୍ତ ତହସିଲଦାର ରଶ୍ମିରଞ୍ଜନ ଦାସ ଏବଂ ସାରଙ୍ଗଗଡ଼ ଉଚ୍ଚ ବିଦ୍ୟାଳୟ ନୋଡାଲ କେନ୍ଦ୍ର ପାଇଁ ବାଲିଗୁଡ଼ା ତହସିଲଦାର ଜିତେନ୍ଦ୍ର କୁମାର ନାୟକଙ୍କୁ ଜିଲ୍ଲାପାଳ ନିଯୁକ୍ତ କରିଛନ୍ତି । ପ୍ରଶ୍ନପତ୍ରର ସୁରକ୍ଷା ଉପରେ କଡା ନଜର ରଖାଯିବ ବୋଲି କହିଛନ୍ତି ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ । କନ୍ଧମାଳ ଜିଲ୍ଲାପାଳ ଅମ୍ରିତ ଋତୁରାଜ ବ୍ୟକ୍ତିଗତ ଭାବେ ସମସ୍ତ ବ୍ୟବସ୍ଥାର ତଦାରଖ କରୁଛନ୍ତି ।

## ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

**ଦିଗପହଣ୍ଡି,୨୦ ।୨(ସମିସ):** ଦିଗପହଣ୍ଡି ବ୍ଲକ କୁଶପଡ଼ା ପଞ୍ଚାୟତ ପତାଣ୍ଡ ଗ୍ରାମ ପୋଖରୀରୁ ଗୁରୁବାର ସନ୍ଧ୍ୟାରେ ଜଣେ ବୃଦ୍ଧାଙ୍କ ଶବ ଉଦ୍ଧାର କରାଯାଇଛି । ମୃତକ ହେଲେ ଇପିଲି. ସେବତୀ ଦୋରା (୬୨) । ସନ୍ଧ୍ୟାରେ ସେ ଗାଧୋଇବା ପାଇଁ ପୋଖରୀକୁ ଯାଇଥିବା ବେଳେ ଅସାବଧାନତା କାରଣରୁ ଗୋଡ ଖସି ପାଣିରେ ବୁଡ଼ି ଯାଇଥିବା ଅନୁମାନ କରାଯାଉଛି । ଦୀର୍ଘ ସମୟ ଧରି ସେ ଘରକୁ ନଫେରିବା ଯୋଗୁଁ ପରିବାର ଲୋକେ ଚାରିଆଡ଼େ ଖୋଜାଖୋଜି କରିଥିଲେ । ସେ ପୋଖରୀରେ ବୁଡିଯାଇଥିବା ସନ୍ଦେହ କରି ଦିଗପହଣ୍ଡି ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା । ଅଗ୍ନିଶମ କର୍ମଚାରୀ ପୋଖରୀରେ ପଶି ବୃଦ୍ଧାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିବା ଜଣାପଡ଼ିଛି ।

## ପୃଥକ ୪ ଦୁର୍ଘଟଣାରେ ୧୦ ଆହତ

**ଖଲ୍ଲିକୋଟ,୨୦ ।୨(ସମିସ):** ଖଲ୍ଲିକୋଟରେ ଗୁରୁବାର ପୃଥକ ପୃଥକ ୪ ଗୋଟି ସଡ଼କ ଦୁର୍ଘଟଣାରେ ୧୦ ଜଣ ଆହତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ସଂକଟାପନ୍ନ ରହିଛି । ଗୁରୁବାର ମଧ୍ୟାହ୍ନରେ ଏକ ଅଟୋ ରମ୍ଭା ଅଭିମୁଖେ ଯାଉଥିବା ବେଳେ ୧୬ ନମ୍ବର ଜାତୀୟ ରାଜପଥର ପାନାନୂଆଗାଁ ନିକଟରେ ପଛପଟୁ ଏକ କାର ଦ୍ରୁତ ଗତିରେ ଆସି ଅଟୋକୁ ଧକ୍କା ଦେଇଥିଲା । ଫଳରେ ଉଭୟ କାର ଓ ଅଟୋ ରାସ୍ତା ତଳକୁ ଖସି ପଡ଼ିଥିଲେ । କିନ୍ତୁ ଅଟୋଟି ରାସ୍ତା ତଳକୁ ଖସି ଏକ ଗଛରେ ପିଟି ହୋଇଯାଇଥିଲା । ଫଳରେ ଡ୍ରାଇଭର ଓ ଅଟୋରେ ବସିଥିବା ୪ ଜଣ ଯାତ୍ରୀ ଆହତ ହୋଇଥିଲେ । ସମସ୍ତଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା । କିନ୍ତୁ ଅଟୋ ଡ୍ରାଇଭର ଅଶୋକ ସେନାପତିଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ସେହିପରି କୋଦଳା ଥାନା ସାନ ଗୁଡ଼ିଆଳି ଗ୍ରାମର କାହ୍ନୁ ଡାକୁଆ ବିବାହ ଭୋଜି କାର୍ଡ ବାଣ୍ଟିବା ପାଇଁ ବାଇକରେ ଯାଉଥିବା ବେଳେ ବାଇକ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଖଲ୍ଲିକୋଟ ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । କମଳାପଦର ଗ୍ରାମର ଅକ୍ଷୟ ବାରିକ ବାଇକ ଯୋଗେ ଖଲ୍ଲିକୋଟରୁ ନିଜ ଗ୍ରାମକୁ ଫେରୁଥିବା ବେଳେ ଗ୍ରାମ ନିକଟରେ ଭାରସାମ୍ୟ ହରାଇ ପଡିଯାଇଥିଲେ । ଖଲ୍ଲିକୋଟ ମେଡିକାଲରେ ତାଙ୍କର ଚିକିତ୍ସା ଚାଲିଛି । ମୁଣ୍ଡୁଳା ଗ୍ରାମର ରବୀନ୍ଦ୍ର କୁମାର ନାହାକ ସାଇକେଲ ଯୋଗେ ଘର ପାଇଁ ଜିନିଷ ଆଣିବାକୁ ବଜାର ଯାଉଥିବାବେଳେ ଭାରସାମ୍ୟ ହରାଇ ସାଇକେଲରୁ ପଡି ଯାଇଥିଲେ । ଫଳରେ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା । ସେ ଖଲ୍ଲିକୋଟ ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ଖଲ୍ଲିକୋଟର ଦୁଃଖୀ ଶ୍ୟାମ ପାଣିଗ୍ରାହୀ ବାଇକ ଯୋଗେ ବ୍ରହ୍ମପୁର ଯାଉଥିବା ବେଳେ ଗୁହାରିଆପାଟ ନିକଟରେ ବାଇକ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା । ସେ ବାଇକରୁ ପଡି ଯିବାରୁ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ତାଙ୍କୁ ଚିକିତ୍ସା ପାଇଁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଏଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା ।



## ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

**ବ୍ରହ୍ମପୁର,୨୦ ।୨(ସମିସ):** ୟୁସିପି ପଡ଼ିଆରେ ଚାଲିଥିବା ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କ ମନ ମୋହିଛି । ମହୋତ୍ସବ କମିଟିର ସଭାପତି ବିଜୟ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ପଣ୍ଡା ବିବରଣୀ ପାଠ କରିଥିଲେ । ମୁଖ୍ୟ ଅତିଥି ଭାବେ ଏସପି ଡ ସର୍ବଣା ବିବେକ ଏମ, ସିଡିଏମଓ ଡା ବିଜୟକୁମାର ପଣ୍ଡା, ଡିପିଏମ ଶ୍ୟାମ ସୁନ୍ଦର ତ୍ରିପାଠୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା, ଲୋକ ସେବକ ମଣ୍ଡଳର ଆଜୀବନ ସଦସ୍ୟ ରାଜେନ୍ଦ୍ର ଜେନା, ବିଜେପି ଜିଲ୍ଲା ସଭାପତି ସରୋଜ କୁମାର ସାବତ ଅତିଥିଭାବେ ଯୋଗ ଦେଇଥିବା ବେଳେ ପୁପିନ୍ଦର ଓ ଗୁନ ଗୁନ ସାଂସ୍କୃତିକ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ସେହିଭଳି ନବୀନ କୁମାର ମହାପାତ୍ର, କାର୍ଯ୍ୟକାରୀ ସଭାପତି ନାରାୟଣ ମହାକୁଡ଼, ଦେବାଶିଷ ପଣ୍ଡା, ବିଜୟ ଅଧିକାରୀ, ରୋହିତ ପରିଡ଼ା, ସାଂଶୁ ପଣ୍ଡା ରାଜୀବ ମିଶ୍ର, ଟୁଟୁ ବେହେରା, ସାଧନା ପାଢ଼ୀ, ନିବେଦିତା ପାଢ଼ୀ, ତପନ ପଣ୍ଡା, ନାଗେଶ୍ୱର ପୃଷ୍ଟି, କେଦାର ନାଥ ଜେନା, ଡ଼ା କିରଣ ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର ପାଢ଼ି, ସୁଶାନ୍ତ କୁମାର ପାଳ, ସୁଦୀପ ସାହୁଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ । ସ୍ୱାସ୍ଥ୍ୟ ମହୋତ୍ସବରେ ସକାଳ ସମୟରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ସହ ଔଷଧ ବିତରଣ କରାଯାଇଥିଲା । ସଂଧ୍ୟାରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସ୍ୱାସ୍ଥ୍ୟ ଜନିତ ଆଲୋଚନା ସଭା ଆୟୋଜିତ ହୋଇଥିଲା । ଏ ଅବସରରେ ଖ୍ୟାତନାମା ଅଭିନେତ୍ରୀ ଶୀତଲ ପାତ୍ର ଯୋଗଦେଇ ଦର୍ଶକଙ୍କୁ ଉତ୍ସାହିତ କରିଥିଲେ ।

## ପମ୍ପଚାଳକଙ୍କୁ କୁଶଳୀ କାରିଗର ମାନ୍ୟତା ଦାବି

**ପାରଳାଖେମୁଣ୍ଡି,୨୦ ।୨ (ସମିସ):** ଅଲ୍ ଓଡିଶା ଏସ୍‌ଇଏମ୍ ଓ ଗ୍ରାମୀଣ ଜଳ ଯୋଗାଣ କର୍ମଚାରୀ ମହାସଂଘର ଗଜପତି ଜିଲ୍ଲା ଶାଖା ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୦ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି । ସଂଘର ଜିଲ୍ଲା ସଭାପତି ରଞ୍ଜିତ କୁମାର ଛିଞ୍ଚାଣୀଙ୍କ ନେତୃତ୍ୱରେ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୦ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ । ଦାବିପତ୍ରରେ ନଳକୂପ ମିସ୍ତ୍ରୀ ଓ ପମ୍ପଚାଳକ ମାନଙ୍କୁ କୁଶଳୀ କାରିଗର ଗ୍ରାମ୍ୟ ଜଳ ଯୋଗାଣ କର୍ମଚାରୀ ମାନ୍ୟତା ଦେବା ସହ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଦ୍ୱାରା ବ୍ଲକରୁ ଦରମା ପ୍ରଦାନ ନିମନ୍ତେ ଦାବି କରିଛନ୍ତି । ୧୯୯୯ରୁ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ପକ୍ଷରୁ ବ୍ଲକର ପଞ୍ଚାୟତିରାଜ ଅଧିନରେ ୨୬ ବର୍ଷ ଧରି କାର୍ଯ୍ୟକରି ଆସୁଛୁ । ଗୋଟିଏ ନଳକୂପ ପ୍ରତି ୧୫ ଟଙ୍କା ହିସାବରେ ମାସକୁ ପାଞ୍ଚ ଶହରୁ ଆରମ୍ଭ କରି ପର୍ଯ୍ୟାୟ କ୍ରମେ ପାରିଶ୍ରମିକ ବୃଦ୍ଧି ପାଇ ତିନି ହଜାର ଦୁଇଶହ ପଚାଶ ଟଙ୍କା ପହଞ୍ଚିଛି । ଦୈନିକ ୮ ଘଣ୍ଟାରୁ ୧୨ ଘଣ୍ଟା କଠିନ ପରିଶ୍ରମ କରି ବସୁଧା ଯୋଜନାରେ ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଇ ଆସୁଛୁ । କୁଶଳୀ କାରିଗର ମାନ୍ୟତା ତାଲିମ ଦେଇ ରାଜ୍ୟ ସରକାର ଦୈନିକ ୧୦୮ ଟଙ୍କା ୩୩ ପଇସା ପାରିଶ୍ରମିକ ପ୍ରଦାନ କରୁଛନ୍ତି । ଯାହାକି ସେମାନେ ପରିବାର ପୋଷଣ କରି ହେଉନି । ତେଣୁ ସେମାନଙ୍କୁ ଆର୍.ଡବ୍ଲ୍ୟୁ. ଏସ୍.ଏସ୍. ଦ୍ୱାରା ବ୍ଲକ ମାଧ୍ୟମରେ କୁଶଳୀ କାରାଗରଙ୍କ ନିମନ୍ତେ ସରକାର ଧାର୍ଯ୍ୟ କରିଥିବା ପାରିଶ୍ରମିକ ପ୍ରଦାନ କରିବା, ନଳକୂପ କାରୀଗର ଓ ପମ୍ପ ଚାଳକଙ୍କୁ ଜଳ ଜୀବନ ମିଶନର ମେଗା ପ୍ରକଳ୍ପରେ ନିୟମିତ ନିଯୁକ୍ତି କରିବା, ଆର୍.ଡବ୍ଲ୍ୟୁ.ଏସ୍. ଏସ୍. ବିଭାଗରେ ଖାଲିଥିବା ପଦବୀକୁ ନଳକୂପ କାରାଗର ଓ ପମ୍ପଚାଳକଙ୍କୁ ନିଯୁକ୍ତି ଦେବା ଆଦି ଉଲ୍ଲେଖ ରହିଛି । ଏହି ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜ ଗ୍ରହଣ କରିଛନ୍ତି ।



## ବନ୍ଦ ଘରୁ ୫ ଭରି ସୁନା ଅଳଙ୍କାର ଓ ଟଙ୍କା ଲୁଟ୍

**ବ୍ରହ୍ମପୁର,୨୦ ।୨(ସମିସ):** ଗୋପାଳପୁର ଥାନା ଅନ୍ତର୍ଗତ ଆମ୍ବପୁଆ ଅଞ୍ଚଳର ଦୁଇଟି ତାଲା ବନ୍ଦ ଘରେ ଦୁର୍ବୃତ୍ତମାନେ ୫ଭରି ସୁନା ଅଳଙ୍କାର ଓ ଟଙ୍କା ଚୋରି କରି ନେଇଛନ୍ତି । ଉଭୟ ଅଭିଯୋଗକୁ ଆଧାର କରି ପୁଲିସ ପୃଥକ ପୃଥକ ମାମଲା ରୁଜୁ କରି ତଦନ୍ତ କରୁଛି । ସୂଚନାଯୋଗ୍ୟ ଯେ, ଆମ୍ବପୁଆ ଗଜାନନ ବିହାରରେ ରହୁଥିବା ସନ୍ତୋଷ କୁମାର ନାୟକ(୪୧) ସପରିବାରେ ଗତ୧୭ ତାରିଖରେ କୌଣସି କାମରେ ଭଞ୍ଜନଗର ଯାଇଥିଲେ । ବୁଧବାର ସକାଳ ୯ ଟାରେ ଘରେ ପହଞ୍ଚି ଦେଖିବା ବେଳେ ଘର ତାଲା ଭାଙ୍ଗି ଏକ ଭରି ସୁନା ଓ କିଛି ଟଙ୍କା ଦୁର୍ବୃତ୍ତମାନେ ଚୋରି କରିଥିବା ନେଇ ଥାନାରେ ଅଭିଯୋଗ କରିଥିଲେ । ସେହିପରି ଉକ୍ତ ଗଜାନନ ବିହାରରେ ରହୁଥିବା ଯଶୋବନ୍ତ ବେହେରା ଗତ ୧୫ତାରିଖ କୌଣସି କାମରେ ବାହାରକୁ ଯାଇଥିଲେ । ବୁଧବାର ସନ୍ଧ୍ୟା ୭ଟା ସମୟରେ ଘରେ ପହଞ୍ଚି ଦେଖିବା ବେଳକୁ ସମସ୍ତ କବାଟ ଖୋଲା ଥିବା ଦେଖିବାକୁ ପାଇଥିଲେ । ଘରେ ଥିବା ୨୨ଗ୍ରାମର ଗୋଟିଏ ସୁନା ଚେନ, ୧୫ ଗ୍ରାମର ଦୁଇଟି ସୁନା ମୁଦି, ୭୫୦ଗ୍ରାମର ରୂପା ଏବଂ ନଗଦ ୨୫ହଜାର ଟଙ୍କା ଚୋରି ହୋଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଉପରୋକ୍ତ ଦୁଇଟି ଅଭିଯୋଗକୁ ଆଧାର କରି ପୁଲିସ ଦୁଇଟି ମାମଲା ରୁଜୁ କରିଛି । ଏହାସହ ସାଇଟିଫିକ ଟିମ ଓ ସନ୍ଧାନୀ କୁକୁରକୁ ନେଇ ପୁଲିସ ଘଟଣା ସ୍ଥଳରେ ଛାନଭିନ କରିଛି । ଗୋଟିଏ ରାତିରେ ଗୋଟିଏ ଲୁଟେରା ଗ୍ୟାଙ୍ଗ ହିଁ ଉଭୟ ଘରୁ ଚୋରି କରିଥିବା ପୁଲିସ ସନ୍ଦେହ କରୁଛି ।

## ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା



**ରଙ୍ଗେଇଲୁଣ୍ଡା,୨୦ ।୨(ସମିସ):** ଗୁରୁବାର ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା ରଙ୍ଗିପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଉଦଘାଟିତ ହୋଇଯାଇଛି । ବିଇଓ ଦେବେନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୁପେ ଜିଲ୍ଲା ପରିଷଦ ଉପସଭାପତି ଏସ ରାଜେଶ୍ୱରୀ ଦୋରା ଓ ବିଡିଓ ବିଶ୍ୱଜିତ ରାୟ ଯୋଗଦେଇ ଉଦଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ କନିସି ହାଟସ୍ଥିତ ଡିପିଆଇଇର ସହକାରୀ ପ୍ରଫେସର ଭୁବନେଶ୍ୱର ମିଶ୍ର, ସନ୍ତୋଷ ପଣ୍ଡା, ନିହାରିକା ସାମନ୍ତରାୟ, ସନାତନ ଜାନି ଓ ରଙ୍ଗିପୁର ସରପଞ୍ଚ ପ୍ରେମ ରଞ୍ଜନ ପଟ୍ଟନାୟକ, ଏବିଓ ଜଗନ୍ନାଥ ଭୂୟାଁ, କୁସୁମ ପାଢ଼ୀ, ସୁକାନ୍ତ ଜେନା ଓ ସମିତିସଭ୍ୟା ମେନକା ନାହାକ ଯୋଗ ଦେଇଥିଲେ । ବ୍ଲକର ୧୭ ଶ୍ରେଷ୍ଠ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ପୁରସ୍କୃତ କରାଯଇଥିଲା । ପ୍ରଧାନ ଶିକ୍ଷୟିତ୍ରୀ ଲାବଣ୍ୟବତୀ ପରିଚାଳନା ଓ ସିଆରସିସି ଗୋପାଳ କୃଷ୍ଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଗଜପତିରେ ବର୍ଷା; ଚାଷୀଙ୍କ ମନରେ ଛନକା

**ପାରଳାଖେମୁଣ୍ଡି/ଗୋଷାଣି,୨୦ ।୨ (ସମିସ)**

ଗଜପତି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଗୁରୁବାର ସନ୍ଧ୍ୟା ଠାରୁ ଆକାଶ ମେଘାଚ୍ଛନ୍ନ ହେବା ସହ ଝିପି ଝିପି ବର୍ଷା ହୋଇଛି । ତେବେ ଅଧିକାଂଶ ମଣ୍ଡିରେ ଚାଷୀମାନଙ୍କ ଠାରୁ ଧାନ କ୍ରୟ କରାଯାଇ ନାହିଁ । ଚାଷୀମାନେ ଖୋଲା ଆକାଶ ତଳେ ଧାନ ରଖି ଜଗିଛନ୍ତି । ଥିବାରୁ ଏବେ ଜିଲ୍ଲାର ଚାଷୀଙ୍କ ମନରେ ଛନକା ପଶିଛି । କେତେକ ଚାଷୀ ଖୋଲା ଆକାଶ ତଳେ ପଡ଼ିଥିବା ସେହି ଧାନକୁ ସୁରକ୍ଷିତ ରଖିବା ନିମନ୍ତେ ବ୍ୟବସ୍ଥା କରୁଥିବାର ଦେଖିବାକୁ ମିଳିଛି । ସେମାନେ ଅଭିଯୋଗ କରିଛନ୍ତି ମଣ୍ଡିରେ ଧାନ କ୍ରୟ କରାଯାଉ ନ ଥିବାରୁ ଏଭଳି ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡୁଛି । ଅପରପକ୍ଷେ ଡିସେମ୍ବର ମାସରେ ହୋଇଥିବା ଅଦିନିଆ ବର୍ଷା ହେଉ କି ବର୍ତ୍ତମାନ ପାଣିପାଗ ବିଭାଗ ତରଫରୁ ବର୍ଷା ସମ୍ପର୍କିତ ଜାରୀ କରାଯାଇଥିବା କୌଣସି ସୂଚନା ସମ୍ପର୍କରେ ସେମାନଙ୍କୁ ଅବଗତ କରାଯାଇ ନାହିଁ ବୋଲି ଅଭିଯୋଗ କରିଛନ୍ତି । ସୂଚନାଯୋଗ୍ୟ ଯେ ଗଜପତି ଜିଲ୍ଲାରେ ଗତ ଡିସେମ୍ବର ମାସରେ ହୋଇଥିବା ଅଦିନିଆ ବର୍ଷାରେ ଧାନ ଫସଲ ନଷ୍ଟ ହୋଇଯାଇଥିଲା । ଫଳରେ କି ଚାଷୀମାନେ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିଲେ । ଏହାପରେ ରାଜ୍ୟ ସରକାର ସମସ୍ତ ପ୍ରକାର ଧାନ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ପ୍ରତିବର୍ଷ ଡିସେମ୍ବର ମାସ ଶେଷ ସପ୍ତାହରେ ଗଜପତି ଜିଲ୍ଲାରେ ଚାଷୀଙ୍କ ଠାରୁ ଧାନକ୍ରୟ କରିବା ନିମନ୍ତେ ମଣ୍ଡି ଖୋଲୁଥିଲା । କିନ୍ତୁ ଚଳିତ ବର୍ଷ ଅଦିନିଆ ବର୍ଷା କାରଣରୁ ଜମିରେ ଧାନ ପଡି ରହିଥିବା କାରଣରୁ ଜାନୁୟାରୀ ୭ ତାରିଖରୁ ଧାନମଣ୍ଡି ଖୋଲାଯାଇଥିଲା । ଏହାପରେ ମଣ୍ଡିରେ ଧାନ ବିକ୍ରୟ କରିବା ନିମନ୍ତେ ଚାଷୀମାନଙ୍କୁ ଟୋକେନ୍ ପ୍ରଦାନ କରାଯାଇଥିଲା । ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁଁ ଚାଷୀମାନେ ମଣ୍ଡିରେ ଆଜି ପର୍ଯ୍ୟନ୍ତ ଟୋକେନ୍ ଥାଇ ମଧ୍ୟ ଧାନ ବିକ୍ରୟ କରିପାରୁ ନଥିବା ଅଭିଯୋଗ ହେଉଛି ।



## ମାୟା ପାଣିଗ୍ରାହୀଙ୍କ ଦ୍ୱାଦଶାହରେ ଶୋକ



**ବ୍ରହ୍ମପୁର,୨୦ ।୨(ସମିସ):** ଆକାଶବାଣୀର କିମ୍ବଦନ୍ତୀ ବ୍ୟକ୍ତିତ୍ୱ ତଥା ମଧୁମାୟା ପାଣିଗ୍ରାହୀ ଫାଉଣ୍ଡେସନର ଅଧ୍ୟକ୍ଷା ମାୟା ପାଣିଗ୍ରାହୀଙ୍କ ଦ୍ୱାଦଶାହ ପାଳନ ଅବସରରେ ଭାବା ନଗର ତ୍ରିନାଥ ମନ୍ଦିର ନିକଟସ୍ଥ ପଡିଆ ଠାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକ ପ୍ରାର୍ଥନା କରିଛନ୍ତି । ଦିବ୍ୟ ଜୀବନ ସଂଘ ତରଫରୁ ଗୀତା ପରିବାର ସହଯୋଗରେ ସତସଙ୍ଗର ଆୟୋଜନ କରାଯାଇଥିଲା । ଦକ୍ଷିଣାଞ୍ଚଳ ପୁଲିସ ଆଇଜି ଡାକ୍ତର ସାର୍ଥକ ଷଡ଼ଙ୍ଗୀ, ପୂର୍ବତନ ମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ବିଜେପିର ବରିଷ୍ଠ କର୍ମକର୍ତ୍ତା ଶ୍ରୀକାନ୍ତ ପାଢୀ, ଶରତ ଚନ୍ଦ୍ର ସାହୁ, ବାଳକୃଷ୍ଣ ସାମନ୍ତରାୟ, ମେୟର ସଂଘମିତ୍ରା ଦଳେଇ, ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ଡାକ୍ତର ରମେଶ ଚନ୍ଦ୍ର ଚ୍ୟାୟୁ ପଟ୍ଟନାୟକ, ଓଏନଜିସିର ପୂର୍ବତନ ବରିଷ୍ଠ ଅଧିକାରୀ ନିହାର ଗନ୍ତାୟତ, ଡାକ୍ତର ପ୍ରବୀଣ ରଥ, ଡାକ୍ତର ଚରଣ ପଣ୍ଡା, ଡାକ୍ତର ନାରାୟଣ ରାଓ, ଡାକ୍ତର ଉମା ପ୍ରସାଦ ପାଢ଼ୀ, ଡାକ୍ତର ଶଙ୍କର୍ଷଣ ପାତ୍ରଙ୍କ ସମେତ ବହୁ ବିଶିଷ୍ଟ ଡାକ୍ତର, ସମ୍ ହସ୍ପିଟାଲର ଡାଇରେକ୍ଟର ଦେବପ୍ରସାଦ ଦାସ, ପୂର୍ବତନ କୁଳପତି ଜୟନ୍ତ ମହାପାତ୍ର, ପ୍ରଫେସର ବିଷ୍ଣୁ ଚୌଧୁରୀ, ମେଜର ରମାରମଣ ପାଢ଼ୀ, ଡକ୍ଟର ପ୍ରଫୁଲ୍ଲ ମହାନ୍ତି, ଡକ୍ଟର ବାୟମନୁ ଚର୍ଚ୍ଚି, ସୁବାସ ମହାରଣା ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପାଇଖାନାରେ ୨ ମିନିଟରୁ...

ସହିତ କାର୍ଯ୍ୟସ୍ଥଳରେ କାର୍ଯ୍ୟର ମାନବୃଦ୍ଧି ଏବଂ ଅନୁଶାସନ ପାଇଁ ଏହି ପଦକ୍ଷେପ ନିଆଯାଇଥିବା ଉଲ୍ଲେଖ କରାଯାଇଛି । ଏହି କମ୍ପାନୀ ଗତ ୧୧ ତାରିଖରେ ୨ ମିନିଟର ଟ୍ୟଲେଟ ନିୟମ କାର୍ଯ୍ୟକାରୀ କରିଥିଲା । ଏବେ ପାଇଲଟ ପ୍ରକଳ୍ପ ଭାବେ ଏହାକୁ କାର୍ଯ୍ୟକାରୀ କରାଯାଇଛି । ଏହି ନିୟମକୁ ମାର୍ଚ୍ଚ ୧ରୁ ଅଧିକ କଡ଼ାକଡ଼ି ଭାବେ ଲାଗୁ କରାଯିବ ବୋଲି କୁହାଯାଇଛି ।

## ଚାଷୀଙ୍କୁ ଧରାଇଦେଲେ...

କରିଥିଲେ । ଏହାକୁ ନେଇ ୟୁପିପିସିଏଲର ପ୍ରବକ୍ତା କହିଛନ୍ତି ଯେ ତ୍ରୁଟି ଯୋଗୁଁ ଏତେ ଟଙ୍କାର ବିଦ୍ୟୁତ ବିଲ୍ ଆସି ଯାଇଥିଲା । ଫେବୃଆରୀ ତିନିରେ ଏହି ତ୍ରୁଟି ସଂଶୋଧନ କରାଯାଇଛି । ଏବେ ମୋଲହୁଙ୍କ ମାତ୍ର ୨୭, ୨୭୪ ଟଙ୍କାର ବିଲ୍ ବାକି ରହିଛି । ଅନ୍ୟପଟେ ଏହି ମାମଲାରେ ସାମିଲ ଅଧିକାରୀ ତଥା କର୍ମଚାରୀଙ୍କୁ ନିଲମ୍ବନ କରିବାକୁ ଶକ୍ତିମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

## ଆଜିଠାରୁ ମାଟ୍ରିକ୍...

ପୃଷ୍ଠାରେ କ୍ୟୁଆର୍ କୋଡ୍ ବ୍ୟବସ୍ଥା ସହ ପ୍ରତି ପ୍ରଶ୍ନ ପାର୍ଶ୍ୱରେ ପ୍ରଶ୍ନପତ୍ରର କ୍ରମିକ ନମ୍ବର ରହିବ । ଫଳରେ କେଉଁ ପରୀକ୍ଷା କେନ୍ଦ୍ରରୁ ଓ କେଉଁ ପରୀକ୍ଷାର୍ଥୀଙ୍କ ପକ୍ଷରୁ ଭାଇରାଲ ହେଲା, ତାହା ଜଣାପଡ଼ିଯିବ ।

## ଖର୍ଚ୍ଚ ହୋଇପାରି...

ପୁନଶ୍ଚ ଗତ ବିଜେଡି ସରକାର ନିଜ ଶେଷ ପାଳିର ୩ ବର୍ଷରେ ଖୋଲା ବଜାରରୁ ଋଣ କରିନଥିଲେ । ମାତ୍ର ରାଜ୍ୟ ବିଜେପି ସରକାର ନିଜର ପ୍ରଥମ ବଜେଟରେ ୪୨୪୯୫ ଏବଂ ଚଳିତ ବଜେଟରେ ୪୭୪୦୦ କୋଟି ଟଙ୍କା ଋଣ କରିବାକୁ ଯେଉଁ ପ୍ରାବଧାନ ରଖିଛନ୍ତି ତାହା ରାଜ୍ୟର ଆର୍ଥିକ ସ୍ୱାସ୍ଥ୍ୟକୁ ରୁଗ୍ଣ କରିବ ବୋଲି ଅର୍ଥନୀତିଜ୍ଞମାନେ ଆକଳନ କରିଛନ୍ତି । ଯଦିଓ ଏହି ଋଣ ପରିମାଣ ଏଫଆରବିଏମ୍ ଅଧିନିୟମ ଅନୁସାରେ କରାଯାଇଛି, ତଥାପି ମାତ୍ର ୨ଟି ଆର୍ଥିକ ବର୍ଷରେ ୯୦ ହଜାର କୋଟି ଟଙ୍କା ଋଣ ଭବିଷ୍ୟତରେ ସରକାରଙ୍କ ପାଇଁ ଚାପ ସୃଷ୍ଟି କରିବାର ଆଶଙ୍କା ରହିଛି ।

## ଆଦିବାସୀ ମହିଳାଙ୍କୁ...

ଘରକୁ ଆସିଥିଲା । ଦୁହେଁ ବସି ପ୍ରଚୁର ମଦ ପିଇଥିଲେ । ତେବେ ମହିଳାଜଣଙ୍କ ଘରେ ଏକୁଟିଆ ଥିବା ଓ ନିଶାରେ ଟଳମଳ ହେବା ଦେଖି ଭୀମା ତାଙ୍କୁ ଦୁଷ୍କର୍ମ କରିଥିଲା । ପରେ ଘଟଣା ପ୍ରଘଟ ହୋଇଯିବା ଭୟରେ ପରେ ତାଙ୍କୁ ହତ୍ୟା କରିଦେଇଥିଲା । କିଛି ସମୟ ପରେ ମହିଳାଙ୍କ ଭଉଣୀ ଘରେ ପହଞ୍ଚିଥିଲେ । ଘରେ ଭଉଣୀଙ୍କ ଉଲଗ୍ନ ଅବସ୍ଥାରେ ମୃତଦେହ ପଡ଼ିଥିବା ଦେଖି ସେ ଗ୍ରାମବାସୀଙ୍କୁ ଡାକ ପକାଇଥିଲେ । ଉତ୍ତ୍ୟକ୍ତ ଗ୍ରାମବାସୀ ଭୀମାଙ୍କୁ ନିକଟସ୍ଥ ଏକ ଗଛରେ ବାନ୍ଧି ନିସ୍ତୁକ ମାଡ଼ ମାରିବା ସହ କାଳିମେଳା ପୁଲିସ୍‌କୁ ଖବର ଦେଇଥିଲେ । ପୁଲିସ୍ ମହିଳାଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଏହାସହ ଅଭିଯୁକ୍ତ ଭୀମାକୁ ଗ୍ରାମବାସୀଙ୍କ କବଳରୁ ଉଦ୍ଧାର କରି ଥାନାରେ ଅଟକ ରଖିଛି । ତେବେ ଏ ବବାଦରେ ପୁଲିସ୍‌ର ପ୍ରତିକ୍ରିୟା ମିଳିପାରିନାହିଁ । ପ୍ରକାଶଥାଉ କି, ମୃତ ମହିଳାଙ୍କର ୧୦ ବର୍ଷର ଏକ ପୁଅ ଅଛି । ତାଙ୍କ ସ୍ୱାମୀ ଦାଦନ ଖଟିବାକୁ ଆନ୍ଧ୍ରକୁ ଯାଇଛନ୍ତି ।

## ପରିବା କିଆରିରେ...

ଅନିର୍ଦ୍ଦିଷ୍ଟ ସମୟ ପାଇଁ ଛୁଟିରେ ରହି ଆନ୍ଦୋଳନ କରୁଥିବା ବେଳେ ସେମାନଙ୍କ ଯୋଗୁଁ ଜିଲ୍ଲା ତଥା ରାଜ୍ୟରେ ଅଚଳାବସ୍ଥା ସୃଷ୍ଟି ହୋଇଛି । ବିଭାଗ ତାକୁ ଧ୍ୟାନ ଦେବା ବଦଳରେ ପ୍ରତିବାଦ କରିଥିବା ଶିକ୍ଷକଙ୍କୁ ନାଲିଆଖି ଦେଖାଇଛି, ଯାହାକୁ ନେଇ ବିବାଦ ଦେଖାଦେଇଛି ।

ବୁଧବାର ବଲାଙ୍ଗିର ଜିଲ୍ଲା ପୁଇଁନ୍ତଲା ବ୍ଲକ୍ ବାନ୍ଧନବାହାଲ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଥିବା ସହାୟକ ଶିକ୍ଷକ ପ୍ରଭୁଦତ୍ତ ସାହୁଙ୍କ ଛୁଟି ଦରଖାସ୍ତ ଚର୍ଚ୍ଚାର ବିଷୟ ପାଲଟିଥିଲା । ଉକ୍ତ ଦରଖାସ୍ତରେ ସେ ଦର୍ଶାଇଥିଲେ ଯେ ତିନି ମାସ ହେଲା ତାଙ୍କୁ ଦରମା ମିଳିନାହିଁ । ପରିବାର ଚଳାଇବା ପାଇଁ ତାଙ୍କୁ ଦିନ ମଜୁରିଆ ଭାବେ କାମ କରିବାକୁ ପଡ଼ିବ । ସେଥିପାଇଁ ଗୋଟିଏ ଦିନ ଛୁଟି ମଞ୍ଜୁର ପାଇଁ ପ୍ରଧାନ ଶିକ୍ଷକଙ୍କୁ ନିବେଦନ କରିଥିଲେ । ପ୍ରଧାନଶିକ୍ଷକଜଣଙ୍କ ଛୁଟି ମଞ୍ଜୁର ମଧ୍ୟ କରିଥିଲେ ।

ତାଙ୍କ କହିବା ଅନୁସାରେ, ଗୁରୁବାର ସେ ଗାଁର ଜଣେ ବ୍ୟକ୍ତିଙ୍କ ପରିବା କିଆରିକୁ ଯାଇ ପାଣି ମଡ଼ାଉଥିବା ଦେଖିବାକୁ ମିଳିଥିଲା । ସେଥିପାଇଁ ତାଙ୍କୁ ୩ଶହ ଟଙ୍କା ପାରିଶ୍ରମିକ ମିଳିବ ବୋଲି ସେ କହିଥିଲେ । ତେବେ ଡିସେମ୍ବର, ଜାନୁୟାରୀ ଓ ଫେବୃୟାରୀ ମାସର ଦରମା ମିଳିନଥିବାରୁ ସେ ଏହିଭଳି ଭାବେ କାମ କରିବାକୁ ଆସିଥିବା କହିଥିଲେ ।

ତାଙ୍କର ଏହି ପ୍ରତିବାଦକୁ ପ୍ରାଥମିକ ଶିକ୍ଷକମାନେ ସମର୍ଥନ କରିଛନ୍ତି । ଗତ ଡିସେମ୍ବର ମାସରୁ ଜିଲ୍ଲାର ସମସ୍ତ ବ୍ଲକ୍‌ରେ ଦରମା ସମସ୍ୟା ଲାଗି ରହିଛି । କାରଣ ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟରେ କାମ କରୁଥିବା ଆକାଉଣ୍ଟାଣ୍ଟ, କ୍ୟାସିଅରମାନେ ଗତ ଡିସେମ୍ବର ୨୮ ତାରିଖରୁ ଅନିର୍ଦ୍ଦିଷ୍ଟ ସମୟ ଆନ୍ଦୋଳନ ଚଳାଉଛନ୍ତି । ଫଳରେ ରାଜ୍ୟ ତଥା ଜିଲ୍ଲାରେ ଅଚଳାବସ୍ଥା ଦେଖାଦେଇଛି । ବିଭାଗୀୟ କାର୍ଯ୍ୟକ୍ରମ ସବୁ ଠପ୍ ହୋଇପଡ଼ିଥିବା ବେଳେ ଅନ୍ୟ କର୍ମଚାରୀ ଓ ଅଧିକାରୀମାନଙ୍କୁ ହଇରାଣ ହେବାକୁ ପଡୁଛି । ଫଳରେ ଜିଲ୍ଲା କାର୍ଯ୍ୟାଳୟରେ ଯଦିଓ ବିକଳ୍ପ ବ୍ୟବସ୍ଥା କରାଯାଇଛି । ତଥାପି ଅଧିକାରୀମାନେ ସମସ୍ୟାର ସମ୍ମୁଖୀନ ହେଉଥିବା କହିଛନ୍ତି ।

ଶିକ୍ଷକଙ୍କ ଏହି ପ୍ରତିବାଦକୁ ନେଇ ପୁଇଁନ୍ତଲା ବ୍ଲକ୍ ଶିକ୍ଷାଧିକାରୀ ଲୋକନାଥ ସୁନାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଶିକ୍ଷକଜଣଙ୍କ ବେଆଇନ କାମ କରିଥିବା କହି ତାଙ୍କ ପ୍ରତି ନାଲିଆଖି ଦେଖାଇଛନ୍ତି । ସେହିପରି ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗଙ୍କୁ ପଚାରିବାରୁ ଶିକ୍ଷକଜଣକ ଏହିଭଳି ମନୋଭାବ ରଖିବା ଉଚିତ ନୁହେଁ । ସେ ବିଭାଗୀୟ ଅଧିକାରୀମାନଙ୍କୁ ସହଯୋଗ କରିବା କଥା । ଯଦି ତାଙ୍କୁ ମଜୁରିଆ ହେବା ଇଚ୍ଛା ଅଛି, ଚାକିରି ଛାଡ଼ି କରନ୍ତୁ ବୋଲି କହିଛନ୍ତି । ଅନ୍ୟପକ୍ଷରେ ଆନ୍ଦୋଳନରତ କର୍ମଚାରୀଙ୍କ ଜାଗାରେ ବିକଳ୍ପ ବ୍ୟବସ୍ଥା ହୋଇଛି । ସେମାନଙ୍କ ବିରୋଧରେ ରାଜ୍ୟ ସରକାର କିଛି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି ମୁଁ କେମିତି ନେବି ବୋଲି କହିଛନ୍ତି । ଏହିଭଳି ଭାବେ ଶିକ୍ଷକଙ୍କ ପ୍ରତିବାଦରେ ଜିଲ୍ଲା ଶିକ୍ଷା ବିଭାଗ ବିବାଦୀୟ ହୋଇଥିବା ବେଳେ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହୋଇଛି ।

## ଗ୍ରାହକଙ୍କୁ ବନ୍ଧକ...

ଆଜି ଜିଲ୍ଲାବ୍ୟାପୀ ଚାଞ୍ଚଲ୍ୟ ସୃଷ୍ଟି କରିଛି ।

ସୂଚନାନୁଯାୟୀ, ଆଜି ପୂର୍ବାହ୍ନରେ ବ୍ୟାଙ୍କ ଖୋଲିବା ପରେ ଦିନ ପ୍ରାୟ ୧୦ଟା ୧୫ରେ ବନ୍ଧୁକଧାରୀ ୫ ଡକାୟତ ବ୍ୟାଙ୍କ ଭିତରକୁ ଧସେଇ ପଶିଥିଲେ । କେହି କିଛି ବୁଝିବା ପୂର୍ବରୁ ସେମାନେ ବ୍ୟାଙ୍କ ଭିତରେ ଥିବା ୧୮ ଗ୍ରାହକଙ୍କ ସମେତ ଶାଖା ପରିଚାଳକ ଶ୍ରୀ ହେମ୍ବ୍ରମ୍ ଏବଂ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇଥିଲେ । ସମସ୍ତଙ୍କୁ ଭୟଭୀତ କରାଇବା ପାଇଁ ସେମାନେ ଶ୍ରୀ ହେମ୍ବ୍ରମ ଓ ଶ୍ରୀ ମହାନ୍ତଙ୍କ ମୁଣ୍ଡକୁ ବନ୍ଧୁକ ବନେଟ୍‌ରେ ଆକ୍ରମଣ କରି ଦୁହିଁଙ୍କୁ ଲହୁଲୁହାଣ କରି ଦେଇଥିଲେ । ପରେ ଡକାୟତମାନେ ସମସ୍ତଙ୍କୁ ଷ୍ଟ୍ରଙ୍ଗରୁମ୍‌ରେ ବନ୍ଦ କରିବା ପରେ ପ୍ରାୟ ୨୭ ଲକ୍ଷ ଟଙ୍କା ଓ ଲକର୍‌ରେ ଥିବା ସୁନାଗହଣା ଲୁଟି ନେଇଥିଲେ । ଗଲା ବେଳେ ସାଙ୍ଗରେ ଆଣିଥିବା ତାଲା ଗେଟ୍‌ରେ ପକାଇଦେଇ ଫେରାର ହୋଇଯାଇଥିଲେ । ଖବର ପାଇ ଏସ୍‌ପି ବରୁଣ ଗୁଣ୍ଟୁପାଲି, ଅତିରିକ୍ତ ପୁଲିସ ଅଧୀକ୍ଷକ ଯଦୁନାଥ ଜେନା, ଉପଖଣ୍ଡ ପୁଲିସ ଅଧିକାରୀ ଗୋକୁଳାନନ୍ଦ ସାହୁ, ତିରିଙ୍ଗି ଆଇଆଇସି ପ୍ରଶାନ୍ତ ଜେନା ସମେତ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ । ପୁଲିସ ମୁଖ୍ୟ ଦ୍ୱାର ଏବଂ ଷ୍ଟ୍ରଙ୍ଗରୁମ୍‌ର ତାଲା ଭାଙ୍ଗି ଆହତ ଏବଂ ଗ୍ରାହକଙ୍କୁ ଉଦ୍ଧାର କରିଥିଲେ ।

ବ୍ୟାଙ୍କ ଖୋଲିବା ବେଳେ କୌଣସି ସିକ୍ୟୁରିଟି ଗାର୍ଡ ପହଞ୍ଚିନଥିଲେ । ସିକ୍ୟୁରିଟି ଗାର୍ଡ ପହଞ୍ଚିଲେ ବ୍ୟାଙ୍କ ଖୋଲିବା କଥା; କିନ୍ତୁ ତାହା ହୋଇ ନଥିବାରୁ ଏଭଳି ଏକ ବଡ଼ ଲୁଟ୍ ହୋଇଗଲା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଏପରିକି, ଲୁଟ୍ ବେଳେ କୌଣସି ସାଇରନ୍ ମଧ୍ୟ ବାଜି ନଥିଲା । ଖବର ଲେଖା ହେବା ପର୍ଯ୍ୟନ୍ତ ଲୁଟେରାଙ୍କ କୌଣସି ପତ୍ତା ମିଳି ନଥିବା ଜଣାପଡ଼ିଛି ।

## ନିଆଁ ଲଗାଇଲେ...

ଯେ ବିଶ୍ୱରେ ଭାରତ ହେଉଛି ଏପରି ଏକ ଦେଶ ଯିଏକି ଆମେରିକା ସାମଗ୍ରୀ ଉପରେ ସର୍ବାଧିକ ଶୁଳ୍କ ଧାର୍ଯ୍ୟ କରିଛି । ଏହି କାରଣରୁ ଆ।।ମେରେକୀୟଙ୍କ ଲାଗି ଭାରତରେ ବ୍ୟବସାୟ କରିବା କଷ୍ଟସାଧ ବ୍ୟାପାର । ଏଭଳି ସ୍ଥିତିରେ ଭାରତୀୟ ନିର୍ବାଚନକୁ ପ୍ରଭାବିତ କରିବା ଲାଗି ଆମେରିକା ଖର୍ଚ୍ଚ କରିବା ଉଚିତ ନୁହେଁ ବୋଲି ଟ୍ରମ୍ପ କହିଛନ୍ତି ।

ଟ୍ରମ୍ପଙ୍କ ଏଭଳି ମନ୍ତବ୍ୟ ବିଜେପି ପାଇଁ ଅସ୍ତ୍ର ହୋଇଛୀ । ଯାହାକୁ ନେଇ ଏହା କଂଗ୍ରେସକୁ ଟାର୍ଗେଟ କରିବା ଆରମ୍ଭ କରିଛି । ବିଜେପି ବିଶେଷ କରି କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରି ତାଙ୍କୁ ବିଦେଶୀ ଶକ୍ତିଙ୍କ ଅସ୍ତ୍ର ବୋଲି କହିଛି । ବିଜେପି ନେତା ରବି ଶଙ୍କର ପ୍ରସାଦ ଏବଂ ଅମିତ ମାଲବ୍ୟ କହିଛନ୍ତି ଯେ ୨୦୨୪ ଲୋକସଭା ନିର୍ବାଚନକୁ ପ୍ରଭାବିତ କରିବାକୁ କଂଗ୍ରେସ ପ୍ରାଣପଣେ ଉଦ୍ୟମ କରିଥିଲା । ଏପରିକି ନରେନ୍ଦ୍ର ମୋଦୀ ପୁଣିଥରେ ଯେଭଳି ପ୍ରଧାନମନ୍ତ୍ରୀ ନ ହୋଇପାରିବେ ସେଥିପାଇଁ ମଧ୍ୟ ଷଡ଼ଯନ୍ତ୍ର କରିଥିଲା । କଂଗ୍ରେସର ଷଡ଼ଯନ୍ତ୍ରକୁ ସାକାର କରିବାକୁ ରାହୁଲ ଗାନ୍ଧୀ ନିର୍ବାଚନ ପୂର୍ବରୁ ବ୍ରିଟେନ ସମେତ ୟୁରୋପରୁ ଆମେରିକା ପର୍ଯ୍ୟନ୍ତ ବିଭିନ୍ନ ଦେଶ ଗସ୍ତ କରି ବିଦେଶୀ ଶକ୍ତିଙ୍କ ସହଯୋଗ ଲୋଡିଥିଲେ । ନିର୍ବାଚନକୁ ପ୍ରଭାବିତ କରିବା ଲାଗି କଂଗ୍ରେସ ବିଦେଶୀ ଅର୍ଥରେ ଚକ୍ରାନ୍ତ କରିଥିବା ସେମାନେ ଅଭିଯୋଗ କରିଛନ୍ତି ।

ଅନ୍ୟପକ୍ଷରେ ଏହି ଅଭିଯୋଗକୁ ଦୃଢ଼ ଭାବେ ଖଣ୍ଡନ କରିଛି କଂଗ୍ରେସ । ଏହାର ପ୍ରମାଣ ଦେବାଲାଗି ଦଳ ଚାଲେଞ୍ଜ କରିଛି । କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି ଯେ ଗତ ୧୦ ବର୍ଷ ଧରି ଦେଶରେ ବିଜେପି ମେଣ୍ଟ ସରକାର ରହିଛି । ତେଣୁ ଏହି ସମୟର ସମସ୍ତ ତଥ୍ୟ ସରକାରଙ୍କ ପାଖରେ ରହିଛି । ଗତ ୧୦ ବର୍ଷରେ ଭାରତରେ କେଉଁ ସରକାରୀ ଓ ବେସରକାରୀ ସଂସ୍ଥାକୁ ୟୁଏସ୍‌ଏଡ୍ ପକ୍ଷରୁ କେତେ କେତେ ଟଙ୍କାର ସହାୟତା ଦିଆଯାଇଛି, ।।ସେସଂପର୍କରେ କେନ୍ଦ୍ର ସରକାର ଏକ ଶ୍ୱେତପତ୍ର ପ୍ରକାଶ କରନ୍ତୁ । ଏହାଦ୍ୱାରା ସତ କଥା କଣ ତାହା ପଦାକୁ ଆସିଯିବ ବୋଲି ସେ କହିଛନ୍ତି । ଏଭଳି ତଥ୍ୟ ପ୍ରକାଶ ନକରି ବିଜେପି ନେତାମାନେ ଯେଉଁଭଳି ବୟାନବାଜି ଚଳାଇଛନ୍ତି ତାହା ଦୁର୍ଭାଗ୍ୟଜନକ ବୋଲି ପାର୍ଟି ପକ୍ଷରୁ କୁହାଯାଇଛି ।

ସୂଚନାଯୋଗ୍ୟ ଯେ ନିର୍ବାଚନ ସମୟରେ ବାଇଡେନ ପ୍ରଶାସନ ଦ୍ୱାରା ଭାରତକୁ ୨୧ ନିୟୁତ ଡଲାର 'ୟୁଏସ୍‌ଏଡ୍' ଏଜେନ୍ସି ମାଧ୍ୟରେ ଯୋଗାଇ ଦିଆଯାଇଥିଲା ବୋଲି ପ୍ରଥମେ ଟ୍ରମ୍ପ ପ୍ରଶାସନର ଏଲନ ମସ୍କ ନେତୃତ୍ୱାଧୀନ 'ଡୋଜ୍' ବିଭାଗ ପକ୍ଷରୁ କୁହାଯାଇଥିଲା । ଏହାପରେ ଏହି ସଂସ୍ଥାକୁ ପାଣ୍ଠି ବନ୍ଦ କରିବାକୁ ଘୋଷଣା କରାଯାଇଥିଲା । କେବଳ ଭାରତ ନୁହେଁ ବାଂଲାଦେଶ ସମେତ ଅନ୍ୟ ଦେଶରେ ମଧ୍ୟ ଏଭଳି ଉଦ୍ଦେଶ୍ୟରେ ସହାୟତା ଦିଆଯାଇଥିବା ମସ୍କ ଅଭିଯୋଗ କରିଥିଲେ ।

## ଡବଲ୍ ଇଞ୍ଜିନ...

ଆର୍ଥିକ ସ୍ୱାସ୍ଥ୍ୟ ଇଣ୍ଡେକ୍ସରେ ଓଡ଼ିଶା ୧ ନମ୍ବର ବୋଲି ଦର୍ଶାଯାଇଥିଲା । ୨୦୦୦ ମସିହାରେ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କୁ ଦରମା ମିଳୁ ନ ଥିଲା, ମାତ୍ର ସେହି ପରିସ୍ଥିତିରୁ ଓଡ଼ିଶାକୁ ମୁକାଳି ଆର୍ଥିକ ପରିଚାଳନାରେ ଓଡ଼ିଶା ଶ୍ରେଷ୍ଠ ରାଜ୍ୟରେ ପରିଣତ କରିଥିଲେ ନବୀନ ସରକାର । ୨୦୦୦ ମସିହାରେ ଆମେ ଶାସନକୁ ଆସିବା ପରେ ଓଡ଼ିଶାର ଋଣଭାର ୧୮ ହଜାର କୋଟି ଟଙ୍କା ଥିଲା । ୨୪ ବର୍ଷରେ ଆମେ ୭୮ ହଜାର କୋଟି ଟଙ୍କା ଋଣ କରିଥିଲୁ । ୨୦୨୪ ଆର୍ଥିକ ବର୍ଷ ଶେଷବେଳକୁ ରାଜ୍ୟର ଋଣଭାର ୯୬ ହଜାର କୋଟିରେ ସୀମିତ ଥିଲା । ମାତ୍ର ବିଜେପି କ୍ଷମତାକୁ ଆସିବା ପରେ ଋଣଭାର ୯୧ ହଜାର କୋଟି ବୃଦ୍ଧି ହୋଇଥିବା ଆକଳନ କରାଯାଇଛି । ଯେଉଁ ସୁସ୍ଥ ଅର୍ଥନୀତିକୁ ଆମେ ଉତ୍ତରାଧିକାରୀ ସୂତ୍ରରେ ପ୍ରଦାନ କରିଛୁ, ତାହାକୁ ଏମିତି ଋଣ କରି ତଳକୁ ରାଜ୍ୟ ସରକାର ନ ନିଅନ୍ତୁ । ଡବଲ ଇଞ୍ଜିନ ସରକାରରୁ ବହୁତ କିଛି ପାଇବା ନେଇ ଆଶା ରହିଥିଲା । ମାତ୍ର ଓଡ଼ିଶାକୁ ଗତ ୯ ମାସରେ ପ୍ରବାସୀ ଭାରତୀୟ ଦିବସ, ସର୍ବଭାରତୀୟ ପୁଲିସ ଡିଜି ସମ୍ମିଳନୀ ପରି କେବଳ ଇଭେଣ୍ଟ ମ୍ୟାନେଜମେଣ୍ଟ ଦାୟିତ୍ୱ ମିଳିଛି । ସମାନ ସମୟରେ ଆନ୍ଧ୍ର, ବିହାର ବିଭିନ୍ନ ପ୍ରକଳ୍ପ ବାବଦରେ ହଜାର ହଜାର କୋଟିର କେନ୍ଦ୍ରୀୟ ସହାୟତା ପାଇଛନ୍ତି । କେନ୍ଦ୍ର ନିକଟରୁ ଆମେ ପାଇଲୁ କଣ ବୋଲି ଏବେ ସାଧାରଣ ଲୋକେ ପଚାରୁଛନ୍ତି ବୋଲି ସେ କହିଛନ୍ତି । ବିଜେଡି ବିଧାୟକ କଳିକେଶ ନାରାୟଣ ସିଂହଦେଓ କହିଛନ୍ତି ଯେ ବିଜେପି ସରକାର ଆସୁଆସୁ ୯୧ ହଜାର କୋଟିର ଋଣ କରିସାଲିଲେଣି । ଏ ସରକାରଙ୍କର କୌଣସି ଦୂରଦୃଷ୍ଟି ନାହିଁ । ସରକାରଙ୍କର ଓଡ଼ିଶାର ଅର୍ଥନୈତିକ ସ୍ଥିତି ଉପରେ କୌଣସି ଧ୍ୟାନ ନାହିଁ । ବହୁ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ପାଇଁ ବ୍ୟୟବରାଦ କମିଛି । ବିଭିନ୍ନ ବିଭାଗରେ ଗତ ବଜେଟରେ କରାଯାଇଥିବା ଅର୍ଥର ବ୍ୟୟ ବରାଦ ବହୁ କମ ରହିଛି । ଖାଲି ଘୋଷଣା କରିଦେଲେ ହେବ ନାହିଁ । କାମ କରି ଖର୍ଚ୍ଚ କରିବାକୁ ପଡ଼ିବ ବୋଲ ସେ କହିଛନ୍ତି ।

କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଥିଲେ ଯେ, ବିଜେପି ସରକାର ଆଣିଥିବା ବଜେଟରେ ବିକାଶ ପାଇଁ କିଛି ନାହିଁ । ଦୀର୍ଘ ମିଆଦୀ ଯୋଜନା ନାହିଁ । ଅନ୍ୟରାଜ୍ୟକୁ ଖଣି ଟେକି ଦେବାକୁ ମସୁଧା ହେଉଛି, ସେଥିପାଇଁ ୬ ଲେନ ରାସ୍ତା ସଂଯୋଗ କରୁଛନ୍ତି । ଖଣିକୁ କିଭଳି ସୁରୁଖୁରୁରେ ବୋହି ନେବେ । ମୁଖ୍ୟମନ୍ତ୍ରୀଙ୍କ ଅଞ୍ଚଳ ମଧ୍ୟ ଖଣି ଭରା ଅଞ୍ଚଳ । କେନ୍ଦ୍ରରେ ଥିବା ବିଜେପି ସରକାରଙ୍କ ଦୃଷ୍ଟି ଏହା ଉପରେ ଅଛି ବୋଲି ଶ୍ରୀ କାଡାମ୍ କହିଛନ୍ତି । ଆଲୋଚନାରେ ଭାଗ ନେଇ ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ କହିଛନ୍ତି ଯେ ନବୀନ ପଟ୍ଟନାୟକ ଦେଇଥିବା ଆର୍ଥିକ ବଳକା ରାଜ୍ୟକୁ ଅର୍ଥଅଭାବୀ ରାଜ୍ୟରେ ପରିଣତ କରୁଛନ୍ତି ଡବଲ ଇଞ୍ଜିନ୍ ସରକାର । କୌଣସି ଯୋଜନା କାର୍ଯ୍ୟକାରୀ ହେଉନି । ସବୁ କ୍ଷେତ୍ରରେ ଓଡ଼ିଶା ପଛକୁ ପଛକୁ ଚାଲିଛି । ୮ ମାସର ଶିଶୁ ଏବେ ଅପପୁଷ୍ଟିର ଶିକାର ହୋଇ ରୁଗ୍ଣ ହେଲାଣି । ଆମ୍ବ ଟାକୁଆ ଖାଇ, ବିଷାକ୍ତ ପାଣି ପିଇ ଲୋକେ ମରୁଛନ୍ତି । ଏ ସରକାର ବିକାଶର ତଣ୍ଟି ଚିପି ଦେଇଛନ୍ତି । ଜଣେ ଆଦିବାସୀ ମୁଖ୍ୟମନ୍ତ୍ରୀ ଥାଇ ସୁଦ୍ଧା ଆଦିବାସୀଙ୍କ ପାଇଁ ବ୍ୟୟବରାଦ ନିରୁତ୍ସାହଜନକ ରହିବା ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ଦାସ କହିଛନ୍ତି । କଂଗ୍ରେସ୍ ବିଧାୟିକା ସୋଫିଆ ଫିରଦୋସ କହିଛନ୍ତି ଯେ। ୨୦ ସାଂସଦ ଦେଇ ଆମ ମାଗିବା ଅଧିକାର ହରାଇଛୁ । କିନ୍ତୁ ବିହାର, ଆନ୍ଧ୍ର ଦାବି କରି ଟଙ୍କା ନେଉଛନ୍ତି । ମେଟ୍ରୋ ପ୍ରକଳ୍ପ ଏବେ ଅନିଶ୍ଚିତ ହୋଇଛି । ସେହିପରି ବିଜେଡି ବିଧାୟକ ସାରଦା ପ୍ରସାଦ ନାୟକ ସରକାର ଅଳ୍ପ ଚାଲୁଛି ବେଶୀ ଝୁଣ୍ଟୁଛି ବୋଲି କଟାକ୍ଷ କରିଛନ୍ତି ।

ଶାସକ ଦଳ ବିଧାୟକ ଟଙ୍କଧର ତ୍ରିପାଠୀ ବିରୋଧୀଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି । ସେ କହିଛନ୍ତି ଯେ ୨୦୩୬ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି । ସମୃଦ୍ଧ ଓଡ଼ିଶାର ମୂଳଦୁଆ ପକାଇବା ପାଇଁ ଏହି ବଜେଟ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ । ବଜେଟରେ ସମସ୍ତ ଦିଗକୁ ସରକାର ଗୁରୁତ୍ୱ ଦେଇଛନ୍ତି । ପୂର୍ବ ସରକାର ତୁଳନାରେ ଆମେ ସବୁ ବିଭାଗରେ ବ୍ୟୟ ବରାଦ ବୃଦ୍ଧି କରିଛୁ । ଏହା ଏକ ଐତିହାସିକ ବଜେଟ ଅଟେ । ଏହି ବଜେଟ ସାଧାରଣ ଲୋକଙ୍କ ପାଇଁ ସମର୍ପିତ ବଜେଟ ବୋଲି ସେ କହିଛନ୍ତି । ବିଜେପି ବିଧାୟକ ଇରାଶିଷ ଆଚାର୍ଯ୍ୟ ଏହାକୁ ଲୋକଭିମୁଖୀ ବଜେଟ ବୋଲି କହିଥିଲେ ।

### AFFIDAVIT

By an affidavit vide no. 731, dated 17.02.2025, before notary public Jeypore, Odisha, I Tarini Charan Sahu S/o- Nityananda Sahu, resident of Canal Road,, Po- P.R.Peta,Ps - Jeypore, ,Dist - Koraput has change my name to Tarini Chandra Sahu Hence forth I shall be known as **Tarini Chandra Sahu** for all purpose.

### AFFIDAVIT

By virtue of an affidavit vide No. 196, dated- 19/2/2025 sworn before the Executive Magistrate, Balikuda. I, **Abhisek Sahoo,** date of birth 08/12/2006, S/o- RajKishor Sahoo, Resident At: Balisahi, Po- Balikuda, Dist: Jagatsingpur, Pin- 754108, Odisha have changed my name from **Abhisek Sahoo,** date of birth **08/12/2006** and may father's name **Rajkishor Sahoo** to **Abhishek Sahoo,** date of birth **18/12/2006** and father's name **Raj Kishor Sahoo.** Henceforth I shall be known as **Abhishek Sahoo** for all future purposes.

### AFFIDAVIT

By an affidavit vide no. 732, dated 17.02.2025, before notary public Jeypore, Odisha, I Rasmita Panigrahi, W/o- Rabi Narayan Sahu, resident of Chikeniput, Po/Ps - Machhkund ,Dist - Koraput has change my name to Rasmita Kumari Panigrahi Hence forth I shall be known as **Rasmita Kumari Panigrahi** for all purpose .

### AFFIDAVIT

By virtue of an affidavit sworn before The Notary Public, Khordha dated- 18/02/2025. I, **Namarta,** Address: C/o Sk faruiddin, At- Jagirbad, PO/PS- Begunia, Dist- Khordha, Pin-752062, Odisha declare that I have changed my name from **Suriya Begum To Namarta.** Henceforth, I shall be known as **Namarta** for all future purposes.

**Sd/- Namarta**

### AFFIDAVIT

By virtue of an affidavit sl no 12, dated 19.02.2025 in the court of the Tahasildar cum Executive Magistrate, Phiringia, Dist Kandhamal, I, Sunati Kanhar have chaged my name from Sunita Kanhar to Sunati Kanhar. Henceforth I shall be known as **SUNATI KANHAR** in stead of **Sunita Kanhar** for all purposes.

**Sd/- Sunati Kanhar**

### AFFIDAVIT

By virtue of an affidavit no 197, dated 18.02.2025 in the court of Additional Tahasildar cum Executive Magistrate, Nabarangpur, I Sunita Raju have changed my name from Sk Amisa Bibi to Sunita Raju. Henceforth I shall be known as **SUNITA RAJU** instead of **Sk Amisa Bibi** for all purposes.

**Sd/- Sunita Raju**

### AFFIDAVIT

I, **Firdosh Jahan,** W/o- Mohammad Motiur Rahman resident of Ashyana Colony, Budeljore, Rourkela, Ps- Bisra, Dist- Sundergarh, Pin- 769001, Odisha. I have changed my minor daughter's name from **AYSHA MATIN To AYESHA MATIN** for all future purposes, vide affidavit No. 456, dated- 19/02/2025, before the Notary Public, Bhubaneswar, Khordha, Odisha.

### AFFIDAVIT

By virtue of an affidavit sworn before Executive Magistrate Baripada on dt. 17.02.2025, I, Babulu Soren of vill- Choksuliapada, Ps-Chandua, Dist-Mayurbhanj declare that I have changed my sons name from Satya Sundra Soren to Satya Sundar Soren. Henceforth he shall be known as **Satya Sundar Soren** for all purposes.

### AFFIDAVIT

By virtue of an affidavit sworn before the Executive Magistrate, Cuttack on dated 19/02/2025. I. **Subhashree Bal,** Resident of Vill/Po: Janarabarimul, PS/Dist: Kendrapara, Odisha-754210, declare that my name has been wrongly mentioned in my Aadhar Card is **Subhalaxmi Bal** instead of **Subhashree Bal.** Henceforth I shall be know as **Subhashree Bal,** D/o- Manas Kumar Bal for all future purposes.

**Sd/- Subhashree Bal**

### AFFIDAVIT

I, Motiur Rahman Khan, S/o- Mohammad Aslam Khan resident of Ashyana Colony, Budeljore, Rourkela, Ps- Bisra, Dist- Sundergarh, Pin- 769001, Odisha declared by this affidavit No. 463, dated- 19/02/2025 that now onwards I shall be known as **MOHAMMAD MOTIUR RAHMAN KHAN** for all future purposes.

### AFFIDAVIT

I, Nikhat Perwin, W/o- Anisur Rahman, resident of At- Jairampur, Po- Kood, Cuttack Rural, Dist- Cuttack, Pin- 754221, Odisha declared by this affidavit No. 464, dtd- 19/02/2025 that now onwards I shall be known as **NIKHAT PARWEEN** for all future purposes.

### AFFIDAVIT

By virtue of an affidavit CA no 402/2025, dated 19.02.2025, before the Executive Magistrate, Kodinga, Dist- Nabarangpur, I, Pratima Jani have changed my name from Pramila Jani & DOB 09.11.1994 to Pratima Jani & DOB 05.05.1995. Henceforth I shall be known as **PRATIMA JANI** & DOB 05.05.1995 instead of **Pramila Jani** DOB 09.11.1994 for all Purposes.

**Sd/- Pratima Jani**

### AFFIDAVIT

I, **Firdosh Jahan,** W/o- Mohammad Motiur Rahman resident of resident of Ashyana Colony, Budeljore, Rourkela, Ps- Bisra, Dist- Sundergarh, Pin- 769001, Odisha. I have changed my minor son's name from **MOHAMMAD ZAID KHAN To MD ZAYED KHAN** for all future purposes, vide affidavit No. 453, dated- 19/02/2025, before the Notary Public, Bhubaneswar, Khordha, Odisha.

**Antares Systems Ltd.**
Ph:080-45982100/033-46046611
e-mail: esale@etenderwizard.com
e-Auction for disposal of Burnt Oil, Old, Used & Unserviceable Items of Mahanadi Coalfields Limited, Sambalpur. Website: www.tenderwizard.com/ESALE.
**Auction No's**
1) **ASL/MCL/DISPOSAL/24-25/12** Auction Date: 26-02-2025
2) **ASL/MCL/DISPOSAL/24-25/13** Auction Date: 27-02-2025
3) **ASL/MCL/DISPOSAL/24-25/14** Auction Date: 05-03-2025
4) **ASL/MCL/DISPOSAL/24-25/15** Auction Date: 06-03-2025
For further information, contact Helpdesk at the above address.
**Refer Sale notice for further details.**

### AFFIDAVIT

I, Firdous Jahan, W/o- Mohammad Motiur Rahman resident of Ashyana Colony, Budeljore, Rourkela, Ps- Bisra, Dist- Sundergarh, Pin- 769001, Odisha declared by this affidavit No. 455, dated- 19/02/2025 that now onwards I shall be known as **FIRDOSH JAHAN** for all future purposes.

### AFFIDAVIT

By virtue of an affidavit sworn before the Executive Magistrate, Sukruli, Mayurbhanj dtd.-11.02.2025, I Sabita Bej,w/o -Tuna Bej,, resident of At-Naupana, Po- Sukruli , PS.- Raruan, Dist.- Mayurbhanj, Odisha- 757039, declare that I have changed my daughter's name from **Suity Bej** to **Sweety Bej**. Henceforth she will be known as **Sweety Bej** for all purposes.

**Sd/- Sabita Bej**

### AFFIDAVIT

I, Mohammad Matiur Rahman Khan, S/o- Mohammad Aslam Khan resident of resident of Ashyana Colony, Budeljore, Rourkela, Ps- Bisra, Dist- Sundergarh, Pin- 769001, Odisha declared by this affidavit No. 454, dated- 19/02/2025 that now onwards I shall be known as **MOHAMMAD MOTIUR RAHMAN** for all future purposes.

### AFFIDAVIT

By virtue of an affidavit sworn before the Executive Magistrate, Cuttack, dated 19.02.2025, I, Debendra Lenka permanent resident of Village: Kulasarichuan, Po: Sarichuan, PS: Bentakar (42 Mouza), Dist : Cuttack, Odisha.Pin- 754112 have changed my name and surname from Davinder Nath to **Debendra Lenka.** Henceforth, I shall be known as **Debendra Lenka** for all purposes.

**(Debendra Lenka)**

### AFFIDAVIT

By virtue of an affidavit sworn before the Executive Magistrate, Sukruli, Mayurbhanj dtd.-14.02.2025, I Gokulananda Naik, S/o late Shantanu Kumar Naik, resident of At/Po.- Khiching, PS.- Raruan, Dist.- Mayurbhanj, Odisha- 757039, declare that I have changed my daughter's name from **Chinani Naik** to **Jilani Naik**. Henceforth she will be known as **Jilani Naik** for all purposes.

**Sd/- Gokulananda Naik**

### AFFIDAVIT

By virtue of an affidavit sworn before P.K.Mishra (O.R.S) (Executive Magistrate, Balasore) on dated 19-02- 2025, I Braja Mohan Behera, S/o Late Lalu Behera, At- Tulasipada, Po- Puruna Balasore, Ps- Chandipur, Dist- Balasore, declare that I have Changed my Daughter's name from Sanjita Behera to Chhandita Behera. Henceforth, She shall be known as **Chhandita Behera** for all Purposes.

**Sd/- Chhandita Behera**

### କାନରା ବ୍ୟାଙ୍କ Canara Bank — ସିଣ୍ଡିକେଟ Syndicate

କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର,
ଏଫ୍-୪, ୨ୟ ମହଲା, ଇନ୍ଦ୍ରଧନୁ ମାର୍କେଟ, ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତିଗୁଡିକ ନିମନ୍ତେ)

ନିମ୍ନସ୍ୱାକ୍ଷରକାରୀ **କାନାରା ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୧୨) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା । ଯେହେତୁ, ଋଣଗ୍ରହୀତା ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪)ସହିତ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତାବଳରେ ନିମ୍ନସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତିକୁ **ଦଖଲ** କରିଛନ୍ତି । ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି କି, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କର ସମ୍ପୃକ୍ତ ଶାଖା** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ଦେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ । ଏତଦ୍ୱାରା **ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩(୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।**

| ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିଗୁଡିକର ସଂପୂର୍ଣ୍ଣ ବିବରଣୀ / (ଖ)ଧାରା ୧୩(୨) ନୋଟିସ୍ ତାରିଖ / (ଗ) ଧାରା ୧୩ (୪) ନୋଟିସ୍ ତାରିଖ / (ଘ) ବକେୟା ପରିମାଣ |
|---|---|
| **ଆଇଆରସି ଭିଲେଜ୍ ଶାଖା (୩୬୭୫) /** **ଋଣଗ୍ରହୀତା: ଶ୍ରୀ ବିରେନ ସ୍ୱାଇଁ,** ପିତା: ଲିଙ୍ଗରାଜ ସ୍ୱାଇଁ, **ଠିକଣା-୧:** ୮୭୪, ନଟବର ନଗର, ୨ୟ ଲେନ୍, ଟାଟାବେଞ୍ଚ ସ୍କୋୟାର ନିକଟ, ବ୍ରହ୍ମପୁର ସଦର, ଗଞ୍ଜାମ, ପିନ୍-୭୬୦୦୦୧, **ଠିକଣା-୨:** ଗ୍ରା/ପୋ: ବୁଗୁମ୍, ଭାୟା: ଧରାକୋଟ, ଥାନା: ବରଗଡ଼, ଜିଲ୍ଲା: ଗଞ୍ଜାମ, ଓଡିଶା-୭୬୧୧୦୭ | କ) **ଶ୍ରୀ ବିରେନ ସ୍ୱାଇଁଙ୍କ ନାମରେ** "ଡିଏନ୍ ପେରିଡେଲ" ନାମକ ବିଲ୍ଡିଂ (୩ ବିଏଚ୍‌କେ)ର ଟାୱାର ନଂ.: ୩ର ବ୍ଲକ୍-୨ର ତଳ ମହଲା (ଟାଇପ୍-୧)ରେ ଥିବା ନିର୍ମାଣାଧୀନ ବାସୋପଯୋଗୀ ଫ୍ଲାଟ୍ ଯାହାର ପରିମିତ କ୍ଷେତ୍ର: ୧୬୧୫ ବର୍ଗଫୁଟ (ବିକ୍ରୟ ଯୋଗ୍ୟ ଏରିଆ) / ୯୭୦ ବର୍ଗଫୁଟ (କାର୍ପେଟ ଏରିଆ), ୧୧୦ ବର୍ଗଫୁଟ (ବାଲ୍‌କୋନୀ ଏରିଆ) ସହିତ ପ୍ରଯୁଜ୍ୟ ଆଇନ ଅନୁଯାୟୀ ବ୍ୟବହାରଯୋଗ୍ୟ ଅନୁମୋଦିତ ଗୋଟିଏ ପାର୍କିଂ ସ୍ଥାନର ସ୍ୱତନ୍ତ୍ର ଅଧିକାର ଏବଂ ବିଲ୍ଡିଂର କମନ୍ ଏରିଆରେ ଚଳପ୍ରଚଳ ଅଂଶ ଯାହାର ମୌଜା: ମଦନପୁର ଏବଂ ଦୁର୍ଗାପୁର ଯାହାକି ମେସର୍ସ ଡିଏନ୍ ହୋମ୍ସ ପ୍ରା. ଲିଃ. ଦ୍ୱାରା ବିକଶିତ, ୬ଟି |
| ଖାତା, ୧୮ ଟି ପ୍ଲଟ୍‌ରେ ନିର୍ମିତ ଏହି ପ୍ରକଳ୍ପର **ସର୍ବମୋଟ କ୍ଷେତ୍ର: ଏକର ୮.୧୫୪ ଡିସିମିଲି,** ସମସ୍ତ ପ୍ଲଟ୍‌ର ସ୍ୱତ୍ୱ: ସ୍ଥିତିବାନ, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ୩୦୦୪, ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୩୦୦୨ / ଖ) **୨୭.୦୩.୨୦୨୪ / ଗ) ୧୫.୦୨.୨୦୨୫ / ଘ) ଟ.୪୦,୨୪,୯୮୦.୦୦ (ଚାଳିଶି ଲକ୍ଷ ଚବିଶି ହଜାର ନଅ ଶହ ଅଶି ଟଙ୍କା ମାତ୍ର)** ଏବଂ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ । | |
| **ବାଲୁଗାଁ ଶାଖା (୩୪୫୫) /** **ଋଣଗ୍ରହୀତା: ଶ୍ରୀ କୁଞ୍ଜ ବିହାରୀ ସେନାପତି,** ପିତା: ବାଙ୍କାନିଧି ସେନାପତି, ଫରେଷ୍ଟ ରେଞ୍ଜ ଅଫିସ୍ ସମ୍ମୁଖ, ବାଲୁଗାଁ, ଜିଲ୍ଲା: ଖୋର୍ଦ୍ଧା, ପିନ୍ - ୭୫୨୦୩୦ / **ଗ୍ୟାରେଣ୍ଟିଦାତା: ଶ୍ରୀ ପ୍ରକାଶ ଚନ୍ଦ୍ର ସେନାପତି,** ପିତା: କୁଞ୍ଜ ବିହାରୀ ସେନାପତି, ଫରେଷ୍ଟ ରେଞ୍ଜ ଅଫିସ୍ ସମ୍ମୁଖ, ବାଲୁଗାଁ, ଜିଲ୍ଲା: ଖୋର୍ଦ୍ଧା, ପିନ୍ - ୭୫୨୦୩୦ | କ) **ଶ୍ରୀ କୁଞ୍ଜ ବିହାରୀ ସେନାପତିଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଜିଲ୍ଲା: ଖୋର୍ଦ୍ଧା, ଥାନା: ବାଣପୁର, ଥାନା ନଂ.: ୨୯୫, ସବ୍ ରେଜିଷ୍ଟ୍ରାର: ଚିଲିକା, ତହସିଲ: ଚିଲିକା, ତହସିଲ ନଂ.: ୨୯୫, ମୌଜା: କୁଲାକୁଣ୍ଡାଇ, ଖାତା ନଂ.: ୧୮୫, ପ୍ଲଟ୍ ନଂ.: ୧୫୬/୪୧୦, କ୍ଷେତ୍ର: ଏକର ୦.୦୪୩ ଡିସିମିଲି, ସ୍ୱତ୍ୱ: ସ୍ଥିତିବାନ, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: କ୍ଷୀରୋଦ କୁମାର କର, ପୂର୍ବ: ସୁଦର୍ଶନ ପଲେଇ, ପଶ୍ଚିମ: ଗଗନ ସ୍ୱାଇଁ / **ଖ) ୧୦.୧୨.୨୦୨୪ / ଗ) ୨୦.୦୨.୨୦୨୫ / ଘ) ଟ.୧,୩୬,୯୯୬.୮୩ (ଏକ ଲକ୍ଷ ଛତିଶି ହଜାର** |
| ନଅ ଶହ ଛୟାନବେ ଟଙ୍କା ଏବଂ ତେୟାଅଶି ପଇସା ମାତ୍ର) ଏବଂ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ । | |

**ସ୍ଥାନ: ଭୁବନେଶ୍ୱର**
**ତାରିଖ: ୨୦.୦୨.୨୦୨୫**

**ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ**
**କାନାରା ବ୍ୟାଙ୍କ**

# ସମ୍ପାଦକୀୟ



ଜଣେ ଶିଶୁ, ଜଣେ ଶିକ୍ଷକ, ଗୋଟିଏ ବହି ଓ ଗୋଟିଏ କଲମ ବିଶ୍ୱକୁ ବଦଳାଇ ଦେଇପାରେ।
-ମଲାଲା ୟୁସଫଜାଇ

ସକାଳ
THE SAKALA

## 'ମାଗା'-'ମିଗା'

ରାଷ୍ଟ୍ର-ସ୍ୱାର୍ଥ ଆଗରେ ଶତ୍ରୁ-ମିତ୍ର ଭାବନା, ଭାବପ୍ରବଣତା କିମ୍ବା ପକ୍ଷପାତିତାର ସ୍ଥାନ ନାହିଁ। ଏହା ହିଁ ଜଣେ ରାଷ୍ଟ୍ରବାଦୀ ଜନନାୟକର ପରିଚାୟକ ଓ ଦାୟିତ୍ୱବୋଧ। 'ଆମେରିକା ଫାଷ୍ଟ(ଆମେରିକାର ସ୍ୱାର୍ଥ ସର୍ବାଗ୍ରେ)' ଓ 'ରେସିପ୍ରୋକାଲ୍ ଟାରିଫ୍(ପରସ୍ପରାନୁବର୍ତ୍ତୀ ବା ଯେସାକୁ ତେସା ଟାରିଫ୍)' ନୀତିରେ ରାଷ୍ଟ୍ର ଓ ଶାସନ ମୁଖ୍ୟ ଭାବେ ଡୋନାଲ୍ଡ ଟ୍ରମ୍ପଙ୍କ ଏହି ଆଭିମୁଖ୍ୟ ଯଦି ପ୍ରତିଫଳିତ ହୋଇଛି ସେଥିରେ ଅସ୍ୱାଭାବିକତା ନାହିଁ। କାରଣ ଦ୍ୱିତୀୟ ଥର ରାଷ୍ଟ୍ରପତି ଭାବେ ପଦ ଓ ଗୋପନୀୟତାର ଶପଥ ସହିତ ସେ 'ମେକ୍ ଆମେରିକା ଗ୍ରେଟ୍ ଏଗେନ୍(ମାଗା)'ର ସଂକଳ୍ପ ନେଇଥିବା ଘୋଷଣା କରିଛନ୍ତି। ଏହା କିନ୍ତୁ ଭିନ୍ନ ପ୍ରସଙ୍ଗ ଯେ ଟ୍ରମ୍ପଙ୍କ 'ମାଗା' ନୀତି ଏବେ ଭାରତ ସମେତ ବିଶ୍ୱ ବାଣିଜ୍ୟ ପ୍ରତି ଗୁରୁତର ଆହ୍ୱାନ ସୃଷ୍ଟି କରିଛି।

ଡୋନାଲ୍ଡ ଟ୍ରମ୍ପଙ୍କ ରେସିପ୍ରୋକାଲ୍ ଟାରିଫ୍ ନୀତିର ଯୁକ୍ତି ହେଉଛି, ଗାଟ୍(ଜେନେରାଲ୍ ଏଗ୍ରିମେଣ୍ଟ ଅନ୍ ଟାରିଫ୍ ଆଣ୍ଡ ଟ୍ରେଡ୍) ଯୋଗୁଁ ଦୀର୍ଘଦିନ ଧରି ଆମେରିକୀୟ ଉତ୍ପାଦ ଓ ଉତ୍ପାଦକ ବିଶ୍ୱବଜାରରେ ଅନ୍ୟାୟର ଶିକାର ହେଉଛନ୍ତି। ଆମେରିକାର କୋହଳ ଟାରିଫ୍ ନୀତିର ଫାଇଦା ନେଇ ବିକାଶଶୀଳ ରାଷ୍ଟ୍ରମାନେ ଶସ୍ତାରେ ଆମେରିକାକୁ ରପ୍ତାନୀ କରୁଛନ୍ତି; ଅଥଚ ଆମେରିକୀୟ ଉତ୍ପାଦ ଉପରେ ଚଡ଼ା ଦରରେ ଆମଦାନୀ ଶୁଳ୍କ ଲାଗୁ କରି ନିଜ ଦେଶରେ ମହଙ୍ଗା କରିଦେଉଛନ୍ତି। ଏହାଦ୍ୱାରା ଆମେରିକୀୟ ବାଣିଜ୍ୟ ଗୁରୁତର ପ୍ରଭାବିତ ହେଉଛି। ଉଦାହରଣ ସ୍ୱରୂପ ଚୀନ୍ ସହିତ ଆମେରିକାର ବାଣିଜ୍ୟ ନିଅଣ୍ଟ ୧ ଲକ୍ଷ କୋଟି ଡଲାର ଥିବା ବେଳେ ଆମେରିକା ସହିତ ଚୀନ୍‌ର ବାଣିଜ୍ୟ ବଳକା ୧ ଲକ୍ଷ କୋଟି ଡଲାର। ଏଣୁ ଆସନ୍ତା ଏପ୍ରିଲ୍ ମାସରୁ ଆମେରିକା ମଧ୍ୟ ଯେସାକୁ ତେସା ନୀତି ଗ୍ରହଣ କରି ଯେଉଁ ଦେଶ ଆମେରିକୀୟ ଉତ୍ପାଦ ଉପରେ ଯେତିକି ଆମଦାନୀ ଶୁଳ୍କ ଲାଗୁ କରିବ ସେହି ଦେଶର ଉତ୍ପାଦ ଉପରେ ସମାନ କିମ୍ବା ତା'ଠାରୁ ଅଧିକ ଆମଦାନୀ ଶୁଳ୍କ ଲାଗୁ କରିବ। ଯେଉଁ ଦେଶ ନିଜ ବଜାରକୁ ଆମେରିକୀୟ ଉତ୍ପାଦ ପାଇଁ ଉନ୍ମୁକ୍ତ କରିବ ସେହି ଦେଶ ପ୍ରତି ଆମେରିକାର ଟାରିଫ୍ ନୀତି ନମନୀୟ ହେବ। ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆମେରିକା ଗସ୍ତ କାଳରେ ମିଳିତ ସାମ୍ବାଦିକ ସମ୍ମିଳନୀରେ ଟ୍ରମ୍ପ 'ମାଗା' ନୀତି ଘୋଷଣା କରିଥିବା ବେଳେ ପରବର୍ତ୍ତୀ ଏକ ସାକ୍ଷାତକାରରେ ମଧ୍ୟ ତାଙ୍କ ସଂକଳ୍ପରେ ଦୃଢ଼ ଥିବା ଦୋହରାଇଛନ୍ତି।

ଜଗତୀକରଣ ସହିତ ଜନ୍ମ ନେଇଥିବା ମୁକ୍ତ ବାଣିଜ୍ୟ ରାଜିନାମା ତତ୍ତ୍ୱ ଏବେ ଯୁଦ୍ଧମୁଖୀ ଓ ତୀବ୍ର ପ୍ରତିଯୋଗିତାପୂର୍ଣ୍ଣ ବଜାର ଅର୍ଥନୀତିରେ ପ୍ରାସଙ୍ଗିକତା ହରାଉଛି ଏବଂ ସାମ୍ପ୍ରତିକ ଭୂରାଜନୀତିରେ ଶ୍ରେଷ୍ଠତ୍ୱ ପ୍ରତିପାଦନରେ ଟାରିଫ ବା ଶୁଳ୍କ ଏକ ପ୍ରଭାବଶାଳୀ ଅସ୍ତ୍ର ହୋଇଛି। ତେଣୁ ଯେଉଁ ଦେଶ ନିଜକୁ ସୁହାଇବା ଭଳି ଟାରିଫ ନୀତି(ଆମଦାନୀ ଶୁଳ୍କ ବୃଦ୍ଧି ଓ ରପ୍ତାନୀ ଶୁଳ୍କ ହ୍ରାସ) ଜରିଆରେ ନିଜ ଦେଶର ଉତ୍ପାଦକୁ ଘରୋଇ ଓ ଅନ୍ତଃରାଷ୍ଟ୍ରୀୟ ସ୍ତରରେ ସୁରକ୍ଷା ଦେଇପାରିବ ଏବଂ ପ୍ରତିଯୋଗୀକ୍ଷମ କରାଇ ପାରିବ ସେହି ଦେଶ ହିଁ ଅଗ୍ରଣୀ ମାନ୍ୟତା ପାଇବ। ଏହିକ୍ରମରେ ଟ୍ରମ୍ପଙ୍କ 'ମାଗା' ନୀତିକୁ ଟକ୍କର ଦେବା ଭଳି ଆମେରିକାରେ ମିଳିତ ସାମ୍ବାଦିକ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ମେକ୍ ଇଣ୍ଡିଆ ଗ୍ରେଟ୍ ଏଗେନ୍(ମିଗା)' ନୀତି ଘୋଷଣା କରିଛନ୍ତି। ରାଷ୍ଟ୍ରୀୟ ଭାବନା ଓ ଜାତୀୟତା ମୂଲ୍ୟବୋଧ ଦୃଷ୍ଟିକୋଣରୁ 'ମିଗା' ସ୍ୱାଗତଯୋଗ୍ୟ ଓ ପ୍ରଶଂସନୀୟ ନିଶ୍ଚୟ। କିନ୍ତୁ ସାମ୍ପ୍ରତିକ ସ୍ଥିତିରେ 'ମାଗା'କୁ ଯେ 'ମିଗା' ଟକ୍କର ଦେଇପାରିବ ସେ ସମ୍ଭାବନା ଅନେକ ଦୃଷ୍ଟିରୁ କ୍ଷୀଣ ଲାଗୁଛି। ଭାରତ-ଆମେରିକା ସଦ୍ୟତମ ଦ୍ୱିପାକ୍ଷିକ ଚୁକ୍ତିନାମା ଉପରେ କ୍ଷୀଣ ଦୃଷ୍ଟି ପକାଇଲେ ମଧ୍ୟ 'ମାଗା' ଆଗରେ 'ମିଗା'ର ବିବଶତା ବାରି ହୋଇପଡୁଛି।

ଦ୍ୱିପାକ୍ଷିକ ଆଲୋଚନା ବେଳେ ଟ୍ରମ୍ପ ସ୍ପଷ୍ଟ କରିଛନ୍ତି ଯେ ଆମେରିକା କେବଳ ଭାରତର ମେଧାବୀ ଆଇଟି ମାନବ ସମ୍ବଳକୁ ନିଜ ଦେଶରେ କାମ କରିବାର ସୁଯୋଗ ଦେବ; କିନ୍ତୁ ବହିରାଗତଙ୍କ ଭିସା କଟକଣାକୁ କୌଣସିମତେ କୋହଳ କରାଯିବାର ପ୍ରଶ୍ନ ଉଠୁନାହିଁ। ଏବେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ପ୍ରତିଯୋଗିତା ତୀବ୍ର ହୋଇଥିବା ବେଳେ ଭାରତ ମଧ୍ୟ ଏହି ଦୌଡ଼ରେ ସାମିଲ୍ ହୋଇଛି ଏବଂ ଏଥିପାଇଁ ୧୯୦୦୦ ଗ୍ରାଫିକ୍‌ପ୍ରୋସେସିଂ ୟୁନିଟ୍(ଜିପିୟୁ) ଆମେରିକାରୁ ମାଗିଛି। କିନ୍ତୁ ଚୀନ୍‌ର 'ଡିପ୍‌ସେକ୍'କୁ ଟକ୍କର ଦେବା ପାଇଁ ଓରାକଲ୍, ମାଇକ୍ରୋସଫ୍ଟ, ନିଭିଦିଆ, ସଫ୍ଟ ବ୍ୟାଙ୍କ ପରି ଆମେରିକା ବୃହତ୍ ଆଇଟି କମ୍ପାନୀମାନେ ଓପନ୍ ଏଆଇ ସହିତ ହାତ ମିଳାଇଥିବାରୁ ଭାରତକୁ ଜିପିୟୁ ଏତେ ସହଜରେ ମିଳିବାର ଆଶା କ୍ଷୀଣ। ଅପରପକ୍ଷରେ ଯଦି ଭାରତର ଆଇଟି ମେଧା ସମ୍ବଳକୁ ଅଧିକ ବେତନ ଦେଇ ଆମେରିକା ହାସଲ କରିନେବ ତେବେ ସ୍ୱାଭାବିକ ଭାବରେ ଏଆଇ ପ୍ରତିଯୋଗିତାରେ 'ମାଗା' ଆଗରେ 'ମିଗା' ଫିକା ପଡ଼ିଯିବ। ସମ୍ପ୍ରତି ଭାରତ ପ୍ରତିରକ୍ଷା ଓ ଇନ୍ଧନ ଚାହିଦା ପୂରଣ ପାଇଁ ପାରମ୍ପରିକ ବନ୍ଧୁ ରୁଷ ଉପରେ ନିର୍ଭରଶୀଳ ଥିବା ବେଳେ ଟ୍ରମ୍ପଙ୍କୁ ଅସନ୍ତୁଷ୍ଟ ନ କରିବା ପାଇଁ ନରେନ୍ଦ୍ର ମୋଦୀ ସଦ୍ୟତମ ଚୁକ୍ତି ଅନୁଯାୟୀ ଆମେରିକା ପାଇଁ ଭାରତୀୟ ପ୍ରତିରକ୍ଷା ଓ ଇନ୍ଧନ ବଜାର ଉନ୍ମୁକ୍ତ କରିବାକୁ ଯାଉଛନ୍ତି। ଏବେ ଆମେରିକା ସହିତ ଭାରତର ବାଣିଜ୍ୟ ନିଅଣ୍ଟ ୩୫୦୦୦ କୋଟି ଡଲାର ଥିବା ବେଳେ ଆମେରିକୀୟ ଇନ୍ଧନ ଆମଦାନୀ ବଢ଼ିଲେ ବାଣିଜ୍ୟ ନିଅଣ୍ଟ ବୃଦ୍ଧି ପାଇ ଡଲାର ତୁଳନାରେ ଟଙ୍କା ମୂଲ୍ୟ ଆହୁରି ଦୁର୍ବଳ ହେବ। ଅପରପକ୍ଷରେ ଆମେରିକା ବଜାରରେ ଭାରତୀୟ ସାମଗ୍ରୀକୁ ପ୍ରତିଯୋଗୀକ୍ଷମ କରିବା ପାଇଁ ଭାରତ ଯଦି ରପ୍ତାନୀକାରୀଙ୍କୁ ଅଧିକ ପ୍ରୋତ୍ସାହନ କିମ୍ବା ଆର୍ଥିକ ସହାୟତା ଯୋଗାଇଦିଏ ତେବେ ଟ୍ରମ୍ପଙ୍କ ଘୋଷଣା ଅନୁଯାୟୀ ଭାରତୀୟ ଉତ୍ପାଦ ଉପରେ ଆହୁରି ଅଧିକ ଟାରିଫ୍ ଲାଗୁ ହେବ। ଏହାଦ୍ୱାରା ଭାରତର ଘରୋଇ ଉତ୍ପାଦକ ତ କ୍ଷତିଗ୍ରସ୍ତ ହେବେ ଦେଶର ରାଜକୋଷ ଉପରେ ମଧ୍ୟ ବୋଝ ବଢ଼ିବ। ଏହାଛଡ଼ା ଚୀନର 'ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍'କୁ ପ୍ରତିହତ କରିବା ଲାଗି ଆମେରିକା ପରିକଳ୍ପିତ ଆଇଏମ୍‌ଇଇସି(ଇଣ୍ଡିଆ ମିଡିଲ୍ ଇଷ୍ଟ ୟୁରୋପ ଇକୋନୋମିକ୍ କରିଡର)ରେ ଟ୍ରମ୍ପଙ୍କ ମଧ୍ୟପ୍ରାଚ୍ୟ ଦଖଲ ନୀତି ପ୍ରଚ୍ଛନ୍ନ ଥିବାରୁ ଭାରତର ଚବାହାର ବନ୍ଦର ପ୍ରତିଷ୍ଠା ଲକ୍ଷ୍ୟ ପରାହତ ହେବ ଏବଂ ଚୀନ୍ ତୁଳନାରେ ଭାରତର କ୍ଷତି ସହିବ। ଏଭଳି ପରିସ୍ଥିତିରେ ଭାରତୀୟ ଶିଳ୍ପଭିତ୍ତିକ ରପ୍ତାନୀ ବାଣିଜ୍ୟର 'ମିଗା' ଲକ୍ଷ୍ୟ ସଫଳ ହେବ କେମିତି? ବିଶେଷକରି 'ମାଗା'ରେ ଭାରତୀୟ କୃଷି ଓ କୃଷକ ସର୍ବାଧିକ କ୍ଷତିଗ୍ରସ୍ତ ହେବ।

'ମାଗା'କୁ ଟକ୍କର ଦେବା ଏବଂ 'ମିଗା'କୁ ସଫଳ କରିବାକୁ ହେଲେ ଭାରତ ଦକ୍ଷତା ବିକାଶକୁ ଆହୁରି ଅଧିକ ପ୍ରାଧାନ୍ୟ ଦେବାକୁ ପଡ଼ିବ। ଉତ୍ପାଦର ଗୁଣବତ୍ତା ବୃଦ୍ଧି ସହିତ କଞ୍ଚାମାଲ୍ ମୂଲ୍ୟ କମ୍ ରହିଲେ 'ମିଗା' ଆଗରେ 'ମାଗା' ଦୁର୍ବଳ ପ୍ରମାଣିତ ହେବ। କିନ୍ତୁ ଏଥିପାଇଁ କେବଳ କେନ୍ଦ୍ରୀୟ ନୀତି ଯଥେଷ୍ଟ ନୁହେଁ। ତୃଣମୂଳସ୍ତରର ଅଂଶୀଦାରଙ୍କୁ ନୀତି ନିର୍ଦ୍ଧାରକମାନେ ବିଶ୍ୱାସକୁ ନେଇ ବାଣିଜ୍ୟ ନୀତିର ବିକେନ୍ଦ୍ରୀକରଣ କରିବା ଦିଗରେ ଦୃଷ୍ଟି ଦେବା ଅପରିହାର୍ଯ୍ୟ।

## ପକ୍ଷୀଙ୍କ ଦେଶାଟନ ଓ ଗଣନାକୌଶଳ

**ପ୍ରମୋଦ ଧଳ**

ପ୍ରଶ୍ନ ଉଠେ ପକ୍ଷୀମାନେ ମାଇଲ ମାଇଲ ଦୂରରୁ କାହିଁକି ଆସନ୍ତି? ଯେମିତି ମଣିଷ ଖାଦ୍ୟ ପାଇଁ ଦୂରଦୂରାନ୍ତ ସ୍ଥାନକୁ ସ୍ଥାନାନ୍ତରିତ ବା ଦେଶାନ୍ତରିତ ହୁଅନ୍ତି, ସେହିପରି ପକ୍ଷୀମାନେ ଯେଉଁ ମୁଖ୍ୟତଃ ଦୁଇଟି କାରଣ ପାଇଁ ଉତ୍ତର ମେରୁରୁ ଦକ୍ଷିଣ ମେରୁକୁ ଯାତ୍ରା କରନ୍ତି ତାହା ହେଉଛି ଖାଦ୍ୟ ଓ ବାସସ୍ଥାନ। ଶୀତ ଯେତିକି ପାଖେଇ ଆସେ ଏବଂ କୀଟପତଙ୍ଗ ଓ ଖାଦ୍ୟ ଉପଲବ୍ଧତା ହ୍ରାସ ପାଏ, ପକ୍ଷୀମାନେ ଦକ୍ଷିଣକୁ ଗତି କରିବା ଆରମ୍ଭ କରିଦିଅନ୍ତି। ଶୀତରୁ ରକ୍ଷା ପାଇବା ମଧ୍ୟ ଏହାପଛର ଆଉ ଏକ କାରଣ। ଯାଯାବର ପକ୍ଷୀମାନେ ସେମାନଙ୍କର ବାର୍ଷିକ ଭ୍ରମଣରେ ହଜାରହଜାର କିଲୋମିଟର ଅତିକ୍ରମ କରିପାରନ୍ତି ଏବଂ ବର୍ଷକୁ ବର୍ଷ ସମାନ ପଥ ଅନୁସରଣ କରନ୍ତି।

ପ୍ରଥମ ଥର ପାଇଁ ପକ୍ଷୀମାନେ ପ୍ରାୟତଃ ନିଜେ ବିନା ଅନୁସରଣ କରି ସ୍ଥାନାନ୍ତରଣ କରିଥା'ନ୍ତି। କୌଣସି ପ୍ରକାରେ ସେମାନେ ସେମାନଙ୍କର ଗନ୍ତବ୍ୟସ୍ଥଳ ପାଇଯା'ନ୍ତି ଏବଂ ପର ବର୍ଷ ମଧ୍ୟ ସେହି ସମାନ ସ୍ଥାନକୁ ଅକ୍ଳେଶରେ ପହଞ୍ଚି ପାରନ୍ତି। ସେମାନଙ୍କର ଚମତ୍କାର ଦିଗବାରେଣୀ କୌଶଳର ରହସ୍ୟ ସମ୍ପୂର୍ଣ୍ଣ ରୂପେ ବୁଝାପଡ଼ି ନାହିଁ ଆଜି ଯାଏଁ। କେତେକ ଗବେଷକଙ୍କ ମତରେ ପକ୍ଷୀମାନେ ବିଭିନ୍ନ ପ୍ରକାରର ଇନ୍ଦ୍ରିୟଗୁଡ଼ିକୁ ଏକତ୍ର କରି ଅନୁସରଣ କରିବା ଏକ କାରଣ ହୋଇପାରେ। ପକ୍ଷୀମାନେ ସୂର୍ଯ୍ୟ, ତାରା ଓ ପୃଥିବୀର ଚୁମ୍ବକୀୟ କ୍ଷେତ୍ରକୁ ଅନୁଭବ କରି ଦିଗ ସୂଚନା ପାଇପାରନ୍ତି। ସେମାନେ ସୂର୍ଯ୍ୟ ଅସ୍ତ ହେବାର ସ୍ଥିତି ଏବଂ ଦିନରେ ଦେଖାଯାଇଥିବା ଭୂସ୍ଥିତି ଓ ଚିହ୍ନରୁ ମଧ୍ୟ ସୂଚନା ପାଆନ୍ତି। ଥରେ ଗୋଟିଏ ପକ୍ଷୀ ଏହାର ପ୍ରଥମ ବାର୍ଷିକ ସ୍ଥାନାନ୍ତରଣଚକ୍ରକୁ ସଫଳତାର ସହିତ ସମାପ୍ତ କଲା ପରେ ପ୍ରାୟତଃ ଜୀବନସାରା ସମାନ ଢାଞ୍ଚାକୁ ପୁନରାବୃତ୍ତି କରନ୍ତି। ସ୍ଥାନାନ୍ତରିତ ପକ୍ଷୀମାନେ ମୁଖ୍ୟତଃ ଉତ୍ତର ୟୁରେସିଆର ହିମାଳୟର ପାର୍ଶ୍ୱରୁ, କାସପିଆନ୍ ଅଞ୍ଚଳ, ସାଇବେରିଆ, କାଜାଖସ୍ତାନ, ବାଇକାଲ୍ ହ୍ରଦ ଓ ରୁଷର ଦୂରବର୍ତ୍ତୀ ଅଞ୍ଚଳମାନଙ୍କରୁ ଓଡ଼ିଶାର ଚିଲିକା ହ୍ରଦ ସମେତ ଅନ୍ୟ ଜଳଭଣ୍ଡାରକୁ ଆସିଥା'ନ୍ତି ଏବଂ ଗ୍ରୀଷ୍ମ ଆରମ୍ଭ ପୂର୍ବରୁ ନିଜସ୍ଥାନକୁ ଫେରି ଯାଆନ୍ତି।

ଜଙ୍ଗଲ ବିଭାଗର 'ୱାଇଲ୍ଡ ଲାଇଫ ୱିଙ୍ଗ' ଗତ ଜାନୁଆରୀ ୧୮ ତାରିଖରେ ଓଡ଼ିଶାରେ ବାର୍ଷିକ ପକ୍ଷୀଗଣନା କରିଥିଲେ। ସାଧାରଣତଃ ଜଳଭଣ୍ଡାର ଓ ଆଦ୍ରଭୂମିରେ ଦେଖାଯାଉଥିବା ସମସ୍ତ ପ୍ରଜାତିର ଦେଶୀୟ ଓ ବହିରାଗତ ପକ୍ଷୀମାନଙ୍କ ପ୍ରଜାତି ଓ ସଂଖ୍ୟା ଆକଳନ ଏହି ପକ୍ଷୀଗଣନାର ମୁଖ୍ୟ ଲକ୍ଷ୍ୟ। ଏହି କାର୍ଯ୍ୟ ପାଇଁ ପକ୍ଷୀ ବିଶାରଦ, ପକ୍ଷୀ ଫଟୋଗ୍ରାଫର, ବନ କର୍ମଚାରୀ, ବିଏନ୍‌ଏଚ୍‌ଏସ୍‌ର ଅଧିକାରୀ, ଓୟୁଏଟିର ଛାତ୍ରଛାତ୍ରୀ ଓ ସ୍ୱେଚ୍ଛାସେବୀମାନଙ୍କୁ ତାଲିମ ଦିଆଯାଇ ନିୟୋଜିତ କରାଯାଇଥାଏ। ପ୍ରତ୍ୟେକ ପକ୍ଷୀ ଗଣନା ଗୋଷ୍ଠୀରେ ପାଞ୍ଚରୁ ଛଅ ଜଣ ସଦସ୍ୟ ବିଭିନ୍ନ ବିଭାଗରୁ ଭାଗ ନେଇଥା'ନ୍ତି।

ଏହି ପକ୍ଷୀ ଗଣନା କାର୍ଯ୍ୟକ୍ରମ କେବଳ ପକ୍ଷୀ ଓ ପକ୍ଷୀମାନଙ୍କ ବାସସ୍ଥାନ ସୁରକ୍ଷା ଦିଗରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଯୋଗାଇବାରେ ସାହାଯ୍ୟ କରି ନ ଥାଏ, ବରଂ ବିଲୁପ୍ତ ପ୍ରଜାତିର ପକ୍ଷୀମାନଙ୍କ ସଂରକ୍ଷଣ ଏବଂ ସେମାନଙ୍କ ବାସସ୍ଥାନକୁ ଚିହ୍ନଟ କରିବାରେ ମଧ୍ୟ ସହାୟକ ହୋଇଥାଏ। ଅହେତୁକ ଭାବରେ ପକ୍ଷୀ ସଂଖ୍ୟା ହ୍ରାସ ଓ ବୃଦ୍ଧି ମଧ୍ୟ ଜୈବବିବିଧତାର ସାମ୍ପ୍ରତିକ ସ୍ଥିତି ବିଷୟରେ ସୂଚନା ଦେଇଥାଏ। ପକ୍ଷୀମାନେ ପରାଗ ସଂଗମ, ମଞ୍ଜି ବିକ୍ଷେପଣ ଓ କୀଟ ନିୟନ୍ତ୍ରଣ କରି ଜୈବ ସନ୍ତୁଳନ ବଜାୟ ରଖିବାରେ ସାହାଯ୍ୟ କରିଥା'ନ୍ତି। ପକ୍ଷୀମାନେ ପରିବେଶ ପରିବର୍ତ୍ତନ ପ୍ରତି ସମ୍ବେଦନଶୀଳ ଏବଂ ଗ୍ରହର ଅବସ୍ଥାକୁ ସୂଚିତ କରିପାରନ୍ତି। ଏମିତି ଅନେକ ତଥ୍ୟସବୁ ବାର୍ଷିକ ପକ୍ଷୀଗଣନା ସମୟରେ ପକ୍ଷୀ ବିଶାରଦମାନେ ଆଲୋଚନା କରିବା ଦ୍ୱାରା ପକ୍ଷୀ ସମ୍ବନ୍ଧରେ ଅନେକ ତଥ୍ୟ ଜାଣିବାକୁ ମିଳିଥାଏ। ଉଦାହରଣ ସ୍ୱରୂପ ବାର୍-ହେଡେଡ ଗୁଜ ବା ଅନ୍ସର ଇଣ୍ଡିକସ ହେଉଛି ଭାରତରେ ସର୍ବୋଚ୍ଚସ୍ତରରେ ଉଡୁଥିବା ଗୋଟିଏ ପକ୍ଷୀ। ଓଡ଼ିଶାକୁ ଆସୁଥିବା ବିଦେଶୀ ହଂସଙ୍କ ମଧ୍ୟରୁ ଏହା ପ୍ରାୟ ସବୁଠାରୁ ବୃହତ ଆକାରର। ଏହା ଭୂପୃଷ୍ଠରୁ ୨୮, ୦୦୦ ରୁ ୩୦, ୦୦୦ ଫୁଟ ଉଚ୍ଚତାରେ ଉଡ଼ିପାରେ। ଏହି ପ୍ରଜାତି ତିବ୍ବତ, ମୋଙ୍ଗୋଲିଆ, ରୁଷ ଓ କାଜାଖସ୍ତାନର ପାର୍ବତ୍ୟ ଅଞ୍ଚଳରୁ ହିମାଳୟ ଦେଇ ଶୀତଦିନେ ଭାରତୀୟ ଉପମହାଦେଶକୁ ଆସିଥା'ନ୍ତି। ସେହିପରି 'ବାର-ଟେଲ୍ଡ-ଗଡ୍‌ୱିଟ୍' ନାମକ ଆଉ ଏକ ପ୍ରଜାତିର ପକ୍ଷୀ ବିନା ବିଶ୍ରାମରେ ରେକର୍ଡ ୧୧, ୦୦୦ କିଲୋମିଟର ପର୍ଯ୍ୟନ୍ତ ବା ଲଗାତାର ଆଠ ଦିନ ପର୍ଯ୍ୟନ୍ତ ଉଡ଼ିପାରନ୍ତି। ପୁରୁଣା ଘର ବା ପୁରୁଣା ମନ୍ଦିର ଗୁମ୍ଫା ଓ ତାଳ ଗଛରେ ବସା ବାନ୍ଧୁଥିବା 'କମନ ସ୍ୱିଫ୍ଟ' ନାମକ ଆଉ ଏକ ପ୍ରଜାତିର ପକ୍ଷୀ ଆଶ୍ଚର୍ଯ୍ୟଜନକ ଭାବରେ ବିନା ଅବତରଣରେ ନିରନ୍ତର ଦଶ ମାସ ପର୍ଯ୍ୟନ୍ତ ଉଡ଼ିପାରନ୍ତି। ସେମାନେ ଉଡୁଥିବା ସମୟରେ ହିଁ ଖାଦ୍ୟ ସଂଗ୍ରହ କରିଥା'ନ୍ତି। ଏହିଭଳି ଆହୁରି ଅନେକ ଗୁରୁତ୍ୱପୂର୍ଣ୍ଣ ଓ କୌତୁହଳ ବିଜଡ଼ିତ ତଥ୍ୟ ପକ୍ଷୀଗଣନାରୁ ମିଳିପାରେ।

ଅନେକଙ୍କ ମନରେ କୌତୁହଳ ଜାତ ହୁଏ ଯେ ପକ୍ଷୀମାନଙ୍କୁ କେମିତି ଗଣାଯାଏ? ରାଜ୍ୟର ବିଭିନ୍ନ ଅଞ୍ଚଳକୁ ପ୍ରତିବର୍ଷ ଆସୁଥିବା ପକ୍ଷୀମାନଙ୍କୁ ଗୋଟି ଗୋଟି କରି ଗଣିବା ସମ୍ଭବ ନୁହେଁ। ୨୦୨୪ ମସିହାର ଆକଳନ ଅନୁସାରେ ଓଡ଼ିଶାରେ ଦେଖାଯାଇଥିଲା ୧୮୭ ପ୍ରଜାତିର ପକ୍ଷୀ ଏବଂ ସେମାନଙ୍କ ମୋଟ ସଂଖ୍ୟା ଥିଲା ୧୧, ୩୭, ୭୫୯। ସେହିଭଳି ଚଳିତ ବର୍ଷ ଆକଳନ ଅନୁସାରେ ସମୁଦାୟ ୨୦୦ ପ୍ରଜାତିର ପକ୍ଷୀ ନଜରକୁ ଆସିଛନ୍ତି ଏବଂ ସେମାନଙ୍କର ମୋଟ ସଂଖ୍ୟା ହେଉଛି ୧୬, ୬୫, ୦୦୦। ସାରା ରାଜ୍ୟରେ ଗୋଟିଏ ଦିନରେ ଏକା ସମୟରେ ଗଣନା ଯୋଗୁଁ ଏହି ତଥ୍ୟ ସାମନାକୁ ଆସିଛି। ଗୋଟିଏ ସ୍ଥାନରେ ଲଗାତାର ଗଣନା କାର୍ଯ୍ୟ ଜାରି ରହିଲେ ତଥ୍ୟରେ ତ୍ରୁଟି ଦେଖାଯାଇପାରେ। ଉଦାହରଣସ୍ୱରୂପ ଯଦି ଚିଲିକା ହ୍ରଦରେ ଲଗାତାର ପାଞ୍ଚଦିନ ଧରି ଗଣନା କାର୍ଯ୍ୟ ଜାରି ରୁହେ ତେବେ ପ୍ରତିଦିନ ପକ୍ଷୀ ସଂଖ୍ୟାରେ ପ୍ରାୟ ଏକଲକ୍ଷରୁ ଦୁଇଲକ୍ଷର ଫରକର ସମ୍ଭାବନା ଥାଏ। କାରଣ ପକ୍ଷୀମାନଙ୍କୁ ଗୋଟିଗୋଟି କରି ଗଣିବା ସମ୍ଭବ ହୋଇ ନ ଥାଏ। ଗଣନା ପ୍ରକ୍ରିୟା ଏକ ଆନୁମାନିକ ଆକଳନ ମାତ୍ର।

ପକ୍ଷୀମାନଙ୍କୁ ପ୍ରଜାତି ଅନୁସାରେ ଚିହ୍ନିବା ଓ ଗଣିବା ପାଇଁ ଦୂରବୀକ୍ଷଣଯନ୍ତ୍ର , ଡାଟା ସିଟ୍ ଏବଂ କିଛି ଫୋଟୋଗ୍ରାଫରଙ୍କ ଟେଲିଫୋଟୋ ଲେନ୍ସ ବ୍ୟବହୃତ ହୁଏ। ପକ୍ଷୀ ବିଶାରଦ(ଅର୍ନିଥୋଲୋଜିଷ୍ଟ) ଓ ପକ୍ଷୀ ପର୍ଯ୍ୟବେକ୍ଷକମାନେ ଦୂରବୀକ୍ଷଣଯନ୍ତ୍ର ଓ କ୍ୟାମେରା ବ୍ୟବହାର କରି ପକ୍ଷୀ ଗଣନା ପାଇଁ ନିୟୋଜିତ ହୋଇଥା'ନ୍ତି। ଯେଉଁ ଫୋଟୋଗ୍ରାଫରମାନେ ଦଳେ ପକ୍ଷୀଙ୍କ ଫଟୋ ଆଣି ଗୋଟି ଗୋଟି କରି ଗଣିବାରେ ସକ୍ଷମ ହୁଅନ୍ତି, ସେମାନଙ୍କର ଆକଳନ ଅନ୍ୟମାନଙ୍କ ଆକଳନଠାରୁ ଯଥେଷ୍ଟ ସଠିକ ବୋଲି ଧରାଯାଏ। କିନ୍ତୁ ଦଳେ ପକ୍ଷୀଙ୍କୁ ଦୂରବୀକ୍ଷଣଯନ୍ତ୍ରରେ ଦେଖି ତତ୍‌କ୍ଷଣାତ ଆନୁମାନିକ ଆକଳନ କରିବା ହୁଏତ ଏତେଟା ସଠିକ ହୋଇ ନ ଥାଏ। ଓଡ଼ିଶାରେ ବାର୍ଷିକ ପକ୍ଷୀଗଣନା ବିଭିନ୍ନ ପଦ୍ଧତି ବ୍ୟବହାର କରି, ଯଥା- 'ଲାଇନ ଟ୍ରାନ୍ସେକ୍ଟ', 'ପଏଣ୍ଟ ଟ୍ରାନ୍ସେକ୍ଟ', 'ଡାଇରେକ୍ଟ ଅବଜର୍ଭେସନ' ଆଦି ଦ୍ୱାରା ପରିଚାଳିତ ହୋଇଥାଏ। 'ଲାଇନ ଟ୍ରାନ୍ସେକ୍ଟ' ପଦ୍ଧତିରେ ପର୍ଯ୍ୟବେକ୍ଷକମାନେ ପୂର୍ବ ନିର୍ଦ୍ଧାରିତ ମାର୍ଗରେ ଧୀରେ ଧୀରେ ଗତି କରନ୍ତି ଏବଂ ସେହି ମାର୍ଗର ଉଭୟ ପାର୍ଶ୍ୱରେ ଦେଖୁଥିବା ସମସ୍ତ ପକ୍ଷୀଙ୍କ ସଂଖ୍ୟାକୁ ଲିପିବଦ୍ଧ କରିଥା'ନ୍ତି। ଏହି ପଦ୍ଧତି ପ୍ରାୟତଃ ବଡ଼, ଖୋଲା ଅଞ୍ଚଳରେ ବ୍ୟବହୃତ ହୋଇଥାଏ। ସେହିଭଳି 'ପଏଣ୍ଟ ଟ୍ରାନ୍ସେକ୍ଟ' ପଦ୍ଧତି ହେଉଛି ଏକ ପକ୍ଷୀ ସର୍ବେକ୍ଷଣ କୌଶଳ, ଯାହାକି ଏକ ନିର୍ଦ୍ଦିଷ୍ଟ ବିନ୍ଦୁରୁ ପକ୍ଷୀ ଗଣନାକୁ ଅନ୍ତର୍ଭୁକ୍ତ କରେ। ପକ୍ଷୀସଂଖ୍ୟା ଉପରେ ନଜର ରଖିବା ପାଇଁ ଏହା ଏକ ସାଧାରଣ ପଦ୍ଧତି ଏବଂ ପ୍ରାୟତଃ ଜଙ୍ଗଲ ଅଞ୍ଚଳରେ ବ୍ୟବହୃତ ହୁଏ। 'ଡାଇରେକ୍ଟ ଅବଜର୍ଭେସନ' ପଦ୍ଧତିରେ ପର୍ଯ୍ୟବେକ୍ଷକମାନେ ନିଜେ ଦେଖୁଥିବା ପକ୍ଷୀମାନଙ୍କୁ ରେକର୍ଡ କରନ୍ତି ଏବଂ ପକ୍ଷୀମାନଙ୍କୁ ଭିଜୁଆଲ୍ କିମ୍ବା ସେମାନଙ୍କ ରାବ ଦ୍ୱାରା ଚିହ୍ନଟ କରନ୍ତି।

ବହୁତ ବଡ଼ ଦଳରେ ପକ୍ଷୀମାନଙ୍କ ସଂଖ୍ୟା ସାଧାରଣତଃ ଗଣନା କରିବା ସହଜ ହୋଇ ନ ଥାଏ। ତେଣୁ ମାନସିକ ସ୍ତରରେ ପକ୍ଷୀମାନଙ୍କ ଦଳର ଆକାରକୁ ଛୋଟ ଛୋଟ ଗୋଷ୍ଠୀରେ ବିଭକ୍ତ କରି ସେଥିରୁ ଗୋଟିଏ ଛୋଟ ଗୋଷ୍ଠୀର ପକ୍ଷୀକୁ ଆକଳନ କରାଯାଏ, ଯାହା ଦଳର ଆକାର ଉପରେ ନିର୍ଭର କରି ପାଞ୍ଚରୁ ଏକ ହଜାର ସଂଖ୍ୟା ମଧ୍ୟରେ ପାର୍ଥକ୍ୟ ହୋଇପାରେ। ଗୋଟିଏ ଗୋଷ୍ଠୀର ପକ୍ଷୀସଂଖ୍ୟା ଗଣନା ପରେ ସମୁଦାୟ ଦଳର ଆକାରକୁ ଯେତିକି ଛୋଟ ଗୋଷ୍ଠୀରେ ବିଭକ୍ତ କରାଯାଇଥାଏ, ସେଥିରେ ସେତିକି ସଂଖ୍ୟା ଗୁଣନ କରି ବଡ଼ ଦଳର ସଂଖ୍ୟା ନିରୂପଣ କରାଯାଏ। ଯଦି ଲଗାତାର ପାଞ୍ଚ ଦିନ ଧରି ଏହି ପ୍ରକାର ଗଣନା କରାଯାଏ ତେବେ ମଧ୍ୟ ପ୍ରତି ଥର ଭିନ୍ନ ଭିନ୍ନ ସଂଖ୍ୟା ଆକଳନ ହୋଇଥାଏ। ତେଣୁ ବିଗତ ବର୍ଷ ତୁଳନାରେ ଚଳିତ ବର୍ଷ ପକ୍ଷୀ ସଂଖ୍ୟାରେ ଯଦି ତିନି-ଚାରି ଲକ୍ଷ ଯାଏଁ ଅନ୍ତର ହୁଏ, ତେବେ ମଧ୍ୟ ପରିବେଶ ଉପରେ ବହୁତ କିଛି ପ୍ରଭାବ ପଡ଼ିଛି ବୋଲି ଧାରଣା ସୃଷ୍ଟି ହେବା ଉଚିତ ନୁହେଁ।

ଭୁବନେଶ୍ୱର, ମୋ: ୭୦୦୮୮୧୦୧୧୨

## ପ୍ରାଥମିକ ଶିକ୍ଷା ବ୍ୟବସ୍ଥାର ବିଡ଼ମ୍ବନା

**ଅର୍ଜ୍ଜୁନ ଘଡ଼େଇ**

ଆମ ରାଜ୍ୟର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ସବୁଠାରୁ ଅଧିକ ହଇରାଣ ହରକତ ହେଉଛନ୍ତି ପ୍ରାଥମିକ ଶିକ୍ଷକ ଓ ଛାତ୍ରଛାତ୍ରୀ। ବିଭିନ୍ନ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଓ ଷଷ୍ଠରୁ ଅଷ୍ଟମ ପର୍ଯ୍ୟନ୍ତ ସ୍କୁଲ ଚାଲୁଛି। ଆମ ଶିକ୍ଷା ବ୍ୟବସ୍ଥାରେ କେଉଁଠି ଅଧିକ ଶିକ୍ଷକ, ଛାତ୍ର କମ୍। କେଉଁଠି ଅଧିକ ଘର ପିଲା କମ୍। ପୁଣି କେଉଁଠି ପିଲା ବେଶୀ ଶିକ୍ଷକ କମ୍। ବିଭିନ୍ନ କାରଣରୁ ଶିକ୍ଷକଙ୍କ ଅନୁପସ୍ଥିତି ଯୋଗୁଁ ଦୁଇ/ତିନୋଟି ଶ୍ରେଣୀର ପିଲାଙ୍କୁ ଏକାଠି ବସେଇ ପାଠ ପଢ଼େଇବାକୁ ହୁଏ। ଏହା ଏକ କଷ୍ଟକର ବ୍ୟାପାର। ତେଣୁ ଗୀତ, ଗପ କହି ସମୟ ବିତେ। ଶିକ୍ଷକମାନଙ୍କୁ ବିସ୍ତୃତ ଲେସନ୍ ପ୍ଲାନ ଯୋଗାଇଦେବାର ବ୍ୟବସ୍ଥା ନାହିଁ। ଯେମିତି ସେମିତି ତିଆରି ଦେଲେ ଚଳିବ। କିଏ ବା ଦେଖିବ? ଏ ବିଷୟରେ କହିଲେ କୁଳ କୁଟୁମ୍ବଙ୍କୁ ଲାଜ - ନ କହିଲେ କୁଳ ଭାସିଯାଉଛି।

ଶିକ୍ଷାବ୍ୟବସ୍ଥା ଭୁଶୁଡ଼ି ଗଲେବି କାହାର ନିଘା ନାହିଁ। ବିଦ୍ୟାଳୟମାନଙ୍କରେ ଟେବୁଲ, କମ୍ପ୍ୟୁଟର, ସ୍ମାର୍ଟ ଟିଭି, ସ୍ମାର୍ଟ ପ୍ୟାନେଲ ଅଛି। କିନ୍ତୁ ଇଣ୍ଟରନେଟ୍ ସଂଯୋଗ ନାହିଁ। କେମିତି ହେବ ଶିକ୍ଷାଦାନ? ଏକଥା ବିଚାର କରି ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ, ମାନସିକ ବିକାଶ, ଚରିତ୍ର ଗଠନ ଆଦିକୁ ଧ୍ୟାନ ଦେଇ ଶିକ୍ଷକଙ୍କୁ ପର୍ଯ୍ୟାପ୍ତ ସୁଯୋଗ, ସୁବିଧା ଯୋଗାଇ ଦେବାରେ ଆନ୍ତରିକତା ନାହିଁ। ଆମ ରାଜ୍ୟରେ ପ୍ରାଥମିକ ଶିକ୍ଷକ-ଶିକ୍ଷା-ଶିକ୍ଷାୟତନ ଯେ କେତେ ସମସ୍ୟାବହୁଳ ତାହା କେହି ବୁଝିବାକୁ ପ୍ରସ୍ତୁତ ନୁହନ୍ତି। ଆହୁରି ଏକ ସମସ୍ୟା ହେଉଛି ବିଦ୍ୟାଳୟରେ ବିଭିନ୍ନ ବର୍ଗର ଶିକ୍ଷକ ନିଯୁକ୍ତି। ଜଣେ ସରକାରୀ ମାନ୍ୟତା ପ୍ରାପ୍ତ ଥିବା ବେଳେ ଅନ୍ୟ ଜଣେ ନୂତନ ପେନ୍‌ସନ୍ ଯୋଜନାରେ। ଅନ୍ୟ କେହି ଗଣଶିକ୍ଷକତ କିଏ ସିମାଟିକ୍ ଶିକ୍ଷକ। ସେମାନଙ୍କ ବେତନରେ ବି ଅନେକ ତାରତମ୍ୟ। କ୍ୟାଡର ନିୟମରେ ଅସଂଗତି। ପଦୋନ୍ନତିରେ ପଥରୁଦ୍ଧ ବ୍ୟବସ୍ଥା। ଟିଏଲ୍‌ଏମ୍‌ଗୁଡ଼ିକ ସଦୁପଯୋଗ କରିବାର ସୁବିଧା ନାହିଁ। ଖେଳିବା ପାଇଁ ଖେଳପଡ଼ିଆଟିଏ ନାହିଁ। ବୁଲିଯିବା ପାଇଁ ଆର୍ଥିକ ସହାୟତା ନାହିଁ କି ଅବସର ସମୟରେ କିଛି ଅନ୍ୟ ବହି ପଢ଼ିବାକୁ ପାଠାଗାରଟିଏ ନାହିଁ।

ବିଦ୍ୟାଳୟକୁ ଯିବା ଆସିବା ପାଇଁ ସଠିକ୍ ସମୟ ନିରୂପଣ ହୋଇନି। କେଉଁଠି ବାର୍ଷିକ କ୍ୟାଲେଣ୍ଡର୍‌ରେ ୯ଟା ୩୦ରୁ ୪ଟା ତ କେଉଁଠି ସରକାରୀ ନିର୍ଦ୍ଦେଶନାମାରେ ୧୦ଟାରୁ ୪ଟା। ପରିଦର୍ଶନର ବ୍ୟବସ୍ଥା ଥିଲେ ବି ଏହା ଧର୍ମକୁ ଆଖିଠାର। ବିଭାଗୀୟ ଅଧିକାରୀମାନେ ନିଜସ୍ୱ ବିଚାରରେ ପରିଦର୍ଶନ କରନ୍ତି; ତାହା ପୁଣି ପୂର୍ବ ସୂଚନା ମୁତାବକ। ଅଧିକାରୀ ଦେଖନ୍ତି ସବୁ ଠିକ୍। ରିପୋର୍ଟ ଦିଅନ୍ତି ସବୁ ଭଲ। ନା ସେମାନଙ୍କର ହାବୁଡ଼ା, ଖାବୁଡ଼ା ରାସ୍ତାରେ ଯିବାକୁ ଇଚ୍ଛାଥାଏ, ନା ଗାଁ ଗହଳିରେ ଗଢ଼ିଉଠିଥିବା ବିଦ୍ୟାଳୟ, ଶିକ୍ଷକ, ଛାତ୍ରଛାତ୍ରୀଙ୍କ ସମସ୍ୟା ବୁଝି ପ୍ରତିକାର ପାଇଁ ପ୍ରୟାସ ଥାଏ। କେବଳ ଅଧିକାରୀ ନୁହନ୍ତି, ଗାଁର କୁଜି ରାଜନେତା, କମିଟି ସଭ୍ୟଙ୍କ ନାଲି ଆଖିରେ ପ୍ରାଥମିକ ଶିକ୍ଷକଟିଏ ଚଳିବାକୁ ବାଧ୍ୟ ହୁଏ। ଯଦି ବିଦ୍ୟାଳୟରେ କେହି ଶିକ୍ଷକ ନେତା ଥା'ନ୍ତି, ତା'ହେଲେ ତ କଥା ସରିଲା। ସମସ୍ୟାର ସମାଧାନ ପାଇଁ ସଂଗଠନ, ଆନ୍ଦୋଳନର ନାରା ଦେଇ ବିଦ୍ୟାଳୟରେ ଶିକ୍ଷାଦାନ ନ କରି ଅନ୍ୟମାନଙ୍କୁ ରାଜନେତାମାନଙ୍କ ସହାୟତାରେ ବଦଳି ଇତ୍ୟାଦିର ଭୟ ଦେଖାଇବାର କଳାକୌଶଳ ଏମାନଙ୍କୁ ବେଶ୍ ଜଣା।

ଅବ୍ୟବସ୍ଥା ଭିତରେ ପରିଶ୍ରମ କରି ପାଠ ପଢ଼ାଇଥିବା ଶିକ୍ଷକଟିଏ ଅପେକ୍ଷା କରିଥାଏ। ଆକଳନ ବା ପରୀକ୍ଷା ବ୍ୟବସ୍ଥାକୁ ସୁନିୟନ୍ତ୍ରିତ କରିବା ପାଇଁ। ସେଥିରେ ବି ସମସ୍ୟା। ସମାପ୍ତି ସୂଚକ ଆକଳନ (୧) ଓ ଗଠନ ମୂଳକ ଆକଳନ (୧) ଓ (୨) ପାଇଁ ପ୍ରଶ୍ନପତ୍ର ସରକାରଙ୍କଠାରୁ ମିଳୁଥିଲେ ବି ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଦୋକାନ ବଜାରରେ ଡେଣା ମେଲି ଉଡ଼ି ବୁଲନ୍ତି। ବିଦ୍ୟାଳୟରେ ପ୍ରଶ୍ନ ପ୍ରସ୍ତୁତି ପାଇଁ ମିଳୁଥିବା ଆର୍ଥିକ ଅନୁଦାନ ଯଥେଷ୍ଟ ହୁଏ ନାହିଁ କିମ୍ବା ମିଳୁଥିବା ଅର୍ଥର ଦୁରୁପଯୋଗ କରାଯାଉଥିଲେ ବି କେହି ଦେଖନ୍ତି ନାହିଁ କି ତଦାରଖ କରନ୍ତି ନାହିଁ। ପ୍ରାଥମିକ ଶିକ୍ଷକମାନଙ୍କ କର୍ତ୍ତବ୍ୟବୋଧ ତ ଆହୁରି ଦୁଃଖଦାୟକ! ବିଦ୍ୟାଳୟରେ ଶ୍ରେଣୀ ଗୃହରେ ବସି ମୋବାଇଲ ବ୍ୟବହାର କରିବା ସୁଇଟର, ମଫଲର ବୁଣିବାରେ କିଛି ଶିକ୍ଷକ ବହୁତ ଆଗ୍ରହୀ। ସରକାରୀ ନିର୍ଦ୍ଦେଶନାମାକୁ ବେଖାତିର ଥିବା ବେଳେ ବିଚରା ପ୍ରଧାନ ଶିକ୍ଷକ ତ ନାଚାର। ବିଭିନ୍ନ ତାଲିମ୍ ସମୟରେ କର୍ମଶାଳାରେ ଯୋଗ ଦେଇ ଉପସ୍ଥାନ ଦେଇ ଦେଲେ କାମ ସରିଲା। କେତେକ ଶିକ୍ଷକ ଭାବନ୍ତି ବର୍ଷସାରା ଏମିତି ତାଲିମ ପ୍ରକ୍ରିୟା ଚାଲନ୍ତା କି ବିଦ୍ୟାଳୟକୁ ଆସିବାକୁ ପଡ଼ନ୍ତା ନାହିଁ। ପିଲାମାନଙ୍କର ମଧ୍ୟାହ୍ନ ଭୋଜନ ହୋଇଗଲେ ଗଲା। ସେଇଥିରେ ପେଟ ପୁରୁଛି। ପାଠରୁ କ'ଣ ମିଳିବ ଯେ?

ସବୁଦିନ ପୁଳାଏ ସରକାରୀ ଚିଠିର ଉତ୍ତର ଲେଖି ଲେଖି ପ୍ରଧାନ ଶିକ୍ଷକ ବେଦମ୍ ହୁଏ। ଶିକ୍ଷକମାନଙ୍କୁ ଶିକ୍ଷାଦାନ ବ୍ୟତୀତ ଅନ୍ୟ ସରକାରୀ କାର୍ଯ୍ୟରେ ନିୟୋଜିତ କରିବା ଯୋଗୁଁ ସେମାନଙ୍କୁ ସ୍କୁଲ କାର୍ଯ୍ୟରୁ ମୁକ୍ତିମିଳେ। ପ୍ରଧାନ ଶିକ୍ଷକ ବିଚରା ପ୍ରାର୍ଥନା ଭଙ୍ଗୀରେ ଛିଡ଼ାହୋଇ ନିବେଦନ କରେ ଦିନଟା କେମିତି ସରିଯାଉ। କାର୍ଯ୍ୟରେ ଅବହେଳା କରୁଥିବା ଶିକ୍ଷକମାନଙ୍କ ପାଇଁ ସମୁଚିତ ଦଣ୍ଡବିଧାନର ବ୍ୟବସ୍ଥା ନାହିଁ କି ସମର୍ପିତ ଶିକ୍ଷାଦାନ କରୁଥିବା ଶିକ୍ଷକଟିକୁ ସମ୍ମାନ କି ପ୍ରୋତ୍ସାହନ ନାହିଁ। ଶିକ୍ଷକ ବୈଠକମାନଙ୍କରେ ରାଜନେତା-ଶିକ୍ଷା ଅଧିକାରୀ-ଶିକ୍ଷକ ନେତା ମାନଙ୍କ ପରସ୍ପର ପ୍ରଶଂସା, ଫୁଲତୋଡ଼ା ପ୍ରଦାନରେ କୋଳାହଳମୟ ହୋଇ ଉଠୁଥିବା ବେଳେ ବିଦ୍ୟାଳୟରେ ହଳାହଳ ପରିସ୍ଥିତି ଉପୁଜୁଥିବା ପ୍ରତି କେହି ସଚେତନ ନୁହନ୍ତି। ଆଖି ବୁଜି ସମସ୍ତେ ଚାଲୁଛନ୍ତି ଯେମିତି।

ସ୍ୱାଧୀନତା ପ୍ରାପ୍ତିର ୭୭ ବର୍ଷ ଅତିକ୍ରାନ୍ତ କରିଥିଲେ ବି ପ୍ରାଥମିକ ଶିକ୍ଷାର ଅଧୋଗତି, ଅବ୍ୟବସ୍ଥିତ ପରିଣତି ଆମ ପିଲାମାନଙ୍କ ଭବିଷ୍ୟତକୁ ଅନ୍ଧକାରର ଗୁହା ମଧ୍ୟକୁ ଯେ ଠେଲି ଦେଉଛି ଏହା ନିଃସନ୍ଦେହ। ଉପାନ୍ତ ଅଞ୍ଚଳରେ ଆଦିବାସୀ ପିଲାମାନଙ୍କ ଅବସ୍ଥା ଆହୁରି ଶୋଚନୀୟ। ସାର୍ବଜନୀନ ପ୍ରାଥମିକ ଶିକ୍ଷା ପାଇଁ ସବୁ ସ୍ତରରେ ଆନ୍ତରିକ ଉଦ୍ୟମ ହେଲେ ହୁଏତ ଅବସ୍ଥା ସୁଧୁରିପାରେ। ଦେଖାଯାଉ ନୂତନ ଶିକ୍ଷା ନୀତିରେ ଏହା କେତେଦୂର ପ୍ରତିଫଳିତ ହୋଇଛି।

(ଅବସରପ୍ରାପ୍ତ ପ୍ରଧାନଶିକ୍ଷକ)
ଦାଣ୍ଡମୁକୁନ୍ଦପୁର(ପୁରୀ)
ମୋ: ୯୪୩୮୦୪୮୬୧୫

## ଦାହ ସଂସ୍କାରର ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ

**ବେଦ-ବିଜ୍ଞାନ**

**ଓଜସ୍ୱିନୀ**

ଭାରତୀୟ ସଂସ୍କୃତିରେ ମନୁଷ୍ୟ ଜୀବନର ୧୬ଟି ସଂସ୍କାର ମଧ୍ୟରୁ ଦାହ ସଂସ୍କାର ହେଉଛି ଅନ୍ତିମ। ଆଧ୍ୟାତ୍ମିକ ଦୃଷ୍ଟିରୁ ବିଚାର କଲେ ମୃତ୍ୟୁ ପରେ ଦାହ ସଂସ୍କାର କରିବା ଦ୍ୱାରା ମନୁଷ୍ୟର ଆତ୍ମା ମୁକ୍ତି ପାଇଥାଏ ଏବଂ ଉକ୍ତ ବ୍ୟକ୍ତିର ପୁନର୍ଜନ୍ମ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଦାହ ସଂସ୍କାର ପରମ୍ପରା ସହିତ ଅନେକ କର୍ମକର୍ମାଣି ଜଡ଼ିତ ରହିଛି, ଯାହାକୁ ପରିବାରର ସଦସ୍ୟମାନେ ପାଳନ କରିବା ଦ୍ୱାରା ମୃତବ୍ୟକ୍ତିର ଆତ୍ମାକୁ ଶାନ୍ତି ଓ ସଦ୍‌ଗତି ମିଳିଥାଏ ବୋଲି ଶାସ୍ତ୍ରାଦିରେ ବର୍ଣ୍ଣିତ। ସନ୍ଧ୍ୟା ସମୟରେ ମୃତ୍ୟୁ ହୋଇଥିଲେ ଉକ୍ତ ବ୍ୟକ୍ତିର ଶବକୁ ରାତିରେ ଦାହ କରିବା ଶାସ୍ତ୍ର ବିରୁଦ୍ଧ। କାରଣ ବିଶ୍ୱାସ ରହିଛି ଯେ, ସୂର୍ଯ୍ୟାସ୍ତ ପରେ ଅନ୍ତିମ ସଂସ୍କାର କରିବା ଦ୍ୱାରା ପରଲୋକରେ ସେ ବହୁତ କଷ୍ଟ ପାଇଥାଏ ଏବଂ ଆଗାମୀ ଜନ୍ମରେ ସେ ବ୍ୟକ୍ତି ଜନ୍ମ ନେବା ପରେ କୌଣସି ଅଙ୍ଗ ଦୋଷ ଭୋଗିଥାଏ। ତେଣୁ ଅନ୍ତିମ ସଂସ୍କାର ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ମଧ୍ୟରେ କରିବା ଶାସ୍ତ୍ର ସମ୍ମତ।

ଗରୁଡ଼ ପୁରାଣ ଅନୁସାରେ ଯଦି କେଉଁ ଗର୍ଭସ୍ଥ ଶିଶୁ ବା ୨ ବର୍ଷ ବୟସରୁ କମ୍ ବୟସର ଶିଶୁର ମୃତ୍ୟୁ ହୁଏ, ତେବେ ଦାହ ସଂସ୍କାର ପରିବର୍ତ୍ତେ ମାଟିରେ ପୋତି ଦେବାର ନିୟମ ରହିଛି। ସନାତନ ଧର୍ମ ଅନୁସାରେ ସାଧୁସନ୍ଥଙ୍କ ପାର୍ଥିବ ଶରୀରକୁ ଦାହ ସଂସ୍କାର ବଦଳରେ ସମାଧି ଦେବାର ବିଧି ରହିଛି। ଏହାର କାରଣ ହେଉଛି ତପ ଓ ସାଧନା ଦ୍ୱାରା ସେମାନଙ୍କ ଶରୀରରେ ଏକ ଈଶ୍ୱରୀୟ ଶକ୍ତି ରହିଥାଏ, ଯାହାକି ସମାଧି ଦ୍ୱାରା ପ୍ରକୃତିସ୍ଥ ହୋଇ ରହିଥାଏ। ସେହି ଈଶ୍ୱରୀୟ ଶକ୍ତି ଦ୍ୱାରା ସେମାନେ ସାଂସାରିକ ଆସକ୍ତିରୁ ମୁକ୍ତ ରହିଥା'ନ୍ତି। କିନ୍ତୁ ପାରିବାରିକ ଲୋକମାନେ ସାଂସାରିକ ମୋହ ତ୍ୟାଗ କରିପାରନ୍ତି ନାହିଁ। ତେଣୁ ଦାହ ସଂସ୍କାର ଦ୍ୱାରା ଆତ୍ମାକୁ ଶରୀରରୁ ପୃଥକ କରାଯାଏ ଏବଂ ଉକ୍ତ ଆତ୍ମା ପୁନର୍ବାର ଆସକ୍ତି ମୁକ୍ତ ହୋଇ ପୁନର୍ଜନ୍ମ ପାଇଁ ଅନ୍ୟ ଏକ ଶରୀରରେ ପ୍ରବେଶ କରିବା ଲାଗି ଶୁଦ୍ଧପୂତ ହୋଇଥାଏ ବୋଲି ବିଶ୍ୱାସ ରହିଛି।

ପୁରାଣ ଶାସ୍ତ୍ରାଦିରେ ବର୍ଣ୍ଣିତ ଯେ ମନୁଷ୍ୟର ଶରୀର ପଞ୍ଚଭୂତ ବା ପଞ୍ଚତତ୍ତ୍ୱରେ (ପୃଥିବୀ, ଜଳ, ଅଗ୍ନି, ବାୟୁ, ଆକାଶ)ରେ ଗଠିତ। ତେଣୁ ମୃତ୍ୟୁ ପରେ ଅଗ୍ନିସଂସ୍କାର କରିବା ଦ୍ୱାରା ପୁନଃଶ୍ଚ ଏହି ପଞ୍ଚତତ୍ତ୍ୱ ନିଜ ନିଜ ସ୍ଥାନକୁ ଚାଲି ଯାଇଥା'ନ୍ତି। ତେଣୁ ତତ୍ତ୍ୱଗୁଡ଼ିକୁ ଗରିମାମୟ ଓ ଐଶ୍ୱରୀୟ ବିଦାୟ ଦେବା ସହିତ ପୁନର୍ଜନ୍ମରେ ପଞ୍ଚଭୂତର ପୁନରାଗମନ ପାଇଁ ବିଧିବିଧାନର ସହ ଦାହ କର୍ମ କରାଯାଏ।

ଏହି ଅଗ୍ନି ସଂସ୍କାର କର୍ମକୁ କେବଳ ଆଧ୍ୟାତ୍ମିକ ଦୃଷ୍ଟିରୁ ନୁହେଁ ବୈଜ୍ଞାନିକ ଦୃଷ୍ଟିକୋଣରୁ ମଧ୍ୟ ଆଲୋଚନା କରାଯାଇପାରିବ। କାରଣ ଏବେ ନାସାର ବୈଜ୍ଞାନିକମାନେ ମଧ୍ୟ ଦାହ ସଂସ୍କାର ପ୍ରକ୍ରିୟା ଏବଂ ପୁର୍ନଜନ୍ମର ସତ୍ୟତାର ପ୍ରମାଣ କିଛିମାତ୍ରାରେ ପାଇପାରିଛନ୍ତି। ବୈଜ୍ଞାନିକମାନେ କହିଛନ୍ତି ଯେ ଏହି ପକ୍ରିୟା ସହିତ ତାରାମଣ୍ଡଳର ବିଘଟନ ଏବଂ ନୂତନ ତାରାର ସୃଷ୍ଟିର ସାମଞ୍ଜସ୍ୟ ରହିଛି। ଅନ୍ତରୀକ୍ଷର ଅନେକ ଚିତ୍ର ଉତ୍ତୋଳନ କରିବା ସହିତ ତାହାର ସମୀକ୍ଷା ପରେ ନାସାର ବୈଜ୍ଞାନିକମାନେ ଏଭଳି ଏକ ଆଶ୍ଚର୍ଯ୍ୟଜନକ ତଥ୍ୟ ପ୍ରକାଶ କରିଛନ୍ତି। ଖଗୋଳବିଦ୍‌ମାନେ ମଧ୍ୟ ତାରାମାନଙ୍କର ଜୀବନଚକ୍ରର ଅଧ୍ୟୟନ କରି ଜାଣିବାକୁ ପାଇଛନ୍ତି ଯେ ତାରାର ବିଘଟନ ଓ ନୂତନ ତାରା ସୃଷ୍ଟିର ପ୍ରକ୍ରିୟା ଦାହ ସଂସ୍କାର ଏବଂ ପୁର୍ନଜନ୍ମ ପ୍ରକ୍ରିୟା ସହିତ ତୁଳନୀୟ। ଅନ୍ତରୀକ୍ଷରେ ତାରାମାନଙ୍କର ଜନ୍ମ ବା ଷ୍ଟେଲାର୍ ବାର୍ଥ ନେବୁଲା ନାମକ ଏକ ଗ୍ୟାସୀୟ ଏବଂ ଧୂଳୀୟ ମଣ୍ଡଳ ବା ବିଶାଳ ବାଦଲରୁ ସୃଷ୍ଟି ହୋଇଥାଏ। ଏହି ବାଦଲ ଭିତରେ ହାଇଡ୍ରୋଜେନ୍ ଓ ହିଲିୟମ୍ ଥାଏ। ଗୋଟିଏ ତାରା ସୃଷ୍ଟି ହେବା ପରେ ସେ ତା'ର ନିର୍ଦ୍ଦିଷ୍ଟ ଜୀବନଚକ୍ର ବା ଷ୍ଟେଲାର୍ ଲାଇଫ୍ ପୂରଣ କରିଥାଏ। ଏହାପରେ ତାରାର ମୃତ୍ୟୁ (ଷ୍ଟେଲାର୍ ଡେଥ୍) ବା ବିଘଟନ ହେବା ପରେ ତାରାରେ ଥିବା ହାଇଡ୍ରୋଜେନ୍ ଓ ହିଲିୟମ୍ ପୁଣିଥରେ ନେବୁଲାରେ ମିଶିଯାଏ। ଏହି ଗ୍ୟାସ୍ ପୁଣିଥରେ ସଂଯୁକ୍ତ ହୋଇ ଗୋଟିଏ ନୂତନ ନେବୁଲା ଏବଂ ତା' ପରେ ଗୋଟିଏ ନୂତନ ତାରାର ସୃଷ୍ଟି ହୁଏ। ଏହି ସମାନ ପ୍ରକ୍ରିୟା ଦାହ ସଂସ୍କାର ଏବଂ ପୁର୍ନଜନ୍ମ ସହିତ ଜଡ଼ିତ। ବୈଜ୍ଞାନିକ ଗବେଷଣାରୁ ଆହୁରି ମଧ୍ୟ ସ୍ପଷ୍ଟ ହୋଇଛି ଯେ ଶରୀରକୁ ଦାହ କରିବା ସମୟରେ କେତେକ ବାଷ୍ପ ନିର୍ଗତ ହୋଇଥାଏ। ଏହି ବାଷ୍ପ ଏକ ନୂତନ ଜୀବକୋଷ ସୃଷ୍ଟି କରିଥାଏ, ଯାହାକୁ ରିବାର୍ଥ କୁହାଯାଏ। ତେଣୁ ଉଭୟ ଆଧ୍ୟାତ୍ମିକ ଓ ବୈଜ୍ଞାନିକ ଦୃଷ୍ଟିକୋଣରୁ ଦାହ ସଂସ୍କାର ପ୍ରକ୍ରିୟା ଅନିବାର୍ଯ୍ୟ।

ମୋ: ୯୦୯୦୧୯୪୯୪୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଆଛୁଲି ଫାଶିପଡ଼ା ବିଦ୍ୟାଳୟର ବାର୍ଷିକ ଉତ୍ସବ



ରମ୍ଭା,୨୦।୨(ସମିସ): ଦାନପୁର କ୍ଲଷ୍ଟର ଅର୍ନ୍ତଗତ ଆଛୁଲି ଫାଶିପଡ଼ା ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ କ୍ରୀଡ଼ା ମହୋତ୍ସବ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଝାଡେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନୀଳକଣ୍ଠ ମହାରଣା ଯୋଗଦେଇ ଉଦଘାଟନ କରିଥିଲେ । ସହକାରୀ ଶିକ୍ଷକ ମିଥୁନ ଭୂୟାଁ ଏବଂ ବିଜୟ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିବ ପ୍ରସାଦ ଶବର ଉତ୍ସବର ଶୁଭାରମ୍ଭ କରିଥିଲେ । ଶିକ୍ଷକ ଦିଲୀପ ସାହୁ ବାର୍ଷିକ ବିବରଣୀ ପଠନ କରିଥିଲେ । ମୁଖ୍ୟବକ୍ତା ଭାବେ ବରିଷ୍ଠ ଶିକ୍ଷକ ହୀନ ନାହାକ ଯୋଗଦେଇ ବାର୍ଷିକ ଉତ୍ସବ ଆୟୋଜନର ଅସଲ ଲକ୍ଷ୍ୟ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସିଆରସିସି ପ୍ରଶାନ୍ତ କୁମାର ସେଠୀ ଛାତ୍ରଛାତ୍ରୀମାନଙ୍କ ସୃଜନଶୀଳତା, ଦକ୍ଷତା ପ୍ରତି ଗୁରୁତ୍ୱ ପ୍ରଦାନ ସହିତ ସେମାନଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକାଶ ଘଟିଲେ ଶିକ୍ଷାର ବିକାଶ ସମ୍ଭବ ହେବ ବୋଲି ଅଭିହିତ କରିଥିଲେ । ଉତ୍ସବରେ ଏ. ଜଗନ୍ନାଥ ଦୋରା , ପାଣ୍ଡବ ପ୍ରଧାନ, ଶିକ୍ଷୟିତ୍ରୀ ଯଶୋଦା ମଲ୍ଲିକ, ସଙ୍ଗୀତା ସାହୁଙ୍କ ସମେତ ଦାନପୁର କ୍ଲଷ୍ଟରର ସମସ୍ତ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ ।

## ଖେମୁଣ୍ଡି ଓକିଲ ସଂଘର; ନିର୍ବାଚନ ଅଧିକାରୀ ମନୋନୀତ

ଦିଗପହଣ୍ଡି,୨୦।୨(ସମିସ): ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି ଓକିଲ ସଂଘର ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ସଂଘ ସଭାପତି ହରପ୍ରସାଦ ରଥ ବୈଠକରେ ସଭାପତିତ୍ୱ କରିଥିଲେ । ସମ୍ପାଦକ ପ୍ରଦୀପ କୁମାର ନାୟକ ସଂଘର ବାର୍ଷିକ ଆୟବ୍ୟୟ ଉପସ୍ଥାପନ କରିଥିଲେ । ରାଜ୍ୟ ଆଇନଜୀବୀ ପରିଷଦର ନିର୍ଦ୍ଦେଶ କ୍ରମେ ଆଗାମୀ ଓକିଲ ସଂଘ ନିର୍ବାଚନକୁ ଦୃଷ୍ଟିରେ ରଖି ସଂଘର ପ୍ରାକ୍ତନ ସଭାପତି ତଥା ବରିଷ୍ଠ ଆଇନଜୀବି ଚନ୍ଦ୍ରଧ୍ୱଜ ସିଂହଙ୍କୁ ସର୍ବସମ୍ମତ କ୍ରମେ ନିର୍ବାଚନ ଅଧିକାରୀ ଭାବେ ମନୋନୀତ କରାଯାଇଥିଲା । ସଂଘର ଉପସଭାପତି ରଞ୍ଜନ କୁମାର ବେହେରା, କୋଷାଧ୍ୟକ୍ଷ ସିମାଞ୍ଚଳ ପ୍ରଧାନ, ବରିଷ୍ଠ ଆଇନଜୀବି ପ୍ରଭାକର ରାଉତ, ରସାନନ୍ଦ ରାଉତ, ପରେଶ ଚନ୍ଦ୍ର ରଥ, ହେମନ୍ତ କୁମାର ପାଣିଗ୍ରାହୀ, ସୁକାନ୍ତ କୁମାର ପ୍ରଧାନ, କୁରେଶୁ ପଣ୍ଡା, ସନ୍ତୋଷ କୁମାର ସାହୁ, ଗିରିଜା ନନ୍ଦନ ମେକାପ, କିଶୋର ଚନ୍ଦ୍ର ଗୌଡ, ମନୋରଞ୍ଜନ ପଣ୍ଡା, ରାଜେନ୍ଦ୍ର କୁମାର ତ୍ରିପାଠୀ, ପ୍ରହଲ୍ଲାଦ ପ୍ରଧାନ, ଟୁକୁନା ପ୍ରଧାନ, ଗଜାନନ ତ୍ରିପାଠୀ, ସଦାନନ୍ଦ ପରମଗୁରୁ, ସଚ୍ଚିକାନ୍ତ ରଥ ପ୍ରମୁଖ ବହୁ ଆଇନଜୀବି ବୈଠକରେ ଉପସ୍ଥିତ ରହି ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## କିଶୋର ନ୍ୟାୟ ଯତ୍ନ ଓ ସୁରକ୍ଷା ଆଇନ ସଭା

କୋଦଳା,୨୦।୨(ସମିସ): ସ୍ଥାନୀୟ ଲକ୍ଷ୍ମୀନାରାୟଣ ସ୍ନାତକ ମହାବିଦ୍ୟାଳୟରେ "କିଶୋର ନ୍ୟାୟ ଯତ୍ନ ଓ ସୁରକ୍ଷା ଆଇନ' ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷଙ୍କ ସମେତ ଅତିରିକ୍ତ ଜିଲ୍ଲା ଏବଂ ଦୌରା ବିଚାରପତି ଏବଂ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ବିଶ୍ୱରଞ୍ଜନ ବେହେରା ଯୋଗ ଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ବିଷୟରେ ଉଦବୋଧନ ଦେଇଥିଲେ । ମୁଖ୍ୟବକ୍ତା ଭାବେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ହିମାଂଶୁ ଶେଖର ଆଚାର୍ଯ୍ୟ ଯୋଗଦେଇଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ରଘୁନାଥ ମୁଦୁଲି କିଶୋର ନ୍ୟାୟ ଓ ଯତ୍ନ ସମ୍ପର୍କରେ ଉପସ୍ଥାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁବାସ ଚନ୍ଦ୍ର ସାହୁ, ସମ୍ପାଦକ ଓକିଲ ସଂଘ ଗୋପାଳ ଚନ୍ଦ୍ର ସାହୁ, ବରିଷ୍ଠ ଆଇନଜୀବୀ ପ୍ରଫୁଲ୍ଲ କୁମାର ମିଶ୍ର ଏବଂ ଭଗବାନ ହୋତା ଯୋଗଦେଇଥିଲେ । ଅଧ୍ୟାପିକା ପ୍ରିୟଦର୍ଶିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବ୍ଲକ୍‌ସ୍ତରୀୟ ଦଣ୍ଡଯାତ୍ରା କମିଟି ବୈଠକ

ଜଗନ୍ନାଥପ୍ରସାଦ,୨୦।୨(ସମିସ): ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣୀ ମଣ୍ଡପରେ ମା'ଦଣ୍ଡକାଳୀ ମହାସଂଘ ପକ୍ଷରୁ ବ୍ଲକସ୍ତରୀୟ ଦଣ୍ଡଯାତ୍ରା ବୈଠକ କମିଟି ଓ ନୂତନ କମିଟି ଚୟନ ହୋଇଯାଇଛି । କାର୍ଯ୍ୟକ୍ରମରେ ଜଗନ୍ନାଥପ୍ରସାଦ ବ୍ଲକ ଦଣ୍ଡଯାତ୍ରା କମିଟି ସଭାପତି ଭାବେ ଦୁଃଖିଶ୍ୟାମ ମହାନ୍ତି, ଉପସଭାପତି ନାରାୟଣ ବେହେରା, ସମ୍ପାଦକ ବିଜୟ କୁମାର ଗୌଡ଼ ଓ ସହସମ୍ପାଦକ ଭାବେ ଲାଲୁ ପ୍ରସାଦ ଓଡ଼ଡ୍ରାକୁ ଚୟନ କରାଯାଇଥିଲା । ଚଳିତ ବର୍ଷ ଦଣ୍ଡଯାତ୍ରାରେ କମିଟି ପକ୍ଷରୁ ପ୍ରତ୍ୟେକ ଦଣ୍ଡଯାତ୍ରା ୧୩ ଦିନର ମେଳଣ କରିବା ଓ ଶାନ୍ତି ଶୃଙ୍ଖଳାର ସହ ଦଣ୍ଡଯାତ୍ରା ପରିବେଷଣ କରିବା ପାଇଁ ନିଷ୍ପତି କରାଯାଇଥିଲା । ଅଶ୍ଳୀଳ ନୃତ୍ୟ ବାରଣ ଏବଂ ଆସନ୍ତା ୨୦୨୬ମସିହାରେ ଅଞ୍ଚଳରେ ସାମାଜିକ ନାଟକକୁ ସମ୍ପୂର୍ଣ୍ଣ ବାରଣ କରିବା ପାଇଁ ଚୟନ ହୋଇଥିବା ବ୍ଲକସ୍ତରୀୟ ଦଣ୍ଡ କମିଟି ନିଷ୍ପତ୍ତି ନେଇଛି । ବୈଠକରେ ବ୍ଲକର ଜଗନ୍ନାଥପ୍ରସାଦ, ଛାମୁଣ୍ଡା, କୁମୁଣ୍ଡା ଭଳି ବିଭିନ୍ନ ଗ୍ରାମର ଦଣ୍ଡଯାତ୍ରାର ମ୍ୟାନେଜର, ଅଧିକାରୀ ଓ କମିଟି ପ୍ରମୁଖ୍ୟ ଉପସ୍ଥିତ ଥିଲେ ।

## ସାଂସଦ ପ୍ରତିନିଧିଙ୍କ ବିଦ୍ୟାଳୟ ପରିଦର୍ଶନ

ଫିରିଙ୍ଗିଆ,୨୦।୨(ସମିସ): କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀଙ୍କ ନିର୍ଦ୍ଦେଶ କ୍ରମେ ସାଂସଦ ପ୍ରତିନିଧି ଗୋଲକ କହଁର ଫିରିଙ୍ଗିଆ ବ୍ଲକ ଡ଼ିମିରିଗୁଡା ଠାରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିବା ସହ ବିଦ୍ୟାଳୟର ସମସ୍ୟା ଗୁଡିକର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ସୂଚନା ଅନୁସାରେ ଏହି ବିଦ୍ୟାଳୟଟି ଅଞ୍ଚଳର ପୁରାତନ ବିଦ୍ୟାଳୟ ହୋଇଥିବାବେଳେ ବର୍ତ୍ତମାନ ଏହି ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ଯାଏ ରହିଛି । ଏହାସହ ବର୍ତ୍ତମାନ ଏହି ବିଦ୍ୟାଳୟରେ ୧୯୦ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି । କିନ୍ତୁ ଛାତ୍ରଛାତ୍ରୀଙ୍କ ପାଠ ପଢିବା ପାଇଁ ଶ୍ରେଣୀ କୋଠରୀର ଅଭାବ ଥିବାରୁ ପାଠ ପଢ଼ାରେ ବ୍ୟାଘାତ ଦେଖା ଦେଇଛି । ଏହି ବିଦ୍ୟାଳୟରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପାଇଁ କୌଣସି କାର୍ଯ୍ୟାଳୟ ଗୃହ ନଥିବାରୁ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ମଧ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧନଞ୍ଜୟ ଦିଗାଲ କହିଛନ୍ତି । ସୂଚନା ଅନୁସାରେ ବିଦ୍ୟାଳୟଟି କିଛିଦିନ ତଳେ ସ୍ମାର୍ଟ ସ୍କୁଲରେ ରୂପାନ୍ତରିତ କରାଯାଇଥିଲା । ବ୍ଲକ ପ୍ରଶାସନ ଏହି ବିଦ୍ୟାଳୟରେ ଗୋଟିଏ ସାଇନ୍ସ ଲ୍ୟାବ, ଗୋଟିଏ ସ୍ମାର୍ଟ କ୍ଲାସ ରୁମ ଲାଇବ୍ରେରୀ ଓ ସାଇକେଲ ଷ୍ଟାଣ୍ଡ ସହ ଫାଟକ ନିର୍ମାଣ କରି ପୁରାତନ କ୍ଲାସ ରୂପ ଗୁଡିକୁ କୌଣସି ମରାମତି ନକରି କେବଳ ରଙ୍ଗ ଦେଇ ଛାଡି ଦେଇଥିବା ଅଭିଭାବକ ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ବିଦ୍ୟାଳୟରେ ରହିଥିବା କ୍ଲାସ ରୁମ ସମସ୍ୟା ନେଇ ଗ୍ରାମବାସୀ ଓ ଅଭିଭାବକ ବାରମ୍ବାର ପ୍ରଶାସନ ପାଖରେ ଦାବି କରିଆସୁଥିବା ବେଳେ କୌଣସି ସୁବିଧା ନହେବାରୁ ସାଂସଦଙ୍କ ପାଖରେ ଅଭଯୋଗ କରିଥିଲେ । ଶେଷରେ ସାଂସଦ ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ ତାଙ୍କ ପ୍ରତିନିଧି ଗୋଲକ କହଁରଙ୍କୁ ନିର୍ଦ୍ଦେଶ ଦେଇଥିଲେ ଓ ତେବେ ସାଂସଦ ପ୍ରତିନିଧି ବିଦ୍ୟାଳୟକୁ ଯାଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସହ ପରିଚାଳନା କମିଟି ସଭାପତି ରଘୁପତି କହଁର ଓ ଅନ୍ୟ ସଦସ୍ୟ ମାନଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି ।

# ମ୍ୟାନେଜର୍‌ଙ୍କ ଜାଲ୍ ଗ୍ୟାରେଣ୍ଟିରେ ୨ ମିଲର୍

### ଯୋଗାଣ ବିଭାଗର ତଦନ୍ତ

ଆସିକା,୨୦।୨(ସମିସ): କରୁର ବୈଶ୍ୟ ବ୍ୟାଙ୍କ ମ୍ୟାନେଜର୍‌ଙ୍କ ଜାଲିଆତି ଯୋଗୁଁ ଦୁଇ ମିଲର୍ ଫସିଛନ୍ତି । ଏଭଳି ଘଟଣା ସମ୍ପ୍ରତି ଚର୍ଚ୍ଚାର ପ୍ରସଙ୍ଗ ହୋଇଛି । ଆସିକା ଶାଖାରେ ଏଭଳି ଘଟଣା ଦେଖିବାକୁ ମିଳିଛି । ସୂଚନା ପ୍ରକାରେ ବ୍ୟାଙ୍କରୁ ଗ୍ୟାରେଣ୍ଟି ନେଇ ଠକାମିର ଶିକାର ହୋଇଛନ୍ତି ଦୁଇ ଚାଉଳ ମିଲ୍ ମାଲିକ । ମିଛିମିଛିକା ବ୍ୟାଙ୍କ ଗ୍ୟାରେଣ୍ଟି ଦେଇଥିବା ମ୍ୟାନେଜର ଏବେ ନିଲମ୍ବିତ ହୋଇଛନ୍ତି । ଶାଖା ପରିଚାଳକ ବିରୋଧରେ ଆସିକା ଥାନାରେ ମାମଲା ରୁଜୁ ହୋଇଛି । ଖବର ନେବାରୁ ଜଣାପଡ଼ିଛି ଯେ, ନିଜର ସମ୍ପତ୍ତି ଓ ଜମିବାଡି ବନ୍ଧକ ରଖି ଏବଂ ଫିକ୍ସ ଡିପୋଜିଟ୍ ମାଧ୍ୟମରେ ମିଲର୍‌ଙ୍କ ଫେକ୍ ଗ୍ୟାରେଣ୍ଟି ନେଇଥିଲା ବ୍ୟାଙ୍କ । ଫେକ ବ୍ୟାଙ୍କ ଗ୍ୟାରେଣ୍ଟି ଦେଇ ଶାଖା ପରିଚାଳକ ଜାଲିଆତି କରୁଥିଲେ । ବ୍ୟାଙ୍କର ମିଛ ଗ୍ୟାରେଣ୍ଟିକୁ ଧରିଛି ରାଜ୍ୟ ଯୋଗାଣ ନିଗମ । ତଦନ୍ତ ପାଇଁ ଗଞ୍ଜାମ ଜିଲ୍ଲାପାଳଙ୍କୁ ଚିଠି କରିଥିଲେ । ଏଣେ ଧାନ କିଣା ପାଇଁ ମିଲରମାନେ ଆବେଦନ କରିଥିଲେ ବେଳେ ଗଞ୍ଜାମ ଜିଲ୍ଲାର ବିଜୟ ଲକ୍ଷ୍ମୀ ରାଇସ୍ ମିଲ ଓ ଗଣେଶ ରାଇସ୍ ମିଲ୍ କର୍ତ୍ତୃକକ୍ଷ ଦେଇଥିବା ବ୍ୟାଙ୍କ ଗ୍ୟାରେଣ୍ଟି ଫେକ୍ ଥିବା ଜଣାପଡ଼ିବା ପରେ ଧାନ କିଣାବିକା କରିବା ପାଇଁ ଯୋଗାଣ ବିଭାଗ ପକ୍ଷରୁ କଟକଣା ଲଗାଯାଇଛି । ଏହା ଜାଣିବା ପରେ ମିଲର୍ ଦୁହେଁ ବ୍ୟାଙ୍କ ଗ୍ୟାରେଣ୍ଟି ପାଇଥିବା ଆସିକା ଅଞ୍ଚଳର କରୁର ବୈଶ୍ୟ ବ୍ୟାଙ୍କକୁ ଦୌଡିଥିଲେ । ହେଲେ ସେଠାରୁ ଯାଣିବାକୁ ପାଇଥିଲେ ଯେ ତାଙ୍କଠାରୁ କୋଟି କୋଟି ଟଙ୍କାର ସମ୍ପତ୍ତି ବନ୍ଧକ ନେଇ ଓ ଫିକ୍ସ ଡିପୋଜିଟ୍ ଦିଆ ଯାଇଥିବା ବ୍ୟାଙ୍ଗ ଗ୍ୟାରେଣ୍ଟି ନିଜେ ଶାଖା ପ୍ରବନ୍ଧକ ସୁରଜିତ୍ ମିଶ୍ର ଜାଲିଆତି ଜରି ଦେଇଥିଲେ । ଏହା ପରେ ଠକାମିର ଶିକାର ହୋଇଥିବା ଗଣେଶ ରାଇସ୍ ମିଲର ମାଲିକ ଭାସ୍କର ମହାନ୍ତି ଆସିକା ଥାନାରେ ଗତ ୨ତାରିଖରେ ବ୍ୟାଙ୍କ ପରିଚାଳକ ନାମରେ ଏତଲା ଦେଇଥିଲେ । ସୂଚନା ପ୍ରକାରେ ସୋରଡ଼ା ବ୍ଲକ ବିଜୟଲକ୍ଷ୍ମୀ ରାଇସ ମିଲ ଓ ଧରାକୋଟ ବ୍ଲକ ଢଉଗାଁର ଗଣେଶ ରାଇସ୍ ମିଲ୍ ସରକାରଙ୍କ ନିୟମ ପ୍ରକାରେ ଆସିକାରେ ଥିବା କରୁର ବୈଶ୍ୟ ବ୍ୟାଙ୍କର ଶାଖାରୁ ଫିକ୍ସ ଡିପୋଜିଟ ଓ ସମ୍ପତ୍ତି ବନ୍ଧକ ରଖି ତାର ପ୍ରତିବଦଳରେ ଯଥାକ୍ରମେ ୯୦ଲକ୍ଷ ଓ ଏକ କୋଟି ଟଙ୍କାର ବିଜି ପାଇଥିଲେ । ନିଜେ ଶାଖା ପ୍ରବନ୍ଧକ ସୁରଜିତ୍ ମିଶ୍ରଙ୍କ ବ୍ୟାଙ୍କ ମେଲ ଆଇଡିରେ ଗତ ଜାନୁଆରୀ ୩ ତାରିଖରେ ଗଞ୍ଜାମ ଜିଲ୍ଲା ଯୋଗାଣ ଅଧିକାରୀଙ୍କ ପାଖକୁ ବିଜୟଲକ୍ଷ୍ମୀ ରାଇସ୍ ମିଲର ବ୍ୟାଙ୍କ ଗ୍ୟାରେଣ୍ଟି କନ୍-ଫରମେସନ ପଠାଇଥିଲେ । ହେଲେ ବ୍ୟାଙ୍କ ଗ୍ୟାରେଣ୍ଟିକୁ ନେଇ ଯୋଗାଣ ବିଭାଗର ସନ୍ଦେହ ହେବାରୁ ସେ ବ୍ୟାଙ୍କର କୋଲକତାସ୍ଥିତ ଡିଭିଜନ୍ ଆଫିସକୁ ପଠାଇଥିଲା । ସେଠାରୁ ଜାଣିବାକୁ ମିଳିଥିଲା ଯେ ତାଙ୍କ ବ୍ୟାଙ୍କରୁ ଗଞ୍ଜାମ ଜିଲ୍ଲାର କୌଣସି ମିଲରକୁ ବ୍ୟାଙ୍କ ଗ୍ୟାରେଣ୍ଟି ଦିଆଯାଇନାହିଁ । ଏହା ଜାଣିବା ପରେ ରାଜ୍ୟ ଯୋଗାଣ ବିଭାଗ ଜିଲ୍ଲା ଯୋଗାଣ ବିଭାଗକୁ ଚିଠି ଲେଖି ବ୍ୟାଙ୍କରୁ ବ୍ୟାଙ୍କ ଗ୍ୟାରେଣ୍ଟି ଦେଇଥିବା ଦୁଇ ମିଲର ଧାନକିଣାକୁ ରଦ୍ଦ କରିବା ସହିତ ବ୍ୟାଙ୍କର ଶାଖା ପ୍ରବନ୍ଧକ ନିଜ ମେଲ୍‌ରୁ ଏପରି ଜାଲିଆତି କରି ବ୍ୟାଙ୍ଗ ଗ୍ୟାରେଣ୍ଟି ଦେଇଥିବା ଜାଣିଥିଲେ ।

## ନୂତନ ବିଡିଓଙ୍କ ଦାୟିତ୍ୱ ଗ୍ରହଣ

ପୁରୁଷୋତ୍ତମପୁର,୨୦।୨(ସମିସ): ପୁରୁଷୋତ୍ତମପୁର ବ୍ଲକରେ ନୂତନ ବିଡିଓ ଭାବେ ଶରତ କୁମାର ପାତ୍ର ଯୋଗଦେଇଛନ୍ତି । ସେ ପୂର୍ବରୁ କଳାହାଣ୍ଡି ଜିଲ୍ଲା ଧର୍ମଗଡ ବ୍ଲକ ବିଡିଓ ଭାବେ କାର୍ଯ୍ୟ କରୁଥିଲେ । ଏଠାରେ ଥିବା ବିଡିଓ ମନୋଜ କୁମାର ନାୟକ ଗତ ମାସ ୨୦ ତାରିଖରୁ ନୟାଗଡ଼ ଜିଲ୍ଲା ରଣପୁର ବ୍ଲକକୁ ବଦଳି ହୋଇଯିବା ପରେ ପଦବୀଟି ଖାଲି ପଡିଥିଲା । ସେ କାର୍ଯ୍ୟରେ ଯୋଗ ଦେବାପରେ ସମସ୍ତ କର୍ମଚାରୀ ତାଙ୍କୁ ସ୍ୱାଗତ କରିଥିଲେ । ଏହି ଅବସରରେ ସେ କହିଛନ୍ତି ଯେ, ସମସ୍ତ ଜନପ୍ରତିନିଧି ମାନଙ୍କୁ ନେଇ କାର୍ଯ୍ୟ କରିବି । ସାଧାରଣ ଲୋକେ ଯେପରି ସମସ୍ତ ସରକାରୀ ଯୋଜନାମାନର ସୁବିଧା ଘରେ ରହି ପାଇପାରିବେ ସେଥିପ୍ରତି ଗୁରୁତ୍ୱ ଦିଆଯିବ ।



## କଇଠଖଣ୍ଡି ବିଦ୍ୟାଳୟର ବାର୍ଷିକୋତ୍ସବ



ଦିଗପହଣ୍ଡି,୨୦।୨(ସମିସ): ଦିଗପହଣ୍ଡି ବ୍ଲକ କଇଠଖଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ପଣ୍ଡା ସଭାପତିତ୍ୱ କରିଥିଲେ । ଦିଗପହଣ୍ଡି ଗୋଷ୍ଠୀ ଶିକ୍ଷା ବିଭାଗ କାର୍ଯ୍ୟାଳୟର ସହ ଗୋଷ୍ଠୀ ଶିକ୍ଷାଧିକାରୀ ବିଶ୍ରବା ପାଇକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସେହିଭଳି ମଧୁବନ କ୍ଲଷ୍ଟରର ସିଆରସିସି ମନୋଜ କୁମାର ବେହେରା, ପେଣ୍ଠା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବରଦାକାନ୍ତ ପରିଡା, ଶିକ୍ଷକ ବିଜୟ କୁମାର ଗୌଡ଼ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସିନ ଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଶିକ୍ଷକ ସତ୍ୟବାନ ଗୌଡ, ସୁଲୋମନ ମଣ୍ଡଳ, ତୁମ୍ବନାଥ ବେହେରା, ପ୍ରକାଶ ପାଇକ, ଶିକ୍ଷୟିତ୍ରୀ ଗିତାଞ୍ଜଳି ପାଣିଗ୍ରାହୀ ଏବଂ ଶିବାନୀ ବେହେରା ସହଯୋଗ କରିଥିଲେ ।

## ଶିକ୍ଷା ବିଭାଗର ସମୀକ୍ଷା ବୈଠକ

ଦିଗପହଣ୍ଡି,୨୦।୨(ସମିସ): ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟ ପରିସରରେ ଶିକ୍ଷା ବିଭାଗ ପକ୍ଷରୁ ବ୍ଲକସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଡ଼ିଓ ଡ଼.ଚିତ୍ତରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବାଳା ମାଝୀ ଯୋଗଦେଇ ବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀ ମାନଙ୍କୁ ପୋଷାକ ବଣ୍ଟନ, ଜାତୀୟ ବିଜ୍ଞାନ ଦିବସ, ମାତୃଭାଷା ଦିବସ ଏବଂ ନିପୁଣ ଓଡ଼ିଶା ମେଳା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ବୈଠକରେ ବ୍ଲକ ସହ ଗୋଷ୍ଠୀ ଶିକ୍ଷାଧିକାରୀ ବିଶ୍ରବା ପାଇକ, ରସାନନ୍ଦ ଘଡେଇ, ୧୬ଟି କ୍ଲଷ୍ଟରର ସମସ୍ତ ସିଆରସିସିଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ, ପ୍ରଧାନ ଶିକ୍ଷକ ବୃନ୍ଦ ଯୋଗଦେଇଥିଲେ ।

## ଯକ୍ଷ୍ମାରୋଗୀଙ୍କୁ ଖାଦ୍ୟ ବାସ୍କେଟ୍ ବଣ୍ଟନ

ଫୁଲବାଣୀ,୨୦।୨(ସମିସ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତାଲିମ କେନ୍ଦ୍ରରେ ଯକ୍ଷ୍ମାରୋଗୀଙ୍କୁ ଖାଦ୍ୟ ବାସ୍କେଟ ବଣ୍ଟନ କରିବା ସହିତ ରକ୍ତ ଶିକୁଳୀ ରୋଗ ଚିହ୍ନଟ ପାଇଁ ଉନ୍ନତ ଯାନ୍ତ୍ରିକ ଉପକରଣର ଉଦ୍‌ଘାଟନ ହୋଇଯାଇଛି । ଏହି ଅବସରରେ ପୂର୍ବରୁ ଚିହ୍ନଟ ହୋଇଥିବା ୧୨୦ ଜଣ ଯକ୍ଷ୍ମା ରୋଗୀଙ୍କୁ ଔଷଧ ସେବନ ସମୟରେ ମାସିକ ଖାଦ୍ୟ ବାସ୍କେଟ ପ୍ରଦାନ କରାଯାଇଥିଲା । ସେହିପରି ଜିଲ୍ଲାରେ ଉନ୍ନତ ଜ୍ଞାନ କୌଶଳରେ ରକ୍ତ ଶିକୁଳୀ ରୋଗ ଚିହ୍ନଟ ପାଇଁ ଦୁଇଟିଉଚ୍ଚ ପ୍ରଯୁକ୍ତି ଯୁକ୍ତ ଯାନ୍ତ୍ରିକ ଉପକରଣ (ଏଚ୍‌ପିଏଲ୍‌ସି.) ଏବଂ ଗୋଟିଏ ୬ଟି ଆସନ ବିଶିଷ୍ଟ ନୂତନ ମହାପ୍ରୟାଣ ଗାଡ଼ି ଭାରତୀୟ ବିରଳ ମୃତ୍ତିକା ପ୍ରତିଷ୍ଠାନ(ଆଇ.ଆର୍.ଇ.ଏଲ୍.) ଛତ୍ରପୁର, ଗଞ୍ଜାମ ତରଫରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରଦାନ କରାଯାଇଥିଲା । ଏନେଇ ଅନୁଷ୍ଠିତ ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା.ସନ୍ତୋଷ କୁମାର ପାଢ଼ୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ସଦାସର୍ବଦା ଉଦ୍ୟମରତ କନ୍ଧମାଳ ଜିଲ୍ଲାପାଳ ଅମୃତ୍ ଋତୁରାଜ୍‌ଙ୍କୁ ସାଧୁବାଦ ଜଣାଇଥିଲେ । ଉକ୍ତ ବୈଠକରେ ଫୁଲବାଣୀ ଭେଷଜ ମହାବିଦ୍ୟାଳୟ ଅଧିକ୍ଷକ ଡା. ନରେନ୍ଦ୍ର କୁମାର ବେହେରା, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପ୍ରତିନିଧି ଡା. ଶ୍ୟାମବନ୍ଧୁ ରଥ ଓ ଡା. ରଞ୍ଜିତା, ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କଲ୍ୟାଣୀ ମିଶ୍ର, ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ମ୍ୟାଲେରିଆ) ଡା. ଅରବିନ୍ଦ ଦାଶ, ଜିଲ୍ଲା ରକ୍ତ ଭଣ୍ଡାର ଅଧିକାରୀ ଡା. ଜୟଦୀପ ଭୋଷ, ଜିଲ୍ଲା ସ୍ୱାସ୍ଥ୍ୟ ମିଶନ ପରିଚାଳକ ମନୋରଞ୍ଜନ ସାହୁ, ଭାରତୀୟ ବିରଳ ମୃତ୍ତିକା ପ୍ରତିଷ୍ଠାନ ପ୍ରତିନିଧି ଅମୂଲ୍ୟରତ୍ନ ପଣ୍ଡା, ଜିଲ୍ଲା ଯକ୍ଷ୍ମା ସଂଯୋଜକ ସଞ୍ଜୟ କୁମାର ସାହୁ, ଜିଲ୍ଲା ଅଣ ସଂକ୍ରମକ ରୋଗ ପରିଚାଳକ ଅଶୋକ କୁମାର ସାହୁ ଓ ବରିଷ୍ଠ ନାଗରିକ ସଂଘ, ଫୁଲବାଣୀର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।




## କର୍କଟ ରୋଗ ନିରାକରଣ ସଚେତନତା




ଦିଗପହଣ୍ଡି,୨୦।୨(ସମିସ): ଦିଗପହଣ୍ଡି ବ୍ଲକ କଇଠଖଣ୍ଡି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗୁରୁବାର କର୍କଟ ରୋଗ ନିରାକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ପ୍ରତିନିଧି ପଲ୍ଲବୀ ଗୌଡ଼ଙ୍କ ତତ୍ତ୍ୱାବଧାନରେ କଟକସ୍ଥିତ ଏକ ଘରୋଇ ହସ୍ପିଟାଲ ଓ ବ୍ରହ୍ମପୁର ଲାୟନ୍ସ କ୍ଲବ ଗୋଲ୍ଡର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଲାୟନ୍ସ କ୍ଲବ ସଭାପତି ସଙ୍ଗୀତା ବାବୁ ସଭାପତିତ୍ୱ କରିଥିଲେ । କର୍କଟ ରୋଗ ବିଶେଷଜ୍ଞ ଡାକ୍ତର ପ୍ରକାଶ କୁମାର ସ୍ୱାଇଁ, ସହଯୋଗୀ ଡାକ୍ତର ସମୀରକାନ୍ତ ମିଶ୍ର, ଦିଗପହଣ୍ଡି ବ୍ଲକ ପ୍ରକଳ୍ପ ଅଧିକାରୀ ସଙ୍ଗୀତା ପଣ୍ଡା, କ୍ଲବ ସଂଯୋଜକ ଶ୍ୟାମାପ୍ରସାଦ ପାଢୀ, କର୍ମକର୍ତ୍ତା ଶିଶିର କୁମାର ଦାସ, ଦିଲେସୁ ରେଡ୍ଡୀ, ଅମର ପାତ୍ର, ଦିନବନ୍ଧୁ ଗୌଡ଼, ନମିତା ମହାପାତ୍ର, ଅଜୟ ପାତ୍ର, ସଙ୍ଗୀତା ପାତ୍ର, ସଞ୍ଜୀବ ରାଓ ପୃଷ୍ଟି, କୁରେଶୁ ପାତ୍ର, ପଞ୍ଚାୟତ ନିର୍ବାହୀ ଅଧିକାରୀ ଗୁପ୍ତେଶ୍ୱରୀ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ । କର୍କଟ ଭଳି ମାରାତ୍ମକ ରୋଗର ଲକ୍ଷଣ ମନୁଷ୍ୟ ଶରୀରରେ ଦେଖାଗଲେ ଏହାକୁ ଭୟ ନ କରି ତାହାର ସଠିକ ନିରାକରଣ ନିମନ୍ତେ ଡାକ୍ତରଙ୍କ ପରାମର୍ଶ ନେବାକୁ କାର୍ଯ୍ୟକ୍ରମରେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା । କାର୍ଯ୍ୟକ୍ରମରେ ପଞ୍ଚାୟତ ଅଧିନ ବିଭିନ୍ନ ଗ୍ରାମର ବହୁ ସଂଖ୍ୟକ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ମାନେ ଉପସ୍ଥିତ ଥିଲେ ।

## ବ୍ଲକ୍‌ସ୍ତରୀୟ ନିପୁଣ ଓଡ଼ିଶା ମେଳା



ବୁଗୁଡ଼ା,୨୦।୨(ସମିସ): ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବି.କରଡ଼ାବାଡ଼ି ଗ୍ରାମସ୍ଥ ସର୍ଦ୍ଦାର ଅନ୍ତର୍ଯ୍ୟାମୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ନିପୁଣଓଡ଼ିଶାମେଳାଅନୁଷ୍ଠିତହୋଇଯାଇଛି । ଗୋଷ୍ଠୀ ଶିକ୍ଷାଧିକାରୀ ଚିନ୍ମୟ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଡିଓ ଦୂତିକୃଷ୍ଣ ପାତ୍ର, ମୁଖ୍ୟବକ୍ତା ତହସିଲଦାର ତାପସ ରାଉତ, ସମ୍ମାନିତ ଅତିଥି ଏବିଇଓ ଅମିତା କୁମାରୀ ପାଢୀ ଓ ତପସ୍ୱିନୀ ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବଂଶୀଧର ନାୟକ, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ମନୋରଞ୍ଜନ ଦାଶ, ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିଥିଲେ । ଉକ୍ତ ମେଳାରେ ୧୧ଟି କ୍ଲଷ୍ଟରରୁ ଆସିଥିବା ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶିତ କରାଯାଇଥିଲା । ଏହି ଅବସରରେ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତିର ଗାଇଡ୍ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ପ୍ରମାଣପତ୍ର ଏବଂ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା ।

## ବାଲିଗୁଡ଼ା ସହର ସୁରକ୍ଷା ନେଇ ବୈଠକ

ବାଲିଗୁଡ଼ା,୨୦।୨(ସମିସ): ବାଲିଗୁଡ଼ା ଉପ ଜଲ୍ଲାପାଳଙ୍କ ନିର୍ଦ୍ଦେଶ ପ୍ରକାରେ ବାଲିଗୁଡ଼ା ସହର ଜନ ସାଧାରଣଙ୍କ ସୁରକ୍ଷା ନେଇ ଏକ ସାମୂହିକ ବୈଠକ ଅନୁଷ୍ଠିତ ହୋଇଥିଲା । ଉପଜିଲ୍ଲାପାଳ ଡ.ରିନା ପ୍ରଧାନ ସଭାପତିତ୍ୱରେ ଆୟୋଜିତ ବୈଠକରେ ବାଲିଗୁଡ଼ା ଏସଡିପିଓ ରମେନ୍ଦ୍ର ପ୍ରସାଦ ମଧ ଉପସ୍ଥିତ ଥିଲେ । ଆଇଟିଡିଏ ପିଏ ଗଦାଧର ପାତ୍ର ସଭା ପରିଚାଳନା କରିଥିଲେ । ଉକ୍ତ ସଭାର ମୁଖ୍ୟ ଉଦ୍ଦେଶ୍ୟ ହେଲା ବାଲିଗୁଡ଼ା ସହରରେ ଦିନକୁ ଦିନ ଚୋରି ଡକାୟତି ବିଭିନ୍ନ ଅନୈତିକ କାର୍ଯ୍ୟ କଳାପକୁ ଉପରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ସହିତ ସହର ବିଭିନ୍ନ ସହରକୁ ସଂପ୍ରସାରିତ ସୌନ୍ଦର୍ଯ୍ୟକରଣ ଉପରେ ଆଲୋଚନା କରିଥିଲେ । ତେବେ ଖୁବଶୀଘ୍ର ବାଲିଗୁଡ଼ାର ସିସିଟିଭି ବ୍ୟବସ୍ଥା ଠିକ୍ କରିବା ସହ ସମସ୍ତ ବ୍ୟବସାୟୀଙ୍କୁ ନିଜ ଦୋକାନରେ ରାସ୍ତାକୁ ମୁହଁ କରି ଏକ କ୍ୟାମେରା ଲଗାଇବାକୁ ଅନୁରୋଧ କରିଥିଲେ ଏସ୍ ଡି ପିଓ । କାର୍ଯ୍ୟକ୍ରମରେ ବାଲିଗୁଡ଼ା ସହରରେ ସମସ୍ତ ପ୍ରଶାସନିକ ଅଧିକାରୀ, ସମସ୍ତ ବ୍ୟାଙ୍କ ଅଧିକାରୀ ଓ ବିଭିନ୍ନ ବେସରକାରୀ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

## ବ୍ଲକ୍‌ସ୍ତରୀୟ ନିପୁଣ ଓଡ଼ିଶା ମେଳା




ଭଞ୍ଜନଗର,୨୦।୨(ସମିସ): ଭଞ୍ଜନଗର ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନ ଦୀନବନ୍ଧୁ ବେହେରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ଶିକ୍ଷାଧିକାରୀ ଏସ୍ ଧନଞ୍ଜୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭଞ୍ଜନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନୀତ ଅତିଥି ରୂପେ ମଞ୍ଚାସୀନ ହୋଇଥିଲେ ବ୍ଲକ ଅଧ୍ୟକ୍ଷ ନରୀସଭା ନାଇକ, ବିଆରସିସି ସୂର୍ଯ୍ୟ ନାଇକ, ଏବିଇଓ ଗଜେନ୍ଦ୍ର କୁମାର ସେଠୀ ଏବଂ ଚରଣ ବେହେରା, ଦୀନବନ୍ଧୁ ବେହେରା, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ସ୍ୱରାଜ କଅଁର । ଏଥିରେ ବ୍ଲକର ୧୬ଟି କ୍ଲଷ୍ଟରରୁ ଶ୍ରେଷ୍ଠତା ଅର୍ଜନ କରିଥିବା ଜଣେ ଜଣେ ଏଫ୍‌ଏଲ୍‌ଏନ୍ ଶିକ୍ଷକ ସେମାନଙ୍କର ମୌଳିକ ଭାଷା ଓ ସଂଖ୍ୟା ଜ୍ଞାନ ଶିକ୍ଷଣ ସାମଗ୍ରୀ ଧରି ଏହି ମେଳାରେ ଅଂଶଗ୍ରହଣ କରିଥିଲେ । ବିଚାରକ ଭାବେ ଏବିଇଓ ଶ୍ରୀ ବେହେରା, ପ୍ରଧାନଶିକ୍ଷକ ଉମାକାନ୍ତ ନାହାକ ଓ ଦୀନବନ୍ଧୁ ବେହେରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ କୁମୁଦିନୀ ବେହେରା ଯୋଗ ଦେଇଥିଲେ । ଲାଲସିଂ କ୍ଲଷ୍ଟରର କାହ୍ନୁ ରାଉତ ନୋଡାଲ ହାଇସ୍କୁଲର ଏଫ୍‌ଏଲଏନ ଶିକ୍ଷୟିତ୍ରୀ କଳ୍ପନା କୁମାରୀ ପ୍ରଧାନଙ୍କ ନିର୍ମିତ ଶିକ୍ଷଣ ସାମଗ୍ରୀ ଏବଂ ତୁରୁମୁ କ୍ଲଷ୍ଟର ରାଇଗୋଛା ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ଦଳ ବେହେରାଙ୍କ ମୌଳିକ ସଂଖ୍ୟା ଜ୍ଞାନ ଶିକ୍ଷଣ ସାମଗ୍ରୀ ଜିଲ୍ଲାସ୍ତରୀୟ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାପାଇଁ ଯୋଗ୍ୟ ବିବେଚିତ ହୋଇଥିଲା । କାର୍ଯ୍ୟକ୍ରମରେ ସିଆରସିସି ବିଭୁ ପ୍ରସାଦ ମହାପାତ୍ର ପ୍ରାରମ୍ଭିକ ସଂଗୀତ ଗାନ କରିଥିବା ବେଳେ ଶିକ୍ଷକ ନାରାୟଣ ମହାପାତ୍ର ସଂଯୋଜନା କରିଥିଲେ । ବିଇଓ ଅଫିସ୍ ତରଫରୁ ଅନିଲ୍ କୁମାର ମୁଦୁଲି ଓ ଚିନ୍ମୟ କୁମାର ଦାଶ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ମା'ରାମଚଣ୍ଡୀଙ୍କ ପୀଠରେ ସନ୍ଥ ସମ୍ମିଳନୀ

ଗଞ୍ଜାମ,୨୦।୨(ସମିସ): ଗଞ୍ଜାମ ବ୍ଲକର ପ୍ରସିଦ୍ଧ ଶକ୍ତିପୀଠ ମା' ରାମଚଣ୍ଡୀରେ ଆୟୋଜିତ ବିଶ୍ୱସ୍ତରୀୟ ସନ୍ଥ ସମ୍ମିଳନୀରେ ସନ୍ଥଶ୍ରୀ ଶଙ୍କରାନନ୍ଦ ଗିରି, (ଭୁବନେଶ୍ୱର), ସନ୍ଥଶ୍ରୀ ତ୍ରିଦଣ୍ଡି ତୀର୍ଥ (ମହେନ୍ଦ୍ରଗିରି), ପ୍ରଜ୍ଞାନନ୍ଦ ମହାରାଜ (ପୋଲସରା), ମହନ୍ତରାଧା ବିନୋଦ ଦାସ୍, (ଚୈତନ୍ୟ ମଠ), ହରି ମହାରାଜ ଓ ଏହି ସନ୍ଥ ସମ୍ମିଳନୀର ମୁଖ୍ୟ ସଂଯୋଜକ ପ୍ରଶାନ୍ତ କର, ଜୋତିର୍ବିଦ ଦୀପକ ଦାସ ପ୍ରମୁଖ ବହୁ ସାଧୁସନ୍ଥ ଯୋଗଦେଇ ସନାତନ ଧର୍ମର ସୁରକ୍ଷା ସହ ହିନ୍ଦୁ ସନାତନୀଙ୍କ ପ୍ରଚାର ପ୍ରସାର କରି ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଜାଗରଣ ସୃଷ୍ଟି କରିଥିଲେ । ଏପରିକି ବିଭିନ୍ନ ଶକ୍ତିପୀଠ ଗୁଡ଼ିକର ସୁରକ୍ଷା ଏବଂ ରକ୍ଷଣା ବେକ୍ଷଣ କରିବା ନିହାତି ଆବଶ୍ୟକ ବୋଲି ସେମାନେ ମତ ପ୍ରକାଶ କରିଛନ୍ତି । ଏହି ଅବସରରେ ପ୍ରୟାଗରାଜକୁ ତୀର୍ଥ କରିବାକୁ ଯାଇ ମହାକୁମ୍ଭମେଳାରେ ଫେରି ଆସିଥିବା ୧୨୧ ସାଧୁ ସନ୍ଥଙ୍କୁ ମା'ରାମଚଣ୍ଡୀଙ୍କ ପୀଠକୁ ଆମନ୍ତ୍ରିତ କରି ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ମନ୍ଦିର ଟ୍ରଷ୍ଟ ବୋର୍ଡ ପରି ସଂଯୋଜକ କମଳ ସୁମାର ପଣ୍ଡା, ଟ୍ରଷ୍ଟି ମଞ୍ଜୁଳା ପଣ୍ଡା, ଲକ୍ଷ୍ମୀନୃସିଂହ ପଣ୍ଡା, ରାମଚଣ୍ଡୀ ମନ୍ଦିର ପୂଜା କମିଟି ସମ୍ପାଦକ ତଥା ଆବାହକ ମହାରାଜ ଚନ୍ଦ୍ର ନାୟକ, ପୂଜା କମିଟି କର୍ମକର୍ତ୍ତା ତୁଷାର ଶତପଥୀ, ଜ୍ୟୋତିଷ ବିଶାରଦ ଦୀପକ ଦାସ, ପଣ୍ଡିତ ବିଜୟ ତ୍ରିପାଠୀ, ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳକ ତଥା ଛତ୍ରପୁର ନୃତ୍ୟ ନିର୍ଦ୍ଦେଶକ ସାଧାରଣ ସମ୍ପାଦକ କୋରିଓଗ୍ରାଫର ଜୀବନ କୁମାର୍ ମହାରଣା ପ୍ରମୁଖ ସହଯୋଗ କରିଥିଲେ ।






ସକାଳ
www.sakalaepaper.com

# ବିକ୍ରି ହେଉଛି ମହାକୁମ୍ଭରେ ବୁଡ଼ ପକାଉଥିବା ମହିଳାଙ୍କ ଭିଡିଓ

- ଇନଷ୍ଟାଗ୍ରାମରେ କରୁଛନ୍ତି ଅପଲୋଡ୍
- ୧୦୩ ଆକାଉଣ୍ଟ ଚିହ୍ନଟ କଲାଣି ପୁଲିସ
- ନାରୀଙ୍କ ସମ୍ମାନ ରକ୍ଷା କରିବାରେ ସରକାର ବିଫଳ: ଅଖିଳେଶ



ପ୍ରୟାଗରାଜ, ୨୦।୨ (ଏଜେନ୍ସି)

ଉତ୍ତର ପ୍ରଦେଶ ପ୍ରୟାଗରାଜରେ ବିଶ୍ୱର ସବୁଠାରୁ ବଡ଼ ଧାର୍ମିକ ମେଳା ମହାକୁମ୍ଭ ଚାଲିଛି। ଶ୍ରଦ୍ଧାର ଏହି ସଙ୍ଗମସ୍ଥଳରେ ବୁଡ଼ ପକାଇବାକୁ ଦେଶ ବିଦେଶରୁ କୋଟି କୋଟି ଲୋକ ଛୁଟି ଆସୁଛନ୍ତି। ମାତ୍ର ଏହି ବିଜ୍ଞାନ ଏବଂ ଆଧ୍ୟାତ୍ମିକତାର କେନ୍ଦ୍ରସ୍ଥଳ ସଙ୍ଗମରୁ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ଏଠାରେ ମହିଳାଙ୍କ ସମ୍ମାନ ଏବଂ ଗୋପନୀୟତା ଅଧିକାରକୁ ଉଲ୍ଲଙ୍ଘନ କରାଯାଉଛି। କିଛି ଅସାଧୁ ବ୍ୟକ୍ତି ମହିଳା ଗାଧୋଉଥିବା ଏବଂ ପୋଷାକ ବଦଳାଉଥିବାବେଳେ ଗୁପ୍ତରେ ଫଟୋ ଏବଂ ଭିଡିଓ ରେକର୍ଡ କରୁଛନ୍ତି। ଆଉ ଏହାକୁ ସୋସିଆଲ ମିଡିଆରେ ଛାଡୁଛନ୍ତି। ଏହି ସବୁ ଫଟୋ ଏବଂ ଭିଡିଓକୁ ଟେଲିଗ୍ରାମରେ ବିକ୍ରି କରାଯାଉଥିବା ସୂଚନା ମିଳିଛି। ପରେ ଏହାକୁ ଇନଷ୍ଟାଗ୍ରାମରେ ସେୟାର କରାଯାଉଛି। କିଛି ଇନଷ୍ଟାଗ୍ରାମ ଆଇଡିରେ ଏଭଳି ଅନେକ ଭିଡିଓ ଅପଲୋଡ କରାଯାଇଛି। ଅଧିକ ଭ୍ୟୁ ପାଇଁ ହାସଟାଗ୍ ମଧ୍ୟ ବ୍ୟବହାର କରାଯାଉଛି। ଏଭଳି ନିନ୍ଦନୀୟ କାର୍ଯ୍ୟ ଜନମାନସକୁ ବ୍ୟଥିତ କରିଛି। ପ୍ରୟାଗରାଜରେ ବୁଡ଼ ପକାଇବାକୁ ଆସୁଥିବା ପବିତ୍ର ସ୍ଥଳରେ ଏଭଳି ଖରାପ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।

ପୁଲିସ ଏହାକୁ ନେଇ ଦୁଇ ସୋସିଆଲ ମିଡିଆ ଆକାଉଣ୍ଟ ବିରୋଧରେ ମାମଲା ରୁଜୁ କରିଛି। ଡାର୍କ ୱେବ୍ ସହ ଏହି ଆକାଉଣ୍ଟର ଲିଙ୍କ ଅଛି କି ନାହିଁ ତାହାର ତଦନ୍ତ କରାଯାଉଛି। ପୁଲିସ ଇନଷ୍ଟାଗ୍ରାମର ମୁଖ୍ୟାଳୟ କାଲିଫର୍ଣ୍ଣିଆକୁ ଏକ ଇମେଲ ପଠାଇ ଆକାଉଣ୍ଟ ସମ୍ବନ୍ଧିତ ତଥ୍ୟ ମାଗିଛି। ଏଭଳି ଆକାଉଣ୍ଟ ଚିହ୍ନଟ କରି ତଥ୍ୟ ଦେବାକୁ କୁହାଯାଇଛି। ପ୍ରାରମ୍ଭିକ ଯାଞ୍ଚରେ ଏହି ସୋସିଆଲ ମିଡିଆ ଆକାଉଣ୍ଟଗୁଡିକରେ ମହିଳାଙ୍କ ଅନେକ ଭିଡିଓ ଅପଲୋଡ କରାଯାଇଥିବା ଜଣାପଡ଼ିଛି। ଏଭଳି ଭିଡିଓ ପ୍ରସ୍ତୁତ କରୁଥିବା ଏବଂ କିଣୁଥିବା ବ୍ୟକ୍ତିଙ୍କୁ ଗିରଫ କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ଏ ପର୍ଯ୍ୟନ୍ତ ଏଭଳି ୧୦୩ ଆକାଉଣ୍ଟ ଚିହ୍ନଟ କରାଗଲାଣି। ଏଭଳି ଆପରାଧିକ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଛି ବୋଲି ଡିଆଇଜି ବୈଭବ କୃଷ୍ଣା କହିଛନ୍ତି। କିଛି ଗଣମାଧ୍ୟମ ରିପୋର୍ଟରେ ଦାବି କରାଯାଇଛି ଯେ ମହିଳାଙ୍କ ଏହି ଗୋପନୀୟ ଭିଡିଓ ଗୁଡିକୁ ଡାର୍କୱେବରେ ବିକ୍ରି କରାଯାଉଛି। ଏହି ମାମଲାକୁ ନେଇ ଏସ୍‌ପି ମୁଖ୍ୟ ଅଖିଳେଶ ଯାଦବ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ମହାକୁମ୍ଭରେ ନାରୀଙ୍କ ସମ୍ମାନ ରକ୍ଷା କରିବାରେ ସରକାର ବିଫଳ ହୋଇଥିବା କହିଛନ୍ତି।

ଅନ୍ୟପକ୍ଷରେ ମହାକୁମ୍ଭରେ ବୁଡ଼ ପକାଇବା ପାଇଁ ପ୍ରବଳ ଭିଡ଼ ଲାଗି ରହିଛି। ଶ୍ରଦ୍ଧାଳୁ ୧୦ କିମି ଚାଲି ସଙ୍ଗମରେ ପହଞ୍ଚୁଛନ୍ତି। ଆଜି ସନ୍ଧ୍ୟା ୬ଟା ସୁଦ୍ଧା କୋଟିଏ ୧୫ ଲକ୍ଷ ଶ୍ରଦ୍ଧାଳୁ ସ୍ନାନ କରିଛନ୍ତି। ଏ ପର୍ଯ୍ୟନ୍ତ ମୋଟ ୫୬.୭୫ ଲକ୍ଷ ଲୋକ ବୁଡ଼ ପକାଇଲେଣି।

## ମାଡ଼ିଆସୁଛି 'ସିଟି କିଲର' ଗ୍ରହାଣୁପୁଞ୍ଜ

**ମୁମ୍ବାଇ, କୋଲକାତା ପ୍ରତି ରହିଛି ବିପଦ**

ୱାଶିଂଟନ, ୨୦।୨ (ଏଜେନ୍ସି): ପୃଥିବୀ ଅଭିମୁଖେ ବଡ଼ ବିପଦ ମାଡ଼ି ଆସୁଛି। ଆମେରିକା ମହାକାଶ ଗବେଷଣା ପ୍ରତିଷ୍ଠାନ ନାସା ଦ୍ୱାରା ଆବିଷ୍କୃତ ଗ୍ରହାଣୁପୁଞ୍ଜ '୨୦୨୪ ୱାଇଏଆର୪' ଦ୍ରୁତ ଗତିରେ ପୃଥିବୀ ଅଭିମୁଖେ ଆସୁଛି। ଏହା ପୃଥିବୀ ସହ ମାଡ଼ ହେବାର ସମ୍ଭାବନା କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ନାସା ଏହାର ଗତିକୁ ଟ୍ରାକ୍ କରୁଛି। ଏହି ଗ୍ରହାଣୁପୁଞ୍ଜକୁ 'ସିଟି କିଲର୍' ମଧ୍ୟ କୁହାଯାଉଛି। ତେବେ ଏହା ଦ୍ୱାରା ବିପଦ ସମ୍ଭାବନା ମାତ୍ର ୩.୧ ପ୍ରତିଶତ ରହିଛି। କିନ୍ତୁ ଯଦି ଏହା ପୃଥିବୀ ସହ ଧକ୍କା ହୁଏ ତେବେ ପୂର୍ବ ପ୍ରଶାନ୍ତ ମହାସାଗର, ନର୍ଦର୍ଣ୍ଣ ସାଉଥ ଆମେରିକା, ଆଟାଲାଣ୍ଟିକ ମହାସାଗର, ଆଫ୍ରିକା, ଆରବ ସାଗର ଏବଂ ଦକ୍ଷିଣ ଏସିଆର ପଡ଼ିପାରେ। ଏଥିଯୋଗୁଁ ବିଶ୍ୱର ୭ ଜନବହୁଳ ସହର ପ୍ରଭାବିତ ହୋଇପାରେ। ଏହି ସହର ମଧ୍ୟରେ ଭାରତର ମୁମ୍ବାଇ, କୋଲକାତା ସାମିଲ ରହିଛି। ସେହିପରି ଢାକା,



ବୋଗୋଟା, ଅବିଡଜାନ, ଲାଗୋସ ଏବଂ ଖାର୍ତୁମ ପ୍ରତି ମଧ୍ୟ ବିପଦ ରହିଛି। ଏହି ସବୁ ସହରରେ ପ୍ରାୟ ୧୧ କୋଟି ଲୋକ ବାସ କରୁଛନ୍ତି।

ଏହି ଗ୍ରହାଣୁପୁଞ୍ଜ ମାଡ଼ହେଲେ ଅନେକ ଲୋକଙ୍କ ପ୍ରତି ବିପଦ ସୃଷ୍ଟି ହେବ। ତେବେ ଏହି ଗ୍ରହାଣୁପୁଞ୍ଜ ୨୦୨୩ ଡିସେମ୍ବର ୨୨ରେ ପୃଥିବୀ ସହ ମାଡ଼ ହେବାର ସମ୍ଭାବନା ରହିଛି। ନାସାର ଟେଲିସ୍କୋପ ଏହା ଉପରେ ତୀକ୍ଷଣ ଦୃଷ୍ଟି ରଖିଛି। ଏପ୍ରିଲ ପରେ ଏହାକୁ ସ୍ପଷ୍ଟ ଭାବେ ଦେଖିହେବ। ୨୦୨୮ ଜୁନ୍ ବେଳକୁ ଏହାର ଗତିପଥ ସ୍ପଷ୍ଟ ହୋଇଯିବ। ଏହା ପୂର୍ବରୁ ଆମେରିକା ମହାକାଶ ଏଜେନ୍ସି କହିଥିଲା ଯେ ଏହି ଗ୍ରହାଣୁପୁଞ୍ଜ ମାଡ଼ ହେବାର ମାତ୍ର ୨.୩ ପ୍ରତିଶତ ସମ୍ଭାବନା ରହିଛି। କିନ୍ତୁ ଆଗାମୀ ଦିନରେ ଏହାଠାରୁ ଥିବା ବିପଦ ବୃଦ୍ଧି ପାଇପାରେ। ଏହି ଗ୍ରହାଣୁପୁଞ୍ଜର ଆକାର ଏକ ଫୁଟବଲ ପଡ଼ିଆ ପରି ହେବ ବୋଲି ମହାକାଶବିଜ୍ଞାନୀମାନେ ଅନୁମାନ କରୁଛନ୍ତି। ଏହା ୧୩୦ରୁ ୩୦୦ ଫୁଟ ଓସାରର ହୋଇପାରେ। ଯଦି ଏହା ପୃଥିବୀ ସହ ଧକ୍କା ହେବନି ତେବେ ମହାକାଶରେ ଧ୍ୱଂସ ହୋଇଯିବ। ଏହା ଦ୍ୱାରା ହିରୋସୀମାରେ ପଡ଼ିଥିବା ପରମାଣୁ ବୋମାଠାରୁ ୫୦୦ ଗୁଣ ଅଧିକ ଶକ୍ତି ସୃଷ୍ଟିହେବ।

## ମହାରାଷ୍ଟ୍ର କୃଷିମନ୍ତ୍ରୀଙ୍କୁ ଦୁଇ ବର୍ଷ ଜେଲ୍

ମୁମ୍ବଇ,୨୦।୨(ଏଜେନ୍ସି): ଏନସିପି (ଅଜିତ) ନେତା ତଥା ମହାରାଷ୍ଟ୍ର କୃଷିମନ୍ତ୍ରୀ ମାନିକରାଓ କୋକାଟେଙ୍କୁ ଏକ ଠକେଇ ଘଟଣାରେ ନାସିକ ଜିଲ୍ଲା ଅଦାଲତ ଦୁଇ ବର୍ଷ ଜେଲ ଦଣ୍ଡାଦେଶ କରିଛନ୍ତି। ପ୍ରାୟ ୩୦ ବର୍ଷ ତଳେ ମୁଖ୍ୟମନ୍ତ୍ରୀଙ୍କ ଇଚ୍ଛାଧୀନ କୋଟାରେ ଦୁଇଟି ଫ୍ଲାଟ ନେବାକୁ ମାନିକରାଓ ଦସ୍ତାବିଜ୍‌ରେ ରେଫେର କରି ଠକେଇ କରିବା ସହିତ ଦୁଇଟି ଫ୍ଲାଟ୍ କ୍ରୟ କରିଥିବା ଘଟଣାର ବିଚାର କରି ସଂପୃକ୍ତ ଅଦାଲତ ଏହି ଦଣ୍ଡାଦେଶ କରିଛନ୍ତି। ଏଥିସହିତ ଅଦାଲତ ମାନିକରାଓଙ୍କୁ ୫୦ ହଜାର ଟଙ୍କାର ଅର୍ଥ ଦଣ୍ଡରେ



ମଧ୍ୟ ଦଣ୍ଡିତ କରିଛନ୍ତି। ୧୯୯୫ ମସିହାର ଏହି ମାମଲାରେ ମାନିରାଓଙ୍କ ଭାଇ ସୁନୀଲ କୋକାଟେଙ୍କୁ ମଧ୍ୟ ଅଦାଲତ ସମାନ ଦଣ୍ଡାଦେଶ କରିଛନ୍ତି। ପୂର୍ବତନ ମନ୍ତ୍ରୀ ତୁକାରାମ ଦିଘୋଲେ ମାନିକରାମଙ୍କ ବିରୋଧରେ ଏଭଳି ଅଭିଯୋଗ ଆଣି ମାମଲା ରୁଜୁ କରିଥିଲେ। ତେବେ ଦୀର୍ଘ ୩୦ ବର୍ଷ ପରେ ଅଦାଲତ ମାନିକରାଓଙ୍କ ବିରୋଧରେ ଏହି ରାୟ ଦେଇଛନ୍ତି। ଅଦାଲତଙ୍କ ଏହି ରାୟ ପରେ ମାନିକରାଓଙ୍କ ମନ୍ତ୍ରିପଦକୁ ନେଇ ଆଶଙ୍କା ସୃଷ୍ଟି ହୋଇଥିଲା ବେଳେ ଏନସିପି ପାଇଁ ମଧ୍ୟ ସମସ୍ୟା ବଢିପାରେ ବୋଲି କୁହାଯାଉଛି।

**ମଣିପୁର ଉପଦ୍ରବୀଙ୍କୁ ରାଜ୍ୟପାଳଙ୍କ ନିର୍ଦ୍ଦେଶ**

# ୭ ଦିନ ମଧ୍ୟରେ ଲୁଟ୍ ଅସ୍ତ୍ର ଜମା କର

ଇମ୍ଫାଲ,୨୦।୨(ଏଜେନ୍ସି)

ମଣିପୁରରେ ସ୍ଥିତି ସ୍ୱାଭାବିକ କରି ଶାନ୍ତି ଫେରାଇ ଆଣିବା ଲକ୍ଷ୍ୟରେ ରାଜ୍ୟପାଳ ଅଜୟ ଭାଲ୍ଲା ଏଠାକାର ବିଭିନ୍ନ ସଂପ୍ରଦାୟର ଲୋକମାନଙ୍କୁ ଲୁଟ୍ ଅସ୍ତ୍ର ଜମା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ହିଂସା କାର୍ଯ୍ୟରେ ଲିପ୍ତ ରହିଥିବା ଏଠାକାର ବିଭିନ୍ନ ସଂପ୍ରଦାୟର ଉପଦ୍ରବୀମାନେ ଥାନା ଏବଂ ସରକାରୀ ଅସ୍ତ୍ର ଭଣ୍ଡାରରୁ ଅସ୍ତ୍ରଶସ୍ତ୍ର ଲୁଟ୍ କରିଥିଲା ବେଳେ ଆସନ୍ତା ୭ ଦିନ ମଧ୍ୟରେ ସେଗୁଡ଼ିକୁ ଜମା କରିବାକୁ କୁହାଯାଇଛି। ଲୁଟ୍ ଅସ୍ତ୍ର ବ୍ୟତୀତ ଯେଉଁମାନଙ୍କ ନିକଟରେ ଅସ୍ତ୍ରଶସ୍ତ୍ର ରହିଛି ସେଗୁଡ଼ିକୁ ମଧ୍ୟ ଜମା କରିବାକୁ ହେବ। ଏଥିପାଇଁ ସମସ୍ତଙ୍କୁ ୭ ଦିନର ମହଲତ ଦିଆଯାଇଛି। ଏହି ସମୟ ମଧ୍ୟରେ ଅସ୍ତ୍ର ଜମା କଲେ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେବ ନାହିଁ। କିନ୍ତୁ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ଯଦି କେହି ଅସ୍ତ୍ର ଜମା ନ କରନ୍ତି ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପରୋକ୍ଷରେ ଚେତାଇ ଦିଆଯାଇଛି। ରାଜଭବନ ପକ୍ଷରୁ ଜାରି କରାଯାଇଥିବା ଏକ ବିଜ୍ଞପ୍ତିରେ କୁହାଯାଇଚଛି ଯେ ରାଜ୍ୟର ବୃହତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସ୍ଥିତି ସ୍ୱାଭାବିକ କରାଯିବା ସହିତ ଶାନ୍ତି ଫେରାଇ ଆଣିବାକୁ ସରକାରୀ ସ୍ତରରେ ଉଦ୍ୟମ ଆରମ୍ଭ କରାଯାଇଛି। ସବୁ ବର୍ଗର ଲୋକ ଯେଭଳି ସ୍ୱଚ୍ଛନ୍ଦରେ ଜୀବନ ନିର୍ବାହ କରିପାରିବେ ତାହାକୁ ଗୁରୁତ୍ୱ



ଦିଆଯାଇ କାର୍ଯ୍ୟ କରାଯାଉଛି। ଏଥିପାଇଁ ରାଜ୍ୟର ପ୍ରତ୍ୟେକ ସଂପ୍ରଦାୟ ସହଯୋଗ କରିବା ଦରକାର। ହିଂସା ଏବଂ ଭୟର ବାତାବରଣକୁ ଦୂର କରି ସବୁ ବର୍ଗର ଲୋକ ଯେଭଳି ଶାନ୍ତିରେ ଚଳାଚଳ କରିପାରିବେ ତାହାକୁ ନେଇ ସମସ୍ତଙ୍କ ସହଯୋଗ ଦରକାର। ତେଣୁ ଯେଉଁମାନଙ୍କ ନିକଟରେ ଅସ୍ତ୍ରଶସ୍ତ୍ର ରହିଛି ତାହାକୁ ସେମାନେ ଜମା କରିଦେବା ଉଚିତ ବୋଲି ଏହି ନିର୍ଦ୍ଦେଶନାମାରେ କୁହାଯାଇଛି। ଉଲ୍ଲେଖଯୋଗ ଯେ, ଗତ ଦୁଇ ବର୍ଷ ହେଲା ରାଜ୍ୟରେ ହିଂସା ଲାଗି ରହିଥିଲା ବେଳେ ଗତ ସପ୍ତାହରେ ମଣିପୁରରେ ରାଷ୍ଟ୍ରପତି ଶାସନ ଜାରି କରାଯାଇଥିଲା। ବୀରେନ ସିଂ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ସହିତ ରାଜ୍ୟ ବିଧାନସଭାକୁ ଅକାମୀ କରି ଦିଆଯାଇଥିଲା।

# ଶପଥ ନେଲେ ରେଖା; କ୍ୟାବିନେଟ୍‌ରେ ୬ ମନ୍ତ୍ରୀ ସାମିଲ



ନୂଆଦିଲ୍ଲୀ,୨୦।୨(ଏଜେନ୍ସି)

ଦୀର୍ଘ ୨୭ ବର୍ଷ ପରେ ଦିଲ୍ଲୀ କ୍ଷମତାକୁ ପୁଣି ଫେରିଛି ବିଜେପି। ଗୁରୁବାର ରାମଲୀଳା ମୈଦାନରେ ଅନୁଷ୍ଠିତ ଏକ ଭବ୍ୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଭାବେ ରେଖା ଗୁପ୍ତା ଶପଥ ନେବା ସହିତ ଅନ୍ୟ ୬ ମନ୍ତ୍ରୀ ମଧ୍ୟ ଶପଥ ନେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏବଂ ଏନଡିଏର ଅନ୍ୟ ପ୍ରମୁଖ ନେତାଙ୍କ ଉପସ୍ଥିତିରେ ଦିଲ୍ଲୀ ଉପ ରାଜ୍ୟପାଳ ଭି କେ ସାକ୍ସେନା ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟ ମନ୍ତ୍ରୀମାନଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। କଂଗ୍ରେସର ଶିଳା ଦିକ୍ଷୀତ, ବିଜେପିର ସୁଷମା ସ୍ୱରାଜ ଏବଂ ଆପ୍‌ର ଆତିଶୀ ମାର୍ଲେନାଙ୍କ ପରେ ରେଖା ଦିଲ୍ଲୀର ଚତୁର୍ଥ ମହିଳା ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ତାଙ୍କ ମନ୍ତ୍ରିମଣ୍ଡଳରେ ସାମିଲ ହୋଇଥିବା ମନ୍ତ୍ରୀମାନେ ହେଲେ ପରଭେଶ ବର୍ମା, କପିଲ ମିଶ୍ରା, ଆଶିଷ ସୁଦ, ପଙ୍କଜ ସିଂ, ମନଜିନ୍ଦର ସିଂ ସିର୍ସା ଏବଂ ରବିନ୍ଦର ଇନ୍ଦ୍ରାଜ। ପରଭେଶ ବର୍ମା ଉପମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲା ବେଳେ ବିଜେନ୍ଦର ଗୁପ୍ତା ବାଚସ୍ପତି ଏବଂ ମୋହନ ସିଂ ବିଷ୍ଟ ଉପ ବାଚସ୍ପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି।

**ପ୍ରଥମ କ୍ୟାବିନେଟ୍ ବୈଠକରେ ଆୟୁଷ୍ମାନ ଭାରତ ଯୋଜନାକୁ ଅନୁମୋଦନ**

ଶପଥପାଠ ଉତ୍ସବ ଶେଷ ହେବା ପରେ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ସମେତ ଅନ୍ୟ ମନ୍ତ୍ରୀମାନେ ଯମୁନା ତଟରେ ଆରତୀ କରିବା ସହିତ ପ୍ରଥମ କ୍ୟାବିନେଟ୍ ବୈଠକ କରିଛନ୍ତି। ନିର୍ବାଚନ ବେଳେ ବିଜେପି ଦିଲ୍ଲୀବାସୀଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଥିଲା ତାହାକୁ ପୂରଣ କରିବା ଲାଗି ପ୍ରଥମ ଦିନରୁ ଦଳ କାର୍ଯ୍ୟ ଆରମ୍ଭ କରିବା ସହିତ ବିକଶିତ ଦିଲ୍ଲୀ ଲକ୍ଷ୍ୟସାଧନ ଦିଗରେ ଗୋଟିଏ ବି ଦିନ ବୃଥା ଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ରେଖା କହିଛନ୍ତି। ଏହାଛଡ଼ା ପ୍ରଥମ ବୈଠକରେ ସିଏଜି ରିପୋର୍ଟକୁ ଆଧାର କରି ରେଖା ସରକାର କାର୍ଯ୍ୟ ଆରମ୍ଭ କରିଥିବା କୁହାଯାଇଛି।

### ମୁଖ୍ୟମନ୍ତ୍ରୀ ଏବଂ ୫ ମନ୍ତ୍ରୀଙ୍କ ବିରୋଧରେ ରହିଛି ଅପରାଧିକ ମାମଲା : ଏଡିଆର

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିବା ରେଖା ଗୁପ୍ତା ଏବଂ ତାଙ୍କ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିବା ୫ ମନ୍ତ୍ରୀଙ୍କ ବିରୋଧରେ ଅପରାଧିକ ମାମଲା ରହିଛି ବୋଲି ଆସୋସିଏସନ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍(ଏଡିଆର) ପକ୍ଷରୁ କୁହାଯାଇଛି। ସେମାନଙ୍କ ମଧ୍ୟରୁ ମନ୍ତ୍ରୀ ଆଶିଷ ସୁଦଙ୍କ ବିରୋଧରେ ଅତି ଜଘନ୍ୟ ମାମଲା ରହିଛି। ଶେଷ ହୋଇଥିବା ବିଧାନସଭା ନିର୍ବାଚନ ପୂର୍ବରୁ ଏହି ନେତାମାନେ ନାମାଙ୍କନ ଦାଖଲ କରିବା ସମୟରେ ଯେଉଁ ସତ୍ୟପାଠ ଦାଖଲ କରିଥିଲେ ସେଥିରେ ଏ ସମ୍ପର୍କରେ ଉଲ୍ଲେଖ ରହିଥିବା ଏଡିଆର କହିଛି। ସେହିପରି ଏହି ମନ୍ତ୍ରୀମାନଙ୍କ ମଧ୍ୟରୁ ଦୁଇ ଜଣ ଅରବପତି ହୋଇଥିଲା ବେଳେ ମନଜିନ୍ଦର ସିଂ ସିର୍ସା ସମସ୍ତଙ୍କ ମଧ୍ୟରେ ସବୁଠୁ ଧନୀ ମନ୍ତ୍ରୀ ରହିଛନ୍ତି। ତାଙ୍କର ମୋଟ ସମ୍ପତ୍ତି ମୂଲ୍ୟ ୨୪୮.୮୫ କୋଟି ଟଙ୍କା ରହିଛି। ଅନ୍ୟପକ୍ଷରେ ସବୁଠୁ କମ୍ ସମ୍ପତ୍ତିର ମାଲିକ ରହିଥିବା ମନ୍ତ୍ରୀ ହେଉଛନ୍ତି କପିଲ ମିଶ୍ରା। ତାଙ୍କ ସମ୍ପତ୍ତି ମୂଲ୍ୟ ମାତ୍ର ୧ କୋଟି ୬ ଲକ୍ଷ ଟଙ୍କା। ତେବେ ହାରାହାରି ଭାବେ ମନ୍ତ୍ରୀମାନଙ୍କ ସମ୍ପତ୍ତି ମୂଲ୍ୟ ୫୬ କୋଟି ଟଙ୍କା ରହିଥିବା ଏଡିଆର ପକ୍ଷରୁ କୁହାଯାଇଛି।

## ପୁଣି 'ସମ୍ବିଧାନ ବଞ୍ଚାଅ ପଦଯାତ୍ରା' ଆରମ୍ଭ କରିବ କଂଗ୍ରେସ

ନୂଆଦିଲ୍ଲୀ,୨୦।୨(ଏଜେନ୍ସି): ୨୦୨୪ ଲୋକସଭା ନିର୍ବାଚନ ସହିତ ଶେଷ ହୋଇଥିବା ବିଭିନ୍ନ ରାଜ୍ୟର ବିଧାନସଭା ନିର୍ବାଚନରେ କଂଗ୍ରେସର ପ୍ରଦର୍ଶନ ଅତ୍ୟନ୍ତ ଖରାପ ରହିବା ପରେ ଏବେ ଭବିଷ୍ୟତ କାର୍ଯ୍ୟପନ୍ଥାକୁ ନେଇ ଦଳ ଚିନ୍ତିତ ହୋଇପଡ଼ିଛି। ଦଳକୁ ତୃଣମୂଳ ସ୍ତରରୁ ସଶକ୍ତ କରିବା ସହିତ ସାଂଗଠନିକ କ୍ଷେତ୍ରକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ଗତକାଲି ଦଳ ପକ୍ଷରୁ ଆଲୋଚନା କରାଯାଇ ଆବଶ୍ୟକ ପଦକ୍ଷେପ ନେବାକୁ ନିଷ୍ପତ୍ତି ହୋଇଛି। ଏଣିକି ବୁଥ୍ ସ୍ତରରୁ ରାଜ୍ୟ ମୁଖ୍ୟାଳୟ ପର୍ଯ୍ୟନ୍ତ ତୃଣମୂଳ ସ୍ତରରେ ଦଳକୁ ସଶକ୍ତ କରିବା ଦିଗରେ ରାଜ୍ୟ ମୁଖିଆମାନେ ଦାୟିତ୍ୱ ନେବାକୁ ପଡ଼ିବ ବୋଲି ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ଗୁରୁତ୍ୱାରୋପ କରିଛନ୍ତି। ସେହିପରି କଂଗ୍ରେସ ଆଦର୍ଶରେ ଅନୁପ୍ରାଣିତ ଲୋକମାନଙ୍କୁ ଏକାଠି କରିବାକୁ ମଧ୍ୟ ଦଳୀୟ କର୍ମୀ ଓ ନେତାଙ୍କୁ କୁହାଯାଇଛି। ଏହିକ୍ରମରେ ଦଳ ପୁଣି ଦେଶବ୍ୟାପି ପଦଯାତ୍ରା କରିବାକୁ ପ୍ରସ୍ତୁତ ହେଉଥିବା ସୂଚନା ଦିଆଯାଇଛି। ପୂର୍ବରୁ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ୨୦୨୨-୨୩ରେ ଭାରତ ଯୋଡୋ ଯାତ୍ରା କରାଯାଇଥିଲା ବେଳେ ଏବେ ରାହୁଲଙ୍କ ନେତୃତ୍ୱରେ ପୁଣି ' ସମ୍ବିଧାନ ବଞ୍ଚାଅ ପଦଯାତ୍ରା' ଆରମ୍ଭ ହେବ ବୋଲି କୁହାଯାଇଛି।

# ତୃତୀୟ ବିଶ୍ୱଯୁଦ୍ଧ କରାଇ ଦେବି ନାହିଁ: ଟ୍ରମ୍ପ

ୱାଶିଂଟନ, ୨୦।୨ (ଏଜେନ୍ସି)



ମଧ୍ୟପ୍ରାଚ୍ୟ ଏବଂ ୟୁକ୍ରେନରେ ଯୁଦ୍ଧ ଜାରି ରହିଛି। ଏହାକୁ ନେଇ ସ୍ଥିତି ବିଗିଡିବାରେ ଲାଗିଛି। ଏପରି ସମୟରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବଡ଼ ଚେତାବନୀ ଦେଇଛନ୍ତି। ତୃତୀୟ ବିଶ୍ୱ ଯୁଦ୍ଧ ବେଶି ଦୂର ନୁହେଁ ବୋଲି ସେ କହିଛନ୍ତି। ତେବେ ସେ ରାଷ୍ଟ୍ରପତି ହୋଇଥିବାରୁ ଏହା କରାଇ ଦେବେନାହିଁ। ଏହି ବିଶ୍ୱଯୁଦ୍ଧକୁ ।।ଅଟକାଇଦେବେ। ବିଶ୍ୱରେ ବୁଲି ବୁଲି ଶାନ୍ତି ପ୍ରତିଷ୍ଠା କରିବେ ବୋଲି ଆମେରିକା ରାଷ୍ଟ୍ରପତି କହିଛନ୍ତି। ଯଦି ବାଇଡେନ ପୁଣିଥରେ ରାଷ୍ଟ୍ରପତି ନିର୍ବାଚିତ ହୋଇଥାନ୍ତେ ତେବେ ଏହି ତୃତୀୟ ବିଶ୍ୱଯୁଦ୍ଧ ନିଶ୍ଚୟ ହୋଇଥାଆନ୍ତା। ଏବେ ଏହି ଯୁଦ୍ଧ ଜାରି ରହିଥାନ୍ତା। କିନ୍ତୁ ଆଉ ଏଭଳି କିଛି ହେବ ନାହିଁ ବୋଲି ଟ୍ରମ୍ପ କହିଛନ୍ତି। ବୁଧବାର ମିଆମିରେ 'ଫ୍ୟୁଚର ଇନଭେଷ୍ଟମେଣ୍ଟ ଇନିସିଏଟିଭ ଇନଷ୍ଟିଚ୍ୟୁଟ ପ୍ରାୟୋରିଟି ସମିଟ' କୁ ସମ୍ବୋଧନ କରି ଟ୍ରମ୍ପ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି।

**ସାରା ବିଶ୍ୱ ବୁଲି ଶାନ୍ତି ପ୍ରତିଷ୍ଠା କରିବି**

ଟ୍ରମ୍ପ କହିଲେ ଯେ ବିଶ୍ୱରେ ଯୁଦ୍ଧ ବନ୍ଦ କରିବାକୁ ଦ୍ରୁତଗତିରେ କାର୍ଯ୍ୟ କରୁଛନ୍ତି। ବିବାଦ ସମାଧାନ କରି ଶାନ୍ତି ପ୍ରତିଷ୍ଠା କରିବାକୁ ଚାହୁଁଛନ୍ତି। କାରଣ ସମସ୍ତେ ମୃତ୍ୟୁବରଣ କରନ୍ତୁ ବୋଲି ସେ ଦେଖିବାକୁ ଚାହୁଁନାହାନ୍ତି। ମଧ୍ୟପ୍ରାଚ୍ୟ ଏବଂ ୟୁକ୍ରେନ ସଂଘର୍ଷରେ ଅନେକ ଲୋକଙ୍କ ଜୀବନ ଗଲାଣି। ଏବେ ସେ ଏହାକୁ ବନ୍ଦ କରିବାକୁ ଯାଉଥିବା କହିଛନ୍ତି। ତୃତୀୟ ବିଶ୍ୱଯୁଦ୍ଧ ହେଲେ କେହି ଲାଭବାନ ହେବେ ନାହିଁ। ସେହିପରି ୟୁକ୍ରେନ ଯୁଦ୍ଧ ପାଇଁ ନିଆଯାଇଥିବା ପଦକ୍ଷେପ ନିମନ୍ତେ ସେ ସାଉଦି ଆରବକୁ ଧନ୍ୟବାଦ ଦେଇଛନ୍ତି। ଏହା ପୂର୍ବରୁ ୟୁକ୍ରେନ ରାଷ୍ଟ୍ରପତି ଭୋଲଡାମିର ଜେଲେଁସ୍କିଙ୍କୁ କଟାକ୍ଷ କରିଛନ୍ତି। ସେ ଜେଲେଁସ୍କିଙ୍କୁ ସାଧାରଣ ହାସ୍ୟ ଅଭିନେତା ଏବଂ ବିନା ନିର୍ବାଚନରେ କ୍ଷମତା ଭୋଗ କରୁଥିବା ଏକଛତ୍ରଶାସକ କହିଛନ୍ତି। ଜଣେ ସାଧାରଣ ହାସ୍ୟ ଅଭିନେତା ଆମେରିକାକୁ ୩୫୦ ବିଲିୟନ ଡଲାର ଖର୍ଚ୍ଚ କରିବାକୁ ରାଜି କରାଇ ନେଇଥିଲା। ଟ୍ରମ୍ପ ଏବଂ ଆମେରିକା ବିନା ଜେଲେଁସ୍କି ଏହି ଯୁଦ୍ଧ କେବେ ବନ୍ଦ କରିପାରିବେ ନାହିଁ। ଆମେରିକା ୟୁରୋପର ୨୦୦ ବିଲିୟନ ଡଲାରରୁ ଅଧିକ ଟଙ୍କା ଖର୍ଚ୍ଚ କରିଛି। ମାତ୍ର ଏହା ଏବେ ସଂରକ୍ଷିତ ଅଛି। ଆମେରିକା ଦେଇଥିବା ଟଙ୍କା ଗାଏବ ହୋଇଯାଇଛି ବୋଲି ଜେଲେଁସ୍କି ନିଜେ ମାନିଛନ୍ତି। ତେବେ ଜେଲେଁସ୍କି ଟ୍ରମ୍ପଙ୍କୁ ସମାଲୋଚନା କରିଛନ୍ତି। ଆମେରିକା ରାଷ୍ଟ୍ରପତି ରୁଷ୍ କଥାରେ ଉଠବସ୍ ହେଉଥିବା ଅଭିଯୋଗ କରିଛନ୍ତି।

- ଦୁଷ୍କର୍ମକାରୀକୁ ବାରମ୍ବାର ମୁକ୍ତ କଲେ କୋର୍ଟ

## ପୁଣି ଶିଶୁକୁ ମାରିଦେଲା

ଭୋପାଳ, ୨୦।୨ (ଏଜେନ୍ସି): ଭାରତୀୟ ନ୍ୟାୟ ବ୍ୟବସ୍ଥାର ଆଉ ଏକ ରୁଗ୍‌ଣ ଚିତ୍ର ମଧ୍ୟପ୍ରଦେଶରୁ ସାମ୍ନାକୁ ଆସିଛି। ଅଭ୍ୟାସଗତ ଶିଶୁ ଦୁଷ୍କର୍ମକାରୀକୁ ବାରମ୍ବାର ମୁକ୍ତି କରି ଖୋଲାରେ ଛାଡ଼ିଦେବାକୁ ନେଇ ନ୍ୟାୟିକ ବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜଣେ ଦୁଷ୍କର୍ମକାରୀ ରମେଶ ସିଂହ ପ୍ରତି କୋର୍ଟଙ୍କ ଅହେତୁକ ଅନୁକମ୍ପା ଅନ୍ୟ ଶିଶୁମାନଙ୍କ ପାଇଁ କାଳ ପାଲଟି ଯାଇଛି। ତିନି ତିନିଟା ଶିଶୁ ଦୁଷ୍କର୍ମ ମାମଲାରେ କୋର୍ଟ ତାକୁ ଛାଡ଼ିଦେବା ପରେ ଏବେ ସେ ୧୧ ବର୍ଷୀୟ ଦିବ୍ୟାଙ୍ଗ (ବଧିର ଓ ମୂକ) ଶିଶୁକୁ ଦୁଷ୍କର୍ମ କରି ମାରିଦେଇଛି। ଆଉ ଏଭଳି ଜଘନ୍ୟ କାଣ୍ଡ କରି ସେ ମହାକୁମ୍ଭକୁ ବୁଡ଼ ପକାଇବାକୁ ଯାଇଛି। ସେଠାରୁ ଫେରୁଥିବାବେଳେ ଜୟପୁର ଟ୍ରେନରୁ ତାକୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ ୨୦୦୩ରେ ରମେଶ ଦାବ୍ରିପୁରା ଗ୍ରାମର ୫ ବର୍ଷୀୟ ଶିଶୁକୁ ଦୁଷ୍କର୍ମ କରିଥିଲା। ଏହି ମାମଲାରେ ୧୦ ବର୍ଷ ଜେଲ୍ ଦଣ୍ଡ ଭୋଗିବା ପରେ ସେ ୨୦୧୩ରେ ମୁକ୍ତି ପାଇଥିଲା। ଏହା ପରେ ୨୦୧୪ରେ ୮ ବର୍ଷୀୟ ଶିଶୁରୁ ଦୁଷ୍କର୍ମ କରିଥିଲା। ଏହି ମାମଲାରେ କୋର୍ଟ ତାକୁ ମୃତ୍ୟୁଦଣ୍ଡ ଦେଇଥିଲେ। ମାତ୍ର ୨୦୧୯ ରେ ହାଇକୋର୍ଟ ଏହାକୁ ପଲଟାଇ ଅଭିଯୁକ୍ତକୁ ମୁକ୍ତ କରିଦେଇଥିଲେ। ମୁକ୍ତ ହେବା ପରେ ରମେଶ ପୁଣି ଜଣେ ନିରୀହ ନାବାଳିକାଙ୍କୁ ନିଶାଣ କରିଥିଲା। ଗତ ୨ ତାରିଖରେ ନରସିଂହଗଡ଼ରୁ ବଧିର ଏବଂ ମୂକ ବାଳିକା ନିଖୋଜ ହୋଇଯାଇଥିଲେ। ପରଦିନ ବୁଦା ମୂଳୁ ତାଙ୍କୁ ଠାବ କରାଯାଇଥିଲା।

## ନାବାଳିକା ଅପହରଣକାରୀକୁ ୩ ବର୍ଷ ଜେଲ୍

ଫୁଲବାଣୀ, ୨୦ ।୨(ସମିସ): ନାବାଳିକା ଅପହରଣ ମାମଲାର ବିଚାର କରି ଫୁଲବାଣୀ ଫାଷ୍ଟ ଟ୍ରାକ ପକ୍ସୋ କୋର୍ଟ ବିଚାରପତି ଅଭିଯୁକ୍ତକୁ ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି । ଜରିମାନା ଅନାଦେୟରେ ଅଧିକ ଏକ ବର୍ଷ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି । ଫୁଲବାଣୀ ମୋଚିସାହିର ଆକାଶ ମେହେର(୨୩) । ୨୦୨୧ ଜୁନ ୨୦ ତାରିଖରେ ପୀଡ଼ିତାକୁ ବାଇକରେ ନେଇ ଏକ ଭଙ୍ଗା ଘରକୁ ନେଇ ଯାଇଥିଲା । ପୀଡ଼ିତାର ପିତା ଫୁଲବାଣୀ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଗୁରୁବାର ଏହି ମାମଲାର ଶୁଣାଣି କରି ଫାଷ୍ଟ ଟ୍ରାକ ପୋକସୋ କୋର୍ଟ ବିଚାରପତି ଜିଜ୍ଞାସ ଚନ୍ଦ୍ର ସାର୍ଙ୍ଗୀ ୮ ଜଣ ସାକ୍ଷୀଙ୍କ ବୟାନ ଓ ଡାକ୍ତରୀ ରିପୋର୍ଟ ଆଧାରରେ ଉପରୋକ୍ତ ରାୟ ଶୁଣାଇଛନ୍ତି । କ୍ଷତିପୂରଣ ବାବଦକୁ ନାବାଳିକାଙ୍କୁ ୧ ଲକ୍ଷ ୭୫ ହଜାର ଟଙ୍କା ପ୍ରଦାନ କରାଯାଇଛି । ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପି.ପି. ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ ।

## ଯୁବକଙ୍କ ମୃତଦେହ ଉଦ୍ଧାର

ଟିକାବାଲି, ୨୦ ।୨(ସମିସ): ଟିକାବାଲି ଥାନା ଅନ୍ତର୍ଗତ ଟିକାବାଲି ରଙ୍ଗଆ ଛୁଆଁରୁ ଗୋଟିଏ ମୃତଦେହ ଉଦ୍ଧାର କରିଛି ଟିକାବାଲି ଅଗ୍ନିଶମ ବିଭାଗ । ମୃତକ ହେଲେ ଟିକାବାଲି ଭୋଇ ସାହିର ଶିବ ଶଙ୍କର ଭୋଇ(୪୮) । ସେ ବୁର୍ବିନାୟୁ ହାଇସ୍କୁଲରେ କିରାଣି ଭାବରେ କାର୍ଯ୍ୟରତ ଥିଲେ । ସେ ସକାଳୁ ସବୁଦିନ ପରି ଗାଧୋଇବାକୁ ଯାଇ ଅସାବଧାନତା ଯୋଗୁଁ ଖସି ପଡ଼ି ବୁଡ଼ିଯାଇଥିବା ତାଙ୍କ ପୁଅ ଆଶୁତୋଷ ଭୋଇ କହିଛନ୍ତି । ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି ।

## ବର୍ଷା ପବନରେ ଉଡ଼ିଲା ଛପର

ଦାରିଙ୍ଗବାଡ଼ି, ୨୦ ।୨(ସମିସ): ଦାରିଙ୍ଗବାଡି ଅଞ୍ଚଳରେ ବୁଧବାର ରାତିରେ ପବନ ବର୍ଷା ହେବାରୁ କିଛି ଘରର ଛପର ଉଡି ଯାଇଛି । ଦାରିଙ୍ଗବାଡ଼ି ବ୍ଲକ ସିଆଁଙ୍ଗବାଲି ପଞ୍ଚାୟତ ଅନ୍ତର୍ଗତ ମଣିପୁର ଗ୍ରାମରେ । ବୁଧବାର ରାତିରେ ବର୍ଷା ସହିତ ଜୋରରେ ପବନ ବୋହିବାରୁ ଉକ୍ତ ଗ୍ରାମର ୧୪ଟି ଘରର ଟିଣ ଏବଂ ଆଜବେଷ୍ଟସ ଉଡ଼ିଯାଇଛି । ଫଳରେ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ଖବର ପାଇ ତହସିଲଦାର ଶରତ ଶବର ଏବଂ ଆରଆଇ ସୁବ୍ରତ ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ସ୍ଥିତିଅନୁଧ୍ୟାନ କରିବା ସହ ୧୪ କ୍ଷତିଗ୍ରସ୍ତ ପରିବାରକୁ ପଲିଥିନ ଯୋଗାଇ ଦେଇଥିଲେ ।

## ରାଇକିଆରେ ୬ କେନ୍ଦ୍ରରେ ୮୪୧ ମାଟ୍ରିକ୍ ପରୀକ୍ଷାର୍ଥୀ

ରାଇକିଆ, ୨୦ ।୨(ସମିସ): ଶୁକ୍ରବାର ଠାରୁ ଆରମ୍ଭ ହେଉଥିବା ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡର ଦଶମ ପରୀକ୍ଷା ପାଇଁ ରାଇକିଆ ବ୍ଲକରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ପରୀକ୍ଷାର୍ଥୀ ମାନେ ସକାଳ ୭.୩୦ ବେଳେ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବେ । ସମସ୍ତ ବିଷୟ ସକାଳ ୯ ଟାରୁ ଆରମ୍ଭ ହେବ । ନୋଡାଲ ସେଣ୍ଟର ସେଣ୍ଟ କ୍ୟାଥରିନ୍ ବାଳିକା ଉଚ୍ଚ ବିଦ୍ୟାଳୟରେ ୨୩୬ ଜଣ, ବିଜୟ ଉଚ୍ଚ ବିଦ୍ୟାଳୟ ରେ ୧୫୬ ଜଣ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୪୮ ଜଣ, ମଣ୍ଡାକିଆ ଉଚ୍ଚ ବିଦ୍ୟାଳୟରେ ୯୧ ଜଣ, ଶୁଗଡ଼ବାଡି ଉଚ୍ଚ ବିଦ୍ୟାଳୟରେ ୧୦୮ ଜଣ ଏବଂ ଇନ୍ଦ୍ରଗଡ଼ ଉଚ୍ଚ ବିଦ୍ୟାଳୟରେ ୧୦୨ ଜଣ ପରୀକ୍ଷାର୍ଥୀ ସର୍ବ ମୋଟ ୬ ଗୋଟି ପରୀକ୍ଷା କେନ୍ଦ୍ର ରେ ୮୪୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ।

## ଲୋକକଳା ସଂଘର ସାଧାରଣ ବୈଠକ

ଫିରିଙ୍ଗିଆ, ୨୦ ।୨(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବିଜୁ କଲ୍ୟାଣ ମଣ୍ଡପ ଠାରେ ଜିଲ୍ଲା ପାରମ୍ପରିକ ଲୋକକଳା ସଂଘର ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି । ସଂଘର ସଭାପତି ଅକ୍ଷୟ କୁମାର କର୍ଣ୍ଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କନ୍ଧମାଳ ଜିଲ୍ଲାର କଣ୍ଠଶିଳ୍ପୀ ଜଳନ୍ଧର ବେହେରା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଅନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ଇନ୍ଦ୍ରଜିତ କହଁର, ବରିଷ୍ଠ ସାମ୍ବାଦିକ ତଥା ନାଟ୍ୟ ନିର୍ଦ୍ଦେଶକ ମହାଦେବ ସାହୁ, ସମାଜସେବୀ ଚନ୍ଦ୍ରମୋହନ ନାଏକ, ବିଜେପି ନେତା କଂସଦେବ ସାହୁ, ଯୁବ ବିଜେପି ନେତା ସଞ୍ଜୟ କୁମାର ଦିଗାଳ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକର ଉପ ସଭାପତି ମାନଙ୍କ ସହ ଶତାଧିକ କଳାକାର ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି ପରିଚାଳନା କରିଥିଲେ । ପ୍ରତ୍ୟେକ ବ୍ଲକର ୨ ଜଣ ଲେଖାଏଁ ସଂଯୋଜକ ବଛା ଯାଇଥିଲା । ବରିଷ୍ଠ କଳାକାର ବିଜୟ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଡିଆର୍‌ଏମ୍‌ଙ୍କ ରେଳଷ୍ଟେସନ ପରିଦର୍ଶନ



ପାରଳାଖେମୁଣ୍ଡି, ୨୦ ।୨(ସମିସ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ରେଳଷ୍ଟେନ ପରିଦର୍ଶନ କରିଛନ୍ତି ଇଷ୍ଟକୋଷ୍ଟ ୱାଲ୍ଟିୟର ଡିଭିଜ୍‌ନର ଡିଆର୍‌ଏମ୍ ମନୋଜ କୁମାର ସାହୁ । ପାରଳା ରେଳ ଷ୍ଟେସନରେ ବିଭାଗ ପକ୍ଷରୁ ଚାଲୁ ରହିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ । ପ୍ଲାଟଫର୍ମର ଉନ୍ନତି କରଣ, ଲେବେଲ କ୍ରସିଙ୍ଗ ସହ ନିର୍ମାଣଧିନ ରେଳ ବିଭାଗର କୋଠା ଗୃହ ଆଦିକୁ ବୁଲି ଦେଖିଥିଲେ । ଅବଶିଷ୍ଟ ଥିବା କାମ ଗୁଡିକର ସର୍ଭେ କରାଯାଇଛି ଏବଂ ଏହି କାମ ଗୁଡିକ ଯଥାଶୀଘ୍ର ଶେଷ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଇଲେକ୍ଟ୍ରି, ସିଭିଲ ଇଂଜିନୟରିଂ କାମ ଆଦିର ନିରୀକ୍ଷଣ କରାଯାଇଛି । ଏହା ସହ ଯାତ୍ରୀଙ୍କ ସୁବିଧା ଲାଗି ଯେଉଁ ଯେଉଁ କାମ ବାକି ଅଛି ସେଗୁଡିକୁ ଅତିଶୀଘ୍ର ସମାପନ କରାଯିବ । ସମସ୍ତ କାମ ଆସନ୍ତା ମାସ ମାର୍ଚ୍ଚ ୧୫ ତାରିଖ ସୁଦ୍ଧା ସମାପ୍ତ କରାଯିବା ପାଇଁ ଧାର୍ଯ୍ୟ ହୋଇଥିବାର ପ୍ରକାଶ କରିଛନ୍ତି । ଏହି ଅବସରରେ ରେଳ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ଦଣ୍ଡମୁକ୍ତ ଅଞ୍ଚଳରେ ତଣ୍ଡ ଆଦାୟ ଅଭିଯୋଗ

### ସ୍କୁଲ୍ ସାମଗ୍ରୀ ଭାଙ୍ଗି ଜରିମାନା ଦେଲେ ଛାତ୍ରଛାତ୍ରୀ

ମୋହନା, ୨୦ ।୨(ସମିସ)



ଗଜପତି ଜିଲ୍ଲା ମୋହନା ସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଏକ ଅଜବ ନୀତି ଦେଖିବା ପାଇଁ ମିଳିଛି । ସ୍କୁଲ ସାମଗ୍ରୀକୁ ଭଙ୍ଗାଭଙ୍ଗି କରୁଥିବା ଅଭିଯୋଗରେ ଛାତ୍ରଛାତ୍ରୀଙ୍କୁ ତଣ୍ଡ ଭୋଗିବା ପାଇଁ ପଡ଼ିଛି । ଏଭଳିକି ୧୦ମଶ୍ରେଣୀରେ ଅଧ୍ୟୟନରତ ୨୧୮ ଜଣ ଛାତ୍ରଛାତ୍ରୀଙ୍କ ଠାରୁ ୫୦ଟଙ୍କା ଲେଖାଏଁ ଆଦାୟ କରିଛନ୍ତି ବିଦ୍ୟାଳୟ ପ୍ରଧାନ ଶିକ୍ଷକ । ସବୁଠାରୁ ସମ୍ବେଦନଶୀଳ କଥା ହେଉଛି ୨୧୮ ଛାତ୍ରଛାତ୍ରୀଙ୍କ ମଧ୍ୟରେ ୫୦ଜଣ କସ୍ତୁରବା ଗାନ୍ଧୀ ଏବଂ ଆଇଟିଡିଏ ଛାତ୍ରୀ ନିବାସର ଅନ୍ତେବାସୀ ଅଛନ୍ତି । ନିହାତି ଗରିବ ଶ୍ରେଣୀ ଏବଂ ଅନାଥ ଛାତ୍ରୀ ମାନେ ଏହି ଛାତ୍ରୀ ନିବାସରେ ରହି ବିଦ୍ୟାଳୟରେ ପାଠ ପଢ଼ନ୍ତି, ତେବେ ଏହି ଛାତ୍ରୀଙ୍କୁ ମଧ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ତଣ୍ଡ ସହିବାକୁ ପଡ଼ିଛି । ସୂଚନା ପ୍ରକାରେ କିଛି ଛାତ୍ରଛାତ୍ରୀ ବିଦ୍ୟାଳୟର ପାଇଖାନା କବାଟ ସହ କିଛି ଇଲେକ୍ଟ୍ରିକ୍ ସୁଇଚ୍ ଭାଙ୍ଗି ଦେଇଥିଲେ । ଏହାକୁ ନେଇ ପ୍ରଧାନ ଶିକ୍ଷକ ସୁଶୀଲ ମଳିକ ବିଦ୍ୟାଳୟ ପରିଚାଳନା କମିଟି ଏବଂ ଅଭିଭାବକଙ୍କ ଏକ ବୈଠକ ଡକାଇ ଛାତ୍ରଛାତ୍ରୀଙ୍କୁ ଏହି ଆର୍ଥିକ ତଣ୍ଡ ଲଗାଇଥିବା ଜଣାପଡ଼ିଛି । ବିଦ୍ୟାଳୟ ମରାମତି ସହ ଅନୁସାଙ୍ଗିକ ସାମଗ୍ରୀ କ୍ରୟ ପାଇଁ ପ୍ରତ୍ୟେକ ବର୍ଷ ରାଜ୍ୟ ସରକାର ଏବଂ ଶିକ୍ଷାବିଭାଗ ପକ୍ଷରୁ ଛାତ୍ରଛାତ୍ରୀଙ୍କ ସଂଖ୍ୟାକୁ ନେଇ କମ୍ପୋଜିଟ୍ ଫଣ୍ଡ ପ୍ରଦାନ କରାଯାଇଥାଏ । ଏହି କ୍ରମରେ ମୋହନା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ ବାର୍ଷିକ ୭୫ହଜାର ଟଙ୍କା ପ୍ରଦାନ କରାଯାଉଛି । ତେବେ ସରକାରୀ ଅନୁଦାନ ସତ୍ତ୍ୱେ କାହିଁକି ଏବଂ କେଉଁ ପରିସ୍ଥିତିରେ ଛାତ୍ରଛାତ୍ରୀଙ୍କ ଠାରୁ ଅର୍ଥ ଆଦାୟ କରାଗଲା ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଘଟଣାକୁ ନେଇ ବୁଦ୍ଧିଜୀବୀଙ୍କ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବାବେଳେ ଦଣ୍ଡ ମୁକ୍ତ ବିଦ୍ୟାଳୟ ପରିସରରେ ବିଦ୍ୟାର୍ଥୀଙ୍କୁ କିଭଳି ତଣ୍ଡ ଦିଆଗଲା ତାର ତଦନ୍ତ ସହ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି । ଏନେଇ ପ୍ରଧାନ ଶିକ୍ଷକ ସୁଶୀଲ ମଳିକଙ୍କୁ ଯୋଗାଯୋଗ କରିବାରେ ପରିଚାଳନା କମିଟି ସହ ବୈଠକ କରି ନିଷ୍ପତ୍ତି ନିଆଯାଇଥିବା କହିଛନ୍ତି । ଅନ୍ୟପଟେ ଗୋଷ୍ଠୀ ଶିକ୍ଷାଧିକାରୀ ନରେନ୍ଦ୍ର ବେହେରାଙ୍କୁ ପଚାରିବାରୁ ଏନେଇ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ ପରେ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ।

## 'ପ୍ରଗତି' ତାଲିମ ଉଦ୍‌ଯାପିତ



ଜି.ଉଦୟଗିରି/ଟିକାବାଲି, ୨୦ ।୨(ସମିସ): କନ୍ଧମାଳ ଜିଲ୍ଲା ଟିକାବାଲି ସ୍ଥିତ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ବ୍ଲକର ୩୬ ଜଣ ପ୍ରଧାନଶିକ୍ଷକଙ୍କୁ ନେଇ ତ୍ରିଦିବସୀୟ ପ୍ରଗତି ତାଲିମ୍ ଅନୁଷ୍ଠିତ ହୋଇଥିଲା । ଗତ ୧୭ ତାରିଖରେ ଏହାର ଉଦଘାଟନୀ ଉତ୍ସବରେ ଯୋଗ ଦେଇ ପ୍ରଶିକ୍ଷଣ ଅନୁଷ୍ଠାନର ଅଧ୍ୟକ୍ଷ ଡ.ଶିବ ପ୍ରସାଦ ପଣ୍ଡା ଉପସ୍ଥିତ ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ । ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ଏହି ତାଲିମ୍ କାର୍ଯ୍ୟକ୍ରମରେ ସମ୍ବଳ ଶିକ୍ଷକ ଭାବେ ପ୍ରଦୀପ କୁମାର ମହାପାତ୍ର, ରମେଶ ଚନ୍ଦ୍ର ବରାଳ, ପବିତ୍ର କୁମାର ସାହୁ ଏବଂ ଟିକାବାଲି ସହ ଗୋଷ୍ଠୀ ଶିକ୍ଷାଧିକାରୀ ଗଣେଶ କହଁର ଶିକ୍ଷଣ କାର୍ଯ୍ୟକୁ ପରିଚାଳନା କରିଥିଲେ । ପ୍ରଶିକ୍ଷାର୍ଥୀ ମାନଙ୍କର ଉତ୍ସାହ, ଆଗ୍ରହ ଓ ସକ୍ରିୟ ଅଂଶଗ୍ରହଣ ତାଲିମ୍‌କୁ ବେଶ୍ ଆନନ୍ଦମୟ କରିଥିଲା । ଏଥିରେ ନୂତନ ଶିକ୍ଷାନୀତି, ବିଦ୍ୟାଳୟର ସମସ୍ୟା, ସମ୍ବଳ ପରିଚାଳନା ନେତୃତ୍ୱର ବିକାଶ ଆଦି ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା । ବୁଧବାର ଏହାର ଉଦଯାପନୀ ଉତ୍ସବରେ ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଶିକ୍ଷକ ପ୍ରଶିକ୍ଷିକା ରଶ୍ମିତା ଗିରି ପ୍ରଶିକ୍ଷାର୍ଥୀଙ୍କୁ ସେମାନଙ୍କ ଭୂମିକା ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ । ଏଥିରେ ଅଂଶ ଗ୍ରହଣ କରିଥିବା ପ୍ରଶିକ୍ଷାର୍ଥୀଙ୍କ ଉପରେ ନୂତନ ଶିକ୍ଷାନୀତି କାର୍ଯ୍ୟକାରିତାର ଗୁରୁଦାୟିତ୍ୱ ରହିଥିବାରୁ ଅଧିକ ଉତ୍ସର୍ଗୀକୃତ ହୋଇ କାର୍ଯ୍ୟ କରିବା ପାଇଁ ସମ୍ବଳ ଶିକ୍ଷକ ପ୍ରଧାନଶିକ୍ଷକ/ ଶିକ୍ଷୟିତ୍ରୀଙ୍କୁ ଅଭିପ୍ରେରିତ କରିଥିଲେ ।

## ଗଜପତିରେ ମାଟ୍ରିକ୍ ପରୀକ୍ଷା ଦେବେ ୭୯୨୮ ଛାତ୍ରଛାତ୍ରୀ

ପାରଳାଖେମୁଣ୍ଡି, ୨୦ ।୨(ସମିସ): ଗଜପତି ଜିଲ୍ଲାରେ ୧୦ମ ଶ୍ରେଣୀ ନିମନ୍ତେ ପରୀକ୍ଷା-୨୦୨୫ ଶୁକ୍ରବାର ଠାରୁ ଆରମ୍ଭ ହେବାକୁ ଯାଉଛି । ଚଳିତ ବର୍ଷ ଏହି ପରୀକ୍ଷା ଆସନ୍ତା ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଜଣାପଡ଼ିଛି । ଜିଲ୍ଲାରେ ରେଗୁଲାର, ଷ୍ଟେଟ ଓପନ୍ ସ୍କୁଲିଂ କୋର୍ସ ଏବଂ କରେସପୋଣ୍ଡେନେନ୍ସ କୋର୍ସ ନିମନ୍ତେ ସର୍ବମୋଟ ୭୯୨୮ ଜଣ ଛାତ୍ରଛାତ୍ରୀ ଫର୍ମ ଭରିଛନ୍ତି । ଏଥି ମଧ୍ୟରୁ ରେଗୁଲାରରେ ୭୬୯୪, ଷ୍ଟେଟ ଓପନ୍ ସ୍କୁଲିଂ କୋର୍ସ ନିମନ୍ତେ ୧୯୧ ଜଣ ଏବଂ କରେସପୋଣ୍ଡେନେନ୍ସ କୋର୍ସ ନିମନ୍ତେ ୪୩ ରହିଥିବାର ଜଣାପଡ଼ିଛି । ସମସ୍ତଙ୍କ ନିମନ୍ତେ ପରୀକ୍ଷା ପାଇଁ ୩୯ ଗୋଟି କେନ୍ଦ୍ର ପ୍ରସ୍ତୁତ କରାଯାଇଛି । ଖାତା ମୂଲ୍ୟାୟନ ନିମନ୍ତେ ଗୋଟିଏ ସେଣ୍ଟରର ବ୍ୟବସ୍ଥା ହୋଇଛି । ପରୀକ୍ଷା ପରିଚାଳନା ନିମନ୍ତେ ୪ଟି ନୋଡାଲ ସେଣ୍ଟର ଭାବେ ଯଥା ପାରଳାଖେମୁଣ୍ଡିର ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟ, ରାୟଗଡ଼ର ସରକାରୀ ଉଚ୍ଚ ବିଦ୍ୟାଳୟ, ରା.ଉଦୟଗିରି ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ମୋହନା ସ୍ଥିତ ସରକାରୀ ଏସଏସଡ଼ି ହାଇସ୍କୁଲ ଚୟନ କରାଯାଇଛି । ୧୧ଟି ବିତରଣ ଟିମ୍ ନିୟୋଜିତ ରହିଥିବା ବେଳେ ଚାରୋଟି ନୋଡାଲ ସେଣ୍ଟରର ତଥା ଜିଲ୍ଲାର ମୋଟ ୧୫୯ ହାଇସ୍କୁଲର ପରୀକ୍ଷାର୍ଥିମାନେ ପରୀକ୍ଷା ଦେବେ ବୋଲି ଜିଲ୍ଲା ଶିକ୍ଷା ବିଭାଗ ସୂତ୍ରରୁ ପ୍ରକାଶ । ପରୀକ୍ଷା ଦିବସ ମାନଙ୍କରେ ପରୀକ୍ଷା ଗୁଡିକ ସକାଳ ୯ ଘଣ୍ଟା ରୁ ଆରମ୍ଭ ହୋଇ ସକାଳ ୧୧.୩୦ ସମୟ ପର୍ଯ୍ୟନ୍ତ ହେବା ସମୟ ନିର୍ଘଣ୍ଟ ହୋଇଛି ହୋଇଥିବା ବେଳେ ଗଣିତ ବିଷୟରେ ପରୀକ୍ଷା ଦିନ ସକାଳ ୯ ଘଣ୍ଟା ଠାରୁ ୧୧.୪୫ ପର୍ଯ୍ୟନ୍ତ ସମୟ ନିର୍ଘଣ୍ଟ ରହିଛି ।




## ୧୩୬ ବିଏସ୍‌ଏଫ୍‌ର ଜନହିତକାରୀ କାର୍ଯ୍ୟକ୍ରମ

ବାଲିଗୁଡ଼ା, ୨୦।୨(ସମିସ): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ସଲାଗୁଡ଼ା ପଞ୍ଚାୟତର ମାଓ ପ୍ରବଣ ଅଞ୍ଚଳ ଡାକାରେ ଅବସ୍ଥିତ ୧୩୬ ବିଏସ୍‌ଏଫ୍ ବାଟାଲିୟନ କ୍ୟାମ୍ପରେ ଏକ ଜନ ହିତକାରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ଲୋକଙ୍କ ସହିତ ସୀମା ସୁରକ୍ଷା ବାହିନୀର ସୁସମ୍ପର୍କ ପ୍ରତିଷ୍ଠା କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି କୁହାଯାଇଥିଲା । କାର୍ଯ୍ୟକ୍ରମରେ ସଲାଗୁଡା ପଞ୍ଚାୟତର ଗରିବ ସୀମାରେଖା ତଳେ ଥିବା ଲୋକଙ୍କୁ ଚିହ୍ନଟ କରି ବାସନ, କମ୍ବଳ, ମଶାରୀ ଓ କିଛି ଘରୋଇ ଉପକରଣ ପ୍ରଦାନ କରାଯାଇଥିଲା । ଏହା ସହିତ ଆଖପାଖରେ ଥିବା ବିଦ୍ୟାଳୟ ଓ ଯୁବକ ସଙ୍ଘକୁ ଖେଳ ଉପକରଣ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଏସଏଫ ଡେପୁଟି କମାଣ୍ଡେଣ୍ଟ ସନ୍ଦୀପ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସଲାଗୁଡା ସରପଞ୍ଚ ସରିତା ମଲିକ, ଡାକା ୱାର୍ଡ ମେମ୍ବର, ବିଏଫଏଫ ଡାକାର ଆସିଷ୍ଟାଣ୍ଟ କମାଣ୍ଡେଣ୍ଟ ଶୈଳେନ୍ଦ୍ର ଯାଦବ, ଇନିସପ୍ଟେଟର ସଞ୍ଜୟ କୁମାର ସିଂ, ଏଏସଆଇ ସଞ୍ଜୟ, ମୁଖ୍ୟଆରକ୍ଷକ କୈଳାଶ ବାଙ୍ଗେ, ଆରକ୍ଷକ ଜି. ବି. ନାୟକଙ୍କ ସମେତ ବହୁ ପଦାଧିକାରୀ ଅଧିକାରୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ସ୍ଥାନୀୟ ଲୋକେ ଯୋଗ ଦେଇଥିଲେ । ସଲାଗୁଡା ପଞ୍ଚାୟତର ୨୦୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ବିଭିନ୍ନ ଘରୋଇ ଉପକରଣ ପ୍ରଦାନ କରାଯାଇଥିଲା ।



## ବନାଗ୍ନି ନିରାକରଣ ସଚେତନତା



ରାଇକିଆ, ୨୦।୨(ସମିସ): କନ୍ଧମାଳ ଜିଲ୍ଲା ରାଇକିଆ ବନ ବିଭାଗ କାର୍ଯ୍ୟାଳୟ ପରିସରରେ ବନାଗ୍ନି ନିରାକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜଙ୍ଗଲ ପରିବେଶ ଓ ଜଳ ବାୟୁ ପରିବର୍ତ୍ତନ ବିଭାଗ ତରଫରୁ ବୁଧବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଗ୍ରୀଷ୍ମ ସମୟରେ ଜଙ୍ଗଲରେ ନିଆଁ ଲାଗିଲେ ରୋକିବା କାଠିକର ପାଠ ହୋଇଥାଏ । ଜଙ୍ଗଲ ରେ ଜୀବଜନ୍ତୁଙ୍କ ଠାରୁ ଆରମ୍ଭ କରି ଜଙ୍ଗଲଯାତ ଦ୍ରବ୍ୟ ପର୍ଯ୍ୟନ୍ତ ବ୍ୟାପକ କ୍ଷୟକ୍ଷତି ହୋଇଥାଏ । ସଚେତନତା ମାଧ୍ୟମରେ ଏହାକୁ ରୋକା ଯାଇପାରିବ ବୋଲି ଅତିଥି ପ୍ରକାଶ କରିବା ସହ ଏ ଦିଗରେ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ । ପୂର୍ବରୁ କଲେଜ ଛାତ୍ରୀଛାତ୍ର ଏବଂ ବନ ସଂରକ୍ଷଣ ସମିତି ସଦସ୍ୟଙ୍କୁ ନେଇ ଏକ ସଚେତନତା ରାଲି ସହର ପରିକ୍ରମା କରିଥିଲା । ରେଞ୍ଜର ଯୁଧିଷ୍ଠିର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଏସିଏଫ୍ ଶ୍ୱେତଲୀନ ସାହୁ, ଫାୟାରମ୍ୟାନ କାଳୁ ଚରଣ ମହାନ୍ତି ଯୋଗ ଦେଇଥିଲେ । ଫରେଷ୍ଟର ଉଷଦ କହଁର, ଫରେଷ୍ଟ ଗାର୍ଡ ଅଙ୍ଗଦ ଦିଗାଲ, ଲିଲି ମଲ୍ଲିକ, ଉର୍ଶିଳା ପ୍ରଧାନ, ନର୍ମଦା ମହାରଣା, ଦୁର୍ଗା ଶଙ୍କର ପ୍ରଧାନ, ଶାନ୍ତନୁ ବ୍ରହ୍ମା, ମୁକେଶ ପ୍ରଧାନ ପରିଚାଳନା କରିଥିଲେ । ଟିମ୍ ଲିଡର ସଞ୍ଜୟ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ଅପରିଷ୍କାର ପରିବେଶରେ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ





ପାରଳାଖେମୁଣ୍ଡି, ୨୦ ।୨(ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ପରିସର ଦୀର୍ଘଦିନ ହେଲା ଆବର୍ଜନାମୟ ହୋଇପଡ଼ିଛି । ସେଥିରେ ସେଠାରେ ଅନୁଷ୍ଠିତ ହେଉଥିବା ସଭାସମିତିର ଭୋଜିଭାତର ଖଲି, ପ୍ଲେଟ୍, ଖାଲି ମଦ ବୋତଲ, ପ୍ଲାଷ୍ଟିକ ପାଣି ବୋତଲ ସମେତ ଅନ୍ୟାନ୍ୟ ଆବର୍ଜନା ଗୁଡିକ ପଡ଼ିଥିବାର ଦେଖିବାକୁ ମିଳିଛି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସ୍ୱାସ୍ଥ୍ୟକର ପରିବେଶ ନିମନ୍ତେ ଜନ ସାଧାରଣଙ୍କୁ ସଚେତନ କରାଇବା ସହ ଶପଥ ପାଠ କରାଉଛନ୍ତି । ତାର ପ୍ରମୁଖ ଦାୟିତ୍ୱ ସ୍ୱାସ୍ଥ୍ୟ ବିଭାଗକୁ ପ୍ରଦାନ କରାଯାଇଛି । ଏପରିକି ସରକାର ଏକ ସ୍ୱାସ୍ଥ୍ୟକର ପରିବେଶର ସୁରକ୍ଷା ଓ ସ୍ୱଚ୍ଛତା ରକ୍ଷା କରିବା ନିମନ୍ତେ ଯୋଜନା ପ୍ରସ୍ତୁତ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ଜନସାଧାରଣ କିଭଳି ସଚେତନ ହେବେ ସେଥି ନିମନ୍ତେ ଆକର୍ଷଣୀୟ ଫ୍ଲେକ୍ସମାନ ଲଗାଉଛନ୍ତି । ଆଉ ସେଥିରେ ସୁନ୍ଦର ସୁନ୍ଦର ସ୍ଲୋଗାନ ମଧ୍ୟ ଲେଖୁଛନ୍ତି । ସେହି କ୍ରମରେ ପ୍ରତି ବର୍ଷ ସ୍ୱଚ୍ଛତା ହିଁ ସେବା ପକ୍ଷ ପାଳନ କରାଯାଇଥାଏ । ଏହି ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ ସ୍ଲୋଗାନ ରହିଥିଲା ଯେ 'ସ୍ୱଭାବ ସ୍ୱଚ୍ଛତା, ସଂସ୍କାର ସ୍ୱଚ୍ଛତା' । ଏହି ପ୍ରକାର ସଚେତନତାମୂଳକ ବାର୍ତ୍ତା ଲେଖାଥିବା ଫ୍ଲେକ୍ସ ଗୁଡିକ ଜିଲ୍ଲାର ସମସ୍ତ ସ୍ଥାନରେ ଲଗାଯାଇଛି । ମୁଖ୍ୟତଃ ସ୍ୱାସ୍ଥ୍ୟ ବିଭାଗ ଏହାର ଗୁରୁଦାୟିତ୍ୱ ବହନ କରୁଛି । କିନ୍ତୁ ଏହି ବିଭାଗର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭୋଜିଭାତ କରି ଖାଉଥିବା ପେପର ପ୍ଲେଟ୍ ତଥା ଅଇଁଠା ପ୍ଲେଟ୍, ଡିସ୍ପୋଜେଲ ଗ୍ଲାସ୍, ପ୍ଲାଷ୍ଟିକ ପାଣି ବୋତଲ, ଖାଲି ମଦ ବୋତଲ ସମେତ ପଲିଥିନ ଗୁଡିକ ପଡ଼ିଥିବାର ଦେଖିବାକୁ ମିଳିଛି । ଯେଉଁ ବିଭାଗ ଜନସାଧାରଣଙ୍କୁ ପରିବେଶ ଅପରିଷ୍କାର ନ କରି ସ୍ୱଚ୍ଛତା ରଖିବା ନିମନ୍ତେ ସଚେତନ କରାଉଛି ସେହି ବିଭାଗର ମୁଖ୍ୟ କାର୍ଯ୍ୟାଳୟରେ ଏଭଳି ଦୃଶ୍ୟକୁ ଦେଖି ଜନସାଧାରଣଙ୍କ ମଧ୍ୟରେ ନାନାଦି ଆଲୋଚନା ହେଉଛି ।

**ପାଣି ପାଇଁ ଅଶାନ୍ତି**

# ୪୦ ପରିବାରକୁ ଗୋଟିଏ ନଳକୂଅ ଭରସା

ଦାରିଙ୍ଗବାଡ଼ି, ୨୦ ।୨(ସମିସ)



ଆଗକୁ ଆସୁଛି ଗ୍ରୀଷ୍ମ ପ୍ରବାହ । ହେଲେ ତାହା ପୂର୍ବରୁ ଦେଖାଦେଇଛି ପାଣି ସମସ୍ୟା । ପାଣି ପାଇଁ ସାହିରେ ଦେଖାଦେଇଛି ଅଶାନ୍ତି, ସକାଳ ପାଇଲେ ଝଗଡ଼ା ହେଉଛନ୍ତି ମହିଳା । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଦାରିଙ୍ଗବାଡି ପଞ୍ଚାୟତ ଅନ୍ତର୍ଗତ ଗାର୍ଗାବାଡ଼ି ଗ୍ରାମରେ । ଏହି ଗ୍ରାମ ବ୍ଲକ ତଥା ପଞ୍ଚାୟତ ମୁଖ୍ୟାଳୟ ଠାରୁ ମାତ୍ର ଦେଢ଼ କିଲୋମିଟର ଦୂରରେ ଅବସ୍ଥିତ । ହେଲେ ଏହି ଗାଁକୁ ଦେଖିଲେ ମନେ ହେଉଛି ଦୀପ ତଳ ଅନ୍ଧାର । ଏହି ଗାଁରେ ୪୦ ପରିବାର ବସବାସ କରୁଥିବା ବେଳେ ପାନୀୟ ଜଳର ଘୋର ସମସ୍ୟା ଦେଖାଦେଇଛି । ୪୦ ପରିବାରକୁ ମାତ୍ର ଗୋଟିଏ ନଳକୂପ ରହିଛି । ଗୋଟିଏ ନଳକୂପରୁ ହିଁ ପିଇବା ପାଇଁ ବ୍ୟବହାର ହେଉଥିବାବେଳେ ଗାଧୋଇବା ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ନିର୍ଭର କରିବାକୁ ପଡୁଛି । ଫଳରେ ସକାଳୁ ସକାଳୁ ନଳକୂପରେ ଲାଗି ଯାଉଛି ଲମ୍ବା ଲାଇନ । ଶୀଘ୍ର ପାଣି ନେବା ପାଇଁ ଆରମ୍ଭ ହେଉଛି ପ୍ରତିଯୋଗିତା । ଫଳରେ ମହିଳାଙ୍କ ମଧ୍ୟରେ ଝଗଡ଼ା ଦେଖାଦେଉଛି । ଉକ୍ତ ନଳକୂପରୁ ପାଣି ସଠିକ୍ ଭାବେ ବାହାରୁ ନଥିବା ବେଳେ

**ସକାଳ ହେଲେ ଝଗଡ଼ା କରୁଛନ୍ତି ମହିଳା**

୨ ବାଲଟି ବାହାରିବା ପରେ ଆଉ କିଛି ସମୟ ଯାଏଁ ପାଣି ବାହାରୁନି । ପୁଣି କିଛି ସମୟ ଅପେକ୍ଷା କରିଲେ ପାଣି ବାହାରୁଚି । ଫଳରେ ମହିଳା ମାନେ ପାଣିକୁ ଅପେକ୍ଷା କରି ଦିନ ସରି ଯାଉଛି । କାମଧନ୍ଦାକୁ ସଠିକ୍ ଭାବେ ଯାଇ ପାରୁନାହାନ୍ତି । ଅନ୍ୟ ପଟେ ଜଳ ଯୋଗାଣ ନେଇ ବ୍ୟବସ୍ଥା ରହିଥିଲେ ସୁଧା ସପ୍ତାହକୁ ମାତ୍ର ଗୋଟିଏ ଦିନ ଜଳ ଯୋଗାଣ ହେଉଛି । ତାହା ପୁଣି ୨ରୁ ୪ ମିନିଟ । ଫଳରେ ଲୋକେ ସଠିକ୍ ମାତ୍ରରେ ଜଳ ପାଇ ପାରୁନାହାନ୍ତି । ଏଭଳି ଭାବେ ପାଣି ପାଇଁ ରହିଛି ଅନେକ ସମସ୍ୟା । ଏଣୁ ଗାଁରେ ଆଉ ୨ଟି ନଳକୂପ ଖୋଳି ଦେଲେ ଲୋକେ ଉପକୃତ ହୋଇ ପାରିଥାନ୍ତେ ବୋଲି ଦାବି କରିଛନ୍ତି ମହିଳା । ଏନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ କ୍ଷୀରଦ ରାଉତଙ୍କୁ ଯୋଗାଯୋଗ କରିବାରୁ ସେ ପାଇପ ଲାଇନ ବ୍ଲକ ଅଛି ଶୁକ୍ରବାର ଦିନ କାମକରି ଜଳ ଯୋଗାଣ ସୁବିଧା ଯୋଗାଇ ଦିଆଯିବ ବୋଲି କହିଛନ୍ତି ।

## ଛାତ୍ର ମୃତ୍ୟୁ ଘଟଣାରେ ପ୍ରଧାନ ଶିକ୍ଷକ ନିଲମ୍ବିତ

ରାୟଗଡ଼, ୨୦ ।୨ (ସମିସ): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ କେରାଣ୍ଡି ପଞ୍ଚାୟତର ଓୟା ଉଚ୍ଚ ବିଦ୍ୟାଳୟର ତୃତୀୟ ଶ୍ରେଣୀ ଛାତ୍ର ଗୋବିନ୍ଦ ଶବରର ମୃତ୍ୟୁ ଘଟଣାରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବି . କ୍ରିଷ୍ଣା ରାଓଙ୍କୁ ଜିଲ୍ଲା ଶିକ୍ଷାଧିକାରୀ ନିଲମ୍ବିତ କରିଥିବା ଜଣାପଡ଼ିଛି । ପ୍ରକାଶ ଯେ, ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ଅଧିନ ଗଙ୍ଗାବାଡ଼ ପଞ୍ଚାୟତର ଶଗଡ଼ିଆ ଗ୍ରାମର ବାପା ସ୍ୱର୍ଗତ ଗୁରୁଣ୍ଡା ଶବର ଓ ମାଆ ଗୁରୁବାରି ଶବରଙ୍କ ପୁଅ ଗୋବିନ୍ଦ ଶବର(୮) କେରାଣ୍ଡି ପଞ୍ଚାୟତ ଅନ୍ତର୍ଗତ ଓୟା ଆବାସିକ ବିଦ୍ୟାଳୟରେ ଅନ୍ତେବାସୀ ଭାବେ ରହି ତୃତୀୟ ଶ୍ରେଣୀର ପଢୁଥିଲା । ବିଦ୍ୟାଳୟରେ ଗୋବିନ୍ଦଙ୍କ ସ୍ୱାସ୍ଥ୍ୟବସ୍ଥା କିଛି ଦିନ ହେବ ଖରାପ ହୋଇଥିଲେ ବି ତାର ଚିକିତ୍ସା କରାଯାଇନଥିଲା । ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାହାର ଚିକିତ୍ସା କରାଇବାକୁ ଡାକ୍ତରଖାନାକୁ ନେବା ପରିବର୍ତ୍ତେ କର୍ତ୍ତୃପକ୍ଷ ରୋଷେୟା ଯାତ୍ରା କାର୍ମୀଙ୍କ ସହାୟତାରେ ଘରେ ନେଇ ଛାଡି ଦେଇଥିଲେ । ଗୋବିନ୍ଦଙ୍କ ବିଧବା ମା' ଶୁକ୍ରବାର ଦିନ ଆନ୍ଧ୍ର ପ୍ରଦେଶର ମଞ୍ଜୁଷା ମେଡିକାଲକୁ ନେଇ ଚିକିତ୍ସା କରାଇ ଘରକୁ ଆଣିଥିଲେ । ପୁନର୍ବାର ଶନିବାର ହଟାତ ସେ ଗୁରୁତର ହେବାରୁ ତାକୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ନେବା ସମୟରେ ରାସ୍ତାରେ ତାର ମୃତ୍ୟୁ ହୋଇଥିଲା । ପିଲାର ସ୍ୱାସ୍ଥ୍ୟ ଖରାପ ହେବାରୁ ପିଲାଙ୍କୁ ଚିକିତ୍ସାରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଅବହେଳା କରି ଘରେ ଆଣି ଛାଡ଼ି ଦେଇଥିବାରୁ ଆଜି ମୋ ପୁଅର ମୃତୁ ହୋଇଥିବା ଗୁରୁବାରି ଶବର ଅଭିଯୋଗ କରିଥିଲେ । ଘଟଣାକୁ ନେଇ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ତଦନ୍ତ ହୋଇ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଜଣାପଡ଼ୁଛି ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୬.୭୫ ● ପାଉଣ୍ଡ ୧୦୯.୮
- ୟୁରୋ ୯୦.୪୬ ● ୟେନ୍ ୦.୫୭

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୮୦,୩୫୦ (ଭୁବନେଶ୍ୱର)
- ରୁପା : ୧,୦୦,୫୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ 75,935.00
- ନିଫ୍ଟି 22,913.00



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



### ପରଫିଅସ୍ ଆଣ୍ଡ ପିଡବ୍ଲ୍ୟୁସି ଇଣ୍ଡିଆ ରିପୋର୍ଟ

# କରଜ ଶୁଝିବାରେ ଯାଉଛି ଭାରତୀୟଙ୍କ ଆୟ

ନୂଆଦିଲ୍ଲୀ,୨୦।୨(ଏଜେନ୍ସି):






**୩୩% ଅର୍ଥ ଇଏମ୍ଆଇରେ ଖର୍ଚ୍ଚ କରୁଛନ୍ତି**

ଖରାପ ହେବାରେ ଲାଗିଛି ଦେଶର ଲୋକଙ୍କ ଜୀବନଧାରଣ ମାନ। ଦେଶରେ ଲୋକଙ୍କ ଆୟ କମୁଛି, ଖର୍ଚ୍ଚ ବଢୁଛି। ଭାରତର ଲୋକେ କରୁଥିବା ଆୟର ଅଧିକାଂଶ ଅର୍ଥ କରଜ ସୁଝିବାରେ ଯାଉଛି। କାରଣ ଭାରତୀୟମାନେ ସେମାନଙ୍କ ଆୟର ପ୍ରାୟ ୩୩ ପ୍ରତିଶତ ଅର୍ଥାତ୍ ଏକ ତୃତୀୟାଂଶ ଅର୍ଥ କେବଳ ଇଏମ୍ଆଇରେ ଖର୍ଚ୍ଚ କରୁଛନ୍ତି। ବିଟୁବି ଫିନଟେକ୍ କମ୍ପାନୀ ପରଫିଅସ୍ ଏବଂ ପିଡବ୍ଲ୍ୟୁସି ଇଣ୍ଡିଆ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରେ ଏହା କୁହାଯାଇଛି। ରିପୋର୍ଟରେ ଭାରତୀୟମାନେ ସେମାନଙ୍କ ଆୟର କେତେ ଅଂଶ କେଉଁ କ୍ଷେତ୍ରରେ ଖର୍ଚ୍ଚ କରୁଛନ୍ତି ସେ ସମ୍ପର୍କରେ କୁହାଯାଇଛି। ଏହି ରିପୋର୍ଟ ପରଫିଅସ୍ ଆଣ୍ଡ ପିଡବ୍ଲ୍ୟୁସି ଇଣ୍ଡିଆର ଏକ ସର୍ଭେ ଆଧାରରେ ଉପସ୍ଥାପିତ ହୋଇଛି। ଏଥିରେ ୩୦ ଲକ୍ଷ ଲୋକଙ୍କ ଖର୍ଚ୍ଚ ଆଚରଣକୁ ନେଇ ବିଶ୍ଳେଷଣ କରାଯାଇଛି। ସର୍ଭେରେ ତୃତୀୟ କାଟାଗୋରିର ସହର ଏବଂ ମହାନଗରରେ ରହୁଥିବା ଲୋକମାନଙ୍କୁ ସାମିଲ କରାଯାଇଛି, ଯେଉଁମାନଙ୍କର ମାସିକ ଆୟ ୨୦ ହଜାର ଟଙ୍କାରୁ ୧ ଲକ୍ଷ ଟଙ୍କା ମଧ୍ୟରେ ରହିଛି। ସର୍ଭେ ରିପୋର୍ଟକୁ ଖର୍ଚ୍ଚର ତିନୋଟି ବର୍ଗରେ ବିଭକ୍ତ କରାଯାଇଛି। ଏଥିରେ ବାଧ୍ୟତାମୂଳକ ଖର୍ଚ୍ଚ, ଆବଶ୍ୟକତା ଖର୍ଚ୍ଚ ଏବଂ ଇଚ୍ଛାଧୀନ ଖର୍ଚ୍ଚ ଅନ୍ତର୍ଭୁକ୍ତ। ଅତ୍ୟାବଶ୍ୟକୀୟ ଖର୍ଚ୍ଚ ମଧ୍ୟରେ ଋଣ ଇଏମ୍ଆଇ ଏବଂ ବୀମା ଅନ୍ତର୍ଭୁକ୍ତ, ଯାହା ଉପରେ ଲୋକମାନେ ୩୯ ପ୍ରତିଶତ ଅର୍ଥ ବ୍ୟୟ କରୁଛନ୍ତି। ଏପରି ପରିସ୍ଥିତିରେ ଲୋକମାନେ ସେମାନଙ୍କ ଆୟର ଏକ ତୃତୀୟାଂଶ ଋଣ ପାଇଁ ଖର୍ଚ୍ଚ କରୁଛନ୍ତି। ସେହି ସମୟରେ, କେତେକ ଲୋକ ଖେଳ, ହୋଟେଲ କିମ୍ବା ରେଷ୍ଟୋରାଁରେ ଖାଇବା, ଅନଲାଇନ୍ ଖାଦ୍ୟ, ମନୋରଞ୍ଜନ ଇତ୍ୟାଦିରେ ମନଇଚ୍ଛା ଖର୍ଚ୍ଚ ପାଇଁ ୨୯ ପ୍ରତିଶତ ଅର୍ଥ ବ୍ୟୟ କରୁଛନ୍ତି। ଏହା ବ୍ୟତୀତ ଲୋକମାନେ ପାଣି, ବିଦ୍ୟୁତ୍ ଏବଂ ଔଷଧ ଇତ୍ୟାଦି ଅତ୍ୟାବଶ୍ୟକୀୟ ଖର୍ଚ୍ଚ ପାଇଁ ୩୨ ପ୍ରତିଶତ ଅର୍ଥ ଖର୍ଚ୍ଚ କରୁଛନ୍ତି। ତେବେ ରିପୋର୍ଟରେ ଦର୍ଶାଯାଇଛି ଯେ କମ୍ ଦରମା ପାଉଥିବା ଲୋକମାନେ ସେମାନଙ୍କର ଅତ୍ୟାବଶ୍ୟକ ଆବଶ୍ୟକତା ପୂରଣ କରିବା ଏବଂ ଋଣ ପରିଶୋଧ କରିବା ପାଇଁ ଅଧିକାଂଶ ଟଙ୍କା ଖର୍ଚ୍ଚ କରୁଛନ୍ତି। ସେହି ସମୟରେ, ଅଧିକ ଦରମା ଥିବା ଲୋକମାନେ ସର୍ବାଧିକ ଇଚ୍ଛାଧିନ ଖର୍ଚ୍ଚ କରୁଛନ୍ତି।

# ସିଗାରେଟ୍, ତମାଖୁ ଉପରେ ଲାଗିବ ଅଧିକ ଜିଏସ୍‌ଟି




**● ହଟିବ କ୍ଷତିପୂରଣ ସେସ୍**

ନୂଆଦିଲ୍ଲୀ,୨୦।୨(ଏଜେନ୍ସି): ଖୁବ ଶୀଘ୍ର କେନ୍ଦ୍ର ସରକାର ସିଗାରେଟ୍ ଏବଂ ଅନ୍ୟାନ୍ୟ ତମାଖୁ ସମ୍ବନ୍ଧୀୟ ଉତ୍ପାଦ ଉପରେ ବଡ଼ ନିଷ୍ପତ୍ତି ଗ୍ରହଣ କରିପାରନ୍ତି।ଏହି ଅନୁଯାୟୀ ସରକାର ସିଗାରେଟ୍ ଓ ତମାଖୁ ଉପରୁ କ୍ଷତିପୂରଣ ସେସ୍ ହଟାଇ ଅଧିକ ଦ୍ରବ୍ୟ ଏବଂ ସେବା ଟିକସ (ଜିଏସ୍‌ଟି) ବୃଦ୍ଧି କରିବାକୁ ବିଚାର କରୁଛନ୍ତି। ବର୍ତ୍ତମାନ, ସିଗାରେଟ୍ ଏବଂ ଅନ୍ୟାନ୍ୟ ଉତ୍ପାଦଗୁଡ଼ିକ ଉପରେ ସେସ୍ ଏବଂ ଅନ୍ୟାନ୍ୟ ଟିକସ ବ୍ୟତୀତ ୨୮ ପ୍ରତିଶତ ଜିଏସ୍‌ଟି ଲାଗୁ ହେଉଛି, ଯାହା ମୋଟ ପରୋକ୍ଷ ଟିକସକୁ ୫୩ ପ୍ରତିଶତରେ ପହଞ୍ଚାଇଛି। ଯୋଜନାନୁଯାୟୀ, ସିଗାରେଟ୍ ଓ ତମାଖୁ ଉପରେ ଜିଏସ୍‌ଟିକୁ ୪୦ ପ୍ରତିଶତକୁ ବୃଦ୍ଧି କରି ଏହା ଉପରେ ଅତିରିକ୍ତ ଉତ୍ପାଦ ଶୁଳ୍କ ଲାଗୁ କରାଯିବ। ଏଥିରେ ସରକାରଙ୍କ ଧାରଣା ହେଉଛି ଯେ କ୍ଷତିପୂରଣ ସେସ୍ ଏବଂ ଅନ୍ୟାନ୍ୟ ସେସ୍ ହଟାଇବା ପରେ କୌଣସି ରାଜସ୍ୱ କ୍ଷତି ନ ହେବା ଉଚିତ୍। ଅଧିକାରୀମାନଙ୍କ ସୂଚନାନୁଯାୟୀ, ସରକାର କ୍ଷତିପୂରଣ ସେସ୍‌କୁ ଅନ୍ୟ କୌଣସି ସେସ୍ ସହିତ ବଦଳାଇବା ସପକ୍ଷରେ ନାହାନ୍ତି। ଅଧିକାରୀଙ୍କ ଅନୁଯାୟୀ, ଜିଏସ୍‌ଟି ପରିଷଦର ମନ୍ତ୍ରୀସ୍ତରୀୟ କମିଟି ୨୦୨୬ପରେ କ୍ଷତିପୂରଣ ସେସ୍‌ର ଭବିଷ୍ୟତ ବିଷୟରେ ଆଲୋଚନା କରିପାରନ୍ତି। ଜଣେ ଅଧିକାରୀ କହିଛନ୍ତି ଯେ ଏହି ସେସ୍ ପ୍ରଭାବଶାଳୀ ବୋଲି ବିବେଚନା କରାଯାଏନାହିଁ। ରିପୋର୍ଟ ଦାଖଲ କରିବା ପୂର୍ବରୁ କମିଟି ସମସ୍ତ ବିକଳ୍ପ ଉପରେ ବିଚାର କରିବ ବୋଲି ଆଶା କରାଯାଉଛି। ଏହାପରେ ଜିଏସ୍‌ଟି ପରିଷଦ ସୁପାରିସଗୁଡ଼ିକ ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନେବ। ଏହାବ୍ୟତୀତ ଅଧିକାରୀ କହିଛନ୍ତି ଯେ, କ୍ଷତିପୂରଣ ସେସ୍‌କୁ ସ୍ୱାସ୍ଥ୍ୟ ସେସ୍ ସହିତ ବଦଳାଇବା ପାଇଁ ଅନ୍ୟ ଏକ ବିକଳ୍ପ ବିଚାରକୁ ନିଆଯାଇଛି, କିନ୍ତୁ କିଛି ରାଜ୍ୟଗୁଡିକ ଏହାର ସପକ୍ଷରେ ନାହାନ୍ତି। କେନ୍ଦ୍ର ମଧ୍ୟ ନୀତିଗତ ଭାବରେ ଏକ ନୂତନ ସେସ୍ ପ୍ରଚଳନ କରିବା ସପକ୍ଷରେ ନାହିଁ। ସିଗାରେଟ୍ ଭଳି ଉତ୍ପାଦ ଉପରେ ୫ ପ୍ରତିଶତ କ୍ଷତିପୂରଣ ସେସ୍ ଲାଗୁ କରାଯାଏ। ଏହାବାଦ୍ ପ୍ରତି ହଜାରେ ସିଗାରେଟ୍ ପାଇଁ ୨୦୭୬ ଟଙ୍କାରୁ ୪୧୭୦ ଟଙ୍କା ପର୍ଯ୍ୟନ୍ତ ଅତିରିକ୍ତ ନିର୍ଦ୍ଦିଷ୍ଟ ଟିକସ ଆଦାୟ କରାଯାଏ, ଯାହା ସେମାନଙ୍କର ଲମ୍ବ, ଫିଲ୍ଟର ଏବଂ ସ୍ୱାଦ ଅଛି କି ନାହିଁ ତାହା ଉପରେ ନିର୍ଭର କରିଥାଏ। ବର୍ତ୍ତମାନ ସିଗାରେଟ୍ ଏବଂ ଅନ୍ୟାନ୍ୟ ଧୂମହୀନ ତମାଖୁ ଉତ୍ପାଦ ଉପରେ ସରକାର ୨୮% ଜିଏସ୍‌ଟି ବ୍ୟତୀତ, କ୍ଷତିକାରକ ସେସ୍, ମୌଳିକ ଉତ୍ପାଦ ଶୁଳ୍କ ଏବଂ ଜାତୀୟ ବିପର୍ଯ୍ୟୟ ଆକସ୍ମିକ ଶୁଳ୍କ ଲାଗୁ କରୁଛନ୍ତି। କିନ୍ତୁ ସିଗାରେଟ୍ ଉପରେ ମୋଟ ୫୩% ଜିଏସ୍‌ଟି ଏବଂ ଅନ୍ୟାନ୍ୟ ଶୁଳ୍କ ଲାଗୁ କରାଯାଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ସୁପାରିଶ ଟିକସ ୭୫ ପ୍ରତିଶତ ହାରଠାରୁ ବହୁତ କମ୍।

# ପଞ୍ଜୀକୃତ ମୋବାଇଲ, ସିମ୍ କାର୍ଡ ସହ ଟ୍ରେଡିଂ ଆକାଉଣ୍ଟର ଲିଙ୍କ୍ ବାଧ୍ୟତାମୂଳକ

**ନୂଆଦିଲ୍ଲୀ,୨୦।୨(ଏଜେନ୍ସି):** ସେୟାର ବଜାରର ନିବେଶକାରୀଙ୍କ ଡିମାଟ୍ ଓ ଟ୍ରେଡିଂ ଆକାଉଣ୍ଟକୁ ଅଧିକ ସୁରକ୍ଷିତ କରିବା ପାଇଁ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ଏକ ବଡ଼ ପରିବର୍ତ୍ତନ କରିବାକୁ ଯାଉଛି। ଏଣିକି ୟୁପିଆଇ ଭଳି ଟ୍ରେଡିଂ ଆକାଉଣ୍ଟକୁ ପଞ୍ଜୀକୃତ ମୋବାଇଲ ଓ ସିମ୍ କାର୍ଡ ସହ ଲିଙ୍କ୍ କରିବା ଜରୁରୀ ହେବ। ଏହି ବ୍ୟବସ୍ଥା ୟୁପିଆଇ ଭଳି ସିମ୍ ବାଇଣ୍ଡିଂ ଆଧାରିତ ହେବ। ଏଥିରେ ନିବେଶକଙ୍କ ସ୍ୱତନ୍ତ୍ର କ୍ଲାଏଣ୍ଟ କୋଡ୍, ମୋବାଇଲର ଆଇଏମଇଆଇ ନମ୍ବର ଓ ସିମ୍ ଭେରିଫିକେସନ ଜରୁରୀ ହେବ। ଏହାପରେ ଯାଇ ନିବେଶକ ତାଙ୍କ ଡିମାଟ୍ ଆକାଉଣ୍ଟରେ ଲଗ୍ ଇନ୍ କରିବା ସହ ଟ୍ରେଡିଂ କରିପାରିବେ। ଏହା ଦ୍ୱାରା ସିମ୍ ମାଧ୍ୟମରେ ଠକେଇ ଓ ଡିମାଟ୍ ଆକାଉଣ୍ଟରେ ଅନଧିକୃତ ନେଣଦେଣ ରୋକିବାରେ ମଧ୍ୟ ସହାୟତା ମିଳିବ। ପ୍ରାରମ୍ଭରେ ଏହି ବ୍ୟବସ୍ଥାକୁ ୧୦ ମୁଖ୍ୟ ବ୍ରୋକର କମ୍ପାନୀଙ୍କ ଉପରେ ଲାଗୁ କରାଯିବ। ପ୍ରଥମେ ପ୍ରଥମେ ଏହା ବିକଳ୍ପ ଭାବେ ରହିବ ତେବେ ପରେ ନିବେଶକଙ୍କ ନିମନ୍ତେ ଏହାକୁ ବାଧ୍ୟତାମୂଳକ କରାଯିବ।

# ୟୁପିଆଇ ଜରିଆରେ ଉଠାଇହେବ ପିଏଫ୍ ଅର୍ଥ




**● ୩ ମାସ ମଧ୍ୟରେ ଆରମ୍ଭ ହେବ ବ୍ୟବସ୍ଥା**

**ନୂଆଦିଲ୍ଲୀ,୨୦।୨(ଏଜେନ୍ସି):** ଦେଶର କୋଟି କୋଟି କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ) ସଦସ୍ୟଙ୍କ ପାଇଁ ଖୁସି ଖବର। ଏଣିକି ସେମାନଙ୍କୁ ନିଜ ପିଏଫ୍ ଆକାଉଣ୍ଟରୁ ଟଙ୍କା ଉଠାଇବା ପାଇଁ ଅଧିକ ଚିନ୍ତା କରିବାକୁ ପଡ଼ିବ ନାହିଁ। କାରଣ ଇପିଏଫ୍‌ଓ ସଦସ୍ୟମାନେ ଆଗକୁ ୟୁପିଆଇ ମାଧ୍ୟମରେ ପିଏଫ୍ ଟଙ୍କା ଉଠାଇ ପାରିବେ। କେନ୍ଦ୍ର ସରକାର ସମ୍ପ୍ରତି ଏପରି ଏକ ବ୍ୟବସ୍ଥା ଉପରେ କାମ କରୁଛନ୍ତି ଯାହା, ଇପିଏଫ୍ ସଦସ୍ୟଙ୍କ ଦାବି ବା କ୍ଲେମ୍ ସମାଧାନ କରିବାରେ ସାହାଯ୍ୟ କରିବ। ୟୁପିଆଇ ପ୍ଲାଟଫର୍ମ ମାଧ୍ୟମରେ କ୍ଲେମ୍‌ର ପ୍ରକ୍ରିୟାକରଣ କରାଯାଇପାରିବ। ଏହା ସାହାଯ୍ୟରେ, ସହଜରେ ପାଣ୍ଠି ସ୍ଥାନାନ୍ତର କରାଯାଇପାରିବ। ଏକ ରିପୋର୍ଟ ଅନୁଯାୟୀ, ଇପିଏଫ୍‌ଓ ଏହି ଯୋଜନା ସମ୍ପର୍କରେ ଏକ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛି। ଆଗାମୀ ୨-୩ ମାସ ମଧ୍ୟରେ ୟୁପିଆଇ ପ୍ଲାଟଫର୍ମରେ ଏହାକୁ ଲାଗୁ କରିବା ପାଇଁ ନ୍ୟାସନାଲ ପେମେଣ୍ଟ କର୍ପୋରେସନ ଅଫ୍ ଇଣ୍ଡିଆ(ଏନ୍‌ପିସିଆଇ) ସହିତ ଆଲୋଚନା ଚାଲିଛି। ସୂତ୍ର ଅନୁସାରେ, ଇପିଏଫ୍‌ଓ ଏହାର ସଦସ୍ୟମାନଙ୍କ ସୁବିଧା ପାଇଁ ଏହି ପଦକ୍ଷେପ ନେଉଛି। ଇପିଏଫ୍ ୟୁପିଆଇ ସହିତ ସଂଯୁକ୍ତ ହେବା ସହିତ ଗ୍ରାହକମାନେ ଡିଜିଟାଲ୍ ୱାଲେଟ୍ ମାଧ୍ୟମରେ ସେମାନଙ୍କ ପିଏଫ୍ ଆକାଉଣ୍ଟରୁ ଟଙ୍କା ଉଠାଇପାରିବେ। କେନ୍ଦ୍ର ଶ୍ରମ ମନ୍ତ୍ରଣାଳୟ ଇପିଏଫ୍‌ଓର ଡିଜିଟାଲ ସିଷ୍ଟମକୁ ରୂପାନ୍ତରିତ କରିବା ପାଇଁ ବାଣିଜ୍ୟିକ ବ୍ୟାଙ୍କ ଏବଂ ଆର୍‌ବିଆଇ ସହିତ ମିଳିତ ଭାବରେ କାମ କରୁଛି। ଏହାର ଲକ୍ଷ୍ୟ ହେଉଛି ଟଙ୍କା ଉଠାଣ ପ୍ରକ୍ରିୟାକୁ ସରଳ କରିବା ଏବଂ ଉପଭୋକ୍ତା ଅଭିଜ୍ଞତାକୁ ଉନ୍ନତ କରିବା। ଏ ସମ୍ପର୍କରେ ବିଶେଷଜ୍ଞମାନେ କୁହନ୍ତି ଯେ ଏହି ସୁବିଧା ଦୁର୍ଗମ ଅଞ୍ଚଳରେ ରହୁଥିବା ଇପିଏଫ୍ ସଦସ୍ୟମାନଙ୍କ ପାଇଁ ବହୁତ ସୁବିଧାଜନକ ହେବ।

# ଦୁବାଇର 'ଗଲ୍ ଫୁଡ୍' ପ୍ରଦର୍ଶନୀ ମେଳାରେ ଭାରତ ମସଲା



**କଟକ, ୨୦।୨(ସମିସ)** : ବିଶ୍ୱର ବ୍ୟବସାୟିକ ପେଣ୍ଠସ୍ଥଳୀ ଉପସାଗରୀୟ ଦେଶ ୟୁନାଇଟେଡ ଆରବ ଏମିରଟ୍ସର ଦୁବାଇଠାରେ ଚାଲିଥିବା "ଗଲ୍ ଫୁଡ୍ «ର ୩୦ ତମ ସଂସ୍କରଣ କ୍ରେତା ବିକ୍ରେତା ପ୍ରଦର୍ଶନୀ ସମ୍ମିଳନୀରେ ନିଜର ଉପସ୍ଥିତିକୁ ଜାହିର କରିଛି ଭାରତ ମସଲା କମ୍ପାନୀ। ୧୭ ରୁ ୨୧ ତାରିଖ ପାଞ୍ଚ ଦିନ ଧରି ଚାଲିଥିବା ଏହି କ୍ରେତା ବିକ୍ରେତା ସମ୍ମିଳନୀରେ ବିଶ୍ୱର ପ୍ରାୟ ୧୨୯ଟି ଦେଶର ଶିଳ୍ପପତି ନିଜର ଉତ୍ପାଦିତ ସାମଗ୍ରୀକୁ ପ୍ରାୟ ୫ ହଜାର ୫୦୦ ଷ୍ଟଲରେ ପ୍ରଦର୍ଶିତ କରାଇଥିଲେ। ଭାରତରୁ ଅନେକ ପ୍ରତିଷ୍ଠିତ ଶିଳ୍ପପତି ଏଥିରେ ଅଂଶଗ୍ରହଣ କରିଥିଲାବେଳେ ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ନିଜର ଉତ୍ପାଦିତ ସାମଗ୍ରୀ କିପରି ବିଦେଶକୁ ଅଧିକରୁ ଅଧିକ ରପ୍ତାନୀ କରିହେବ ସେ ସଂକ୍ରାନ୍ତରେ ଅଂଶଗ୍ରହଣ କରିଥିବା ବ୍ୟବସାୟୀମାନଙ୍କ ସହ ଆଲୋଚନା କରିଥିଲେ। ବିଶେଷ କରି ବିଶ୍ୱର ଅନ୍ୟ ଦେଶ ସହ ବ୍ୟବସାୟକୁ ସମ୍ପ୍ରସାରିତ କରିବା କମ୍ପାନୀର ମୂଳ ଲକ୍ଷ୍ୟ ହୋଇଥିଲେ ମଧ୍ୟ ଭାରତକୁ ବିଦେଶୀ ମୁଦ୍ରା କିପରି ଅଧିକରୁ ଅଧିକ ଆସିବ ଏବଂ ଅର୍ଥନୀତି ସୁଦୃଢ଼ ହେବ କମ୍ପାନୀ ସେ ଦିଗ ପ୍ରତି ଧ୍ୟାନ ଦେଇଥିବା ପରିଚାଳନା ନିର୍ଦ୍ଦେଶକ ପଣ୍ଡା ଏହି ପ୍ରଦର୍ଶନୀରେ ଯୋଗଦେବା ଅବସରରେ କହିଛନ୍ତି। ଭାରତ ମସଲାର ଦୁବାଇ ବ୍ୟବସାୟର ରପ୍ତାନୀ ମୁଖ୍ୟ ରଶ୍ମିରଞ୍ଜନ ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଦୁବାଇ ଷ୍ଟକିଷ୍ଟ ଉମର ସର୍ଜ୍ଜନ୍‌ଙ୍କ ପ୍ରତ୍ୟେକ କର୍ମଚାରୀ ଏହି ସମ୍ମିଳନୀରେ କମ୍ପାନୀର ପ୍ରଚାର ପ୍ରସାରରେ ସହଯୋଗ କରିଥିଲେ।

# ବଢ଼ିଲା ମୁଖ୍ୟ ଆର୍ଥିକ ପରାମର୍ଶଦାତାଙ୍କ କାର୍ଯ୍ୟକାଳ



**୨୦୨୭ ଯାଏ କାର୍ଯ୍ୟ କରିବେ ଅନନ୍ତ ନାଗେଶ୍ୱରନ୍**

**ନୂଆଦିଲ୍ଲୀ,,୨୦।୨(ଏଜେନ୍ସି):** ଦେଶର ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା (ସିଇଏ) ଭି ଅନନ୍ତ ନାଗେଶ୍ୱରନଙ୍କ କାର୍ଯ୍ୟକାଳ ବୃଦ୍ଧି ହୋଇଛି। କେନ୍ଦ୍ର ସରକାର ତାଙ୍କର କାର୍ଯ୍ୟକାଳକୁ ୨୦୨୭ ମାର୍ଚ୍ଚ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ନିଯୁକ୍ତି କମିଟି ନାଗେଶ୍ୱରନଙ୍କ କାର୍ଯ୍ୟକାଳକୁ ଆଉ ୨ ବର୍ଷ ପର୍ଯ୍ୟନ୍ତ ବୃଦ୍ଧିକୁ ଅନୁମୋଦନ ଦେଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ଶ୍ରୀ ନାଗେଶ୍ୱରନ ୨୦୨୨ ଜାନୁଆରୀ ୨୮ ରେ ସିଇଏ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। ବିଭିନ୍ନ ଆର୍ଥିକ ନୀତି ଉପରେ ସରକାରଙ୍କୁ ପରାମର୍ଶ ଦେବା ଏବଂ କେନ୍ଦ୍ର ବଜେଟର ଗୋଟିଏ ଦିନ ପୂର୍ବରୁ ସଂସଦରେ ଉପସ୍ଥାପିତ ହେବାକୁ ଥିବା ଅର୍ଥନୈତିକ ସର୍ଭେର ଚିଠା ପ୍ରସ୍ତୁତ କରିବା ପାଇଁ ସିଇଏଙ୍କ କାର୍ଯ୍ୟାଳୟ ଉପୋ ବଡ଼ ଦାୟିତ୍ୱ ରହିଥାଏ। ସିଇଏ ଭାବରେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ନାଗେଶ୍ୱରନ୍ ଜଣେ ଲେଖକ, ଶିକ୍ଷକ ଏବଂ ପରାମର୍ଶଦାତା ଭାବରେ କାର୍ଯ୍ୟ କରିଛନ୍ତି। ସେ ୨୦୧୯ ରୁ ୨୦୨୧ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦର ଅଂଶକାଳୀନ ସଦସ୍ୟ ମଧ୍ୟ ରହିସାରିଛନ୍ତି। ଏହାସହିତ, ସେ ଭାରତ ଏବଂ ସିଙ୍ଗାପୁରର ଅନେକ ବ୍ୟବସାୟିକ ବିଦ୍ୟାଳୟ ଏବଂ ପରିଚାଳନା ପ୍ରତିଷ୍ଠାନରେ ପାଠପଢ଼ା କରିଛନ୍ତି ଏବଂ ବ୍ୟାପକ ଭାବରେ ଲେଖା ପ୍ରକାଶ କରିଛନ୍ତି।

# ଭାରତରେ ଟେସ୍‌ଲାର ପ୍ରବେଶକୁ ରୋକୁଛନ୍ତି ଟ୍ରମ୍ପ୍

ୱାଶିଂଟନ୍,୨୦।୨(ଏଜେନ୍ସି):

**● କାରଖାନା ସ୍ଥାପନକୁ ଟ୍ରମ୍ପ ବିରୋଧ କରୁଛନ୍ତି**

**● ଭାରତରେ ଟେସ୍‌ଲା କାରଖାନା ପ୍ରତିଷ୍ଠା ଆମେରିକୀୟ ସ୍ୱାର୍ଥକୁ କ୍ଷତି ପହଞ୍ଚାଉଛି: ଟ୍ରମ୍ପ୍**




ଆମେରିକାରେ ବୈଦ୍ୟୁତିକ ଯାନ(ଇଭି)ର ରାଜା ଟେସ୍‌ଲା ଭାରତରେ ପ୍ରବେଶ କରିବାକୁ ଚାହୁଁଛି। ଏପରିକି ଟେସ୍‌ଲା ଭାରତରେ ଏକ କାରଖାନା ସ୍ଥାପନ କରିବା ପାଇଁ କର୍ମଚାରୀ ନିଯୁକ୍ତି କରିବା ଆରମ୍ଭ କରୁଛି। କିନ୍ତୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚାହାଁନ୍ତିନାହିଁ ଯେ ଟେସଲା ଭାରତରେ ଏକ କାରଖାନା ସ୍ଥାପନ କରୁ। ସେ କହିଛନ୍ତି ଯେ ଭାରତରେ ଟେସଲାର କାରଖାନା ପ୍ରତିଷ୍ଠା ଯୋଜନା 'ଅତି ଅନୁପଯୁକ୍ତ' ହେବ। ଏକ ସାକ୍ଷାତକାରରେ ଟ୍ରମ୍ପଙ୍କ ଏହି ବିବୃତ୍ତି ଆସିଛି। ଏଥିରେ ବିଶେଷ କଥା ହେଉଛି ଯେତେବେଳେ ଟ୍ରମ୍ପ ଏହି ବୟାନ ଦେଇଥିଲେ, ସେତେବେଳେ ଏଲନ୍ ମସ୍କ ମଧ୍ୟ ତାଙ୍କ ସହିତ ଉପସ୍ଥିତ ଥିଲେ। ଟ୍ରମ୍ପ ବିଶ୍ୱାସ କରନ୍ତି ଯେ ମସ୍କଙ୍କ ପାଇଁ ଭାରତରେ କାର ବିକ୍ରି କରିବା ଅସମ୍ଭବ। ତେଣୁ ଏଥିରୁ ସ୍ପଷ୍ଟ ଅନୁମେୟ ହେଉଛି ଯେ, ବର୍ତ୍ତମାନ ପରିସ୍ଥିତିରେ ଭାରତରେ ଟେସ୍‌ଲାର ପ୍ରବେଶକୁ ଟ୍ରମ୍ପ୍ ହିଁ ରୋକୁଛନ୍ତି। ଯେତେବେଳେ ପ୍ରଧାନମନ୍ତ୍ରୀ ମୋଦି ଆମେରିକା ଗସ୍ତ କରିଥିଲେ, ଏଲନ୍ ମସ୍କ ତାଙ୍କୁ ଭେଟିଥିଲେ। ଏହି ବୈଠକର ଗୋଟିଏ ସପ୍ତାହ ମଧ୍ୟରେ ଟେସଲା ଭାରତରେ ନିଯୁକ୍ତି ଆରମ୍ଭ କରିଥିଲା। ଟ୍ରମ୍ପ ଶୋ' ସମୟରେ କହିଥିଲେ ଯେ ଭାରତ କାର ଉପରେ ଉଚ୍ଚ ଶୁଳ୍କ ଲଗାଉଛି। ଏହା ୧୦୦ ପ୍ରତିଶତ ପର୍ଯ୍ୟନ୍ତ ବଢ଼ିଯାଇଛି, ଯାହା କାରଗୁଡ଼ିକର ମୂଲ୍ୟକୁ ଦ୍ୱିଗୁଣିତ କରିଦେଉଛି। ସେ ମନେ ପକାଇ ଦେଇଥିଲେ ଯେ ଗତ ସପ୍ତାହରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଆମେରିକା ଗସ୍ତ ସମୟରେ ସେ ଏହି ପ୍ରସଙ୍ଗ ଉଠାଇଥିଲେ। ତଥାପି, ଉଭୟ ଦେଶ ଶୁଳ୍କ ଉପରେ ଚାଲିଥିବା ବିବାଦର ସମାଧାନ କରିବାକୁ ଏବଂ ଏକ ବାଣିଜ୍ୟ ଚୁକ୍ତି କରିବାକୁ ରାଜି ହୋଇଛନ୍ତି। ଟ୍ରମ୍ପ କହିଛନ୍ତି ଯେ ଯଦି ଟେସଲା ଭାରତରେ ଏକ କାରଖାନା ସ୍ଥାପନ କରେ ତେବେ ଏହା ଭାରତୀୟ ଶୁଳ୍କକୁ ଏଡାଇ ଯାଇପାରିବ, କିନ୍ତୁ ଏହା ଆମେରିକା ପ୍ରତି 'ଅନ୍ୟାୟ' ହେବ। ଏହା ଉଲ୍ଲେଖନୀୟ ଯେ ମସ୍କ ଦୀର୍ଘ ଦିନ ଧରି ଭାରତର ଉଚ୍ଚ ଶୁଳ୍କକୁ ବିରୋଧ କରିଆସୁଛନ୍ତି। ମସ୍କଙ୍କ ଯୁକ୍ତି ହେଉଛି ଉଚ୍ଚ ଶୁଳ୍କ ଲାଗୁ ଜରିଆରେ ଭାରତ ଟାଟା ମୋଟର୍ସ ଭଳି ଘରୋଇ ନିର୍ମାତାଙ୍କୁ ସୁରକ୍ଷା ଦେଉଛି। ଟ୍ରମ୍ପ କହିଛନ୍ତି, ମସ୍କଙ୍କ ପାଇଁ ଭାରତରେ କାର ବିକ୍ରି କରିବା 'ଅସମ୍ଭବ'। ବିଶ୍ୱର ପ୍ରତ୍ୟେକ ଦେଶ ଆମଠାରୁ ଫାଇଦା ଉଠାନ୍ତି ଏବଂ ସେମାନେ ଏହା ଶୁଳ୍କ ଲାଗୁ ମାଧ୍ୟମରେ କରନ୍ତି। ଉଦାହରଣ ସ୍ୱରୂପ, ଭାରତରେ କାର୍ ବିକ୍ରି କରିବା ବାସ୍ତବରେ ଅସମ୍ଭବ। ଏବେ ଯଦି ମସ୍କ ଭାରତରେ ଏକ କାରଖାନା ନିର୍ମାଣ କରନ୍ତି, ତେବେ ଏହା ଠିକ୍ ଅଛି, କିନ୍ତୁ ଏହା ଆମ ପ୍ରତି ବହୁତ ଅନ୍ୟାୟ। ପ୍ରକୃତରେ ଭାରତ ଏକ ବଡ଼ ବଜାର। ଯଦି କୌଣସି ଦେଶ ଏଠାରେ ସାମଗ୍ରୀ ବିକ୍ରି କରେ ତେବେ ସେ ପ୍ରଚୁର ଲାଭ ପାଇବ। ଯଦି ସେଠାରେ ଏକ କାରଖାନା ପ୍ରତିଷ୍ଠା ହୁଏ, ତେବେ ଭାରତ ଏଥିରୁ ଲାଭ ପାଇବ। ଟ୍ରମ୍ପଙ୍କ ବକ୍ତବ୍ୟରୁ ଏହା ଜଣାପଡୁଛି ଯେ ସେ ଚାହୁଁଛନ୍ତି ଯେ ଭାରତ ଟିକସ ହ୍ରାସ କରୁ ଏବଂ ଆମେରିକୀୟ ସାମଗ୍ରୀ ସହଜରେ ଭାରତୀୟ ବଜାରରେ ପ୍ରବେଶ କରୁ। ଭାରତ ସରକାର ମାର୍ଚ୍ଚ ମାସରେ ନୂତନ ଇଭି ନୀତି ଉନ୍ମୋଚନ କରିଥିଲେ। ଏଡି ଅନୁଯାୟୀ, ଯଦି କୌଣସି କାର ନିର୍ମାତା ଅତି କମ୍‌ରେ ଭାରତରେ ୫୦୦ ଡଲାର ନିୟୁତ ନିବେଶ କରନ୍ତି ଏବଂ ଏକ କାରଖାନା ସ୍ଥାପନ କରନ୍ତି, ତେବେ ତାଙ୍କ ପାଇଁ ଆମଦାନୀ ଶୁଳ୍କ ୧୫ ପ୍ରତିଶତକୁ ହ୍ରାସ କରାଯାଇପାରିବ। ହ୍ୱାଇଟ୍ ହାଉସ୍‌ର ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଭାରତ ଆମେରିକୀୟ ମୋଟର ସାଇକେଲ ଉପରେ ୧୦୦ ପ୍ରତିଶତ ଶୁଳ୍କ ଲାଗୁ କରେ, ଯେତେବେଳେ କି ଆମେରିକା ଭାରତୀୟ ମୋଟରସାଇକେଲ ଉପରେ କେବଳ ୨.୪% ଶୁଳ୍କ ଲଗାଏ। ଏହି ମିଳିତ ସାକ୍ଷାତକାରରେ ଡୋନାଲ୍ଡ ଟ୍ରମ୍ପ ଏବଂ ମସ୍କ ଉଭୟ ପରସ୍ପରକୁ ପ୍ରଶଂସା କରିବା ସହ ସେମାନଙ୍କୁ ଅଲଗା କରିବା ପାଇଁ ଗଣମାଧ୍ୟମର ପ୍ରୟାସକୁ ମଧ୍ୟ ପ୍ରତ୍ୟାଖ୍ୟାନ କରିଥିଲେ। ଟ୍ରମ୍ପ ସ୍ୱୀକାର କରିଛନ୍ତି ଯେ ସେ ବର୍ତ୍ତମାନ ମସ୍କଙ୍କୁ ଜାଣିଛନ୍ତି।




# ୬ ବର୍ଷ ପରେ ଏକାଠି ବାବୁସାନ-ଅର୍ଚ୍ଚିତା

ଚଳିତ ରଜ ଅବସରରେ ବାବୁସାନ ଫିଲ୍ମସ୍ ନିବେଦିତ ନୂଆ ଓଡ଼ିଆ ସିନେମା 'ବୋଉ ବୁଟୁ ଭୂତ' ଆସିବାକୁ ଯାଉଛି। ଏହି ସିନେମାର ମୁଖ୍ୟ ଭୂମିକାରେ ନଜର ଆସିବେ ବାବୁସାନ ଏବଂ ଅର୍ଚ୍ଚିତା। ଦୀର୍ଘ ୬ ବର୍ଷ ପରେ ପୁଣି ଥରେ ଏହି ଯୋଡ଼ିକୁ ଦର୍ଶକେ ପରଦାରେ ଦେଖିବାକୁ ପାଇବେ। ଏ ନେଇ ଉଭୟଙ୍କ ପ୍ରଶଂସକ ଖୁବ୍ ଉତ୍ସାହିତ ଅଛନ୍ତି। ପୂର୍ବରୁ 'ଲୋଫର୍', 'ଚକ୍‌ଲେଟ୍', 'ଅଜବ ସଞ୍ଜୁର ଗଜବ ଲଭ୍', 'ଥୁକୁଲ୍' ଆଦି ସିନେମାରେ ବାବୁସାନ ଏବଂ ଅର୍ଚ୍ଚିତାଙ୍କ ଯୋଡ଼ିକୁ ଦର୍ଶକୀୟ ଆଦୃତି ମିଳିଥିଲା। ସେହି ସମାନ ଭଲପାଇବା ଏହି ସିନେମାରେ ମିଳିବା ନେଇ ଆଶା କରାଯାଉଛି। ଅନ୍ୟପଟେ ବର୍ଷୀୟାନ ଅଭିନେତ୍ରୀ ତଥା ବାବୁସାନଙ୍କ ମା' ଅପରାଜିତା ମହାନ୍ତି ମଧ୍ୟ ଏହି ସିନେମାରେ ଏକ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ଅଭିନୟ କରୁଛନ୍ତି। ସିନେମାର ନିର୍ଦ୍ଦେଶନାରେ ଜଗଦୀଶ ମିଶ୍ର ଥିବା ବେଳେ ପ୍ରଯୋଜନାରେ ଅଛନ୍ତି ବାବୁସାନଙ୍କ ପତ୍ନୀ ତୃପ୍ତି ଶତପଥୀ। ଏହାର କାହାଣୀ ଓ ଚିତ୍ରନାଟ୍ୟରେ ଅଛନ୍ତି ମହମ୍ମଦ ଇମରାନ। ସିନେମାର ସଂଗୀତରେ ଅଛନ୍ତି ଗୌରବ ଆନନ୍ଦ। ସିନେମା ସଂଳାପ ରଚନା କରିଛନ୍ତି ପ୍ରଣବ ପ୍ରସନ୍ନ ରଥ।



# ବ୍ୟୟ ବହୁଳ 'ଡଷ୍ଟବିନ୍'

'ଦମନ', 'ପାବାର' ଓ 'କର୍ମ' ସିନେମାର ସଫଳତାକୁ ଦେଖି ନୂଆ ପ୍ରଯୋଜକମାନେ ବ୍ୟୟବହୁଳ ଚଳଚ୍ଚିତ୍ର ନିର୍ମାଣ ପାଇଁ ଉତ୍ସାହିତ ହେଲେଣି। ଏହି ଧାରାରେ ଖୁବ୍‌ଶୀଘ୍ର ଆସିବାକୁ ଯାଉଛି ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଡଷ୍ଟବିନ୍'। କେ. କେ. ସାହୁଙ୍କ ପ୍ରଯୋଜିତ ଏହି ସିନେମାର ନିର୍ଦ୍ଦେଶନା ଦେଇଛନ୍ତି ପପୁ ପମ୍ ପମ୍। ଚଳଚ୍ଚିତ୍ରକୁ ସର୍ବାଙ୍ଗ ସୁନ୍ଦର କରିବାକୁ ଉଭୟ ଚେଷ୍ଟା କରିଛନ୍ତି। ତେଣୁ କୌଣସିଥିରେ ବି ଊଣା କରାଯାଇ ନାହିଁ। ସୋନି ଭ୍ୟାନିସ୍ କ୍ୟାମେରାରେ ଏହାର ଦୃଶ୍ୟଗ୍ରହଣ କରାଯାଇଛି, ଯାହାର ଦିନକୁ ଭଡ଼ା ହେଉଛି ପଚିଶ ହଜାର ଟଙ୍କା। କେବଳ ସେତିକି ନୁହେଁ, ଭାନିଟି ଭ୍ୟାନର ଉପଯୋଗ, ନାମୀଦାମୀ ତାରକାଙ୍କ ଉପସ୍ଥିତି, ଅତ୍ୟାଧୁନିକ ଲାଇଟ୍‌ର ବ୍ୟବହାର, ଦୁଇଟି ୟୁନିଟ୍ ଓ ଦୁଇଟି ସିଫ୍ଟରେ ସୁଟିଂ କାମ ଚାଲିଛି। କେବଳ ସେତିକି ନୁହେଁ, ବ୍ୟୟବହୁଳ ଲୋକେସନ୍ ଓ ଗୀତ ଦୃଶ୍ୟ ଚଳଚ୍ଚିତ୍ରର ବଜେଟ୍‌କୁ ଦ୍ୱିଗୁଣିତ କରିଛି। ଏହି ଚଳଚ୍ଚିତ୍ରରେ ପ୍ରମୁଖ ଚରିତ୍ରରେ ଅଭିନୟ କରୁଥିବା ସୁକୁମାର ଟୁଡୁ ମୁମ୍ବାଇରୁ ଆସିଥିବା ବେଳେ ନାୟିକା ପ୍ରାଚୀ ହେଉଛନ୍ତି ସାଉଥ୍‌ର। ଏହାର ବଜେଟ୍ ୧ କୋଟି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।



# ଚାରିଦିନରେ ୧୪୦ କୋଟି

ଭିକି କୌଶଲ ଏବଂ ରଶ୍ମିକା ମନ୍ଦାନାଙ୍କ ଅଭିନୀତ ସିନେମା 'ଛାବା' ରିଲିଜ୍ ହୋଇସାରିଛି। ସିନେମାଟିକୁ ଦର୍ଶକୀୟ ଆଦୃତି ମିଳିପାରିଛି ଏବଂ ବକ୍ସ ଅଫିସ୍‌ରେ ଭଲ ଆୟ ମଧ୍ୟ କରିଛି। ତା'ସହ ପାଞ୍ଚଟି ସିନେମାକୁ ଏହା ପଛରେ ପକାଇଛି। ତେବେ ରିଲିଜ୍‌ର ଚାରିଦିନରେ ଏହା ୧୪୦ କୋଟି ଟଙ୍କା ଆୟ କରିଛି। ଯାହାକି ସିନେମାର ନିର୍ମାଣ ଖର୍ଚ୍ଚ ଉଠାଇବାରେ ସଫଳ ହୋଇଛି। ସିନେମାଟି ୧୩୦ କୋଟି ଟଙ୍କାରେ ନିର୍ମାଣ କରାଯାଇଛି। ଏହି ଐତିହାସିକ ଫିଲ୍ମ 'ଭୁଲ୍ ଭୁଲୈୟା-୩', 'ସିଂଘମ୍ ଏଗେନ୍' ଏବଂ 'କଲ୍‌କି ୨୮୯୮ଏଡି'ର ରେକର୍ଡକୁ ପଛରେ ପକାଇଛି। ତେବେ ଫିଲ୍ମଟିର ବକ୍ସ ଅଫିସ୍ ଆୟକୁ ଦେଖି ଅନୁମାନ କରାଯାଉଛି, ଏହା ଆଉ କିଛିଦିନ ମଧ୍ୟରେ ୨୦୦ କୋଟି ପାର୍ କରିବ। ଅବଶ୍ୟ ଫିଲ୍ମର ଏହି ସଫଳତାକୁ ଦେଖି ଏବେ ସମସ୍ତଙ୍କ ନଜର ଏହାର ବକ୍ସ ଅଫିସ୍ ଆୟ ଉପରେ ରହିଛି।

# ଅଲ୍ଲୁ-ଜାହ୍ନବୀ ଯୋଡ଼ି

'ଜବାନ୍' ଫିଲ୍ମର ନିର୍ଦ୍ଦେଶକ ଏଟ୍‌ଲିଙ୍କ ଆଗାମୀ ସିନେମାରେ ଅଲ୍ଲୁ ଅର୍ଜୁନ ସାମିଲ ହେବା ନେଇ ଚର୍ଚ୍ଚାରେ ହେଉଛି। ଅବଶ୍ୟ ନିଜେ ଅଲ୍ଲୁ ଏଟ୍‌ଲିଙ୍କ ସିନେମାରେ କାମ କରିବା ଲାଗି ଆଗ୍ରହ ପ୍ରକାଶ କରିଥିଲେ। ସେହିପରି ଏଟ୍‌ଲିଙ୍କ ଆଗାମୀ ନୂଆ ସିନେମାରେ ଅଲ୍ଲୁଙ୍କୁ ଭିନ୍ନ ଏକ ରୂପରେ ଦେଖିବାକୁ ମିଳିବ। ତେବେ ଏବେ ଏଟ୍‌ଲିଙ୍କ ଆଗାମୀ ସିନେମାରେ ସାମିଲ ହେବେ ଲୋକପ୍ରିୟ ଅଭିନେତ୍ରୀ ଜାହ୍ନବୀ କପୁର। କେବଳ ସେତିକି ନୁହେଁ, ଏହି ସିନେମା ମାଧ୍ୟମରେ ପ୍ରଥମଥର ପାଇଁ ଜାହ୍ନବୀ ଏବଂ ଅଲ୍ଲୁଙ୍କୁ ଏକାଠି ଦେଖିବାକୁ ମିଳିବ। ମୁଖ୍ୟ ଚରିତ୍ରରେ ଅଭିନୟ କରିବା ପାଇଁ ଜାହ୍ନବୀଙ୍କ ସହ ଆଲୋଚନା ହୋଇଥିବା ଜଣାପଡ଼ିଛି। ସେହିପରି ଜାହ୍ନବୀ ମଧ୍ୟ ସିନେମା ପାଇଁ ଆଗ୍ରହ ପ୍ରକାଶ କରିଥିବା ଜଣାପଡ଼ିଛି। ତେବେ ବିଧିବଦ୍ଧ ଭାବେ ଏହାକୁ ନେଇ କିଛି ଖବର ସାମ୍ନାକୁ ଆସି ନାହିଁ।



# ୨୭ରେ 'ସିକନ୍ଦର'



ସଲ୍‌ମାନ ଖାନ୍‌ଙ୍କ ବହୁ ପ୍ରତୀକ୍ଷିତ ସିନେମା 'ସିକନ୍ଦର'ର ରିଲିଜ୍ ପୂର୍ବରୁ ଏହାର ପୋଷ୍ଟର ସାମ୍ନାକୁ ଆସିଛି। ନୂଆ ପୋଷ୍ଟର ସାମ୍ନାକୁ ଆସିବା ପରେ ସଲ୍‌ମାନଙ୍କ ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଛି। ତା'ସହ ଏହାର ରିଲିଜ୍ ତାରିଖ ଘୋଷଣା କରାଯାଇଛି। ସିନେମାଟି ଆସନ୍ତା ୨୭ରେ ରିଲିଜ୍ ହେବ। ପୋଷ୍ଟର୍‌ରେ ସଲମାନଙ୍କ ଆଖିରେ ରାଗ ଦେଖିବାକୁ ମିଳୁଛି। ସାଜିଦ୍‌ଙ୍କ ପ୍ରଯୋଜିତ ଏହି ସିନେମାର ପୋଷ୍ଟର ତାଙ୍କ ଜନ୍ମଦିନରେ ରିଲିଜ୍ କରାଯାଇଛି। ଏହାକୁ ତାଙ୍କ ଜନ୍ମଦିନର ଉପହାର ଭାବେ ଭେଟି ଦିଆଯାଇଛି। ଅନ୍ୟପଟେ ଏହି ସିନେମାରେ ସଲ୍‌ମାନଙ୍କ ସହିତ ରଶ୍ମିକା ନଜର ଆସିବେ।



# "ଭିନ୍ନ ଭିନ୍ନ ଚରିତ୍ର ମୋତେ ଭଲଲାଗେ"

## ବିଭାସ, ଅଭିନେତା

ମଞ୍ଚ ନାଟକରୁ ଚଳଚ୍ଚିତ୍ରରେ ପ୍ରବେଶ କରିଥିବା ଅଭିନେତା ହେଉଛନ୍ତି କେନ୍ଦୁଝରର ବିଭାସ। ଏବେ ସୁଦ୍ଧା ସେ ୧୩ରୁ ଅଧିକ ଓଡ଼ିଆ ସିନେମାରେ ଅଭିନୟ କରିସାରିଛନ୍ତି। ହେଲେ ଫିଲ୍ମ 'ଚନ୍ଦ୍ରବଂଶୀ'ରେ ଖଳନାୟକ ଭୂମିକା ତାଙ୍କ କ୍ୟାରିୟର୍ ପାଇଁ ଏକ ଟର୍ଣ୍ଣିଂ ପଏଣ୍ଟ ଥିଲା। ଫିଲ୍ମ 'ଘମାଘୋଟ' କି 'ମିଶିରି' ସମସ୍ତ ଫିଲ୍ମରେ ସେ ସର୍ବଦା ନୂଆ ନୂଆ ଚରିତ୍ର ଓ ବେଶଭୂଷାରେ ନଜର ଆସନ୍ତି। ଚମତ୍କାର ଅଭିନୟରେ ଦର୍ଶକଙ୍କ ମନ ଜିଣୁଥିବା ବିଭାସଙ୍କ ମୁହଁରୁ ଜାଣିବା ତାଙ୍କ ସଂଘର୍ଷର କାହାଣୀ।

**ମଞ୍ଚ ଅଭିନେତାରୁ ଓଲିଉଡ୍‌କୁ ଯାତ୍ରା କିପରି ଥିଲା?**

● ପିଲାଦିନୁ ଅଭିନୟ ପ୍ରତି ମୋର ଦୁର୍ବଳତା ରହିଥିଲା। ତେଣୁ ପଢ଼ା ସହିତ ଅଜିତ ଦାସଙ୍କ 'ଅଜିତ୍ ନାଟ୍ୟ ସଂସ୍ଥା'ରୁ ଅଭିନୟ ପାଇଁ ତାଲିମ ନେଉଥିଲି। ତାଙ୍କ ମାର୍ଗଦର୍ଶନରେ ନ୍ୟାସନାଲ୍ ସ୍କୁଲ ଅଫ୍ ଡ୍ରାମାଠୁ ନେଇ ରାଜ୍ୟ ବାହାରେ ବିଭିନ୍ନ ମଞ୍ଚରେ ଅଭିନୟ କରିବାକୁ ସୁଯୋଗ ପାଇଛି। ଭଲ ଅଭିନୟ କରିବାକୁ ତାଙ୍କଠୁ ମାଡ଼ ବି ଖାଇଛି। ତେଣୁ ମଞ୍ଚରେ ମୋର ଦୀର୍ଘବର୍ଷର ଅଭିଜ୍ଞତାକୁ ନେଇ ଫିଲ୍ମ ଲାଇନ୍‌କୁ ଆସିବାକୁ ମନ ବଳାଇଥିଲି। 'ଉଇ ଆର୍ ଇନ୍ ଲଭ୍' ଥିଲା ମୋର ପ୍ରଥମ ଫିଲ୍ମ। 'ମନର ମାନସୀ', 'ଚନ୍ଦ୍ରବଂଶୀ' 'ଏ ଦିଲ୍ ତତେ ଦେଲି', 'ଲାଲପାନ ବିବି', 'ଜଙ୍ଗଲ ରାଜ' 'ଘମାଘୋଟ', 'ମିଶିରି' ଆଦି ୧୩ରୁ ଅଧିକ ଫିଲ୍ମରେ କାମ କରିବାର ସୁଯୋଗ ପାଇଛି।

**ପ୍ରଥମ ସୁଟିଂ ସମୟର ଅନୁଭୂତି?**

● ଡ୍ରାମାରେ ଗୀତ ମାଧ୍ୟମରେ ଆମେ ଅଭିନୟ କରୁଥିଲୁ। ଷ୍ଟ୍ରିଟ୍ ପ୍ଲେଠାରୁ ମଞ୍ଚ ସବୁଠି ଅଭିନୟ ପାଇଁ ପାଦ କେମିତି ରହିବ, ନଜର କେମିତି ହେବ, ସଂଳାପ ଉଚ୍ଚାରଣ ଶୈଳୀଠୁ ନେଇ ପୋଷାକ ପିନ୍ଧିବା ପର୍ଯ୍ୟନ୍ତ ସବୁଥିରେ ପରଫେକ୍ଟ ରହିବାକୁ ତାଲିମ ନେଇଛୁ। ଆମେ ମାଡ଼ଗାଳି ଖାଇ ନିଜକୁ ସଜାଡ଼ିଛୁ। ମଞ୍ଚରେ ସମସ୍ତ ପ୍ରକାର ଚରିତ୍ରରେ କାମ କରିସାରିଥିବା ଯୋଗୁଁ ଆରମ୍ଭରୁ ଫିଲ୍ମ ସୁଟିଂ ସମୟରେ ବିଶେଷ ଅସୁବିଧା ହୋଇନଥିଲା। ମୋ ମତରେ ମଞ୍ଚ ହେଉ କି ସୁଟିଂ ସେଟ୍, ଅଭିନୟ ସର୍ବଦା ଜୀବନ୍ତ ହେବା ଦରକାର।

**ଶୁଣିବାକୁ ମିଳେ, ଆପଣ ନିଜ ନାଁ ବଦଳାଇଛନ୍ତି।**

● ହଁ, ଠିକ୍। ପ୍ରଥମତଃ ମୋ ନାଁ ବିଶ୍ୱଜିତ ରାଉତ ଥିଲା। ହେଲେ ଫିଲ୍ମ ସୁଟିଂ ସମୟରେ ବିଭିନ୍ନ ସମସ୍ୟା ଯୋଗୁଁ ମୋତେ ନାଁ ପରିବର୍ତ୍ତନ କରିବାକୁ ଫିଲ୍ମ ପ୍ରଯୋଜକ ପ୍ରସ୍ତାବ ଦେଇଥିଲେ। ତାଙ୍କ ପରାମର୍ଶ ଅନୁଯାୟୀ ମୁଁ ଦକ୍ଷିଣ ଫିଲ୍ମ ଇଣ୍ଡଷ୍ଟ୍ରିର 'ପ୍ରଭାସ'ଙ୍କ ନାଁ ଅନୁସାରେ ମୋ ପ୍ରକୃତ ନାଁ ଓ ଡାକ ନାଁକୁ ମିଶାଇ ବିଭାସ ରଖିଥିଲି। ଏହି ନାଁ ମୋତେ ଅଭିନୟ ଜଗତରେ ସ୍ୱତନ୍ତ୍ର ପରିଚୟ ଦେଇଛି।

**ନାୟକରୁ ହଠାତ୍ ଖଳନାୟକ କାହିଁକି ସାଜିଲେ?**

● ୨୦୧୯ ମସିହା ପର୍ଯ୍ୟନ୍ତ ଯେଉଁ ଚରିତ୍ରର ଅଫର୍ ଆସୁଥିଲା, ମୁଁ କରିଛି। ହେଲେ କରୋନା ପରେ ନିଜ ଭିତରେ କିଛି ପରିବର୍ତ୍ତନ ଆଣିଥିଲି। ଭିନ୍ନ ଭିନ୍ନ ଚରିତ୍ରକୁ ଗୁରୁତ୍ୱ ଦେଇଥିଲି। ନାୟକ ଆଉ ଖଳନାୟକ ଉଭୟ କାହାଣୀର ମୁଖ୍ୟ ଚରିତ୍ର। ଖଳନାୟକରୁ ବି ବହୁତ କିଛି କଥା ଶିଖିବାକୁ ମିଳୁଥିବାରୁ ଫିଲ୍ମ 'ଚନ୍ଦ୍ରବଂଶୀ'ରେ ନିର୍ମାତାଙ୍କ ପରାମର୍ଶରେ ମୁଁ ଖଳନାୟକ ଚରିତ୍ରକୁ ସଠିକ୍ ଢଙ୍ଗରେ ତୁଲାଇଥିଲି। ଏହି ଫିଲ୍ମରେ କମ୍ ସମୟର ସଂଳାପ ଥାଇ ବି ମୋ ଗେଟ୍‌ଅପ୍ ଆଉ ଲୁକ୍ ଦର୍ଶକଙ୍କୁ ଅଧିକ ପସନ୍ଦ ଆସିଥିଲା। 'ଚନ୍ଦ୍ରବଂଶୀ'ର ଖଳନାୟକ ଚରିତ୍ର ମୋ କ୍ୟାରିୟର୍ ପାଇଁ ଏକ ଟର୍ଣ୍ଣିଂ ପଏଣ୍ଟ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହାପରେ 'ମିଶିରି' ଫିଲ୍ମକୁ ମଧ୍ୟ ଦର୍ଶକ ଗ୍ରହଣ କରିଛନ୍ତି।

**● ଏବେ କ'ଣ ଚାଲିଛି?**

ଏବେ ସୁଟିଂ, ପ୍ରମୋସନ, ଇଭେଣ୍ଟ, ଘରକାମରେ ଅଧିକ ସମୟ ବିତୁଛି। ଏହାବାଦ୍ ନିଜ ଦକ୍ଷତାକୁ ପ୍ରତିବାଦନ କରିବାକୁ ନୂଆ ନୂଆ କଥା ଜାଣିବା ସହ ମୋର କିଛିଜଣ ଘନିଷ୍ଠ ବନ୍ଧୁଙ୍କ ସହ ନୂଆ ନୂଆ କଣ୍ଟେଣ୍ଟ ବିଷୟରେ ଆଲୋଚନା କରେ।

**● ଆଗକୁ ଦର୍ଶକଙ୍କ ପାଇଁ କିଛି ସରପ୍ରାଇଜ୍ ଅଛି କି?**

'ଲଢ଼େଇ' ଓ 'ଜୟହିନ୍ଦ୍' ଉଭୟ ଫିଲ୍ମରେ ଦର୍ଶକ ମୋତେ ଖଳନାୟକ ଭାବେ ଦେଖିବାକୁ ପାଇବେ।



# ପରଦା ପଛର କାହାଣୀ

## ଫିଲ୍ମ ରିଲିଜ୍ ପୂର୍ବରୁ ଅଭିନେତ୍ରୀଙ୍କୁ ଲୁଚାଇ ରଖିଥିଲେ

ନିର୍ଦ୍ଦେଶକ ତଥା ପ୍ରଯୋଜକ ବିଧୁ ବିନୋଦ ଚୋପ୍ରା ବଲିଉଡ୍‌କୁ ବହୁ ସୁପର୍‌ହିଟ୍ ଫିଲ୍ମ ଭେଟି ଦେଇଛନ୍ତି। ସେଥିମଧ୍ୟରୁ ୧୯୯୮ ମସିହାରେ ରିଲିଜ୍ ହୋଇଥିବା ବବି ଦେଓଲ୍‌ଙ୍କ 'କରୀବ୍' ଅନ୍ୟତମ। ସେତେବେଳେ ଏହି ରୋମାଣ୍ଟିକ ଫିଲ୍ମଟି ବେଶ୍ ଦର୍ଶକଙ୍କ ପ୍ରଶଂସା ସାଉଁଟିଥିଲା। ନିକଟରେ ନିର୍ଦ୍ଦେଶକ ଏହି ଫିଲ୍ମକୁ ନେଇ ଏକ ରୋଚକୀୟ ଘଟଣା ସେୟାର୍ କରିଛନ୍ତି। ସିଦ୍ଧାର୍ଥ କନନଙ୍କ ସହ ଫିଲ୍ମ 'କରୀବ'କୁ ନେଇ ବାର୍ତ୍ତାଳାପ କରିବା ସମୟରେ ସିଦ୍ଧାର୍ଥ ପି ମଲହୋତ୍ରା କହିଛନ୍ତି ଯେ, ଫିଲ୍ମଟି ରିଲିଜ୍ ପୂର୍ବରୁ ବିଧୁ ଅଭିନେତ୍ରୀ ସବାନାଙ୍କୁ ଆଢୁଆଳରେ ରଖିବାକୁ ଚାହୁଁଥିଲେ। ଏଥିପାଇଁ ଶବାନାଙ୍କୁ ବାନ୍ଦ୍ରାର ଏକ ଆପାର୍ଟମେଣ୍ଟରେ ଲୁଚାଇ ରଖାଯାଇଥିଲା। ସେ ଚାହୁଁଥିଲେ ଯେ, ଶବାନାଙ୍କ ପର୍‌ଫର୍‌ମାନ୍ସରେ ମଧୁବାଲାଙ୍କ ଭଳି ଚମତ୍କାର ପ୍ରଦର୍ଶନ ହେଉ। ସବାନାଙ୍କୁ ଲୋକମାନଙ୍କ ଦୃଷ୍ଟିରୁ ଦୂରେଇ ରଖିବାର ଦାୟିତ୍ୱ ତାଙ୍କୁ ହିଁ ଦିଆଯାଇଥିଲା। ସେହିପରି ୨୦୦୮ ମସିହାରେ ଅଭିନେତ୍ରୀ ଶବାନା 'କରୀବ'କୁ ନେଇ ରେଡିଫ୍‌କୁ ଦେଇଥିବା ସାକ୍ଷାତକାରରେ ଅନେକ ଘଟଣାର ପର୍ଦ୍ଦାଫାସ୍ କରିଥିଲେ। ଅଭିନେତ୍ରୀ ଭାବେ ସେ ଫିଲ୍ମରେ ନେହାଙ୍କ ଭୂମିକା ନିର୍ବାହ କରିଥିଲେ। ଏହି ସାକ୍ଷାତକାରରେ ସେ କହିଥିଲେ, "ମୁଁ ପ୍ରଥମରୁ ହିଁ ଫିଲ୍ମରେ ଅଭିନୟ କରିବାକୁ ଚାହୁଁ ନଥିଲେ। ପ୍ରଯୋଜକ ପ୍ରଥମେ ମୋତେ ଟେଲିଭିଜନ ପରଦାରେ ଦେଖିଥିଲି। ତେଣୁ ସେ ଚାହୁଁଥିଲେ ମୁଁ ଫିଲ୍ମରେ ଅଭିନୟ କରେ। ତେଣୁ ସେ ମୋତେ ଫିଲ୍ମରେ କାଷ୍ଟ କରିବା ପାଇଁ ମୋ ଅଭିଭାବକଙ୍କଠାରୁ ଅନୁମତି ମଧ୍ୟ ଆଣିଥିଲେ।" ସେପଟେ ସିଦ୍ଧାର୍ଥ ପି. ମଲହୋତ୍ରାଙ୍କ କହିବାନୁଯାୟୀ, ବିଧୁ ବିନୋଦ ଚୋପ୍ରା ନିଜ କାମକୁ ନେଇ ଖୁବ୍ ସିରିୟସ୍ ଥିଲେ। ଏପରିକି ଚୋରି ଚୋରି ଗୀତର ଏକ ଦୃଶ୍ୟ ପାଣି ଭିତରେ ପଶି ସୁଟିଂ କରୁଥିବାବେଳେ, ବବି ପାଣିରେ ଏକ ସାପ ଦେଖିଥିଲେ। ତଥାପି ବିଧୁ ଫିଲ୍ମ ସୁଟିଂ ଜାରି ରଖିଥିଲେ। ସେ ନାଚୁରାଲ୍ ସଟ୍‌କୁ ଲଗାତାର ଭାବେ ଉତ୍ତୋଳନ କରିବାକୁ ଚାହୁଁଥିଲେ। ଏହି ଫିଲ୍ମର ବଜେଟ୍ ପାଖାପାଖି ୬.୫୦ କୋଟି ଟଙ୍କା ରହିଥିବାବେଳେ ଏହା ଦୁଇ ଗଣାରୁ ଅଧିକ ଆୟ କରିଥିଲା।



# କ୍ରୀଡ଼ା

ସକାଳ THE SAKALA
www.sakalaepaper.com

## ଚାମ୍ପିଅନ୍ସ ଟ୍ରଫି: ଗିଲ୍‌ଙ୍କ ୮ମ ଦିନିକିଆ ଶତକ, ସାମିଙ୍କୁ ୫ ୱିକେଟ

# ବାଂଲାକୁ ହରାଇ ଭାରତର ବିଜୟ ଅଭିଯାନ

**ଦୁବାଇ, ୨୦।୨(ଏଜେନ୍ସି)**

ମହମ୍ମଦ୍ ସାମି (୫/୫୩)ଙ୍କ ଘାତକ ବୋଲିଂ ଓ ଶୁବମନ ଗିଲ୍ (୧୦୧*)ଙ୍କ ଅପରାଜିତ ଶତକ ବଳରେ ଏଠାରେ ଗୁରୁବାର ଅନୁଷ୍ଠିତ ଚାମ୍ପିଅନ୍ସ ଟ୍ରଫି ଗ୍ରୁପ୍-ଏ'ର ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ଭାରତ ୬ ୱିକେଟରେ ବାଂଲାଦେଶକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ତୋହିଦ୍ ହୃଦୟଙ୍କ ୧୦୦ ରନ୍ ବଳରେ ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ୪୯.୪ ଓଭରରେ ୨୨୮ ରନ୍ କରି ଅଲଆଉଟ ହୋଇଯାଇଥିଲା। ଜବାବରେ ଗିଲଙ୍କ ଶତକ ସହାୟତାରେ ଭାରତ ୪୬.୩ ଓଭରରେ ୪ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଗିଲ୍‌ଙ୍କ ଅପରାଜିତ ୧୦୧ ରନ୍ ବ୍ୟତୀତ ଲୋକେଶ ରାହୁଲ ଓ ରୋହିତ ଶର୍ମା ୪୧ ରନ୍ ଲେଖାଏଁ ଯୋଗଦାନ ଦେଇଥିଲେ। ବିରାଟ କୋହଲି ୨୨, ଶ୍ରେୟସ ଆୟର ୧୫ ଓ ଅକ୍ଷର ପଟେଲ ୮ ରନ୍ ସହ କ୍ଲିକ୍ କରି ନ ଥିଲେ। ଆରମ୍ଭରୁ ଶେଷଯାଏ ଅପରାଜିତ ରହି ଭାରତକୁ ମ୍ୟାଚ୍ ଜିତାଇଥିବା ଗିଲ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛଇ। ଏହି ଟୁର୍ଣ୍ଣାମେଣ୍ଟର ଗତକାଲି ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୬୦ ରନ୍‌ରେ ପାକିସ୍ତାନକୁ ହରାଇଥିଲା। ଏହା ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ମହାମୁକାବିଲା ଏଠାରେ ରବିବାର ଖେଳାଯିବ।





ଏହି ମ୍ୟାଚ୍‌ରେ ବାଂଲାଦେଶ ପ୍ରଦତ୍ତ ୨୨୯ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଭାରତ ଭଲ ଆରମ୍ଭ କରିଥିଲା। ଦ୍ରୁତ ଗତିରେ ୩୬ ବଲ୍‌ରୁ ୪୧ ରନ୍ କରି ରୋହିତ ଶର୍ମା, ୨୨ ରନ୍‌ରେ ବିରାଟ କୋହଲି, ୧୫ ରନ୍‌ରେ ଶ୍ରେୟସ ଆୟର ଓ ୮ ରନ୍ କରି ଅକ୍ଷର ପଟେଲ ଆଉଟ ହୋଇଥିଲେ। ଅଳ୍ପ ରନ୍ ବ୍ୟବଧାନରେ ୱିକେଟ ପଡ଼ିଥିଲେ ମଧ୍ୟ ଗୋଟିଏ ପଟେ ଦୃଢ଼ତାର ସହ ବ୍ୟାଟିଂ କରୁଥିବା ଶୁବମନ ଗିଲ୍‌ଙ୍କ ଉପରେ ଏହାର କୌଣସି ପ୍ରଭାବ ପଡ଼ି ନ ଥିଲା। ସେ ଆଉଟ୍ ହେବାର ଆଦୌ ସୁଯୋଗ ନ ଦେଇ ତାଙ୍କ ଦିନିକିଆ ଜୀବନର ୮ମ ତଥା ଗତ ୪ଟି ଇନିଂସରେ ଦ୍ୱିତୀୟ ଶତକ ହାସଲ କରି ଭାରତକୁ ବିଜୟୀ କରାଇଥିଲେ। ୧୪୪ ରନ୍‌ରେ ୪ର୍ଥ ୱିକେଟର ପତନ ପରେ ଗିଲ୍ ଓ ରାହୁଲ ଅବିଭକ୍ତ ୫ମ ୱିକେଟ ପାର୍ଟନରସିପ୍‌ରୁ ୯୮ ବଲ୍ ଖେଳି ୮୭ ରନ୍ କରିବା ଫଳରେ ଭାରତ ୨୧ଟି ବଲ୍ ଓ ୬ଟି ୱିକେଟ ବାକିଥାଇ ମ୍ୟାଚ୍ ଜିତିନେଇଥିଲା। ଗିଲ୍ ୧୨୯ ବଲ୍‌ରୁ ୯ ଚୌକା ଓ ୨ଛକା ସହ ୧୦୨ ଓ ରାହୁଲ ୪୭ ବଲ୍‌ରୁ ୧ ଚୌକା ଓ ୨ଛକା ସହ ୪୧ ରନ୍‌ରେ ଅପରାଜିତ ରହିଥିଲେ। ଏହି ମ୍ୟାଚ୍‌ରେ ସାମି ୨୦୦ ୱିକେଟ ପୂରଣ କରିଥିଲାବେଳେ ରୋହିତ ୧୧, ୦୦୦ ରନ୍ ପୂରଣ କରିଛନ୍ତି।

### ତୋହିଦ୍ ହୃଦୟଙ୍କ ପ୍ରଥମ ଶତକ

ବାଂଲାଦେଶ ଅଧିନାୟକ ନାଜମୋଲ ହୋସେନ ସାଣ୍ଟୋ ଟସ୍ ଜିତିବା ପରେ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ମହମ୍ମଦ୍ ସାମି, ହର୍ଷିତ ରାଣା ଓ ଅକ୍ଷର ପଟେଲଙ୍କ ବୋଲିଂର ଉଚିତ ମୁକାବିଲା କରି ନ ପାରି ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ସାମି ଓ ରାଣା ପ୍ରଥମ ୨ଟି ୱିକେଟ ନେବା ଫଳରେ ବାଂଲାଦେଶ ୨ ଓଭରରେ ୨ ୱିକେଟ ହରାଇଥିଲା। ଅବସ୍ଥା ଏପରି ହୋଇଥିଲାଯେ ପାୱାର ପ୍ଲେ ଶେଷ ହେବା ପୂର୍ବରୁ ଦଳ ୩୫ ରନ୍‌ରେ ୫ ୱିକେଟ ହରାଇଥିଲା। ଜେକର ଅଲିଙ୍କ କ୍ୟାଚ୍ ଯଦି ରୋହିତ ଶର୍ମା ଧରିଥାନ୍ତେ ତେବେ ବାଂଲାଦେଶ ୩୫ ରନ୍‌ରେ ୬ଷ୍ଠ ୱିକେଟ ହରାଇଥାନ୍ତା। ଜୀବନଦାନ ପାଇବା ପରେ ତୋହିଦ୍ ହୃଦୟ ଓ ଜେକର ଅଲି ଅତ୍ୟନ୍ତ ଧୈର୍ଯ୍ୟର ସହ ଏବଂ ମାପି ଚୁପି ବ୍ୟାଟିଂ କରି ବାଂଲାଦେଶ ଇନିଂସ ସଜାଡିଥିଲେ। ଉଭୟ ଖେଳାଳି ୬ଷ୍ଠ ୱିକେଟ ପାର୍ଟନରସିପ୍‌ରେ ୨୦୬ ବଲ୍ ଖେଳି ୧୫୪ ରନ୍ ଉଠାଇଥିଲେ। ଏହି ପାର୍ଟନରସିପ୍ ଦଳକୁ ଏକ ସମ୍ମାନଜନକ ସ୍କୋର ଦେବାରେ ସହାୟତା କରିଥିଲା। ୬୮ ରନ୍ କରିଥିଲାବେଳେ ଜେକର ଅଲିଙ୍କୁ ସାମି ତାଙ୍କ ତୃତୀୟ ଶିକାର ବନାଇଥିଲେ। ସାମି ଓ ରାଣା ଶେଷଭାଗରେ ଖେଳାଳିଙ୍କୁ କ୍ରିଜ୍‌ରେ ତିଷ୍ଠି ରହିବାକୁ ଦେଇ ନ ଥିଲେ। ଦଳ ଏକଦା ୬ ୱିକେଟରେ ୨୧୪ ରନ୍ କରିଥିଲା। କିନ୍ତୁ ଦଳ ଆଉ ୧୪ ରନ୍ ମଧ୍ୟରେ ବାକିଥିବା ୪ଟି ୱିକେଟ ହରାଇଥିଲା। ଯୁବ ଖେଳାଳି ହୃଦୟ ୧୧୭ ବଲ୍‌ରେ ପ୍ରଥମ ଶତକ ହାସଲ କରିବାର ଠିକ୍ ପର ବଲ୍‌ରେ ରାଣାଙ୍କ ଦ୍ୱାରା ଆଉଟ ହୋଇଥିଲେ। ହୃଦୟଙ୍କ ଶତକ ସହ ବାଂଲାଦେଶର ଇନିଂସ ୨୨୮ ରନ୍‌ରେ ସୀମିତ ହୋଇଥିଲା।

ଭାରତ ପକ୍ଷରୁ ମହମ୍ମଦ୍ ସାମି ୫୩ ରନ୍‌ରେ ୫ଟି ୱିକେଟ ନେଇ ଶ୍ରେଷ୍ଠ ବୋଲିଂ ସଫଳତା ପାଇଥିଲେ। ଅର୍ଶଦୀପ ସିଂହଙ୍କୁ ପଛରେ ପକାଇ ଦଳରେ ସ୍ଥାନ ପାଇଥିବା ହର୍ଷିତ ରାଣା ୩ଟି ଓ ଅକ୍ଷର ପଟେଲ ଲାଗ ଲାଗ ବଲ୍‌ରେ ୨ଟି ୱିକେଟ ପାଇଥିଲେ।

### ସଂକ୍ଷିପ୍ତ ସ୍କୋର

**ବାଂଲାଦେଶ ଇନିଂସ** : ୨୨୮/୧୦, ୪୯.୪ ଓଭର (ତୋହିଦ୍ ହୃଦୟ-୧୦୦, ଜେକର ଅଲି-୬୮, ମହମ୍ମଦ୍ ସାମି-୫/୫୩, ହର୍ଷିତ ରାଣା-୩/୩୧, ଅକ୍ଷର ପଟେଲ-୨/୪୩)।

**ଭାରତ** : ୨୩୧/୪, ୪୬.୩ ଓଭର (ଶୁବମନ ଗିଲ-୧୦୧*, ରୋହିତ ଶର୍ମା-୪୧, ଲୋକେଶ ରାହୁଲ- ୪୧*, ବିରାଟ କୋହଲି-୨୨, ରିଶାଦ୍ ହୋସେନ-୨/୩୮, ତସ୍କିନ ଅହମ୍ମଦ୍-୧/୩୬)।

**ଆଜିର ମ୍ୟାଚ୍**
**ଆଫଗାନିସ୍ତାନ-ଦ.ଆଫ୍ରିକା**
ସମୟ: ଅପରାହ୍ଣ ୨ଟା ୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ, ସ୍ପୋର୍ଟ୍ସ-୧୮

### ■ ରୋହିତଙ୍କ କ୍ୟାଚ୍ ଡ୍ରପ୍, ଅକ୍ଷରଙ୍କ ହ୍ୟାଟ୍ରିକ୍ ମିସ୍

ଦୁବାଇ, ୨୦।୨(ଏଜେନ୍ସି): ଭାରତର ବାମହାତୀ ସ୍ପିନର ଅକ୍ଷର ପଟେଲ ଏଠାରେ ଗୁରୁବାର ଅନୁଷ୍ଠିତ ବାଂଲାଦେଶ ବିପକ୍ଷ ଚାମ୍ପିଅନ୍ସ ଟ୍ରଫି ମ୍ୟାଚ୍‌ରେ ହ୍ୟାଟ୍ରିକ୍ ମିସ୍ କରିଛନ୍ତି। ଅଧିନାୟକ ରୋହିତ ଶର୍ମା ଏକ ସହଜ କ୍ୟାଚ୍ ଡ୍ରପ୍ କରିବା ଯୋଗୁଁ ଅକ୍ଷରଙ୍କୁ ହ୍ୟାଟ୍ରିକ୍ ସଫଳତା ମିଳି ନ ଥିଲା। ବାଂଲାଦେଶ ଇନିଂସର ୯ମ ଓଭର ବୋଲିଂ କରିଥିବା ଅକ୍ଷର ପଟେଲ ଦ୍ୱିତୀୟ ଓ ତୃତୀୟ ବଲ୍‌ରେ ଯଥାକ୍ରମେ ତଞ୍ଜିଦ୍ ହାସନ ଓ ମୁସ୍‌ଫିକର ରହିମ୍‌ଙ୍କୁ ଆଉଟ କରିଥିଲେ। ଚତୁର୍ଥ ବଲ୍‌ରେ ବ୍ୟାଟର ଜେକର ଅଲି ଅକ୍ଷରଙ୍କ ବଲ୍‌କୁ ଟଚ୍ କରି ସ୍ଲିପ୍ ଅଞ୍ଚଳକୁ କ୍ୟାଚ୍ ଦେଇଥିଲେ। ସେଠାରେ ଫିଲ୍ଡିଂ କରୁଥିବା ରୋହିତ ଶର୍ମା ୩ରୁ ୪ଥର ଚେଷ୍ଟା କରିଥିଲେ ମଧ୍ୟ କ୍ୟାଚ୍ ଧରି ପାରି ନ ଥିଲେ। ଏହି ସମୟରେ ବାଂଲାଦେଶ ୩୫ ରନ୍‌ରେ ୫ଟି ୱିକେଟ ହରାଇଥିଲା। କ୍ୟାଚ୍ ହାତଛଡ଼ା ହେବା ଫଳରେ ଅକ୍ଷର ହ୍ୟାଟ୍ରିକ୍ ମିସ୍ କରିଥିଲେ ଓ ଭାରତକୁ ଷଷ୍ଠ ୱିକେଟ ମିଳି ନ ଥିଲା। ଅନ୍ୟ ପକ୍ଷରେ ଶତକ ହାସଲ କରିଥିବା ତୋହିଦ୍ ହୃଦୟ ୨୩ ରନ୍ କରିଥିଲାବେଳେ ହାର୍ଦ୍ଦିକ ପାଣ୍ଡ୍ୟା ତାଙ୍କ କ୍ୟାଚ୍ ଡ୍ରପ୍ କରିଥିଲେ। ଉଭୟ ଖେଳାଳି ଜୀବନଦାନ ପାଇବା ଫଳରେ ଏଥିରୁ ପୂରା ଫାଇଦା ଉଠାଇ ୬ଷ୍ଠ ୱିକେଟ ପାର୍ଟନରସିପ୍‌ରେ ୧୫୪ ରନ୍ ଉଠାଇଥିଲେ। ଏହା ଫଳରେ ବାଂଲାଦେଶ ଏ ସମ୍ମାନଜନକ ସ୍କୋର କରିବାରେ ସମର୍ଥ ହୋଇଥିଲା।

### ■ ୨୦୦ ୱିକେଟ ନେବାରେ ସାମିଙ୍କ ବିଶ୍ୱରେକର୍ଡ

ଏଠାରେ ଗୁରୁବାର ଅନୁଷ୍ଠିତ ବାଂଲାଦେଶ ବିପକ୍ଷ ଚାମ୍ପିଅନ୍ସ ଟ୍ରଫି କ୍ରିକେଟରେ ଭାରତର ଫାଷ୍ଟ ବୋଲର ମହମ୍ମଦ୍ ସାମି ୫ ୱିକେଟ ନେଇଛନ୍ତି। ଏହା ଫଳରେ ସେ ଦିନିକିଆ କ୍ରିକେଟରେ ୨୦୦ ୱିକେଟ ପୂରଣ କରିଛନ୍ତି। କମ୍ ବଲ୍ ପକାଇ ୨୦୦ ୱିକେଟ ନେବାରେ ସାମି ବିଶ୍ୱରେକର୍ଡ ଭାଙ୍ଗିଦେଇଛନ୍ତି। ଏହି ସଫଳତା ପାଇବା ଲାଗି ସେ ୫, ୧୨୬ଟି ବଲ୍‌ର ସହାୟତା ନେଇ ଏହି ରେକର୍ଡ କରିଛନ୍ତି। ପୂର୍ବରୁ ଅଷ୍ଟ୍ରେଲିଆର ଫାଷ୍ଟ ବୋଲର ମିଚେଲ ଷ୍ଟାର୍କ ୫୨୪୦ ବଲରେ ୨୦୦ ୱିକେଟ ନେଇ ବିଶ୍ୱରେକର୍ଡର ଅଧିକାରୀ ହୋଇଥିଲେ। ପାକିସ୍ତାନର ସ୍ପିନର ସାକ୍‌ଲେନ ମୁସ୍ତାକ ୫, ୪୫୧, ଅଷ୍ଟ୍ରେଲିଆର ବ୍ରେଟ୍ ଲୀ ୫, ୬୪୦, ନ୍ୟୁଜିଲାଣ୍ଡର ଟ୍ରେଣ୍ଟ ବୋଲ୍ଟ ୫, ୭୮୩ ଓ ପାକିସ୍ତାନର ଫାଷ୍ଟ ବୋଲର ୱାକାର ୟୁନୁସ୍ ୫, ୮୮୩ ବଲ୍ ବୋଲିଂ କରି ଦିନିକିଆ କ୍ରିକେଟରେ ୨୦୦ ୱିକେଟ ପୂରଣ କରିଛନ୍ତି।

### ■ ୧୧, ୦୦୦ ରନ୍ କ୍ଲବ୍‌ରେ ରୋହିତ ଶର୍ମା



ଭାରତୀୟ ଅଧିନାୟକ ରୋହିତ ଶର୍ମା ଏହି ମ୍ୟାଚ୍‌ରେ ୧୧, ୦୦୦ ରନ୍ ପୂରଣ କରିଛନ୍ତି। ଏଠାରେ ସେ ୧୨ ରନ୍ କରିବା ଫଳରେ ଏହି ସଫଳତା ପାଇଛନ୍ତି। ଏହି ରେକର୍ଡ କରିବାରେ ସେ ଭାରତର ଚତୁର୍ଥ ଓ ବିଶ୍ୱର ୧୦ମ ଖେଳାଳି ହୋଇଛନ୍ତି। ତାଙ୍କ ପୂର୍ବରୁ ସଚିନ ତେନ୍ଦୁଲକର, ସୌରଭ ଗାଙ୍ଗୁଲି ଓ ବିରାଟ କୋହଲି ଏହି ମାର୍କ ଅତିକ୍ରମ କରିଛନ୍ତି। ଏହି ସଫଳତା ଲାଗି ରୋହିତ ୨୬୧ଟି ଇନିଂସର ସହାୟତା ନେଇଛନ୍ତି। ଏହା ଫଳରେ ସବୁଠାରୁ କମ୍ ଇନିଂସରେ ୧୧, ୦୦୦ ରନ୍ ପୂରଣ କରିବାରେ ରୋହିତ ଦ୍ୱିତୀୟ ଦ୍ରୁତତମ ଖେଳାଳି ହୋଇଛନ୍ତି। ବିରାଟ କୋହଲି ସବୁଠାରୁ କମ୍ ୨୨୨ଟି ଇନିଂସରେ ୧୧, ୦୦୦ ରନ୍ ପୂରଣ କରିଛନ୍ତି। ଭାରତର ସଚିନ ତେନ୍ଦୁଲକର ୨୭୬, ଅଷ୍ଟ୍ରେଲିଆର ରିକି ପଣ୍ଟିଂ ୨୮୬, ଭାରତର ସୌରଭ ଗାଙ୍ଗୁଲି ୨୮୮ଟି ଇନିଂସରେ ଏହି ସଫଳତା ପାଇଥିଲେ। ଏହି ମ୍ୟାଚ୍‌ରେ ରୋହିତ ୩୬ ବଲ୍‌ରେ ୪୧ ରନ୍ କରିଥିଲେ।

### ■ ଫଖର ଜମାନ ବାଦ୍

ଦୁବାଇ, ୨୦।୨(ଏଜେନ୍ସି): ଚାମ୍ପିଅନ୍ସ ଟ୍ରଫିରେ ରବିବାର ଭାରତ ସହ ହେବାକୁ ଥିବା ମୁକାବିଲା ପୂର୍ବରୁ ପାକିସ୍ତାନକୁ ଶକ୍ତ ଧକ୍କା ଲାଗିଛି। ଆଘାତ ଜନିତ କାରଣରୁ ଦଳର ଓପନର ଫଖର ଜମାନ ଏହି ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ଆଉଜଣେ ଓପନର ଇମାମ-ଉଲ-ହକ୍‌ଙ୍କୁ ଅବଶିଷ୍ଟ ମ୍ୟାଚ୍ ଲାଗି ଦଳରେ ସାମିଲ କରାଯାଇଛି। ନ୍ୟୁଜିଲାଣ୍ଡ ସହ ଗତକାଲି ଅନୁଷ୍ଠିତ ଉଦ୍‌ଘାଟନୀ ମୁକାବିଲାରେ ଏହି ଘଟଣା ଘଟିଥିଲା। ନ୍ୟୁଜିଲାଣ୍ଡ ଇନିଂସରେ ବୋଲିଂ କରୁଥିବା ପାକିସ୍ତାନର ସାହିନ ଶାହ ଆଫ୍ରିଦୀଙ୍କ ପ୍ରଥମ ଓଭରର ଦ୍ୱିତୀୟ ବଲ୍‌କୁ ଓପନର ୱିଲ ୟଙ୍ଗ୍ ଡ୍ରାଇଭ୍ କରିଥିଲେ। ଏହି ସଟ୍‌କୁ ଅଟକାଇବାକୁ ଯାଇ ଜମାନ ଡାଇଭ୍ ମାରିଥିଲେ। ବଲକୁ ଅଟକାଇ ପାରି ନ ଥିଲେ ମଧ୍ୟ ସେ ପିଠିରେ ଯନ୍ତ୍ରଣା ଅନୁଭବ କରିବାରୁ ପଡ଼ିଆ ଛାଡିଥିଲେ। ଏହା ସତ୍ତ୍ୱେ ସେ ଓପନିଂ ପରିବର୍ତ୍ତେ ନଂ-୪ରେ ବ୍ୟାଟିଂ କରିବାକୁ ଆସିଥିଲେ। ସେ ମୋଟ ୪୧ଟି ବଲ୍‌ର ସମ୍ମୁଖୀନ ହୋଇ ୨୪ ରନ୍ କରିଥିଲେ। ବ୍ୟାଟିଂ ସମୟରେ ଦୁଇଥର ତାଙ୍କର ମେଡିକାଲ ଚେକ୍‌ଅପ୍ ହୋଇଥିଲା। ପରେ ତାଙ୍କୁ ଅନ୍‌ଫିଟ୍ ଘୋଷଣା କରାଯିବା ପରେ ଦଳରୁ ବାଦ୍ ଦିଆଯାଇଥିଲା। ଯୁବ ଖେଳାଳି ସାଇମ୍ ଆୟୁବ ଆହତ ହେବା ପରେ ଜମାନ ଦଳରେ ସ୍ଥାନ ପାଇଥିଲେ। ଗ୍ରୁପ୍-ଏ'ରେ ସ୍ଥାନ ପାଇଥିବା ପାକିସ୍ତାନ ପ୍ରଥମ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ନିକଟରୁ ପରାଜିତ ହୋଇଛି। ୨୩ରେ ଭାରତ ସହ ମ୍ୟାଚ୍ ଗୁରୁତ୍ୱପୂର୍ଣ୍ଣ। ଏହି ମ୍ୟାଚ୍ ଜିତିଲେ ପାକିସ୍ତାନ ପ୍ରତିଯୋଗିତାରେ ତିଷ୍ଠି ରହିବ।

## ମାଉଣ୍ଟ କିଲିମାଞ୍ଜୋର ଚଢ଼ିବେ ଓଡ଼ିଆ ଦମ୍ପତି



**ଭୁବନେଶ୍ୱର, ୨୦।୨ (ସମିସ):** ଆଫ୍ରିକା ମହାଦେଶର ସର୍ବୋଚ୍ଚ ଗିରିଶୃଙ୍ଗ ମାଉଣ୍ଟ କିଲିମାଞ୍ଜୋର ଚଢ଼ିବା ଲକ୍ଷ୍ୟରେ ରହିଛନ୍ତି ଓଡ଼ିଆ ଦମ୍ପତି ସୌଭାଗ୍ୟ କୁମାର ରଥ ଓ ସାଗରିକା ମିଶ୍ର। ଏଥିଲାଗି ଉଭୟ ଗୁରୁବାର ତାଞ୍ଜାନିଆ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ପୂର୍ବ ଆଫ୍ରିକୀୟ ଦେଶ ତାଞ୍ଜାନିଆରେ ଅବସ୍ଥିତ ମାଉଣ୍ଟ କିଲିମାଞ୍ଜୋରର ଉଚ୍ଚତା ୧୯, ୩୪୧ ଫୁଟ୍ ରହିଛି। ସମୁଦ୍ର ପତନରୁ ଏହା ୫, ୮୯୫ ମିଟର ଉଚ୍ଚରେ ଅବସ୍ଥିତ। ଯଦି ସୌଭାଗ୍ୟ ଓ ସାଗରିକା ସଫଳତାର ସହ ଏହି ଗିରିଶୃଙ୍ଗକୁ ଚଢ଼ନ୍ତି ତେବେ ପ୍ରଥମ ଓଡ଼ିଆ ଦମ୍ପତି ଭାବେ କୀର୍ତ୍ତିମାନ ସ୍ଥାପନ କରିବେ। ସୌଭାଗ୍ୟ ଏଥିପୂର୍ବରୁ ଫେବୃଆରୀ ୨୩ରେ କିଲିମାଞ୍ଜୋର ଇଣ୍ଟରନ୍ୟାସନାଲ ମାରାଥନରେ ଭାଗନେବେ। ସାଗରିକା ବର୍ତ୍ତମାନ ରେଙ୍ଗାଲି ବ୍ଲକରେ ପ୍ରାଣୀ ଚିକିତ୍ସକ ଭାବେ କାର୍ଯ୍ୟ କରୁଛନ୍ତି। ସେହିଭଳି ସୌଭାଗ୍ୟ ସମ୍ବଲପୁରସ୍ଥିତ ଆକାଶବାଣୀରେ କାର୍ଯ୍ୟରତ।

## ଜାତୀୟ ଶକ୍ତିଉତ୍ତୋଳନରେ ଅନୁପମାଙ୍କୁ କାଂସ୍ୟ

**ଭୁବନେଶ୍ୱର, ୨୦।୨ (ସମିସ):** ଜଳନ୍ଧରସ୍ଥିତ ଲିଭଲୀ ପ୍ରଫେସନାଲ ବିଶ୍ୱବିଦ୍ୟାଳୟରେ ଚାଲିଥିବା ଜାତୀୟ ବରିଷ୍ଠ ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶାର ଅନୁପମା ସ୍ୱାଇଁ କାଂସ୍ୟପଦକ ସଫଳତା ପାଇଛନ୍ତି। ସେ ମହିଳା ୫୨ କିଗ୍ରା ଓଜନବର୍ଗରେ ଭାଗନେଇ ୩ୟ ସ୍ଥାନ ହାସଲ କରିଥିଲେ। ସେ ସ୍କ୍ୱାଟରେ ୧୨୫ କିଗ୍ରା, ବେଞ୍ଚପ୍ରେସରେ ୬୦ କିଗ୍ରା ଓ ଡେଡ୍‌ଲିଫ୍ଟରେ ୧୩୭.୫ କିଗ୍ରା ଭାର ଉଠାଇଥିଲେ। ୨୦୧୭ରେ ଅନୁପମା ଏହି ଇଭେଣ୍ଟର ସ୍କ୍ୱାଟରେ ଏସୀୟ ରେକର୍ଡ ସହ ସ୍ୱର୍ଣ୍ଣପଦକ ଜିତିଥିଲେ। ପଞ୍ଜାବରେ ଚାଲିଥିବା ଚଳିତ ସଂସ୍କରଣରେ ଓଡ଼ିଶାରୁ ୮ଜଣ ଲେଖାଏ ପୁରୁଷ ଓ ମହିଳା ପାୱାରଲିଫ୍ଟର ଅଂଶଗ୍ରହଣ କରିଛନ୍ତି। ରାକେଶ ଶତପଥୀ ପ୍ରଶିକ୍ଷକ ଓ ନିରଞ୍ଜନ ବେବର୍ତ୍ତା ପଟ୍ଟନାୟକ ଟିମ୍ ମ୍ୟାନେଜର ଭାବେ ଦଳ ସହ ଗସ୍ତ କରିଛନ୍ତି।

## ଜାତୀୟ ପାରା ଆଥ୍ଲେଟିକ୍ସ

# ଜୟନ୍ତୀଙ୍କ ହ୍ୟାଟ୍ରିକ ସ୍ୱର୍ଣ୍ଣ, ସୁଚିତ୍ରାଙ୍କ ରେକର୍ଡ



**୭ ପଦକ ସହ ଓଡ଼ିଶାର ଅଭିଯାନ ଶେଷ**

**ଭୁବନେଶ୍ୱର, ୨୦।୨ (ସମିସ):** ଚେନ୍ନଇରେ ଚାଲିଥିବା ଜାତୀୟ ପାରା ଆଥ୍ଲେଟିକ୍ସ ଚାମ୍ପିଅନସିପ୍‌ର ୨୩ତମ ସଂସ୍କରଣରେ ଓଡ଼ିଆ କ୍ରୀଡ଼ାବିତ୍‌ଙ୍କ ଦମ୍‌ଦାର ପ୍ରଦର୍ଶନ ଜାରି ରହିଛି। ବିଶେଷ କରି ଜୟନ୍ତୀ ବେହେରା ହ୍ୟାଟ୍ରିକ ସ୍ୱର୍ଣ୍ଣପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଗୁରୁବାର ମହିଳା ୨୦୦ ମିଟର ଟି-୨୭ କାଟାଗୋରୀରେ ଜୟନ୍ତୀ ୨୭.୨୪ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନରେ ରହିବା ସହ ପ୍ରତିଯୋଗିତାରେ ୩ୟ ସ୍ୱର୍ଣ୍ଣପଦକ ଜିତିଥିଲେ। ଏଥିପୂର୍ବରୁ ସେ ଏହି ଟି-୪୭ କାଟାଗୋରୀରେ ୧୦୦ ଓ ୪୦୦ ମିଟର ଦୌଡ଼ରେ ମଧ୍ୟ ପୋଡିୟମର ଶୀର୍ଷ ସ୍ଥାନ ହାସଲ କରିଥିଲେ। ସେହିଭଳି ଗୁରୁବାର ଜାଭେଲିନ୍ ଥ୍ରୋ'ରେ ସୁଚିତ୍ରା ପରିଡ଼ା ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ମହିଳା ଜାଭେଲିନ ଥ୍ରୋ'ର ଏଫ୍-୫୫ କାଟାଗୋରୀରେ ସୁଚିତ୍ରା ୧୮.୭୯ ମିଟର ଜାଭେଲିନ୍ ଫିଙ୍ଗି ପୋଡିୟମର ପ୍ରଥମ ସ୍ଥାନ ହାସଲ କରିଥିଲେ। ଏହି କାଟାଗୋରୀରେ ମଧ୍ୟ ଏହା ନୂଆ ଜାତୀୟ ରେକର୍ଡ ହୋଇଛି। ଏଥିସହ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଓଡ଼ିଶା ମୋଟ୍ ୭ ପଦକ ଜିତି ଅଭିଯାନ ଶେଷ କରିଛି। ଯେଉଁଥିରେ ୪ ସ୍ୱର୍ଣ୍ଣ ୨ ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ରହିଛି।

## ରଣଜୀ ଟ୍ରଫି ସେମିଫାଇନାଲ

# ଆଉ ୩୨୩ ରନ୍ କଲେ ଜିତିବ ମୁମ୍ବାଇ

**ନାଗପୁର, ୨୦।୨ (ଏଜେନ୍ସି):** ଡିଫେଣ୍ଡିଂ ଚାମ୍ପିଅନ ମୁମ୍ବାଇ ଓ ଘରୋଇ ବିଦର୍ଭ ମଧ୍ୟରେ ଏଠାରେ ଚାଲିଥିବା ଚଳିତ ରଣଜୀ ଟ୍ରଫିର ୨ୟ ସେମିଫାଇନାଲ ରୋମାଞ୍ଚକ ସ୍ଥିତିରେ ପହଞ୍ଚିଛି। ବିଦର୍ଭ ପକ୍ଷରୁ ଧାର୍ଯ୍ୟ ୪୦୬ ରନର କଷ୍ଟସାଧ ଲକ୍ଷ୍ୟକୁ ପିଛା କରି ମୁମ୍ବାଇ ଗୁରୁବାର ୪ର୍ଥ ଦିବସ ଷ୍ଟମ୍ପ ସୁଦ୍ଧା ଦ୍ୱିତୀୟ ପାଳିରେ ୩ ୱିକେଟ୍ ହରାଇ ୮୩ ରନ ସଂଗ୍ରହ କରିଛି। ପ୍ରଥମ ପାଳିରେ ଶତକ ହାସଲ କରିଥିବା ୱିକେଟକିପର ଆକାଶ ଆନନ୍ଦ ୨୭ ଓ ଶିବମ ଦୁବେ ୧୨ ରନରେ ଅପରାଜିତ ରହିଛନ୍ତି। ଅଧିନାୟକ ଆଜିଙ୍କ୍ୟ ରାହାଣେ ୧୨, ସିଦ୍ଧେଶ ଲାଡ୍ ୨ ଓ ଆୟୁଷ ମହାତ୍ରେ ୧୮ ରନ କରି ଆଉଟ୍ ହୋଇଛନ୍ତି। ଶୁକ୍ରବାର ମ୍ୟାଚର ଅନ୍ତିମ ତଥା ୫ମ ଦିବସ। ମୁମ୍ବାଇ ଜିତିବା ଲାଗି ବଳକା ୭ ୱିକେଟ୍‌ରେ ଆହୁରି ୩୨୩ ରନ ଆବଶ୍ୟକ କରୁଛି। ଦୁବେଙ୍କ ସମେତ ସୂର୍ଯ୍ୟକୁମାର ଯାଦବ, ଶାର୍ଦ୍ଦୁଳ ଠାକୁରଙ୍କ ପରି ଅଭିଜ୍ଞ ଖେଳାଳି ରହିଥିବାରୁ ମୁମ୍ବାଇ ପାଇଁ ଏହା କଷ୍ଟସାଧ ହେବ ନାହିଁ। ପୂର୍ବରୁ ବିଦର୍ଭର ୩୮୩ ରନ ଜବାବରେ ମୁମ୍ବାଇ ପ୍ରଥମ ପାଳିରେ ଆକାଶ (୧୦୬)ଙ୍କ ଶତକ ବଳରେ ୨୭୦ ରନ କରିଥିଲା। ଫଳରେ ୧୧୩ ରନର ମହତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିବା ବିଦର୍ଭ ବୁଧବାର ସୁଦ୍ଧା ୨ୟ ପାଳିରେ ୪ ୱିକେଟ୍ ହରାଇ ୧୪୭ ରନ କରିଥିଲା। ଏହି ଅସମାପ୍ତ ସ୍କୋରରୁ ଗୁରୁବାର ବ୍ୟାଟିଂ ଆରମ୍ଭ କରି ବିଦର୍ଭ ୨୯୨ ରନରେ ସୀମିତ ରହିଥିଲା। ଯଶ ରାଠୋଡ ସର୍ବାଧିକ ୧୫୧ ରନ କରିଥିଲେ। ଦ୍ୱିତୀୟ ପାଳିରେ ମୁମ୍ବାଇ ପାଇଁ ସାମ୍ସ ମୁଲାନୀ ୬ ୱିକେଟ୍ ସଫଳତା ପାଇଥିଲେ।

### ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ଅଭିମୁଖେ ଗୁଜରାଟ

**ଅହମ୍ମଦାବାଦ:** ଅପରପକ୍ଷରେ କେରଳ ବିପକ୍ଷ ପ୍ରଥମ ସେମିରେ ଗୁଜରାଟ ପ୍ରଥମ ପାଳିରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ଅଭିମୁଖେ ଅଗ୍ରସର ହେଉଛି। କେରଳର ପ୍ରଥମ ପାଳି ସ୍କୋର ୪୫୭ ରନ ଜବାବରେ ଗୁଜରାଟ ୪ର୍ଥ ଦିବସ ଶେଷ ସୁଦ୍ଧା ୧୫୪ ଓଭର ଖେଳି ୭ ୱିକେଟ୍‌ରେ ୪୨୯ ରନ ସଂଗ୍ରହ କରିଛି। ଜୟମିତ୍ ପଟେଲ ୭୪ ଓ ସିଦ୍ଧାର୍ଥ ଦେଶାଇ ୨୪ ରନ କରି ଅପରାଜିତ ରହିଛନ୍ତି। ଗୁଜରାଟ ଆଉ ୨୯ ରନ ସଂଗ୍ରହ କଲେ ପ୍ରଥମ ଇନିଂସ ଅଗ୍ରଣୀ ଲାଭ କରିବ। ଶୁକ୍ରବାର ମ୍ୟାଚର ଅନ୍ତିମ ଦିବସ ହୋଇଥିବାରୁ ଏହା ଡ୍ର ରହିବା ଏକପ୍ରକାର ନିଶ୍ଚିତ। ତେବେ ଯେଉଁ ଦଳ ଇନିଂସ ଅଗ୍ରଣୀ ହାସଲ କରିବ ସେହି ଦଳ ଫାଇନାଲ ଖେଳିବା ନିଶ୍ଚିତ ହୋଇଛି।

## ଜାତୀୟ ବରିଷ୍ଠ ପୁରୁଷ କବାଡ଼ି ଚାମ୍ପିଅନସିପ୍

# କଟକରେ କବାଡ଼ି ମହାକୁମ୍ଭ ଉଦ୍‌ଘାଟିତ

**କଟକ, ୨୦।୨(ସମିସ):** ସ୍ଥାନୀୟ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ୭୧ତମ ଜାତୀୟ ବରିଷ୍ଠ ପୁରୁଷ କବାଡ଼ି ଚାମ୍ପିଅନସିପ୍ ଗୁରୁବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ୪ଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତାରେ ୩୦ଟି ରାଜ୍ୟ ସମେତ ୪ଟି ବିଭାଗୀୟ ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରତ୍ୟେକ ଦଳର ଖେଳାଳି ମାର୍ଚ୍ଚପାଷ୍ଟ କରି ଇଣ୍ଡୋର ଷ୍ଟାଡିୟମରେ ପ୍ରବେଶ କରିବା ପରେ ଭବ୍ୟ ଆୟୋଜନ ଦ୍ୱାରା ପ୍ରତିଯୋଗିତା ଉଦ୍‌ଘାଟନ ହୋଇଥିଲା।




ଉଦ୍‌ଘାଟନୀ ଦିବସରେ ଆୟୋଜକ ଓଡ଼ିଶା ୨୯ ପଏଣ୍ଟରେ ବିଦର୍ଭକୁ ହରାଇ ଅଭିଯାନ ଆରମ୍ଭ କରିଛି। ଭାରତୀୟ ଆର୍ମେଚର କବାଡ଼ି ଫେଡେରେସନ ଦିଗ୍‌ଦର୍ଶନରେ ଓଡ଼ିଶାରେ ଏହି କବାଡ଼ି ମହାକୁମ୍ଭ ପ୍ରଥମଥର ପାଇଁ ଆୟୋଜନ ହୋଇଛି। ସାଂସଦ ଭର୍ତ୍ତୃହରି ମହତାବ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସମସ୍ତ ଖେଳାଳିଙ୍କୁ ରୌପ୍ୟନଗରୀକୁ ସ୍ୱାଗତ ଜଣାଇଥିଲେ। ଅନ୍ୟତମ ଅତିଥି ଭାବେ ଆମେଚର କବାଡ଼ି ଫେଡେରେଶନ ଅଫ ଇଣ୍ଡିଆର ସମ୍ପାଦକ ଜିତେନ୍ଦ୍ର ପ୍ରାଣସିଂହ ଠାକୁର, ପ୍ରୋ-କବାଡ଼ି ଲିଗ୍‌ର କମିଶନର ଅନୁପମ ଗୋସ୍ୱାମୀ, ଓଡ଼ିଶା କବାଡ଼ି ସଂଘ ସଭାପତି ଡଃ ଶରତ କୁମାର ସାହୁ, ସମ୍ପାଦକ ଅଜୟ ବେହେରା, ଓଡ଼ିଶା ଅଲିମ୍ପିକ ସଂଘ ସମ୍ପାଦକ ଅଭିଜିତ ପାଲ, ଅଭ୍ୟର୍ଥନା କମିଟି ଆବାହକ ଶ୍ରୀତମ ଦାସ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ରୁଚିର ନିର୍ଦ୍ଦେଶିକା ସଙ୍ଗୀତା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଘାଟନୀ ଅବସରରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଅଭିନେତା ଶଶୀକାନ୍ତ ପେଡୱାଲ(ଡୁପ୍ଲିକେଟ ଅମିତାଭ ବଚ୍ଚନ) ଅନ୍ୟତମ ଆକର୍ଷଣ ଥିଲେ। ପ୍ରକାଶଯୋଗ୍ୟ, ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ୪୫୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଛନ୍ତି। ୨୦୧୭ରେ କଟକରେ କନିଷ୍ଠ କବାଡ଼ି ଚାମ୍ପିଅନସିପ ସଫଳତାର ସହ ଆୟୋଜିତ ହୋଇଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS
AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS